# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୨/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, October 12/2023 | Page 16 | ₹ 7.00

୪୯ଶ ଭାଗ ୩୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 318 | ମୂଲ୍ୟ ₹୭/-




# ଇସ୍ରାଏଲ ଗଢ଼ିଲା ଏକତା ସରକାର



ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍ ସହରରେ ହମାସ୍‌ର ରାଜନୈତିକ ଅଫିସ ସଦସ୍ୟ ଜକାରିଆ ଅବୁ ମାମର ନିହତ ହୋଇଛନ୍ତି। ବାପାଙ୍କ ମୃତଦେହ ସତ୍କାର ବେଳେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି ତାଙ୍କ ଝିଅ ଓ ଜଣେ ସମ୍ପର୍କୀୟା।

**ଜେରୁଜେଲମ୍/ଗାଜା ସିଟି,୧୧।୧୦**

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ଜଣେ ବରିଷ୍ଠ ବିରୋଧୀ ନେତା ବୁଧବାର ଯୁଦ୍ଧକାଳୀନ ଏକତା ସରକାର ଗଠନ ପାଇଁ ସହମତି ପ୍ରକାଶ କରିଛନ୍ତି। ଯୁଦ୍ଧରେ ୨,୨୦୦ରୁ ଊର୍ଦ୍ଧ୍ୱ ଲୋକ ନିହତ ହୋଇଥିବାବେଳେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ବିରୋଧରେ ଚାଲିଥିବା ଅପରେଶନ୍‌କୁ ଏହି ୟୁନିଟି ଗଭର୍ନମେଣ୍ଟ ଅନୁଧ୍ୟାନ କରିବ।

ଇସ୍ରାଏଲର ଯୁଦ୍ଧ ଉଦ୍ୟମକୁ ବଳ ଦେବା ଲାଗି ପୂର୍ବରୁ ଜରୁରିକାଳୀନ ଏକତା ସରକାରରେ ନିଃସର୍ତ୍ତ ସାମିଲ ହେବା ନେଇ ନ୍ୟାଶନାଲ ୟୁନିଟି ପାର୍ଟି ନେତା ବେନି ଗାଣ୍ଟ୍ଜ ସଙ୍କେତ ଦେଇଥିଲେ। ବୁଧବାର ସେ ନେତାନ୍ୟାହୁଙ୍କ ସହ ଏକ ମିଳିତ ବିବୃତିରେ ସମାନ କଥା ଦୋହରାଇଛନ୍ତି। ଅତୀତରେ ପ୍ରତିରକ୍ଷା ମନ୍ତ୍ରୀ ଓ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଏଫ୍‌ଡି) ମୁଖ୍ୟ ଭାବେ କାର୍ଯ୍ୟ କରିଥିବା ବେନି କହିଛନ୍ତି, ସେମାନେ ଏକ ୫ ଜଣିଆ 'ଯୁଦ୍ଧ-ପରିଚାଳନା' କ୍ୟାବିନେଟ୍ ଗଠନ କରିବେ। ସେଥିରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ, ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗଲାଣ୍ଟ, ୨ ଜଣ ଶୀର୍ଷ ଅଧିକାରୀ ଏବଂ ସେ ନିଜେ ସଦସ୍ୟ ରୂପେ ରହିବେ। ମୁଖ୍ୟ ବିରୋଧୀ ନେତା ୟାର ଲାପିଡ୍‌ଙ୍କୁ ମଧ୍ୟ କ୍ୟାବିନେଟ୍‌ରେ ସାମିଲ ହେବାକୁ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ସେ ଏନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

## ଯୁଦ୍ଧ ସମୀକ୍ଷା

**୧.** ୧୯୭୩ର ୟୋମ୍ କିପ୍ପୁର ଯୁଦ୍ଧ ସହ ତୁଳନା କଲେ ଇସ୍ରାଏଲୀ ସାମରିକ ବଳର ଗତି ଉଭୟ ସମୟ ଓ ମୁତୟନ କ୍ଷେତ୍ରରେ ଅଧିକ ବିଳମ୍ବିତ ହୋଇଥିବା ମନେହୁଏ। ଇସ୍ରାଏଲ ଭଳି ଏକ ଛୋଟ ଦେଶ ପାଇଁ ଏହା ଅତ୍ୟନ୍ତ ଅସ୍ୱାଭାବିକ।

**୨.** ହମାସ୍ ଅନୁପ୍ରବେଶର ମୁକାବିଲା ପାଇଁ ଜବାବ ଦେବାକୁ ଇସ୍ରାଏଲକୁ ଅଧିକ ସମୟ ଲାଗିଛି। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, କୌଣସି ମଣିଷ ଥିବା ଅନୁପ୍ରବେଶ ନିରୋଧୀ ଗ୍ରୀଡ୍ ସେଠାରେ ନ ଥିଲା। ଏହା ପ୍ରଥମ ୪-୫ ଘଣ୍ଟାର ଦୟନୀୟ ସ୍ଥିତିକୁ ଦର୍ଶାଉଛି। ସମ୍ପୂର୍ଣ୍ଣ ଅଚଳାବସ୍ଥା ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି।

**୩.** କୌଣସି ଦେଶ ପାଇଁ ବିଶେଷକରି ସବୁ ସୀମାରେ ଲଢ଼ିଥିବା ଇସ୍ରାଏଲ କ୍ଷେତ୍ରରେ ଏକ ପରିଭାଷିତ ସାମରିକ କ୍ଷେତ୍ରର ସୁରକ୍ଷା କରୁଥିବା ଡାଞ୍ଚାକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ଅନୁଚିତ, ଯାହାକି ଇସ୍ରାଏଲର ଦକ୍ଷିଣାଞ୍ଚଳରେ ଦେଖିବାକୁ ମିଳିଥିଲା। ଏକ ବ୍ରିଗେଡ୍‌କୁ ୱେଷ୍ଟ ବ୍ୟାଙ୍କକୁ ସ୍ଥାନାନ୍ତର କରାଯିବା ଦ୍ୱାରା ଦକ୍ଷିଣ ଇସ୍ରାଏଲ ପ୍ରତିରକ୍ଷାବିହୀନ ହୋଇଯାଇଥିଲା।

**୪.** ପ୍ରଯୁକ୍ତି ଉପରେ ଅତ୍ୟଧିକ ନିର୍ଭରଶୀଳତା ଯୋଗୁ ଅଭେଦ୍ୟ ସୁରକ୍ଷାକୁ ନେଇ ଭୁଲ୍ ଧାରଣା ଦେଇଥାଏ। କାରିଗରି ବିଦ୍ୟା ମଣିଷକୁ ଶକ୍ତି ବୃଦ୍ଧି କ୍ଷେତ୍ରରେ ସହାୟକ ହୋଇପାରେ। କିନ୍ତୁ ପରିଶେଷରେ ମୁହାଁମୁହିଁ ସଂଘର୍ଷ ବେଳେ ସାହସୀ ସୈନ୍ୟମାନେ ହିଁ ବିଜୟୀ ହୋଇଥାଆନ୍ତି।

**୫.** ସେନା ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ବା ସଙ୍ଗଠନ ଜନଶକ୍ତି ହ୍ରାସର ଅଧୀନ ନୁହେଁ, ଯାହାକୁ ନାଗରିକ ସର୍ବସ୍ୱ ଅନୁଶାସନ ଦ୍ୱାରା ଚୁପ୍ କରାଯାଇପାରିବ। ପର୍ଯ୍ୟାପ୍ତ ସାମରିକ ବଳ ମୁତୟନକୁ ନିଜ ନିଜ କ୍ଷେତ୍ର ପାଇଁ ଉତ୍ତରଦାୟୀ କରାଯାଇପାରିବ। କିନ୍ତୁ ସାମରିକ ପ୍ରସ୍ତୁତି ପରିବର୍ତ୍ତେ ମନଲୋଭା ବଜେଟ ଓ ରାଜନୈତିକ ସୁବିଧାବାଦରେ ସନ୍ତୁଳନ ରକ୍ଷା ଉଦ୍ୟମ କରୁଥିବା ତଥା ଅମଲାତନ୍ତ୍ରୀ କଲମ ଚଳାଉଥିବା ନିର୍ବୋଧଙ୍କୁ ଉତ୍ତରଦାୟୀ କରାଯାଇପାରିବ ନାହିଁ।

**୬.** ଏପରି କି ଗତ ୭ ତାରିଖରେ ହମାସ୍ ଆକ୍ରମଣ କରିବାର ପଞ୍ଚମ ଦିନରେ ମଧ୍ୟ ଗାଜାରେ ଇସ୍ରାଏଲ ପକ୍ଷରୁ ଉପଯୁକ୍ତ ଭାବେ ଆକ୍ରମଣ ଆରମ୍ଭ ହୋଇପାରି ନାହିଁ। ସେନ୍ୟ ଓ ଉପକରଣ ଠୁଳ କରିବା ପାଇଁ ଅନେକ ସମୟ ଲାଗିଯାଇଛି। ଫଳରେ ଗାଜାରୁ ନିଜ ସମ୍ପତ୍ତି ଅନ୍ୟତ୍ର ନେବା ପାଇଁ ହମାସ୍‌କୁ ପର୍ଯ୍ୟାପ୍ତ ସମୟ ମିଳିଛି। ଏହାଦ୍ୱାରା ଗାଜା ବାହାରୁ ଆଉ ଦିନେ ଲଢ଼ିବା ପାଇଁ ହମାସ୍ ସୁଯୋଗ ପାଇଛି।



ଇସ୍ରାଏଲର ରକେଟ୍ ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ ଗାଜା ସିଟି।

# ରାଜସ୍ଥାନ ଭୋଟ ନଭେମ୍ବର ୨୫ରେ

**ନୂଆଦିଲ୍ଲୀ,୧୧।୧୦**

## ବିବାହ ପାଇଁ ନିର୍ବାଚନ ଘୁଞ୍ଚିଲା

ରାଜସ୍ଥାନ ବିଧାନସଭା ନିର୍ବାଚନ ନଭେମ୍ବର ୨୩ରେ ହେବାର ଥିଲା। ୨୩ ତାରିଖରେ ଅନେକ ବାହାଘର ଥିବାରୁ ଭାରତର ନିର୍ବାଚନ କମିଶନ (ଇସିଆଇ) ବୁଧବାର ଏହାକୁ ନଭେମ୍ବର ୨୫ ପର୍ଯ୍ୟନ୍ତ ଘୁଞ୍ଚାଇଦେଇଛନ୍ତି। ତେଣୁ ରାଜ୍ୟର ୨୦୦ଟି ଯାକ ନିର୍ବାଚନମଣ୍ଡଳୀର ଭୋଟର ୨୫ରେ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିବେ। ଯୋଧପୁର ଭାଜପା ଏମ୍‌ପି ପି.ପି. ଚୌଧରୀଙ୍କ ସମେତ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ଓ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଏନେଇ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଥିଲା। ଚୌଧରୀ କହିଥିଲେ, ନଭେମ୍ବର ୨୩ରେ ରାଜସ୍ଥାନରେ ୫୦,୦୦୦ରୁ ଅଧିକ ବିବାହ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ଭୋଟ ତାରିଖ ପରିବର୍ତ୍ତନ କରାଯାଉ। ତେଣୁ କମିଶନ ଉପରୋକ୍ତ ନିଷ୍ପତ୍ତି ନେଇଥିବା ଏକ ବିବୃତିରେ ଜଣାଇଛନ୍ତି। ତେବେ ଭୋଟ ଗଣତି ନିର୍ଦ୍ଧାରିତ ତାରିଖ ଡିସେମ୍ବର ୩ରେ ହେବ।

# ପଠାନ୍‌କୋଟ୍ ଆକ୍ରମଣର ମାଷ୍ଟରମାଇଣ୍ଡ ନିହତ

**ନୂଆଦିଲ୍ଲୀ,୧୧।୧୦(ପି.ଟି.)**



ଶାହିଦ ଲତିଫ

ଜୈଶ୍-ଏ-ମହମ୍ମଦ ଆତଙ୍କବାଦୀ ତଥା ୨୦୧୬ ପଠାନ୍‌କୋଟ୍ ଆକ୍ରମଣର ମାଷ୍ଟରମାଇଣ୍ଡ ଶାହିଦ ଲତିଫ ଏବଂ ତାଙ୍କ ଭାଇଙ୍କୁ ବୁଧବାର ପାକିସ୍ତାନର ସିଆଲକୋଟ ଜିଲାର ଏକ ମସ୍‌ଜିଦ ବାହାରେ ଗୁଳିକରି ହତ୍ୟା କରାଯାଇଛି। ଭୋର ସମୟରେ ଦସ୍କା ସହରର ନୁର ମଦିନା ମସ୍‌ଜିଦରେ ନମାଜ ପାଠ କରି ଫେରୁଥିବାବେଳେ ୫୩ ବର୍ଷୀୟ ଲତିଫ ଓ ଭାଇ ହରିସ ହାଶିମ୍‌ଙ୍କୁ ୩ ଜଣ ବାଇକ୍ ଆରୋହୀ ଗୁଳି କରିଥିଲେ। ୧୯୯୩ରେ ଆତଙ୍କବାଦୀ ଲତିଫ୍ ପାକ୍-ଅଧିକୃତ କଶ୍ମୀର(ପିଓକେ)ରୁ କଶ୍ମୀରକୁ ଅନୁପ୍ରବେଶ କରିଥିଲେ। ୨୦୧୬ ଜାନୁୟାରୀ ୨ରେ ପଞ୍ଜାବର ପଠାନ୍‌କୋଟ୍‌ସ୍ଥିତ ଭାରତୀୟ ବାୟୁସେନା ଘାଟି ଉପରେ ହୋଇଥିବା ଆକ୍ରମଣ ସମେତ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପର ମାଷ୍ଟରମାଇଣ୍ଡ ଥିଲେ।

# ଭାରତୀୟ ଦୂତାବାସରେ ହେଲ୍‌ପଲାଇନ୍ ଡେସ୍କ

**ନୂଆଦିଲ୍ଲୀ,୧୧।୧୦**

ଯୁଦ୍ଧ ପ୍ରଭାବିତ ଇସ୍ରାଏଲର ତେଲ୍ ଆଭିଭ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ନିଜ ନାଗରିକମାନଙ୍କ ପାଇଁ ୨୪ ଘଣ୍ଟିଆ ହେଲ୍‌ପଲାଇନ୍ ଡେସ୍କ ଖୋଲାଯାଇଛି। ସହାୟତା ପାଇଁ +୯୭୨-୩୫୨୨୬୭୪୮ ଏବଂ +୯୭୨-୫୪୩୨୭୮୩୯୨ ନମ୍ବରକୁ ଭାରତୀୟମାନେ ଫୋନ୍ କରିପାରିବେ। ଭାରତୀୟମାନଙ୍କୁ ସତର୍କ ରହି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସୁରକ୍ଷା ପ୍ରୋଟୋକଲ ମାନିବାକୁ ପରାମର୍ଶ ଦିଆଯାଇଛି।

# ଆମେରିକାରେ ଅକ୍ଷରଧାମ ମନ୍ଦିର ଖୋଲିଲା

## ବିଶ୍ୱର ଦ୍ୱିତୀୟ ବଡ଼ ମନ୍ଦିର

**ରୋବିନ୍ସଭିଲେ,୧୧।୧୦**



ଆମେରିକାର ନ୍ୟୁଜର୍ସିରେ ବିଶ୍ୱର ଦ୍ୱିତୀୟ ବୃହତ୍ ତଥା ୱେଷ୍ଟର୍ନ ହେମିସ୍ପିୟରର ସର୍ବବୃହତ୍ ହିନ୍ଦୁ ମନ୍ଦିର ଉଦ୍‌ଘାଟିତ ହୋଇଯାଇଛି। ୧୮୫ ଏକର ଭୂମିରେ ବିସ୍ତୃତ ତଥା ୧୯୧ ଫୁଟ୍ ଉଚ୍ଚତାର ଏହି ଅକ୍ଷରଧାମ ମନ୍ଦିର ରୋବିନ୍ସଭିଲେରେ ଅବସ୍ଥିତ। ନ୍ୟୁୟର୍କ ସିଟିର ୯୯ କି.ମି. ଦକ୍ଷିଣରେ ଥିବା ଏହି ମନ୍ଦିରକୁ ମହନ୍ତ ସ୍ୱାମୀ ମହାରାଜଙ୍କ ୯୦ତମ ଜନ୍ମଦିନ (ଗତ ୮ ତାରିଖ)ରେ ଉଦ୍‌ଘାଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଦେଲାୱେର ଗଭର୍ନର ଜନ୍ କର୍ନେ ଏବଂ କଂଗ୍ରେସମ୍ୟାନ୍ ଷ୍ଟେନି ହୋୟରଙ୍କ ସମେତ ବହୁ ହିନ୍ଦୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

## ଫୁର୍‌ସତ୍

# ସତର୍କତାକୁ ପ୍ରାଥମିକତା

## ଆଜି ବିଶ୍ୱ ଗଣ୍ଠିବାତ ରୋଗ ଦିବସ



**ଦୁ**ଇଟି ହାଡ଼ କିମ୍ବା ଏକାଧିକ ହାଡ଼ର ମିଳନ ଯହିଁରେ, ସେହି ହାଡ଼ମାନେ ବିଭିନ୍ନ ଦିଗକୁ, ତଳୁ ଉପରକୁ, ପାର୍ଶ୍ୱରୁ ପାର୍ଶ୍ୱକୁ ବୁଲି ପାରନ୍ତି ଓ ସ୍ଥଳ ବିଶେଷରେ କେବଳ ପାଖକୁ ପାଖ ଲାଗି କରି ଥାଆନ୍ତି, ତାହାକୁ ଗଣ୍ଠି ବା ଖଞ୍ଜା କୁହାଯାଏ। ଆମ ଶରୀରରେ ଜନ୍ମ ସମୟରେ ପାଖାପାଖି ୨୭୦ଟି ହାଡ଼ ବା ଅସ୍ଥି ଥାଏ। ତାହା ସମୟକ୍ରମେ ୨୦୬କୁ ହ୍ରାସ ପାଇଥାଏ। ଏହାର ଅନେକ କାରଣ ରହିଛି। ସେହିପରି ଆମ ଶରୀରରେ ପାଖାପାଖି ୩୬୦ ଖଞ୍ଜା ବା ଗଣ୍ଠି ଥାଆନ୍ତି। ମୁଣ୍ଡରେ ଗୋଟିଏ ହାଡ଼ ସହ ଆଉ ଗୋଟିଏ ହାଡ଼ ଲାଗିଥାଏ, ମାତ୍ର କୌଣସି ଚଳନ ନ ଥାଏ। ସେହିପରି ଛାତି ଓ ଅନ୍ୟ ସ୍ଥାନରେ ଥିବା ଉପାସ୍ଥିମାନଙ୍କର ଗତିଶୀଳ ଖଞ୍ଜା ନ ଥାଏ। ମେରୁଦଣ୍ଡରେ ଥିବା ଖଞ୍ଜାର ଚଳନ ମଧ୍ୟ ଖୁବ୍ ସୀମିତ ଯଥା ସାମାନ୍ୟ ଓ ଆଗ ପଛକୁ ଥାଏ। ମାତ୍ର କାନ୍ଧ, ଆଣ୍ଠୁ ଇତ୍ୟାଦି ଅନେକ ଦିଗକୁ ବୁଲିପାରନ୍ତି। ଆଣ୍ଠୁ କେବଳ ପଛକୁ, କହୁଣି କେବଳ ପଛକୁ ଓ ଆଗକୁ ହୋଇଥାଏ। ହାତର ଆଙ୍ଗୁଠି ଓ ପାଦର ଆଙ୍ଗୁଠି ମଧ୍ୟ ସୀମିତ ବୁଲିପାରନ୍ତି। ହିପ୍ ଜଏଣ୍ଟ ବା ନିତମ୍ବ ଖଞ୍ଜା ଓ କାନ୍ଧର ଖଞ୍ଜାରେ ଦୁଇଟି ହାଡ଼ ବଲ୍ ଓ ସକେଟ ପରି ଥାଆନ୍ତି।

ସାଧାରଣତଃ ଏଠାରେ ଅଧିକ ମାତ୍ରାରେ ଦେଖାଯାଉଥିବା ଗଣ୍ଠିବାତ ଯଥା ବଡ଼ ବଡ଼ ଖଞ୍ଜା- ଦୁଇଟି କାନ୍ଧ, ଦୁଇଟି କହୁଣି, ଦୁଇଟି ନିତମ୍ବ, ଦୁଇଟି ଆଣ୍ଠୁ, ବେକର ମେରୁଦଣ୍ଡ, ପାଦର ଓ ପାପୁଲି ଗଣ୍ଠିରେ ହେଉଥିବା କେତେକ ଗଣ୍ଠି ବା ଖଞ୍ଜା ବିଷୟରେ ଆମର କିଛି ଜ୍ଞାନ ରହିବା ନିହାତି ଦରକାର। ଆଣ୍ଠୁଗଣ୍ଠି ରୋଗ ପୁରୁଷମାନଙ୍କଠାରୁ ମହିଳାମାନଙ୍କୁ ଅଧିକ ମାତ୍ରାରେ ହୋଇଥାଏ। ପ୍ରାୟ ୬୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ମଧ୍ୟରୁ ୪୦% ଲୋକେ ଏଥିରେ ପୀଡ଼ିତ ହୋଇଥାଆନ୍ତି। ଏକ ସର୍ଭେରୁ ଜଣାପଡ଼ିଛି ଯେ, ଡାକ୍ତରଙ୍କ ପରାମର୍ଶ ପାଇଁ ଆସୁଥିବା ଲୋକମାନଙ୍କ ମଧ୍ୟରୁ ଚାରି ଜଣରୁ ଜଣଙ୍କର ଗଣ୍ଠିଜନିତ ରୋଗ ଥାଏ।

ଗଣ୍ଠିଜନିତ ରୋଗ ଯୋଗୁ ଚଳପ୍ରଚଳରେ ଅସୁବିଧା, ଗଣ୍ଠିରେ ଯନ୍ତ୍ରଣା ଓ କାର୍ଯ୍ୟ ନ କରିବା ପରି ଗୁରୁତର ଅବସ୍ଥା ହୋଇଥାଏ। ଯନ୍ତ୍ରଣା ଲାଘବ ପାଇଁ, ଦରଜ କମିବା ଔଷଧ (ପେନ୍‌କିଲର) ଖାଇଲେ ତାହା କ୍ରମଶଃ କିଡ୍‌ନୀ ଖରାପ କରିଥାଏ ଏବଂ ସ୍ଥଳ ବିଶେଷରେ ପାକସ୍ଥଳୀ ଓ ଖାଦ୍ୟନଳୀରେ କ୍ଷତ ଓ ଘାଆ ସୃଷ୍ଟି କରିଥାଏ।

ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍‌ରେ ଛୋଟ ଛୋଟ ଗଣ୍ଠି ଯଥା ଆଙ୍ଗୁଠି, ପାଦ ଇତ୍ୟାଦି ଫୁଲି ଦରଜ ହୋଇଥାଏ। ସାଧାରଣତଃ ଶରୀରର ଓଜନ ବହନ କରୁଥିବା ଆଣ୍ଠୁ, ହାତରେ ଉଠାଯାଉଥିବା ସମସ୍ତ ଜିନିଷର ଭାର କାନ୍ଧ, ଶରୀରର ଓଜନ ବହନ କରୁଥିବା, ଚାଲିବା, ଦୌଡ଼ିବା, କୁଦା ମାରିବାରେ ସାହାଯ୍ୟ କରୁଥିବା ନିତମ୍ବ ବା ହିପ୍ ଗଣ୍ଠିବାତ ଦ୍ୱାରା ଆକ୍ରାନ୍ତ ହୋଇଥାଏ। ଗଣ୍ଠି ମଧ୍ୟରେ ଥିବା ସାଇନୋଭିଆଲ ତରଳ ରସରେ ହ୍ରାସ ହେଲେ, ବୟସାଧିକ କାରଣରୁ କ୍ୟାଲ୍‌ସିୟମର ଅଭାବ, ଭିଟାମିନ୍-ଡି'ର ଅଭାବ ପାଇଁ ଗଣ୍ଠି ରୋଗ ହୋଇଥାଏ। ଏହାବ୍ୟତୀତ ଦୁର୍ଘଟଣାରେ ଆଘାତ ଲାଗି ଯଦି ହାଡ଼ମାନଙ୍କୁ ପରସ୍ପର ସହିତ ଖଞ୍ଜାରେ ବାନ୍ଧି ରଖିଥିବା ତନ୍ତୁ ଛିଡ଼ିଯାଆନ୍ତି, ସଂକ୍ରମିତ ହୁଅନ୍ତି ଅବା ଫୁଲି ଯାଆନ୍ତି ତାହାହେଲେ ଗଣ୍ଠିରେ ଯନ୍ତ୍ରଣା ହୋଇଥାଏ। ଗାଉଟ୍ (gout)ରେ ଗଣ୍ଠିରେ ୟୁରିକ୍ ଏସିଡ୍ ଜମା ହୋଇ ଗଣ୍ଠିବାତ ସୃଷ୍ଟି କରିଥାଏ। କେତେକ କ୍ଷେତ୍ରରେ ଅଧିକ ମୌଳିକ କ୍ୟାଲ୍‌ସିୟମ ଫସ୍‌ଫେଟ୍ (BCP) ଜମା ହେବା ଦ୍ୱାରା ମଧ୍ୟ ଗଣ୍ଠି ପ୍ରଭାବିତ ହୋଇଥାଏ।

ପ୍ରତିବର୍ଷ ଅକ୍ଟୋବର ୧୨ ତାରିଖକୁ 'ବିଶ୍ୱ ଗଣ୍ଠିବାତ ରୋଗ ଦିବସ' (ୱାର୍ଲ୍ଡ ଆର୍ଥ୍ରାଇଟିସ୍ ଡେ) ଭାବରେ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ଚଳିତବର୍ଷର ସ୍ଲୋଗାନ ହେଉଛି- 'ଏହା ଆମ ହାତରେ ଅଛି, କାର୍ଯ୍ୟାନୁଷ୍ଠାନ ନିଅନ୍ତୁ' (It is in your hands, take action)। ଏକ ସର୍ଭେରୁ ଜଣାପଡ଼ିଛି ଯେ, ଆମ ଦେଶରେ ପ୍ରାୟ ୧୮ କୋଟି ଲୋକ ର୍ୟୁମାଟଏଡ ଆର୍ଥ୍ରାଇଟିସ୍‌ରେ ପୀଡ଼ିତ ଏବଂ ପ୍ରତି ଚାରି ଜଣରେ ଜଣେ ଗଣ୍ଠି ରୋଗରେ ପୀଡ଼ିତ। ଏଥିପାଇଁ ଆମକୁ ବୟସ ବୃଦ୍ଧି ସହିତ ସତର୍କ ରହିବାକୁ ପଡ଼ିବ। ଶରୀରରେ ଯଦି କ୍ୟାଲ୍‌ସିୟମ ଏବଂ ଭିଟାମିନ୍-ଡି'ର ଅଭାବ ରହିଛି, ତାହାକୁ ପୂରଣ କରିବାକୁ ପଡ଼ିବ। ଏହା ସହ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ। ଗୋଟିଏ ପୋଜିସନ୍‌ରେ ଅଧିକ ସମୟ ବସିବା ଅନୁଚିତ। ଏଭଳି ସମସ୍ୟା ଥିଲେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

**- ଡା. ରାମଚନ୍ଦ୍ର ରାଉତ, ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର**
ମୋ : ୯୪୩୭୬୪୨୪୯୯

# କର୍ଣ୍ଣ ଭୂମିକାରେ ଶାହିଦ



**ମୁମ୍ବାଇ:** ଆଗକୁ ନିତେଶ ତିୱାରୀଙ୍କ ନିର୍ଦ୍ଦେଶିତ 'ରାମାୟଣ' ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିବାବେଳେ ଏବେ 'ମହାଭାରତ' ପୃଷ୍ଠଭୂମିରେ ଏକ ଫିଲ୍ମ ନିର୍ମାଣ କରାଯାଉଛି ବୋଲି ସାମ୍ନାକୁ ଆସିଛି। ଅନେକ ଦିନ ହେଲା କର୍ଣ୍ଣଙ୍କ ଉପରେ ଏକ ଫିଲ୍ମ ନିର୍ମାଣ ହେବ ବୋଲି ଚର୍ଚ୍ଚା ହେଉଥିଲା। ତେବେ କର୍ଣ୍ଣଙ୍କ ଭୂମିକା ପାଇଁ ଚରିତ୍ର ମିଳିଯାଇଛି। ବଲିଉଡ୍ ଅଭିନେତା ଶାହିଦ କପୁର ମହାଭାରତରେ କର୍ଣ୍ଣଙ୍କ ଭୂମିକା ନିଭାଇବେ। ତେବେ ସିନେମାର ପ୍ରଯୋଜନା ଦାୟିତ୍ୱରେ ବାସୁ ଭଗନାନୀ ଓ ଜ୍ୟାକି ଭଗନାନୀ ଥିବା ଜଣାପଡ଼ିଛି। ଏହି ଫିଲ୍ମ ସମ୍ପର୍କରେ ୨୦୨୧ରେ ବାସୁ ଭଗନାନୀ ଘୋଷଣା କରିଥିଲେ। ଏପରି କି ଫିଲ୍ମର ଟାଇଟଲ୍ ଲୋଗୋ ମଧ୍ୟ ଜାରି କରାଯାଇଥିଲା। ଫିଲ୍ମ କର୍ଣ୍ଣଙ୍କ ଉପରେ ଆଧାରିତ ହେବ ବୋଲି ନିର୍ମାତା କହିଥିଲେ। କର୍ଣ୍ଣ ଭୂମିକା ପାଇଁ ପ୍ରଥମେ ସାଉଥ୍ ସୁପରଷ୍ଟାର୍ ବିକ୍ରମଙ୍କୁ ବଛାଯାଇଥିଲା। ଏହାପରେ ରଣବୀର ସିଂଙ୍କ ନାଁ ମଧ୍ୟ ଶୁଣିବାକୁ ମିଳିଥିଲା। ଶାହିଦ ୧୯୯୭ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ସ୍ୱରୂପ ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ ଚଳିତବର୍ଷ ବ୍ଲଡି ଡ୍ୟାଡିରେ ଦେଖିବାକୁ ମିଳିଥିଲା। ଏଥିସହ ସେ ଅନେକ ମ୍ୟୁଜିକ୍ ଭିଡିଓ ମଧ୍ୟ କରିଛନ୍ତି।

# ଆଖିର ଯତ୍ନ ମୂଳ କଥା



## ବିଶ୍ୱ ଦୃଷ୍ଟି ଦିବସ

**ଆ**ମ ଶରୀରର ସମସ୍ତ ଅଙ୍ଗ ମଧ୍ୟରୁ ଚକ୍ଷୁ ହେଉଛି ଏକ ସ୍ୱତନ୍ତ୍ର ତଥା ମୂଲ୍ୟବାନ୍ ଅଙ୍ଗ। ଯାହା ଦ୍ୱାରା ଆମେ ଏ ସୁନ୍ଦର ଦୁନିଆକୁ ଦେଖିପାରୁଛୁ । ଆଖି ଦ୍ୱାରା ପଢ଼ିବା, ଲେଖିବା, ଦେଖିବାଠାରୁ ଆରମ୍ଭ କରି ଅନେକ କାମ ହୋଇଥାଏ ଏବଂ ଥରେ ଦୃଷ୍ଟିଶକ୍ତି ହରାଇଲେ ମଣିଷ ଅନ୍ଧ ହୋଇଯାଏ ଓ କୌଣସି କାମ କରିପାରେ ନାହିଁ। ତେଣୁ ଆଖିର ଯତ୍ନ ନେଇ ତାକୁ ସୁସ୍ଥ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଜରୁରୀ । ସେଥିପାଇଁ ପ୍ରତ୍ୟେକ ବର୍ଷ ସାରା ବିଶ୍ୱରେ ଅକ୍ଟୋବର ମାସ ଦ୍ୱିତୀୟ ଗୁରୁବାରକୁ 'ବିଶ୍ୱ ଦୃଷ୍ଟି ଦିବସ' ଭାବେ ପାଳନ କରାଯାଉଛି । ପ୍ରତି ବର୍ଷ ଏହା ପାଇଁ ସ୍ୱତନ୍ତ୍ର ଥିମ୍ ପ୍ରସ୍ତୁତ ହୋଇଥାଏ । ଏ ବର୍ଷର ଥିମ୍ ହେଉଛି 'ଲଭ୍ ୟୋର୍ ଆଇଜ୍ ଆଟ୍ ୱର୍କ' ନିଜନିଜ ଆଖିକୁ ଭଲ ପାଆନ୍ତୁ ଓ ଆଖିର ଯତ୍ନ ନିଅନ୍ତୁ।

ଆଖିର ଯତ୍ନ ନେବାକୁ ହେଲେ ପାଞ୍ଚଟି ଜିନିଷ ଆଖି ଆଗରେ ରଖିବାକୁ ହୋଇଥାଏ। ପ୍ରଥମଟି ହେଉଛି ପ୍ରିଭେନ୍‌ଶନ୍ ବା' ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ । ଆଖିକୁ ସୁସ୍ଥ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ ସହ ଭିଟାମିନ୍ ଏ, ବି ଓ ସି'ଯୁକ୍ତ ଖାଦ୍ୟ ତଥା ଗାଜର, ସବୁଜ ପନିପରିବା ଓ ଫଳ ଖାଇବା ଭଲ । ଏହା ଛଡ଼ା ଧୂମପାନ ଓ ମଦ୍ୟପାନରୁ ଦୂରେଇ ରହିବା ଆବଶ୍ୟକ। ମଧୁମେହ ଓ ଉଚ୍ଚ ରକ୍ତଚାପ ଥିଲେ ଉପଯୁକ୍ତ ଔଷଧ ସେବନ ଓ ଆଖିର ଚେକ୍‌ଅପ୍ କରିବା ଜରୁରୀ । ସୁରକ୍ଷା ଦୃଷ୍ଟିରୁ ଆଇଷ୍ଟ୍ରେନ୍ ବା ଆଖି ଉପରେ ଚାପ ପକାଇବେ ନାହିଁ। କମ୍ପ୍ୟୁଟର ସ୍କ୍ରିନ୍ ଆଗରେ ବେଶୀ ସମୟ କାମ ନ କରି ମଝିରେ ମଝିରେ ବିଶ୍ରାମ ନେବେ ଓ ଆଣ୍ଟିଗ୍ଲେୟାର ଚଷମା ପିନ୍ଧିବେ ।

ପ୍ରିଜର୍ଭ- ନିଜେ ନିଜ ଆଖିକୁ ବିଭିନ୍ନ ପ୍ରକାର କ୍ଷତିକାରକ ଜିନିଷରୁ ଦୂରେଇ ରଖିବା ସହ ନିୟମିତ ଚେକ୍‌ଅପ୍ କରାନ୍ତୁ। ତେଣୁ ସବୁବେଳେ ଆଖିର ଯତ୍ନ ଓ ଚିକିତ୍ସା ତଥା ନିଜ କର୍ମକ୍ଷେତ୍ରରେ ମଧ୍ୟ କେମିତି ନିୟମିତ ଏହାର ଯତ୍ନ ନେବେ, ତା' ଉପରେ ବିଶେଷ ଧ୍ୟାନ ଦିଅନ୍ତୁ। ଶିଶୁଙ୍କ ଚକ୍ଷୁର ସୁରକ୍ଷା ପାଇଁ ସବୁବେଳେ ସୁଷମ ଖାଦ୍ୟ ଖୁଆଇବା ସହ ବାହାରେ ଖୋଲା ସୂର୍ଯ୍ୟ କିରଣରେ କିଛି ସମୟ ବୁଲାଇବା ଦରକାର ।

ଆଖିରୋଗ ସବୁ ବୟସରେ ହୋଇଥାଏ। ଶିଶୁମାନଙ୍କଠାରୁ ଆରମ୍ଭ କରି ବୟସ୍କମାନଙ୍କ ଯାଏଁ ସମସ୍ତେ ଏଥିରେ ଆକ୍ରାନ୍ତ ହୋଇଥାନ୍ତି । ତେବେ ବିଶେଷ ଭାବରେ ଦୃଷ୍ଟିଦୋଷ, ଧଳା ମୋତିଆ ବା' କାଟାରାକ୍ଟ , କଳା ମୋତିଆ ବା ଗ୍ଲୁକୋମା, ଡାଏବେଟିକ୍ ରେଟିନୋପାଥି, ଆଖିଧରା ରୋଗ (କଂଜକ୍ଟି ଭାଇଟିସ୍) କେରାଟାଇଟିସ୍ ବା' କର୍ଣ୍ଣିଆ ରୋଗ ଇତ୍ୟାଦି ଆଖିକୁ ଆକ୍ରାନ୍ତ କରିଥାଏ । ସେଥିପାଇଁ ସମସ୍ତେ ନିଜ ନିଜ ଚକ୍ଷୁର ଯତ୍ନ ନେବା ସହ ଏଥିରେ ସାମାନ୍ୟ ସମସ୍ୟା ଦେଖାଦେଲେ ଅବହେଳା ନ କରି ତୁରନ୍ତ ଜଣେ ଚକ୍ଷୁରୋଗ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଇବା ଆବଶ୍ୟକ।

**- ଡା. ସୋନାଲି ଷଡ଼ଙ୍ଗୀ, ଚକ୍ଷୁରୋଗ ବିଶେଷଜ୍ଞ, କଟକ**
ମୋ : ୯୪୩୭୧୬୫୦୦୭

# ୧୦୪ ବର୍ଷୀୟା ସ୍କାଏଡାଇଭରଙ୍କ ମୃତ୍ୟୁ

**ୱାଶିଂଟନ**



କିଛିଦିନ ତଳେ ସବୁଠୁ ଅଧିକ ବୟସ୍କା ଭାବେ ସ୍କାଏଡାଇଭିଂ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଥିବା ୧୦୪ ବର୍ଷୀୟା ଚିକାଗୋର ଡୋରୋଥି ହୋପନରଙ୍କ ଶୋଇଥିବା ଅବସ୍ଥାରେ ସୋମବାର ମୃତ୍ୟୁ ଘଟିଛି। ଡୋରୋଥି ୧୩ ହଜାର ୫୦୦ ଫୁଟ୍ ଉଚ୍ଚରୁ ଡେଇଁ ଦୁନିଆର ସବୁଠୁ ଅଧିକ ବୟସ୍କା ସ୍କାଏଡାଇଭର ଭାବେ ରେକର୍ଡ କରିଥିଲେ। ଚିକାଗୋ ସହରର ପ୍ରାୟ ୮୬ ମାଇଲ ଦକ୍ଷିଣ- ପଶ୍ଚିମରେ ଥିବା ଓଟାୱାର ସ୍କାଏଡାଇଭ୍ ଚିକାଗୋରେ ତାଙ୍କ ସଉକ ପୂରଣ କରିଥିଲେ। ସ୍କାଏଡାଇଭିଂରେ ସେ ପୂରା ୭ ମିନିଟ୍ ପର୍ଯ୍ୟନ୍ତ ମଜା ଉଠାଇଥିଲେ। ଏତେ ଅଧିକ ବୟସ ସୁଦ୍ଧା ସଉକ ପାଇଁ ସେ ତାଙ୍କ ବୟସକୁ ଖାତିର କରି ନ ଥିଲେ। ଡୋରୋଥି ଜଣେ ଖୋଲା ହୃଦୟ ଏବଂ ସାହସୀ ମଣିଷ ଥିଲେ। ପୂର୍ବରୁ ଡୋରୋଥିଙ୍କୁ ୧୦୦ ବର୍ଷ ହୋଇଥିଲାବେଳେ ସେ ସ୍କାଏଡାଇଭିଂ କରିଥିଲେ। ଡୋରୋଥିଙ୍କ ପୂର୍ବରୁ ଏହି ରେକର୍ଡ ସ୍ୱିଡେନର ରୁଟ୍ ଲିନିଆ ଇଙ୍ଗିଗାର୍ଡ ଲାର୍ସନଙ୍କ ପାଖରେ ଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୨/୨୦୨୩ | Bhubaneswar, Thursday, October 12/2023 | ପୃଷ୍ଠା-୧




**ଜନ୍ମଦିନ ପାଳିଲେ ପାଣ୍ଡ୍ୟା**

ଆଫଗାନିସ୍ତାନ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ ମ୍ୟାଚ ପୂର୍ବରୁ ନିଜର ୩୦ତମ ଜନ୍ମଦିନ ପାଳିଛନ୍ତି ଭାରତୀୟ କ୍ରିକେଟ ଦଳର ଉପଅଧିନାୟକ ତଥା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। **୧୨**

**୧୧** **'ବଡେ ମିଆଁ ଛୋଟେ ମିଆଁ'ରେ ଟାଇଗର**

ଆସନ୍ତାବର୍ଷ ଏପ୍ରିଲରେ ରିଲିଜ ହେବାକୁ ଥିବା 'ବଡେ ମିଆଁ ଛୋଟେ ମିଆଁ' ଫିଲ୍ମରେ ଅକ୍ଷୟ କୁମାରଙ୍କ ସହ ଟାଇଗର ଶ୍ରଫ୍‌ଙ୍କୁ ଦେଖିବାକୁ ମିଳିବ।



# ଭାରତର ଦମ୍‌ଦାର ବିଜୟ

**ନୂଆଦିଲ୍ଲୀ, ୧୧।୧୦**

ଯଶପ୍ରୀତ୍ ବୁମ୍‌ରାଙ୍କ ଚମତ୍କାର ବୋଲିଂ ଏବଂ ଅଧିନାୟକ ରୋହିତ ଶର୍ମାଙ୍କ ରେକର୍ଡ ଶତକ ବଳରେ ଭାରତ ଚଳିତ ଦିନିକିଆ ବିଶ୍ୱକପ୍‌ରେ ବୃହତ୍ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ରୋହିତ ଶର୍ମାଙ୍କ ଦଳ ୮ ଉଇକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଆଫଗାନିସ୍ତାନ ୫୦ ଓଭରରେ ୮ ଉଇକେଟ ହରାଇ ୨୭୨ ରନ କରିଥିଲା। ୨୭୩ ରନ ବିଜୟ ଲକ୍ଷ୍ୟକୁ ଭାରତ ୩୫ ଓଭରରେ ମାତ୍ର ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ପୂର୍ବ ମ୍ୟାଚରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ହରାଇଥିବା ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଆସନ୍ତା ୧୪ ତାରିଖରେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଘରୋଇ ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ବଡ଼ ସ୍କୋରର ଚାପ ନ ଥିବାରୁ ରୋହିତ ଶର୍ମା ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ମାତ୍ର ୩୦ ବଲ୍‌ରୁ ୫୦ ରନ ପୂରଣ କରିଥିବା ଭାରତ ଅଧିନାୟକ ୬୩ ବଲ୍‌ରୁ ହାସଲ କରିଥିଲେ କ୍ୟାରିୟରର ୩୧ତମ ଓ ବିଶ୍ୱକପ୍‌ରେ ୭ମ ଶତକ। ଏଥିସହ ସେ ଦିନିକିଆ ବିଶ୍ୱକପ୍‌ରେ ଦ୍ରୁତ ଶତକ ହାସଲକାରୀ ଭାରତୀୟ ହୋଇଥିଲେ ଏବଂ ସର୍ବାଧିକ ଶତକ ହାସଲରେ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଥିଲେ। ସଚିନ ବିଶ୍ୱକପ୍‌ରେ ୬ଟି ଶତକ ଅର୍ଜନ କରିଥିଲେ। ରୋହିତ ଓ ଇଶାନ କିଶନ ଓପନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ଗଢ଼ି ଦଳର ସହଜ ବିଜୟ ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ପ୍ରଥମ ଉଇକେଟରେ ୧୧୨ ବଲ୍‌ରୁ ୧୫୬ ରନ ସଂଗ୍ରହ ପରେ ୧୯ତମ ଓଭରର ୪ର୍ଥ ବଲ୍‌ରେ କିଶନଙ୍କୁ ଆଉଟ କରି ଆଫଗାନିସ୍ତାନକୁ ବ୍ରେକ୍ ଥ୍ରୁ ଦେଇଥିଲେ ତାରକା ସ୍ପିନର ରଶିଦ ଖାଁ। କିଶନ ୪୭ ବଲ୍‌ରୁ ୪୭ ☞ପୃଷ୍ଠା-୨




ବିଶ୍ୱକପ୍‌ରେ ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଶତକ ହାସଲ କରିବା ପରେ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ ଶର୍ମା।

# ଗର୍ଭପାତ ନେଇ ବିଭାଜିତ ମତ

**ନୂଆଦିଲ୍ଲୀ,୧୧।୧୦**

ଜଣେ ୨୭ ବର୍ଷୀୟା ବିବାହିତା ମହିଳାଙ୍କ ୨ ସନ୍ତାନ ଅଛନ୍ତି। ସେ ତୃତୀୟ ସନ୍ତାନକୁ ଗର୍ଭରେ ଧାରଣ କରିଛନ୍ତି। କିନ୍ତୁ ସ୍ୱାସ୍ଥ୍ୟଗତ, ଆର୍ଥିକ ଓ ମାନସିକ ସମସ୍ୟା ଯୋଗୁ ତୃତୀୟ ପିଲାର ଲାଳନପାଳନ କରିବାରେ ଅସମର୍ଥ ଥିବା ଦର୍ଶାଇ ୨୬ ସପ୍ତାହର ଗର୍ଭ ନଷ୍ଟ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁପ୍ରିମକୋର୍ଟ ଏନେଇ ସୋମବାର ତାଙ୍କୁ ଅନୁମତି ଦେଇଥିବାବେଳେ କେନ୍ଦ୍ର ସରକାର ଏହା ବିରୋଧରେ ଏକ ରିକଲ୍ ଆପ୍ଲିକେଶନ୍ ଦାଖଲ କରିଛନ୍ତି। ୨ ମହିଳା ବିଚାରପତି ଜଷ୍ଟିସ୍ ହିମା କୋହଲି ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା ଉପରେ ବୁଧବାର ବିଭାଜିତ ରାୟ ଦେବା ସହ ଉଚିତ୍ ବିଚାର ପାଇଁ ମାମଲାକୁ ବୃହତ୍ ପୀଠ ନିକଟକୁ ପଠାଇଦେଇଛନ୍ତି। ଗର୍ଭବତୀ ମହିଳାଙ୍କ ସପକ୍ଷରେ ଆସିଥିବା ରାୟ ବିରୋଧରେ କେନ୍ଦ୍ର ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଏମ୍ସ)ର ଡାକ୍ତରୀ ରିପୋର୍ଟ ଦାଖଲ କରାଯାଇଥିଲା। ଭ୍ରୁଣଟି 'ଜୀବନକ୍ଷମ' ଥିବାରୁ ବଞ୍ଚିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଏହାର ଶୁଣାଣି ବେଳେ ଜଷ୍ଟିସ୍ କୋହଲି କହିଥିଲେ, ଏକ ଭ୍ରୁଣର ହୃଦ୍‌ସ୍ପନ୍ଦନ ବନ୍ଦ କରିବାକୁ କେଉଁ ଅଦାଲତ ଆଦେଶ ଦେବେ। ମହିଳାଙ୍କ ଗର୍ଭ ନଷ୍ଟ ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଅନ୍ୟପକ୍ଷେ ଜଷ୍ଟିସ୍ ନାଗରତ୍ନା କହିଥିଲେ, ଗର୍ଭପାତ ପାଇଁ ଦୃଢ଼ ନିଶ୍ଚିତ ଥିବା ମହିଳାଙ୍କ ନିଷ୍ପତ୍ତିକୁ କୋର୍ଟ ସମ୍ମାନ ଦେବା ଉଚିତ। ଖଣ୍ଡପୀଠଙ୍କ ଅକ୍ଟୋବର ୯ ରାୟକୁ ଜଷ୍ଟିସ୍ ନାଗରତ୍ନା ଯଥାର୍ଥ ଦର୍ଶାଇବା ସହ କେନ୍ଦ୍ରର ଆବେଦନକୁ ଖାରଜ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ୨ ବିଚାରପତିଙ୍କ ମତଭେଦ ଭିତରେ ଖଣ୍ଡପୀଠ କେନ୍ଦ୍ରର ଆବେଦନକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ସମ୍ମୁଖରେ ଉପସ୍ଥାପନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସିଜେଆଇ ଏହାର ଉପଯୁକ୍ତ ବିଚାର ଲାଗି ଏକ ବୃହତ୍ ଖଣ୍ଡପୀଠ ଗଠନ କରିପାରନ୍ତି।

୨୬ ସପ୍ତାହର ଗର୍ଭବତୀ ଥିବା ମହିଳା ଜଣକ ସୋମବାର ୨ ଜଣିଆ ଖଣ୍ଡପୀଠଙ୍କୁ କହିଥିଲେ, ସେ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତିକରୁଛନ୍ତି। ଏପରିକି ପ୍ରସବ ପରବର୍ତ୍ତୀ ଅବସାଦ ମଧ୍ୟ ଦେଖାଦେଇଥିବାରୁ ସେ ତୃତୀୟ ସନ୍ତାନର ଲାଳନପାଳନ କରିପାରିବେ ନାହିଁ। ତେଣୁ ତାଙ୍କୁ ଗର୍ଭପାତ ପାଇଁ ଅନୁମତି ଦିଆଯାଉ। ଖଣ୍ଡପୀଠ ତାଙ୍କ ଅନୁରୋଧ ରକ୍ଷାକରି ଅନୁମତି ଦେଇଥିଲେ। ମଙ୍ଗଳବାର କେନ୍ଦ୍ର ସରକାର ଏମ୍ସ ପକ୍ଷରୁ ଜାରି ରିପୋର୍ଟ ସର୍ବୋଚ୍ଚ ଅଦାଲତରେ ଦାଖଲ କରିବା ସହ ଉକ୍ତ ରାୟ ପ୍ରତ୍ୟାହାର କରିବାକୁ ନିବେଦନ କରିଥିଲେ। ବୁଧବାର ଶୁଣାଣି ବେଳେ ଅଦାଲତ ଉକ୍ତ ରିପୋର୍ଟ ଦାଖଲର ସମୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜଷ୍ଟିସ୍ କୋହଲି କହିଥିଲେ, ଆମେ ରାୟ ଦେବା ପରେ ଏପରି ରିପୋର୍ଟ କାହିଁକି ଦାଖଲ କରାଯାଉଛି? ପୂର୍ବରୁ କାହିଁକି ଦାଖଲ ☞ପୃଷ୍ଠା-୨



- **୨୬ ସପ୍ତାହର ଗର୍ଭ ନଷ୍ଟ ରାୟକୁ କେନ୍ଦ୍ରର ଚ୍ୟାଲେଞ୍ଜ**
- **ବୃହତ୍ ପୀଠ ଶୁଣିବେ ମହିଳାଙ୍କ ଗୁହାରି**



" ଏକ ଭ୍ରୂଣର ହୃଦ୍‌ସ୍ପନ୍ଦନ ବନ୍ଦ କରିବାକୁ କେଉଁ ଅଦାଲତ ଆଦେଶ ଦେବେ? ମହିଳାଙ୍କ ଗର୍ଭ ନଷ୍ଟ ପାଇଁ ଅନୁମତି ଦିଆଯାଇପାରିବ ନାହିଁ।

—ଜଷ୍ଟିସ୍ ହିମା କୋହଲି



" ଗର୍ଭପାତ ପାଇଁ ଦୃଢ଼ ନିଶ୍ଚିତ ଥିବା ମହିଳାଙ୍କ ନିଷ୍ପତ୍ତିକୁ କୋର୍ଟ ସମ୍ମାନ ଦେବା ଉଚିତ। ପ୍ରତ୍ୟେକ ଖଣ୍ଡପୀଠ ହେଉଛନ୍ତି ସୁପ୍ରିମକୋର୍ଟ।

—ଜଷ୍ଟିସ୍ ବି.ଭି. ନାଗରତ୍ନା

# ବିଲେଇ ପାଇଁ ଜୀବନ ଗଲା

## ଉଦ୍ଧାର କରିବାକୁ କୂଅକୁ ଡେଇଁଥିଲେ

**ଭୁବନେଶ୍ୱର,୧୧।୧୦ (ସତ୍ୟଜିତ୍ ରାଉତ)**

ରାଜଧାନୀରେ ଏକ ପରିତ୍ୟକ୍ତ କୂଅରୁ ବିଲେଇ ଉଦ୍ଧାର କରିବାକୁ ଯାଇ ଜଣେ ଆଇସ୍‌କ୍ରିମ୍ ବେପାରୀଙ୍କ ଜୀବନ ଯାଇଛି। ପଟିଆ ରେଳ ଷ୍ଟେଶନ ନିକଟରେ ବୁଧବାର ଏହି ଅଭାବନୀୟ ଘଟଣା ଘଟିଛି। ପ୍ରାୟ ୬୦ ଫୁଟ ଗଭୀର ଏକ ପରିତ୍ୟକ୍ତ କୂଅରେ ଜଣେ ବ୍ୟକ୍ତିଙ୍କ ପୋଷା ବିଲେଇ ପଡ଼ିଯିବା ପରେ ତାକୁ ଉଦ୍ଧାର କରିବାକୁ ଚେଷ୍ଟା କରାଯାଇଥିଲା। ବିଲେଇକୁ ଉଦ୍ଧାର କରିବାକୁ ଯାଇ ଜଣଙ୍କ ପରେ ଜଣେ ୩ଜଣ କୂଅ ଭିତରକୁ ପଶିଥିଲେ। ହେଲେ ସେମାନେ ବିଲେଇକୁ ଉଦ୍ଧାର କରିବା ପରିବର୍ତ୍ତେ ଫସିଯାଇଥିଲେ। କୂଅ ଭିତରୁ ଅଗ୍ନିଶମ ବାହିନୀ ପକ୍ଷରୁ ଦୁଇ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବାବେଳେ ଜଣଙ୍କ ଜୀବନ ଚାଲିଯାଇଥିଲା। ମୃତ ବ୍ୟକ୍ତି ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲାର ଶିବରାମ ସାହୁ (୫୦)। ତେବେ ଉଦ୍ଧାର ହୋଇଥିବା ଦୁଇ ଜଣଙ୍କ ମଧ୍ୟରୁ ସ୍ଥାନୀୟ ଅଞ୍ଚଳର ଶଙ୍କର ଦାସଙ୍କ ଅବସ୍ଥା ଗୁରୁତର ରହିଛି। ସେ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଉଦ୍ଧାରଙ୍କ ମଧ୍ୟରୁ ଶିବରାମଙ୍କ ଭାଇ ଭଜରାମ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ମଞ୍ଚେଶ୍ୱର ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୧୦୪/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ଶିବରାମଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ କୂଅରେ ☞ପୃଷ୍ଠା-୨

# ଲିଥିୟମ ଉପରେ ୩% ରୟାଲଟି ଧାର୍ଯ୍ୟ

**କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି**

**ନୂଆଦିଲ୍ଲୀ,୧୧।୧୦**

ଲିଥିୟମ, ନିଓବିୟମ ଏବଂ ବିରଳ ମୃତ୍ତିକା ଉପାଦାନ (ଆର୍‌ଇଇ) ପାଇଁ ବୁଧବାର କେନ୍ଦ୍ର ରୟାଲଟି ହାର ଅନୁମୋଦନ କରିଛି। ଲିଥିୟମ ଏବଂ ନିଓବିୟମ ପାଇଁ ୩% ଲେଖାଏ ରୟାଲଟି ହାର ସ୍ଥିର ହୋଇଥିବାବେଳେ ଆର୍‌ଇଇ ଲାଗି ଏହି ହାର ୧% ସ୍ଥିର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଉପରୋକ୍ତ ୩ ଗୁରୁତ୍ୱପୂର୍ଣ୍ଣ ତଥା ରଣନୈତିକ ଖଣିଜ ପଦାର୍ଥ ଉପରେ ରୟାଲଟି ହାର ଧାର୍ଯ୍ୟ କରିବା ପାଇଁ ଖଣି ଏବଂ ଖଣିଜ ପଦାର୍ଥ (ବିକାଶ ଏବଂ ନିୟାମକ) ଅଧିନିୟମ, ୧୯୫୭ (ଏମ୍‌ଏମ୍‌ଡିଆର୍ ଅଧିନିୟମ)ର ସଂଶୋଧନକୁ ଅନୁମୋଦନ କରିଥିବା ଖଣି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ଏହି ରୟାଲଟି ହାର ଅନୁମୋଦନ ଫଳରେ କେନ୍ଦ୍ର ସରକାର ପ୍ରଥମ ଥର ପାଇଁ ଦେଶରେ ଲିଥିୟମ, ନିଓବିୟମ ଏବଂ ଆର୍‌ଇଇ ବ୍ଲକ ନିଲାମ କରିବାକୁ ସକ୍ଷମ ହେବେ। ଖଣିଜ ପଦାର୍ଥ ଉପରେ ରୟାଲଟି ହାର ଏହାର ନିଲାମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏମ୍‌ଏମ୍‌ଡିଆର୍ ଅଧିନିୟମ ସଂଶୋଧନ କରାଯିବା ଦ୍ୱାରା ଲିଥିୟମ ଏବଂ ନିଓବିୟମ ସମେତ ୬ଟି ଖଣିଜ ପଦାର୍ଥକୁ ଆଣବିକ ଖଣିଜ ପଦାର୍ଥ ତାଲିକାରୁ ବାଦ୍ ଦିଆଯାଇଥିଲା। ଫଳରେ ଘରୋଇ କ୍ଷେତ୍ରକୁ ନିଲାମ ମାଧ୍ୟମରେ ଏହି ଖଣିଜ ପଦାର୍ଥଗୁଡ଼ିକର ଉତ୍ତୋଳନ ଅନୁମତି ଏବଂ ରିହାତି ମିଳିପାରିବ। ଏଥିସହ ଖଣି ମନ୍ତ୍ରଣାଳୟ ଏହି ଖଣିଜ ପଦାର୍ଥର ହାରାହାରି ବିକ୍ରୟ ମୂଲ୍ୟ (ଏଏସ୍‌ପି) ଆକଳନ କରିବା ପାଇଁ ଏକ ପଦ୍ଧତି ପ୍ରସ୍ତୁତ କରିଛି, ଯାହା ନିଲାମ ପାରାମିଟର ନିର୍ଣ୍ଣୟ କରିବାରେ ସାହାଯ୍ୟ ☞ପୃଷ୍ଠା-୨

# ରକ୍ତ ପରୀକ୍ଷାରେ ପ୍ରାରମ୍ଭରୁ ଚିହ୍ନଟ ହେବ ଗର୍ଭାଶୟ କର୍କଟ

**ଚିହ୍ନଟ ପ୍ରକ୍ରିୟା ୯୧ ପ୍ରତିଶତ ଠିକ୍ ରହିବ**

**ଲଣ୍ଡନ ୧୧।୧୦**

ଗର୍ଭାଶୟ କର୍କଟକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇପାରିବ। ଏଥିପାଇଁ ଏକ ରକ୍ତ ପରୀକ୍ଷା କରିବାକୁ ପଡ଼ିବ। ସେହି ରକ୍ତ ପରୀକ୍ଷା ଗର୍ଭାଶୟ କର୍କଟକୁ ଚିହ୍ନଟ କରିବାରେ ୯୧ପ୍ରତିଶତ ଠିକ୍ ହେବ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ଅନୁସନ୍ଧାନକାରୀମାନେ ୩୭୦ଟି ରକ୍ତ ନମୁନା ନେଇ ଏହି ଗବେଷଣା କରିଥିଲେ। ଏ ସମ୍ପର୍କରେ କ୍ଲିନିକାଲ କ୍ୟାନ୍‌ସର ରିସର୍ଚ୍ଚ ଜର୍ନାଲରେ ପ୍ରକାଶ ପାଇଛି। ଅନୁସନ୍ଧାନକାରୀମାନେ ଏକ ନୂତନ ରକ୍ତ ପରୀକ୍ଷା ଗବେଷଣା କରିଛନ୍ତି, ଯାହା ପ୍ରାରମ୍ଭିକ ପର୍ଯ୍ୟାୟରେ ଗର୍ଭାଶୟ କର୍କଟକୁ ଚିହ୍ନଟ କରିବାକୁ ସକ୍ଷମ ହେଇପାରୁଛି। ଏହା ପେଲ୍‌ଭିକ୍ ମାସ୍ ଠିକ୍ ଅଛି ନା ତାହା ଗର୍ଭାଶୟ କର୍କଟରେ ଆକ୍ରାନ୍ତ ହୋଇଛି ତାହା ଜଣାପଡ଼ିଯିବ। ଓଭାପ୍ରିଣ୍ଟ ନାମରେ ଜଣାଶୁଣା ଏହି ପରୀକ୍ଷଣ ବିଭିନ୍ନ ପ୍ରକାର ପ୍ରାରମ୍ଭିକ ପର୍ଯ୍ୟାୟ କର୍କଟ ଚିହ୍ନଟ କରିବାର ଏକ ନୂତନ ଉପାୟ। ଓଭାପ୍ରିଣ୍ଟ ହାଇ-ଗ୍ରେଡ୍ ସିରୋସ୍ ଓଭାରିଆନ କାର୍‌ସିନୋମା(ଏଚ୍‌ଜିଏସ୍‌ଓସି)କୁ ଚିହ୍ନଟ କରିଥାଏ। କର୍କଟ ଆରମ୍ଭ ହୋଇଥିବା ବେଳେ ଏହା ଚିହ୍ନଟ ହୋଇଥାଏ ଏବଂ ଏହାକୁ ଚିକିତ୍ସା କରିବା ସହଜ ହୋଇପାରିଥାଏ। ଏଚ୍‌ଜିଏସ୍‌ଓସି ହେଉଛି ଗର୍ଭାଶୟ କର୍କଟର ସବୁଠାରୁ ସାଧାରଣ ପ୍ରକାର। ଏହା ମଧ୍ୟ ସବୁଠାରୁ ଘାତକ ରୂପ। କାରଣ କ୍ଲିନିକାଲ୍ ବିଶେଷଜ୍ଞମାନେ ଠିକ୍ ସମୟରେ ଏହାର ସ୍କ୍ରିନିଂ କରିପାରନ୍ତି ନାହିଁ। ପେଲ୍‌ଭିକ୍ ମାସ୍ ଥିବା ରୋଗୀ କ୍ଷେତ୍ରରେ ସେହି ମାଂସଟି ସାଧାରଣ ଭାବେ ବୃଦ୍ଧି ପାଇଛି ନା ତାହା କର୍କଟ ହୋଇଛି ତାହା ଜାଣିବା କଷ୍ଟକର ହୋଇଥାଏ। ଏଭଳି କ୍ଷେତ୍ରରେ ଅନ୍ୟ କର୍କଟ ରୋଗ ଜାଣିବା ପାଇଁ ପରୀକ୍ଷା କରାଯାଉଥିବା ବାୟୋପ୍‌ସି ମଧ୍ୟ ଏକ ବିକଳ୍ପ ପରୀକ୍ଷଣ ହୋଇପାରେନାହିଁ। ଫଳରେ ଡାକ୍ତରଙ୍କ ☞ପୃଷ୍ଠା-୨

# ସ୍କୁଟର ଯୋଜନାର ଶୁଭାରମ୍ଭ

## ମା'ମାନେ ଆଣିଛନ୍ତି ଓଡ଼ିଶା ପାଇଁ ନୂଆ ଗତି, ଶକ୍ତି ଓ ପ୍ରଗତି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୧।୧୦(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି। ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ କହିଛନ୍ତି ଯେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆଜି ଦିନଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇରହିବ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆଜି ଆମେ ଆଉ ଏକ ପାଦ ଆଗକୁ ଆସିଛୁ। ମିଶନ ଶକ୍ତି ମା'ମାନଙ୍କୁ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେଉଛୁ। ସେମାନଙ୍କର ଏହି ଋଣ ବାବଦକୁ ରାଜ୍ୟ ସରକାର ୫୨୮ କୋଟି ଟଙ୍କାର ସୁଧ ଦେବେ। ଏହି ଯୋଜନାରେ ୨ ଲକ୍ଷରୁ ଅଧିକ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ସ୍କୁଟର ପାଇବେ। ଯୋଜନାର ଶୁଭାରମ୍ଭ ଅବସରରେ ୧୫ ହଜାର ସଦସ୍ୟଙ୍କୁ ସ୍କୁଟର ଦିଆଯାଇଛି। ଗତି ହିଁ ଶକ୍ତି। ଗତି ହିଁ ସଶକ୍ତୀକରଣ। ସ୍କୁଟର ଯୋଜନା ମା'ମାନଙ୍କ ଯାତାୟାତକୁ ସୁଗମ କରିବ। ବୃତ୍ତିଗତ କ୍ଷେତ୍ରରେ ମଧ୍ୟ ନୂଆ ସୁଯୋଗ ଆଣିବ। ମା'ମାନେ ବହୁତ ଭଲ କାମ କରୁଛନ୍ତି। ମୋର ପୂରା ବିଶ୍ୱାସ ମା'ମାନେ ଏବେ ଆହୁରି ଭଲ କାମ କରିବେ। ୭୦ ଲକ୍ଷ ସଦସ୍ୟମାନଙ୍କ ନିଜର ଅନୁଷ୍ଠାନ ମିଶନ ଶକ୍ତି ଆହୁରି ମଜଭୁତ ହେବ। ମା'ମାନଙ୍କ ଗତିଶୀଳତା ଓଡ଼ିଶାର ପ୍ରଗତିକୁ ନୂଆ ବେଗ ଦେବ। ମିଶନ ଶକ୍ତି ସଦସ୍ୟଙ୍କୁ ସରକାରୀ କାମ ଦେବାରେ ସମଗ୍ର ଦେଶରେ ଓଡ଼ିଶା ଏକମାତ୍ର ରାଜ୍ୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବ୍ଲକ ଓ ଜିଲାସ୍ତରୀୟ ମିଶନ ଶକ୍ତି ଫେଡେରେଶନ ସରକାରୀ କାର୍ଯ୍ୟ ପାଇଁ ଯାନ ସୁବିଧା ଯୋଗାଇ ଦେବା ବାବଦରେ ଘୋଷଣା କରିଛନ୍ତି। ଯାନ ସୁବିଧା ବଳରେ ସେମାନଙ୍କର ଦକ୍ଷତା ବୃଦ୍ଧି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନଙ୍କୁ ଉଦ୍ୟୋଗୀଭାବେ ପରିଣତ କରିବା ଆମର ଲକ୍ଷ୍ୟ। ଏଥିପାଇଁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୫୦ କୋଟି ଟଙ୍କାର ସୁଧ ସହାୟତା ସିଧାସଳଖ ☞ପୃଷ୍ଠା-୨

- **୨ ଲକ୍ଷ ମିଶନ ଶକ୍ତି ସଦସ୍ୟ, ତୃଣମୂଳ ଷ୍ଟାଫ୍ ପାଇବେ ସ୍କୁଟର ଋଣ**
- **ସୁଧ ଖର୍ଚ୍ଚ ବହନ କରିବେ ସରକାର**
- **ସ୍କୁଟର ପାଇଲେ ୧୫ ହଜାର ସଦସ୍ୟ**



ଭୁବନେଶ୍ୱରର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ବୁଧବାର ସ୍କୁଟର ଯୋଜନାର ଶୁଭାରମ୍ଭ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଆଜିର ସମ୍ପାଦକୀୟ**

**ଗ୍ଲୋବାଲ ସାଉଥ୍‌ର ନୂତନ ପଥ**

**ଆଜିର ମନ୍ତବ୍ୟ**

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦେଶଦ୍ରୋହ ଆଇନ ଉଚ୍ଛେଦ ନାମରେ ପ୍ରସ୍ତାବିତ ଭାରତୀୟ ନ୍ୟାୟ ସଂହିତାରେ ଆହୁରି କଠୋର ଓ ଏକଚ୍ଛତ୍ରବାଦୀ ପଦକ୍ଷେପର ବ୍ୟବସ୍ଥା କରିବାକୁ ଯାଉଛି। **-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକ ନ ଦେଖିଲେ ବଣିଆ ଦେଖ**
**ବାଘ ନ ଦେଖିଲେ ବିରାଡ଼ି ଦେଖ।**

ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚିତ ହୋଇଥାନ୍ତି। ସେହିପରି ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଦ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଠକ ଠକ ମାଳି ଗଡ଼ା**
**ଲୋକ ଜାଣିବାକୁ ଆଖି ବୁଜି ବସେ**
**ଭୋଜନ ଶୁଖୁଆ ପୋଡ଼ା।**

ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ପ୍ରକାରର କାମନା, ବାସନା ଓ ଲାଳସା ଗ୍ରହଣୀୟ ହୋଇ ନ ଥାଏ। ଉପରେ ନିରାମିଷାଶୀ ଠାକୁର ଭକ୍ତ ଅଥଚ ଗୋପନରେ ଆମିଷ ଆହାର କରୁଥିବା ଭଣ୍ଡ ସାଧୁଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ସିଏମ୍‌ସିର ଚଢ଼ାଉ, ୪ ଶୋ'ରୁମ୍ ସିଲ୍

**କଟକ,୧୧।୧୦, (ସୁପ୍ରିୟା ପ୍ରିୟଦର୍ଶିନୀ)**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସହର ବିଭିନ୍ନ ଅଞ୍ଚଳରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନରେ ଚଢାଉ କରାଯାଇଛି। ବିଶେଷକରି ମଙ୍ଗଳାବାଗ, ବାଦାମବାଡି, ରାଣୀହାଟ, ଲିଙ୍କ୍‌ରୋଡ୍ ଅଞ୍ଚଳରେ ଥିବା ବହୁ ଶୋ'ରୁମ ଏବଂ ଶପିଂ ମଲ୍‌ରେ କାଗଜପତ୍ର ଏବଂ ଲାଇସେନ୍ସ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୪ଟି ଶୋ'ରୁମ୍‌କୁ ସିଲ୍ କରାଯିବା ସହ ଗୋଟିଏ ଶପିଂ ମଲ୍‌ରୁ ଜରିମାନା ଆଦାୟ କରାଯାଇଥିଲା। ମଙ୍ଗଳାବାଗସ୍ଥିତ ଜୟରାମ ଲେଙ୍କା ଶୋ'ରୁମ, ପିଟର ଇଂଲଣ୍ଡ ଶୋ'ରୁମ, ମଧୁପାଟଣାସ୍ଥିତ ଓଲା ଗାଡି ଶୋ'ରୁମ ଓ ବାଦାମବାଡିସ୍ଥିତ ଫ୍ୟାଶନ କଲିକତା ବଜାରକୁ ସିଲ୍ କରାଯାଇଛି। ଉକ୍ତ ବ୍ୟବସାୟିକ ପ୍ରତିଷ୍ଠାନର ଲାଇସେନ୍ସ ନଥିବାବେଳେ ବ୍ୟବସାୟୀମାନେ ଦୀର୍ଘଦିନ ଧରି ୟୁଜର୍ସ ଫି' ଦେଉ ନ ଥିଲେ। ସେହିଭଳି ବାଦାମବାଡି ଟ୍ରାଫିକ ଛକ ନିକଟ କସ୍‌ମୋ ବଜାର ସମ୍ମୁଖରେ ବେଆଇନ ପାର୍କିଂ କରାଯାଇଥିବାରୁ ଜରିମାନା ଆଦାୟ କରାଯାଇଥିଲା। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

# ବଳିଦାନ ଦିବସରେ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୧୧।୧୦(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ସର୍ବକନିଷ୍ଠ ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ୮୫ତମ ବଳିଦାନ ଦିବସ ବୁଧବାର ୟୁନିଟ୍-୮ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଧାୟକ ଅମର ପ୍ରସାଦ ଶତପଥୀ, ବାଜି ରାଉତ ସ୍ମୃତି ସଂସଦର ସଭାପତି ଡ. କୃଷ୍ଣଚନ୍ଦ୍ର ଆଇଚ୍, ସାହିତ୍ୟିକ ସନାତନ ମଲ୍ଲିକ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତିଙ୍କ ସମେତ ବହୁ ଢେଙ୍କାନାଳ ବାସିନ୍ଦା ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଗେ' ଚାଟ୍ ଆପ୍‌ରେ ଫସାଇ ଲୁଟୁଥିଲେ

## ୪ ନାବାଳକଙ୍କ ସମେତ ଗ୍ୟାଙ୍ଗ୍‌ର ୫ ଧରାପଡ଼ିଲେ

**ଭୁବନେଶ୍ୱର,୧୧।୧୦ (ସୂର୍ଯ୍ୟକାନ୍ତ ବେହେରା) :** ଗ୍ରୀଣ୍ଡର ଗେ' ଚାଟ୍ ଆପ୍‌ରେ ଯୁବକଙ୍କ ସହ ଚାଟିଂ କରୁଥିଲେ। ସମ୍ପର୍କ ବଢ଼ାଇ ବିଶ୍ୱାସ ଜନ୍ମାଇବା ପରେ ମଉଜମସ୍ତି ପାଇଁ ଭୁବନେଶ୍ୱର ଗ୍ୟାରେଜ ଛକକୁ ଡାକୁଥିଲେ। ଏହାପରେ ଯୁବକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଘରକୁ ଡାକି ନେଇ ନିର୍ଯାତନା ଦେଉଥିଲେ। ଉଲଗ୍ନ କରି ମାଡ ମାରିବା ସହ ପାଖରେ ଥିବା ଟଙ୍କା, ସୁନା ଚେନ୍ ଛଡାଇ ନେଉଥିଲେ। ଏପରିକି ମାଡ ବେଳର ଭିଡିଓ ଶୁଟ୍ କରି ଭାଇରାଲ ଧମକ ଦେଇ ଫୋନ୍ ପେ ଜରିଆରେ ଆକାଉଣ୍ଟରୁ ବି ଟଙ୍କା ଟ୍ରାନ୍ସଫର କରିନେଉଥିଲେ। ରାଜଧାନୀରେ କିଛିଦିନ ସକ୍ରିୟ ଥିବା ଏପରି ଏକ ଗ୍ୟାଙ୍ଗକୁ ଲିଙ୍ଗରାଜ ଥାନା ପୋଲିସ ଧରିଛି। ଏହି ଗ୍ୟାଙ୍ଗରେ ୪ଜଣ ନାବାଳକ ଓ ଜଣେ ସାବାଳକ ରହିଛନ୍ତି। ଦୁଇଟି ଅଭିଯୋଗ ଆଧାରରେ ପୋଲିସ ପୃଥକ ମାମଲା ରୁଜୁ କରି ସମସ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରିଥିବାବେଳେ ଅନ୍ୟତମ ଅଭିଯୁକ୍ତ ତଥା ଗଞ୍ଜାମର ଏ. ମନୋଜ ଦୋରାଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଗୋଟିଏ ବୁଲେଟ, ୩୪ ହଜାର ଟଙ୍କା ଟଙ୍କା ଜବତ କରାଯାଇଛି। ଏଥିସହ ସାଇବର ସେଲ୍ ସହାୟତାରେ ୮୫,୧୩୭ ଟଙ୍କା ଥିବା ବ୍ୟାଙ୍କ ଆକାଉଣ୍ଟକୁ ମଧ୍ୟ ବ୍ଲକ କରିଛି। ତେବେ ଧରାପଡିଥିବା ଅଭିଯୁକ୍ତମାନେ ଲୁଟ୍ ଟଙ୍କାକୁ ମିଶାଇ କିସ୍ତିରେ ଏକ ଆଇଫୋନ କିଣିଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ତେବେ ଏଭଳି କେତେ ଜଣଙ୍କୁ ଆକ୍ରମଣ କରି ଟଙ୍କା ନେଇଛନ୍ତି ତାହାର ଅଧିକ ଖୋଳତାଡ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୋଲିସ ସୂଚନାନୁସାରେ, ବଡଗଡ ଥାନା ଅଞ୍ଚଳର ଜଣେ ଯୁବକ ଗ୍ରୀଣ୍ଡର ଗେ' ଚାଟ୍ ଆପ୍ ଜରିଆରେ ଚାଟ୍ କରୁଥିବାବେଳେ ଅଭିଯୁକ୍ତମାନଙ୍କ ସହ ଯୋଗାଯୋଗରେ ଆସିଥିଲେ। ସମ୍ପର୍କ ବଢିବା ପରେ ଅଭିଯୁକ୍ତମାନେ ତାଙ୍କୁ ଖାଇବା ଦେବା ପାଇଁ ଗ୍ୟାରେଜ ଛକକୁ ଡାକିଥିଲେ। ଏହାପରେ ଧରାପଡିଥିବା ୫ ଅଭିଯୁକ୍ତ ଗ୍ୟାରେଜ ଛକ ଅଞ୍ଚଳରେ ଥିବା ଏକ ଟିଣଘରକୁ ନେଇ ସାଇକେଲ ଚେନ, ପ୍ଲାଷ୍ଟିକ ପାଇପ, କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରି ଟଙ୍କା, ସୁନା ଚେନ୍ ଆଦି ଲୁଟିନେବା ପରେ ଧମକ ଦେଇ ଛାଡ଼ିଥିଲେ। ଫଳରେ ଯୁବକ ଜଣକ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତାଙ୍କର ବାମ କାନର ପରଦା ଫାଟିଯିବାରୁ ତାଙ୍କୁ କିଛି ଶୁଭୁନାହିଁ। ତେବେ ଚିକିତ୍ସା ପରେ ସେ ଏନେଇ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ସେହିପରି ମେଣ୍ଢାଶାଳସ୍ଥିତ ସିଏଚ୍‌ସିରେ ବ୍ଲକ ଡାଟା ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ସନ୍ତୋଷ କୁମାର ବିଶ୍ୱାଳ ଘରକୁ ଫେରୁଥିବାବେଳେ ଗ୍ୟାଙ୍ଗ୍‌ର ଜଣେ ଯୁବକ ଲିଫ୍ଟ ମାଗି ତାଙ୍କ ସହ ଆସିଥିଲେ। କିଛିବାଟ ଆସିବା ପରେ ବାଟରେ ତାଙ୍କୁ ଥଣ୍ଡା ପିଇବାକୁ ଦେଇ ସମ୍ପର୍କରେ ବଢ଼ାଇଥିଲେ। ଏଥିସହ ତାଙ୍କୁ ଉକ୍ତ ଘରକୁ ଡାକିନେଇ ମିଳିମିଶି ମାଡ ମାରିବା ସହ ତାଙ୍କ ଆକାଉଣ୍ଟରୁ ଦେଢ ଲକ୍ଷ ଟଙ୍କା, ମୋବାଇଲ ଫୋନ୍ ଆଦି ନେଇଯାଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଉକ୍ତ ଗ୍ୟାଙ୍ଗକୁ ଠାବ କରିଥିଲା।

# ଆର୍‌ବିଆଇ ଆଗରେ ନୋଟ୍ ଫିଙ୍ଗି ପ୍ରତିବାଦ

## ଚିରାଫଟା ନୋଟ୍ ବଦଳାଇବାକୁ ହଟହଟା

**ଭୁବନେଶ୍ୱର,୧୧।୧୦(ସତ୍ୟଜିତ୍ ରାଉତ)**

ଚିରାଫଟା ନୋଟ୍ ବଦଳାଇବାକୁ ଲୋକେ ନାନା ହଟହଟାର ସମ୍ମୁଖୀନ ହେଉଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆ)ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ଥିବା କାଉଣ୍ଟର ବନ୍ଦ ହୋଇଯାଇଥିବାବେଳେ ବିଭିନ୍ନ ବ୍ୟାଙ୍କ୍ ମନା କରୁଛି। ଫଳରେ ଟଙ୍କା ବଦଳାଇବାକୁ ଆସିଥିବା କେତେଜଣ ଲୋକ ଆର୍‌ବିଆଇ ସମ୍ମୁଖରେ ଚିରାଫଟା ନୋଟ୍‌କୁ ଫିଙ୍ଗି ଅଭିନବ ପ୍ରତିବାଦ କରିଛନ୍ତି। ଏସବୁ ନୋଟ୍‌କୁ ବ୍ୟାଙ୍କ୍‌ରେ ବଦଳାଇବାକୁ କହି ଆର୍‌ବିଆଇ କର୍ମଚାରୀମାନେ ସେମାନଙ୍କୁ ଫେରାଇ ଦେବାପରେ ଲୋକେ ଅସନ୍ତୋଷ ପ୍ରକାଶ କରି ଏଭଳି କରିଥିବା ଜଣାପଡିଛି। ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ ୧୫ରୁ ଊର୍ଦ୍ଧ୍ୱ ଗ୍ରାହକ ୨୦, ୫୦, ୧୦୦ ଟଙ୍କିଆ ଆଦି ଚିରା ଫଟା ଓ ନଷ୍ଟ ନୋଟ୍‌କୁ



ଫିଙ୍ଗି ଆର୍‌ବିଆଇ ଆଗରେ ପ୍ରତିବାଦ କରୁଥିଲେ। ଖବର ପାଇ ଖାରବେଳନଗର ଥାନା ପୋଲିସ ସେଠାରେ ପହଞ୍ଚି ଥିଲା। ଆର୍‌ବିଆଇ ଅଧିକାରୀ ଓ ପୋଲିସ ଗ୍ରାହକମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ଅକ୍ଟୋବର ୩ରୁ ଆର୍‌ବିଆଇ ଚିରାଫଟା ନୋଟ୍‌କୁ ଗ୍ରହଣ କରିବନି ବୋଲି ଗାଇଡ୍‌ଲାଇନ୍ ଜାରି କରିଛି। ଏସବୁ ନୋଟ୍‌କୁ ସ୍ଥାନୀୟ ବ୍ୟାଙ୍କ୍‌ରେ ବଦଳାଇ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ହେଲେ ବ୍ୟାଙ୍କଗୁଡ଼ିକ ଏହି ଚିରାଫଟା ନୋଟ୍‌କୁ ଗ୍ରହଣ କରୁ ନ ଥିବା ସମ୍ପୃକ୍ତ ଲୋକେ ଅଭିଯୋଗ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚନ୍ଦ୍ର କେନ୍ଦ୍ରରେ ଶନିଙ୍କ ଯୋଗୁ ଚେଷ୍ଟା କରୁଥିବା ଦିଗରୁ ଧନ ପାଇ ଖୁସି ହୋଇପାରନ୍ତି। ବିଗତ ଦିନର ସମସ୍ୟା ଗୁଡ଼ିକର ସମାଧାନ ସକାଶେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିବ। ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ଦ୍ୱାରା ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଖଳଲୋକଙ୍କ କଥାକୁ ସତ ମଣି ଘର ଲୋକଙ୍କୁ ଭୁଲ୍ ବୁଝିବେ।

**ବୃଷ** ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଅସଂପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି, ତଥାପି ଦିନଟିର ରୋଜଗାରଠାରୁ ଖର୍ଚ୍ଚ ବଳିଯିବ। ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପୂର୍ବପରି ରହିବ।

**ମିଥୁନ** କୌଣସି ଅପରିଚିତଙ୍କ କଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିଯାଇ ପାରନ୍ତି। ଗତକାଲିର କଳି ତକରାଳ ବିଷୟରେ ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ କୌଣସି ଅସୁବିଧା ରହିବ ନାହିଁ।

**କର୍କଟ** ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜର ଲୋକଙ୍କ ତରଫରୁ ସହଯୋଗ ପାଇବେନି। ନିର୍ମାଣାଧୀନ ଗୃହ, ରାସ୍ତା କାମ, ହଠାତ୍ କିଛିଦିନ ସକାଶେ ଅଟକି ରହିଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ। ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଅପରାଜିତ ରହିବେ।

**ସିଂହ** ଅଟକି ରହିଥିବା କାମ ଆଜି ସାରିବାରେ ସଫଳ ହେବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କାରଣରୁ ମନ ହାଲୁକା ହୋଇଯିବ। ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରି କେତେକାଂଶରେ ଋଣମୁକ୍ତ ହେବାର ସୂଚନା ରହିଛି। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ।

**କନ୍ୟା** ବିଭିନ୍ନ କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ଆନୁଷ୍ଠାନିକ କାମରେ ସହଯୋଗ ପ୍ରଦାନ କରି ପ୍ରଶଂସିତ ହୋଇପାରନ୍ତି।

**ତୁଳା** ରାଶିରେ ମଙ୍ଗଳ ହେତୁ ଆଶା କରୁଥିବା ଦିଗରୁ ଅର୍ଥ ପାଇବେ। ନିଜ ଲୋକଙ୍କୁ ଭୁଲ୍ ବୁଝିବେ ଏବଂ ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବେ। ପ୍ରତ୍ୟେକ ପରିସ୍ଥିତିକୁ ହାଲୁକା ଭାବେ ଗ୍ରହଣ କରିବା ଠିକ୍ ହେବନାହିଁ। ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ।

**ବିଛା** ଆଜି ଦିନସାରା ଟେନ୍ସନରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ଆତ୍ମତୃପ୍ତି ଲାଭ କରିବେ। ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଙ୍ଗ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ପଡ଼ୋଶୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ, କିନ୍ତୁ କର୍ମକ୍ଷେତ୍ରରେ ଅସ୍ଥିରତା ଅଶାନ୍ତିର କାରଣ ହୋଇପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବମାନ ଦେବେ, ଯାହାକି ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇ ପାରନ୍ତି।

**ମକର** ଶନିଙ୍କ କୁପ୍ରଭାବରୁ ଅସୁସ୍ଥତା ଓ ଅଭାବବୋଧ ପ୍ରଭୃତି ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବେ। ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି। ପାରିବାରିକ ସମସ୍ୟା ଭିତରେ ପିଲାଙ୍କ ବିଷୟ, ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ ପାଇଁ ବ୍ୟସ୍ତତା ବଢ଼ିବ।

**କୁମ୍ଭ** ଆଜି ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ବନ୍ଧୁମାନଙ୍କ ସହ କଥା କଟାକଟି କାରଣରୁ ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ି ହେବ ନାହିଁ। ଆର୍ଥିକ ସ୍ଥିତି ସେତେଟା ଭଲ ନଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ** ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରି ସମାଧାନରେ ଉପନୀତ ହୋଇପାରନ୍ତି। ଦୀର୍ଘଦିନରୁ ଖୋଜୁଥିବା ଜିନିଷଟି ପାଇ ଖୁସି ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ଆତ୍ମୀୟମାନଙ୍କ ସହ ଜମିଜମା ବଣ୍ଟନକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

ଆଜି ଆଶ୍ୱିନ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଗୁରୁବାର, ଅକ୍ଟୋବର ୧୨ ତାରିଖ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶି ନକ୍ଷତ୍ର-ଦିବା ଘ.୧୧।୩୫ ମି. ପର୍ଯ୍ୟନ୍ତ ପୂର୍ବାଫାଲ୍‌ଗୁନୀ/ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୪୩ ଗତେ ଘ.୦୭।୧୬ ମଧ୍ୟେ ଶୁଦ୍ଧ ଶୁଭବେଳ। ଦିବା ଘ.୦୧।୦୦ ମି. ଗତେ ଘ.୦୨।୨୭ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ଭାରତର ଦମ୍‌ଦାର...

(୫ ଚୌକା, ୨ ଛକା) ରନ କରିଥିଲେ। ରୋହିତଙ୍କ ସହ କ୍ରିଜ୍‌ରେ ଯୋଗଦେଇ ବିରାଟ କୋହଲି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ତେବେ ସ୍କୋର ୨୦୫ ହୋଇଥିବାବେଳେ ରଶିଦଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ ରୋହିତ। ସେ ୮୪ ବଲ୍‌ରୁ ୧୬ ଚୌକା ଓ ୫ ଛକା ସହାୟତାରେ ୧୩୧ ରନ କରିଥିଲେ। ଏହି ଅବସରରେ ସେ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା ମାରିବାରେ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍‌ଙ୍କ ରେକର୍ଡ ଭାଙ୍ଗିଥିଲେ। ରୋହିତଙ୍କ ବିଦାୟ ପରେ ଆଉ କ୍ଷତି ହେବାକୁ ଦେଇ ନ ଥିଲେ କୋହଲି ଓ ଶ୍ରେୟସ ଆୟର। ଦୁହେଁ ଅସମାପ୍ତ ତୃତୀୟ ଉଇକେଟରେ ୫୬ ବଲ୍‌ରୁ ୬୮ ରନ ସଂଗ୍ରହ କରି ୧୫ ଓଭର ବାକିଥାଇ ଦଳକୁ ବିଜୟୀ କରିଥିଲେ। ଅର୍ଦ୍ଧଶତକ ହାସଲ କରିଥିବା କୋହଲି ୫୬ ବଲ୍‌ରୁ ୬ ଚୌକା ସହ ୫୫ ଓ ଆୟର ୨୩ ବଲ୍‌ରୁ ୨୫ ରନକରି ଅପରାଜିତ ରହିଥିଲେ। ଆଫଗାନିସ୍ତାନ ପକ୍ଷରୁ କେବଳ ରଶିଦ ଖାଁ ୨ଟି ଉଇକେଟ ପାଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଆଫଗାନିସ୍ତାନ ଅଧିନାୟକ ହସମତୁଲ୍ଲା ଶାହିଦି। ଓପନିଂ ଯୋଡ଼ିରେ ୩୨ ରନ ସଂଗ୍ରହ ହେବା ପରେ ୭ମ ଓଭରର ୪ର୍ଥ ବଲ୍‌ରେ ଇବ୍ରାହିମ୍ ଜଦ୍ରାନଙ୍କୁ ଉଇକେଟ କିପର ଲୋକେଶ ରାହୁଲଙ୍କ ହାତରେ କ୍ୟାଚ କରାଇ ଆଫଗାନିସ୍ତାନକୁ ପ୍ରଥମ ଝଟ୍‌କା ଦେଇଥିଲେ ଯଶପ୍ରୀତ୍ ବୁମ୍‌ରା। ଜଦ୍ରାନ ୨୨ ରନ କରିଥିଲେ। ଅନ୍ୟତମ ଓପନର ରହମତୁଲ୍ଲା ଗୁରବାଜ ଓ ରହମତ ଶାହା ମଧ୍ୟ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସ୍କୋର ୬୩ ହୋଇଥିବାବେଳେ ରହମତୁଲ୍ଲା ୨୧ ଓ ରହମତ ୧୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ଦଳର ସଙ୍କଟ ସମୟରେ ଶତକୀୟ ଭାଗୀଦାରି ଗଢ଼ିଥିଲେ ଅଧିନାୟକ ହସମତୁଲ୍ଲା ଓ ଆଜମତୁଲ୍ଲା ଓମାରଜାଇ। ଉଭୟ ୪ର୍ଥ ଉଇକେଟରେ ୧୨୮ ବଲ୍‌ରୁ ୧୨୧ ରନ ସଂଗ୍ରହ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୬୯ ବଲ୍‌ରୁ ୬୨ (୨ ଚୌକା, ୪ ଛକା) ରନ କରିଥିବା ଓମାରଜାଇଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଶତକମୁହାଁ ହୋଇଥିବା ହସମତୁଲ୍ଲାଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ପ୍ୟାଭିଲିୟନ ପଥ ଦେଖାଇଥିଲେ କୁଲଦୀପ ଯାଦବ। ୮୮ ବଲ୍‌ରୁ ୮ ଚୌକା, ୧ ଛକା ସହାୟତାରେ ୮୦ ରନ କରିଥିଲେ ହସମତୁଲ୍ଲା। ଆଫଗାନିସ୍ତାନର ପ୍ରଥମ ଅଧିନାୟକ ଭାବେ ସେ ବିଶ୍ୱକପ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ନିର୍ଭରଯୋଗ୍ୟ ମହମ୍ମଦ ନବି (୧୯ ରନ)ଙ୍କ ସମେତ ଟେଲ୍ ଏଣ୍ଡରଙ୍କ ବିଫଳତା ଯୋଗୁ ଆଫଗାନିସ୍ତାନ ଇନିଂସ ୨୭୨/୮ରେ ସୀମିତ ରହିଥିଲା। ବିଶ୍ୱକପ୍‌ରେ ଏହା ହେଉଛି ଦଳର ଦ୍ୱିତୀୟ ସର୍ବାଧିକ ସ୍କୋର। ୨୦୧୯ରେ ଲିଡ୍‌ସଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ କରିଥିବା ୨୮୮ ରନ ଆଫଗାନିସ୍ତାନର ବିଶ୍ୱକପ୍‌ରେ ସର୍ବାଧିକ ସ୍କୋର। ଭାରତୀୟ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା ମାତ୍ର ୩୯ ରନଦେଇ ୪ଟି, ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଏବଂ କୁଲଦୀପ ଯାଦବ ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସ୍କୁଟର ଯୋଜନାର ...

ଦିଆଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖୋର୍ଦ୍ଧା ଜିଲାର ମା' ମଙ୍ଗଳା ଏସ୍‌ଏଚ୍‌ଜି ଓ କଟକ ଜିଲାର ଜୟ ଶ୍ରୀରାମ ଏସ୍‌ଏଚ୍‌ଜିକୁ ସୁଧ ବାବଦ ଚେକ୍ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଛନ୍ତି ଯେ ଗତିଶୀଳତା ହିଁ ସଶକ୍ତୀକରଣ। ଏହାକୁ ପାଥେୟ କରି ଏହି ଐତିହାସିକ ମିଶନ ଶକ୍ତି ସ୍କୁଟର ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନା ମାଧ୍ୟମରେ ୨ ଲକ୍ଷ କମ୍ୟୁନିଟି ସପୋର୍ଟ ଷ୍ଟାଫ୍, ବିଜ୍‌ନେସ କରେସପଣ୍ଡେଣ୍ଟ ଏଜେଣ୍ଟ ଏବଂ ଏକ୍‌ଜିକ୍ୟୁଟିଭ କମିଟି ମେମ୍ବର ସେମାନଙ୍କ ପସନ୍ଦ ମୁତାବକ ସ୍କୁଟର କିଣିବା ପାଇଁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପାଇବେ। ଏହି ପଦକ୍ଷେପ ମିଶନ ଶକ୍ତି ଫେଡେରେଶନ ସହିତ କାର୍ଯ୍ୟରତ ଓ ଏହା ଅଧୀନରେ କାର୍ଯ୍ୟରତ ସଦସ୍ୟମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ସହାୟକ ହେବ।

ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଅବସରରେ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଜି ଗୋଟିଏ ଯୁଗାନ୍ତକାରୀ ପଦକ୍ଷେପର ଉଦ୍‌ଘାଟନ ହୋଇଛି। ୧୫ ହଜାର ଏସ୍‌ଏଚ୍‌ଜି ସଦସ୍ୟ ସ୍କୁଟର ନେଇଛନ୍ତି। ୨ ଲକ୍ଷ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ପର୍ଯ୍ୟାୟକ୍ରମେ ସ୍କୁଟର ନେବେ। ଆମର ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟମାନେ ହଲେ ମିଶନ ଶକ୍ତିର ସେନାପତି। ସେମାନେ ମିଶନ ଶକ୍ତିକୁ ନୂଆ ଦିଗ ଦେଉଛନ୍ତି। ଏହି ସ୍କୁଟର ହେଉଛି ମିଶନ ଶକ୍ତି ମା'ମାନଙ୍କ ପରିଚୟ ଓ ଦକ୍ଷତାର ପ୍ରତୀକ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପି.କେ. ଜେନା, ମୁଖ୍ୟମନ୍ତ୍ରୀଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ, ମିଶନ ଶକ୍ତିର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ଏବଂ ଗୀତାଞ୍ଜଳି ବସ୍ତିଆ ଉପସ୍ଥିତ ଥିଲେ। ରାଜ୍ୟର ପ୍ରତ୍ୟେକ ଜିଲା ଓ ବ୍ଲକ ସଂଘର ସଦସ୍ୟାମାନେ ଆଭାସି ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ବିଭାଗୀୟ ନିର୍ଦ୍ଦେଶକ ଏନ୍. ତିରୁମାଲା ନାୟକ ଧନ୍ୟବାଦ ଦେଇଥିଲେ।

### ବିଲେଇ ପାଇଁ ...

ପଡ଼ିଥିବା ବିଲେଇର ମଧ୍ୟ ମୃତ୍ୟୁ ହୋଇଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ଥାନୀୟ ଅଞ୍ଚଳର ଜଣଙ୍କ ପୋଷା ବିଲେଇ ବୁଲୁଥିବାବେଳେ ପାଚେରି ନ ଥିବା ଉକ୍ତ କୂଅ ଭିତରେ ପଡ଼ିଯାଇଥିଲା। ପରେ ମାଲିକ ଉପରେ ରହି ବାଲ୍‌ଟି ଦ୍ୱାରା ବିଲେଇକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଉକ୍ତ କୂଅ ଭିତରକୁ ପଶି ବିଲେଇକୁ ଉଦ୍ଧାର କରିଦେବେ ବୋଲି ଶିବରାମ କହିଥିଲେ। ସାହସିକତାର ସହ ଶିବରାମ ଉକ୍ତ କୂଅ ଭିତରକୁ ଯାଇ ଅଣନିଃଶ୍ୱାସୀ ହେବା ସହ ପାଣିରେ ବୁଡ଼ିଯାଇଥିଲେ। ଏହାପରେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ଶଙ୍କର ଉକ୍ତ କୂଅ ଭିତରକୁ ଯାଇ ସେ ମଧ୍ୟ ଫସିଯାଇଥିଲେ। ଶିବରାମ ଓ ଶଙ୍କର କୂଅ ଭିତରେ ଜୀବନ ସହ ସଂଘର୍ଷ କରୁଥିବା ବେଳେ ଭଜରାମ ମଧ୍ୟ କୂଅ ଭିତରକୁ ପଶି ଫସିଯାଇଥିଲେ। ଏନେଇ ଖବର ପାଇ ମଞ୍ଜେଶ୍ୱର ଅଗ୍ନିଶମ ଟିମ୍ ପହଞ୍ଚି ୩ଜଣଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଶିବରାମଙ୍କର ମୃତ୍ୟୁ ହୋଇଯାଇଥିଲା।

### ରକ୍ତ ପରୀକ୍ଷାରେ ପ୍ରାରମ୍ଭରୁ ...

ପାଇଁ ସର୍ବୋତ୍ତମ ଚିକିତ୍ସା ପଦ୍ଧତି ବାଛିବା କଷ୍ଟକର ହୋଇଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗର୍ଭାଶୟ କର୍କଟ ଚିହ୍ନଟ ହେଲେ, ରୋଗୀମାନଙ୍କର ୫ବର୍ଷ କିମ୍ବା ତା'ଠାରୁ ଅଧିକ ବଞ୍ଚିବାର ୯୦ପ୍ରତିଶତରୁ ଅଧିକ ସୁଯୋଗ ଥାଏ। କିନ୍ତୁ ଶେଷ ପର୍ଯ୍ୟାୟରେ କର୍କଟ ଚିହ୍ନଟ ହେଲେ ସେମାନଙ୍କର ଜୀବିତ ରହିବା ସମ୍ଭାବନା ୪୦ ପ୍ରତିଶତରୁ କମ୍ ହୋଇଯାଏ। ଏ ସମ୍ପର୍କରେ ଆମେରିକା ସାଉଥ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଜେନୋମିକ ଏବଂ ଏପିଜେନୋମିକ ରେଗୁଲେଶନ ରିସର୍ଚ୍ଚ ପ୍ରୋଗ୍ରାମର ଗବେଷକ ବୋଡୋର ସାଲହିୟା କହିଛନ୍ତି, କର୍କଟ ଶୀଘ୍ର ଚିହ୍ନଟ ହେଲେ ଜୀବନ ରକ୍ଷା ହୋଇପାରିଥାଏ। ଯଦି ଆମେ ପ୍ରାଥମିକ ସ୍ତରର ଗର୍ଭାଶୟ କର୍କଟକୁ ଠିକ୍ ଭାବରେ ଚିହ୍ନଟ କରିପାରିବା, ତେବେ ଆମେ ରୋଗର ଫଳାଫଳକୁ ପରିବର୍ତ୍ତନ କରିପାରିବା ଏବଂ ବଞ୍ଚିବାର ହାରକୁ ବୃଦ୍ଧି କରିପାରିବା।

### ଲିଥିୟମ ଉପରେ ...

କରିବ। ସୂଚନାଥାଉ କି, ଜମ୍ମୁ କଶ୍ମୀରରେ ୫୯ ଲକ୍ଷ ଟନ୍ ଲିଥିୟମ ରହିଛି। ଏହା ଚିହ୍ନଟ ହେବା ପରେ ଭାରତ ବିଶ୍ୱର ସପ୍ତମ ବୃହତ୍ତମ ଲିଥିୟମ ଭଣ୍ଡାରସମ୍ପନ୍ନ ଦେଶ ପାଲଟିଛି। ଯୁକ୍ତରାଷ୍ଟ୍ରର ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍‌ଜିଏସ୍) ଅନୁଯାୟୀ ଭାରତରେ ଆବିଷ୍କାର ହେବା ପୂର୍ବରୁ ସାରା ବିଶ୍ୱରେ ୯୮ ନିୟୁତ ଟନ୍ ଲିଥିୟମ ଭଣ୍ଡାର ରହିଥିଲା। ଲିଥିୟମ ଭଣ୍ଡାର କ୍ଷେତ୍ରରେ ବୋଲିଭିଆ ବିଶ୍ୱରେ ପ୍ରଥମ ସ୍ଥାନରେ ରହିଛି। ଏହାପରେ ଆର୍ଜେଣ୍ଟିନା ଦ୍ୱିତୀୟ, ଆମେରିକା ତୃତୀୟ, ଚିଲି ଚତୁର୍ଥ, ଅଷ୍ଟ୍ରେଲିଆ ପଞ୍ଚମ ଏବଂ ଚାଇନା ଷଷ୍ଠ ସ୍ଥାନରେ ରହିଛି। ଏହି ଦେଶଗୁଡ଼ିକରେ ବିଶ୍ୱର ଲିଥିୟମ ଭଣ୍ଡାରର ୭୬% ରହିଛି।

### ଗର୍ଭପାତ ନେଇ...

କରାଗଲାନାହିଁ? ଏକ ଭ୍ରୂଣର ହାର୍ଟବିଟ୍ ବନ୍ଦ କରିବାକୁ କେଉଁ କୋର୍ଟ କହିବେ? ଏହା ପରେ ଉଭୟ ବିଚାରପତି କହିଥିଲେ, କୋର୍ଟ ଅର୍ଡରକୁ ପଲଟାଇବା ପାଇଁ ପନ୍ଥା ରହିଛି। କିନ୍ତୁ ଏପରି ଭାବେ ତାହା କରାଯାଇ ନ ଥାଏ। ରାୟ ଦେବା ପରେ ଏମ୍ସ ରିପୋର୍ଟ ଦାଖଲ କରିବାର ତାତ୍ପର୍ଯ୍ୟ ଆମେ ଆପଣଙ୍କ ପକ୍ଷ ଶୁଣିନାହୁଁ ଭଳି ମନେହେଉଛି। ମହିଳା ଜଣକ ବର୍ତ୍ତମାନ ଆହୁରି ଚାପଗ୍ରସ୍ତ ହୋଇପଡ଼ିଛନ୍ତି। ସୋମବାର ଶୁଣାଣି ବେଳେ ଉପରୋକ୍ତ ବିନ୍ଦୁ ସମ୍ପର୍କରେ ଉଲ୍ଲେଖ କରା ନ ଯିବା ନେଇ କେନ୍ଦ୍ରକୁ ଖଣ୍ଡପୀଠ ଭର୍ତ୍ସନା କରିଥିଲେ। ଜଷ୍ଟିସ୍ ନାଗରତ୍ନା କହିଥିଲେ, ଯେତେବେଳେ ଏହି ଅଦାଲତଙ୍କ ଗୋଟିଏ ଖଣ୍ଡପୀଠ ଏକ ପ୍ରସଙ୍ଗରେ ରାୟ ଦେଉଛନ୍ତି, ଆପଣ ତାକୁ ସମାନ କୋର୍ଟରେ ୩ ଜଣିଆ ବିଚାରପତିଙ୍କ ଖଣ୍ଡପୀଠରେ କିପରି ଚ୍ୟାଲେଞ୍ଜ କରିପାରିବେ? ଯଦି ଆଜି ଭାରତ ସରକାର ଏପରି କରିବେ ତେବେ ଆସନ୍ତା କାଲି ଘରୋଇ ପକ୍ଷ ମଧ୍ୟ ସମାନ ଉପାୟ ଆପଣାଇବେ। ପ୍ରତ୍ୟେକ ଖଣ୍ଡପୀଠ ହେଉଛନ୍ତି ସୁପ୍ରିମକୋର୍ଟ। ଆମେ ଭିନ୍ନ ନୋହୁଁ, ବରଂ ଗୋଟିଏ ଅଦାଲତ।

Govt. of Uttarakhand | Azadi Ka Amrit Mahotsav | G20 | DESTINATION UTTARAKHAND GLOBAL INVESTORS SUMMIT 2023 Peace To Prosperity

Aadi Kailash



Jageshwar Dham



Gift of Projects worth **Rs 4200 cr** to Uttarakhand





**Total 23 Development Projects to add impetus to Infrastructure, Education, Health, Electricity, Drinking Water, Sports, Tourism, Disaster Mitigation and Horticulture**

Under the guidance of Prime Minister Narendra Modi ji, Uttarakhand is moving towards new heights. Our heartfelt gratitude to him for giving significance to the state, which is set to surge ahead as per his aspirations. PM Narendra Modi ji's contribution to the state is immense and important, his connection with Uttarakhand is that of 'heart and karma'.

**Pushkar Singh Dhami**
Chief Minister, Uttarakhand

The construction of developed India for the 21st century rests on two primary pillars - pride in heritage and, second every possible effort for the development. Today, both these pillars are being strengthened by Uttarakhand. This decade will be the decade of Uttarakhand.

**Narendra Modi**
Prime Minister

## Inauguration and foundation Stone laying by Narendra Modi
Prime Minister

### Laying the Foundation Stone
13 Projects Rs 2854 cr.

**Farmers income will increase**
- For Construction of 21398 Poly - houses
- For Cultivation of High Density Intensive Apple Orchards

**Infrastructure Development**
- 05 works of 02 laning & slope treatment on National Highways
- Construction of 32 bridges in the state

**Strengthening disaster management**
- Strengthening of Fire Safety infrastructure and rescue equipments under SDRF
- Up-gradation of State Emergency Operation Centre (SEOC) in Dehradun
- Treatment for the prevention of landslides in Baliyanala, Nainital district

**Expansion of education, health and sports facilities**
- Construction of Hostels and Computer Labs in 20 Model Degree Colleges
- 100 bedded Sub District Hospital in Someshwar, Almora
- Construction of 50 bedded Hospital block in Champawat
- Velo-drome construction work in Rudrapur
- Construction of Astro-turf hockey ground in Sports Stadium, Haldwani

**Development of Manaskhand temple area in the line of Char Dham**
- Development of infrastructure facilities in Jageshwar Dham, Haat Kalika and Naina Devi Temple under Manaskhand Mandir Mala Mission

### in Gracious Presence of

**Pushkar Singh Dhami**
Chief Minister, Uttarakhand

**Ajay Bhatt**
Union Minister of State

**Minister, GoUK**
Satpal Maharaj
Ganesh Joshi
Premchand Agrawal
Subodh Uniyal
Dr. Dhan Singh Rawat
Rekha Arya
Saurabh Bahuguna

**M. P.**
Dr. Ramesh Pokhriyal 'Nishank'
Ajay Tamta
Kalpana Saini
Naresh Bansal
Rekha Verma

12 October, 2023 (Thursday)
Time : 2:30 PM onwards

Venue : Shri Surendra Singh Valdia Sports Stadium, Pithoragarh

### Inauguration
10 Projects Rs 1349 cr.

**Infrastructure Development**
- 76 Roads under PMGSY
- 25 Bridges in Rural Areas under PMGSY
- 15 Block Office Buildings in 09 Districts.
- 03 Road Strengthening Works under Central Road Fund
  - Kausani-Bageshwar Road
  - Dhari-Doba-Girechina Road
  - Nagla- Kiccha SH Road Double laning
- laning/strengthening Works of National Highways
  - NH 309B-Almora- Petsal-Panuanoula-Danya
  - NH 125-Tanakpur-Chalthi

**Availability of drinking water and electricity facilities in hilly areas**
- 38 Rural Pumping drinking water schemes & 03 Tubewell based drinking water schemes
- 419 Rural Gravity drinking water schemes
- 39 bridges in the state and USDMA Building in Dehradun
- Artificial Lake in Tharkot, Pithoragarh
- 132 KV Pithoragarh-Lohaghat-Champawat transmission line













**Issued in Public Interest by Department of Information and Public Relations, Uttarakhand**
www.uttarainformation.gov.in | uttarakhandDIPR | DIPR_UK | uttarakhand DIPR

"ମା' ଭଗବତୀଙ୍କ କରୁଣା ଯଦି ତୁମକୁ ସ୍ପର୍ଶ କରେ ତେବେ ତୁମର ସବୁ ସଂକଟ ସୁଯୋଗରେ – ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି । ଏବେ ହେଉ ବା ପରେ ହେଉ– ତା'ର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ ଓ ଅନିବାର୍ଯ୍ୟ । –ଶ୍ରୀଅରବିନ୍ଦ



# ଗ୍ଲୋବାଲ ସାଉଥ୍‌ର ନୂତନ ପଥ



ଗର୍ଡନ ବ୍ରାଉନ

ଅନ୍ତର୍ଜାତୀୟ ଆର୍ଥିକ ଢାଞ୍ଚାରେ ସଂସ୍କାର ଆଣିବା ପାଇଁ ବାର୍ବାଡିଆନ ପ୍ରଧାନମନ୍ତ୍ରୀ ମିଆ ଆମୋର ମୋଟ୍‌ଲିଙ୍କ ଉଚ୍ଚାଭିଳାଷୀ ବ୍ରିଜ୍‌ଟାଉନ ଏଜେଣ୍ଡା ଜଳବାୟୁ ନ୍ୟାୟ ପାଇଁ ଏକ ଶକ୍ତିଶାଳୀ ଯୁକ୍ତି ହୋଇପାରିଛି । କିନ୍ତୁ ଆଜି ଆମେ ସମ୍ମୁଖୀନ ହେଉଥିବା ଗଭୀର ଆହ୍ୱାନକୁ ମୁକାବିଲା କରିବା ପାଇଁ ସେ ଏକମାତ୍ର ବିଶ୍ୱ ନେତା ନୁହନ୍ତି । ଗ୍ଲୋବାଲ ସାଉଥ୍‌ରୁ ଏକ ନୂତନ ପିଢ଼ିର ନେତାମାନଙ୍କ ସ୍ୱର ଶୁଣିବାକୁ ମିଳୁଛି । ଉଦାହରଣ ସ୍ୱରୂପ, କେନିଆ ରାଷ୍ଟ୍ରପତି ୱିଲିୟମ ରୁଟୋ ଆଫ୍ରିକାରେ ଜଳବାୟୁ ସକାରାତ୍ମକ ଅଭିବୃଦ୍ଧି ଦିଗରେ ଏକ ନୂତନ ପଥ ପ୍ରସ୍ତୁତ କରୁଛନ୍ତି । ଲାଟିନ୍ ଆମେରିକାରେ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ବିଶ୍ୱ ଜଳବାୟୁ କାର୍ଯ୍ୟକ୍ରମକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଏକ ନୂତନ ମାର୍ଶାଲ ଯୋଜନା ପାଇଁ ଦାବି କରିଛନ୍ତି । ବ୍ରାଜିଲ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡି ସିଲ୍‌ଭା କ୍ଷୁଧା, ଦାରିଦ୍ର୍ୟ ତଥା ଅସମାନତାକୁ ନିୟନ୍ତ୍ରଣ କରିବା, ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ୨୦୨୪ରେ ତାଙ୍କ ଦେଶର ଜି୨୦ ଅଧ୍ୟକ୍ଷତା ସମୟରେ ପୁରୁଣା ବିଶ୍ୱ ଶାସନ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ଲକ୍ଷ୍ୟ ରଖିଛନ୍ତି ।

ଏକ ଦଶନ୍ଧିର ସଂରକ୍ଷଣବାଦ ଏବଂ ବିଖଣ୍ଡିତ ପ୍ରକ୍ରିୟା ପରେ ଏହିସବୁ ପଦକ୍ଷେପ ଆବଶ୍ୟକ ସଂସ୍କାର ଆଣିବା ପାଇଁ ବିଶ୍ୱସ୍ତରୀୟ ସହମତି ସୃଷ୍ଟି କରିବାକୁ ଚେଷ୍ଟାକରେ । କୋଭିଡ୍-୧୯ ପରବର୍ତ୍ତୀ ବିଶ୍ୱରେ ଏହାର ବ୍ୟାପକ ପ୍ରଭାବ ପଡ଼ିଛି ବୋଲି ଜି୨୦ ଏବେ ଅନୁଭବ କରୁଛି । ଶକ୍ତି ଏବଂ ଖାଦ୍ୟ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି । ବିଶ୍ୱର ଗରିବ ଦେଶଗୁଡ଼ିକରେ ଅନିୟନ୍ତ୍ରିତ ଋଣ ଭାର ସାମ୍ନାକୁ ଆସିଛି । ଏହାସହ ରେକର୍ଡ ସଂଖ୍ୟକ ଜଳବାୟୁ ବିପର୍ଯ୍ୟୟକୁ ବିଶ୍ୱ ସାମ୍ନା କରୁଛି । ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ଏବଂ ବିକାଶ ଲକ୍ଷ୍ୟ ହାସଲ କରିବାକୁ ବିକାଶଶୀଳ ଦେଶଗୁଡିକ ବାର୍ଷିକ ଅତି କମ୍‌ରେ ୧ ଟ୍ରିଲିୟନ ଡଲାର ଆବଶ୍ୟକ କରନ୍ତି । କିନ୍ତୁ ଏଥିପ୍ରତି ନିଷ୍କ୍ରିୟତା ଯୋଗୁ ଅଧିକ କ୍ଷତି ଘଟୁଛି । ଆମର ସାମୂହିକ ଭବିଷ୍ୟତ ପାଣ୍ଠି ଯୋଗାଣ ବୃଦ୍ଧି ଉପରେ ନିର୍ଭରକରେ ଏବଂ ଜୀବାଶ୍ମ ଇନ୍ଧନରୁ ଅପ୍ରତ୍ୟାଶିତ ଆୟ ଉପରେ ଏକ ଶୁଳ୍କ ଲଗାଇ ପାଣ୍ଠି ଯୋଗାଡ଼ ଆରମ୍ଭ କରିବାକୁ ହେବ । ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଫାତିହ ବିରୋଲଙ୍କ ଅନୁଯାୟୀ ୨୦୨୨ରେ ବିଶ୍ୱର ତୈଳ ଏବଂ ଗ୍ୟାସ୍ ଶିଳ୍ପର ଆୟ ପ୍ରାୟ ୪ ଟ୍ରିଲିୟନ ଡଲାର ଥିଲା । ତା' ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଏହା ହାରାହାରି ୨.୫ ଟ୍ରିଲିୟନ ଡଲାର ଅଧିକ । ବାସ୍ତବରେ ଏହି ଟଙ୍କା ଗ୍ରାହକଙ୍କଠାରୁ ଆସିଛି । ବିଶ୍ୱର କେତେକ ଧନୀ କମ୍ପାନୀ ଶକ୍ତିର ମୂଲ୍ୟ ଅତ୍ୟଧିକ ବଢ଼ାଇ ଜୀବନ ସଙ୍କଟ ସମୟରେ ଅତ୍ୟଧିକ ଲାଭ କରୁଛନ୍ତି । ଏହା ଗରିବ ଏବଂ ବିପଦରେ ଥିବା ଲୋକଙ୍କୁ ପ୍ରଭାବିତ କରିଛି । ବିଶ୍ୱ ଅର୍ଥ ବ୍ୟବସ୍ଥା ଉପରେ ଏହି ପ୍ରଭାବଶାଳୀ ଟ୍ୟାକ୍ସର ସବୁଠୁ ବଡ଼ ହିତାଧିକାରୀମାନେ ହେଉଛନ୍ତି ତୈଳ ଉତ୍ପାଦନକାରୀ ଦେଶ । ଏମାନଙ୍କ ମଧ୍ୟରେ କାନାଡା, ଅଷ୍ଟ୍ରେଲିଆ, ଇରାକ ଓ ଇରାନ ଭଳି ଦେଶର ମୋଟ ରପ୍ତାନି ରାଜସ୍ୱ ୨୦୨୨ରେ ପ୍ରାୟ ୧ ଟ୍ରିଲିୟନ ଡଲାର ଥିଲା । ଏହିସବୁ ଦେଶ ମଧ୍ୟରେ



ସବୁଠୁ ଆଗରେ ଥିବା ଦେଶରେ ମୁଣ୍ଡ ପିଛା ଆୟ ବିଶ୍ୱରେ ସର୍ବାଧିକ । ସ୍ଥାୟୀ ତଥା ସହନୀୟ ବିକାଶ ପାଇଁ ବିଶ୍ୱ ପାଣ୍ଠିକୁ ଅର୍ଥ ଦେବାକୁ ଏମାନେ ସକ୍ଷମ । ଅତ୍ୟଧିକ ହାଇଡ୍ରୋକାର୍ବନ ରପ୍ତାନି ରାଜସ୍ୱ ଉପରେ ସ୍ୱେଚ୍ଛାକୃତ ଭାବେ ଶୁଳ୍କ ଦେଇ ସେମାନେ ଏହା କରିପାରିବେ । ୨୦୨୨ରେ ସଂଯୁକ୍ତ ଆରବ ସଂଘର ରପ୍ତାନି ଆୟ (୧୧୯ ବିଲିୟନ ଡଲାର), କାତାର(୧୧୬ ବିଲିୟନ ଡଲାର), କୁଏଟ୍(୯୮ବିଲିୟନ ଡଲାର), ନରୱେ( ପାଖାପାଖି ୧୭୪ ବିଲିୟନ ଡଲାର) ଏବଂ ସାଉଦି ଆରବ(୩୧୧ ବିଲିୟନ ଡଲାର) ଉପରେ ୩% ଶୁଳ୍କ ହେଲେ ସେଥିରୁ ମୋଟରେ ପାଖାପାଖି ୨୫ ବିଲିୟନ ଡଲାର ପାଣ୍ଠି ଯୋଗାଡ଼ ହୋଇପାରିବ । ନିକଟରେ ସାଉଦି ଏକୁଟିଆ ଫୁଟ୍‌ବଲ, ଫର୍ମୁଲା ୱାନ୍ ରେସ୍ ଏବଂ ଅନ୍ୟ ସ୍ପୋର୍ଟ୍ସ ଚୁକ୍ତି ଉପରେ କରିଥିବା ଖର୍ଚ୍ଚ ପରିମାଣ ଠାରୁ ବହୁ କମ୍ ।

ସୌଭାଗ୍ୟବଶତଃ, ଚଳିତ ବର୍ଷର ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍୨୮) ୟୁଏଇରେ ଅନୁଷ୍ଠିତ ହେବ । ଜୁଲାଇରେ ତାଙ୍କର କାର୍ଯ୍ୟ ଯୋଜନା ବିଷୟରେ ବର୍ଣ୍ଣନା କରି କପ୍୨୮ର ନିଯୁକ୍ତ ଅଧ୍ୟକ୍ଷ ସୁଲତାନ ଅଲ ଜାବର ଯୋଜନାର ଚାରିଟି କାର୍ଯ୍ୟକ୍ରମ ମଧ୍ୟରେ ଗୋଟିକୁ 'କ୍ଲାଇମେଟ୍ ଫାଇନାନ୍ସ ଫିକ୍ସିଂ'ବା 'ଜଳବାୟୁ ପ୍ରଭାବକୁ ମୁକାବିଲା କରିବା ଲାଗି ଅର୍ଥ ସ୍ଥିର କରିବା' ଭାବେ ନାମିତ କରିଥିଲେ । ସେ ଯୁକ୍ତି ବାଢ଼ିଥିଲେ ଯେ ସମସ୍ତ ପ୍ରକାର ଅର୍ଥ ଯୋଗାଣ ଅଧିକ ଉପଲବ୍ଧ, ସୁଗମ ଏବଂ ସୁଲଭ ହେବା ଆବଶ୍ୟକ । ସେହିଭଳି ସେ ପ୍ରତିଶ୍ରୁତି ଦେଇ ଅର୍ଥ ଦେବାରେ ବିଳମ୍ବ କରିଥିବା ଦେଶଗୁଡ଼ିକୁ ତାହା ପ୍ରଦାନ କରିବାକୁ ଆହ୍ୱାନ ଦେଇଛନ୍ତି । କିନ୍ତୁ ଜି୨୦ ଅଧ୍ୟକ୍ଷ ଭାବେ ୟୁଏଇ ଏ କ୍ଷେତ୍ରରେ ନେତୃତ୍ୱ ନେବାର ଦାୟିତ୍ୱ ରହିଛି । କପ୍୨୮କୁ ଆରମ୍ଭ କରିବାର ସର୍ବୋତ୍ତମ ଉପାୟ ହେଉଛି ଆବୁଧାବି ଜାତୀୟ ତୈଳ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ତଥା ଗୋଷ୍ଠୀ ସିଇଓ ଅଲ୍ ଜାବର ତାଙ୍କ ଦେଶ ଆୟରୁ ୩ ବିଲିୟନ ଡଲାର ଦେବେ ଓ ଅନ୍ୟ ଧନୀ ଗଲ୍ଫ ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ସେହିପରି କରିବାକୁ ପ୍ରେରିତ କରିବେ ବୋଲି ଘୋଷଣା କରିବାକୁ ହେବ । ଅନୁଦାନ ଅର୍ଥରୁ ଅଧାରୁ ଅଧିକ ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡକୁ ଯାଇପାରେ, ଯାହା ଉପରେ କପ୍୨୭ ରେ ସହମତି ହୋଇଥିଲା । କିନ୍ତୁ ଆରମ୍ଭରୁ ଅଳ୍ପ ଅର୍ଥ ମିଳିପାରିଛି, ବାକିଗୁଡିକ ପୁଞ୍ଜି ଭାବରେ ବ୍ୟବହୃତ ହୋଇଛି ଏବଂ ଜଳବାୟୁ ପ୍ରଭାବ ହ୍ରାସ ପାଇଁ ନୂତନ କାର୍ଯ୍ୟକ୍ରମ ପାଇଁ ଅନୁଦାନ ପ୍ରଦାନ କରାଯାଇଛି । ଅନ୍ତର୍ଜାତୀୟ ସମୁଦାୟ ଏହି ଆଦାୟ ପାଣ୍ଠିକୁ ବିକାଶଶୀଳ ଦେଶଗୁଡ଼ିକ ପାଇଁ ଏକ ବ୍ୟାପକ ଆର୍ଥିକ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ବ୍ୟବହାର କରିବା ଆବଶ୍ୟକ । ଏହି ନୀତି ଉପରେ ଆଧାରକରି ଧନୀ ଓ ଅତ୍ୟଧିକ ପ୍ରଦୂଷଣ କରୁଥିବା ଦେଶଗୁଡ଼ିକ ବିଶ୍ୱ ତାପନରେ ଅଧିକ ପ୍ରଭାବିତ ଗରିବ ଦେଶଗୁଡ଼ିକର ସାହାଯ୍ୟ କରିବା ଲାଗି ଅଧିକ ଅର୍ଥ ଯୋଗାଇଦେବା ଉଚିତ । କେବଳ ସହାୟତା ବଜେଟ ବୃଦ୍ଧି କରାଯିବା ଉଚିତ ନୁହେଁ, ଗରିବ ଦେଶଗୁଡ଼ିକ ପାଇଁ ବିଶ୍ୱବ୍ୟାଙ୍କର ଅର୍ଥ ଯୋଗାଣ ସଂସ୍ଥା ଅନ୍ତର୍ଜାତୀୟ ବିକାଶ ସଂଘ( ଆଇଡିଏ) ମଧ୍ୟ ଆସନ୍ତା ବର୍ଷ ଅତ୍ୟଧିକ ଅର୍ଥ ସଂଗ୍ରହ କରିବା ଦରକାର ।

ସ୍ୱଳ୍ପ ଆୟକାରୀ ଦେଶଗୁଡିକ ପାଇଁ ୯୦ ବିଲିୟନ ଡଲାରର ରିହାତି ଅର୍ଥ ପ୍ରଦାନ କରିବା ହେଉଛି ଅର୍ଥନୀତିଜ୍ଞ ଏନ୍.କେ. ସିଂ ଏବଂ ଆମେରିକାର ପୂର୍ବତନ ଟ୍ରେଜେରି ସେକ୍ରେଟାରି ଲରେନ୍ସ ଏଚ୍ ସୁମର୍ସଙ୍କ ରିପୋର୍ଟର କେନ୍ଦ୍ରବିନ୍ଦୁ । ସେମାନେ ଯୁକ୍ତି କରନ୍ତି, ମଲ୍‌ଟିଲାଟେରାଲ ଡେଭଲପମେଣ୍ଟ ବ୍ୟାଙ୍କ ବା ବହୁପକ୍ଷୀୟ ବିକାଶ ବ୍ୟାଙ୍କ (ଏମ୍‌ଡିବିଏସ୍)ର ବ୍ୟବସ୍ଥା ତାହାର ସାମଗ୍ରିକ କ୍ଷମତା ବୃଦ୍ଧି କରିବା ଆବଶ୍ୟକ । ଅର୍ଥାତ୍, ମଧ୍ୟମ ଆୟକାରୀ ଦେଶଗୁଡିକ ପାଇଁ ବର୍ଷକୁ ଯାହା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି, ତାହାକୁ ୩ଗୁଣ ବଢ଼ାଇ ୩୦୦ ବିଲିୟନ ଡଲାର କରିବା ଦରକାର । ସେମାନଙ୍କର ପ୍ରସ୍ତାବର ଏକ ଅଂଶ ଭାବରେ ବିଶ୍ୱବ୍ୟାଙ୍କର ପୁନଃ ପୁଞ୍ଜୀକରଣ ଅନ୍ତର୍ଭୁକ୍ତ ହୋଇଛି । ସେମାନେ ଗ୍ୟାରେଣ୍ଟିର ବ୍ୟାପକ ବ୍ୟବହାରକୁ ସମର୍ଥନ କରନ୍ତି । ଉଚ୍ଚ ଆୟକାରୀ ଦେଶଗୁଡିକ ଏଭଳି ଗ୍ୟାରେଣ୍ଟି ପ୍ରଦାନ କରିପାରନ୍ତି ଏବଂ ଏହା କରିବା ଉଚିତ, ଯାହାଦ୍ୱାରା ଏମ୍‌ଡିବି ପୁଞ୍ଜିବଜାରରୁ ଆକର୍ଷଣୀୟ ସର୍ତ୍ତରେ ଋଣ କରିବାକୁ ସକ୍ଷମ ହେବ । ଏଭଳି ପଦକ୍ଷେପଗୁଡ଼ିକ ଠିକ୍ ଭାବରେ ପରିଚାଳିତ ହେଲେ ତାହା ଘରୋଇ କ୍ଷେତ୍ରର ଋଣ ପ୍ରଦାନକୁ ସଞ୍ଚାଳିତ କରିପାରିବ,ଯାହା ଜଳବାୟୁ ଲକ୍ଷ୍ୟ ସବୁକୁ ପୂରଣ କରିବା ପାଇଁ ଜରୁରୀ । ଶୁଳ୍କ ଏବଂ ଗ୍ୟାରେଣ୍ଟିର ବ୍ୟବହାର ଉପରେ ଯଦି କପ୍୨୮ ରେ ସହମତି ପ୍ରକାଶ ପାଏ ତେବେ ୨୦୩୦ ସୁଦ୍ଧା ବିକାଶଶୀଳ ଦେଶଗୁଡ଼ିକୁ ବାର୍ଷିକ ୧ ଟ୍ରିଲିୟନ ଡଲାର ଯୋଗାଇଦେବାରେ କପ୍୨୮ ଏକ ଉପଯୋଗୀ ପ୍ଲାଟ୍‌ଫର୍ମ ହୋଇପାରେ ।

ସତୁରି ବର୍ଷ ପୂର୍ବେ, ମୂଳ ମାର୍ଶାଲ ଯୋଜନା ଅଧୀନରେ ଆମେରିକା ଯୁଦ୍ଧ ପରେ ପୁନର୍ନିର୍ମାଣ ପାଇଁ ୟୁରୋପକୁ ୧୩.୩ ବିଲିୟନ ଡଲାର (ଆଜିର ଅର୍ଥରେ ୧୬୯ ବିଲିୟନ ଡଲାର) ଋଣ ଦେଇଥିଲା । ବିଶ୍ୱସ୍ତରୀୟ ନେତୃତ୍ୱର ଏହା ଏକ ଉଲ୍ଲେଖନୀୟ କାର୍ଯ୍ୟ ଥିଲା ଯାହା ଦଶନ୍ଧି ଧରି ସ୍ଥିର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରିଥିଲା । ଆଜିର ବିଶ୍ୱ ସମ୍ମୁଖୀନ ହେଉଥିବା ସଙ୍କଟଗୁଡିକ ସମ୍ପୂର୍ଣ୍ଣ ଭିନ୍ନ । ଏଣୁ ପ୍ରତିକ୍ରିୟାର ସ୍ତର ସମାନ ଭାବରେ ଉଚ୍ଚାଭିଳାଷୀ ହେବା ଆବଶ୍ୟକ । ଗ୍ଲୋବାଲ ସାଉଥ୍ ଦେଶଗୁଡିକ ଆଗକୁ ବଢ଼ିବାକୁ ରାସ୍ତା ଖୋଜୁଛନ୍ତି । ବର୍ତ୍ତମାନ ଗ୍ଲୋବାଲ ନର୍ଥରେ ଥିବା ସେମାନଙ୍କର ପ୍ରତିପକ୍ଷ ଧନୀଦେଶଗୁଡ଼ିକ ପଦକ୍ଷେପ ଗ୍ରହଣକରି ଆବଶ୍ୟକ ଅର୍ଥ ଯୋଗାଇଦେବା ଉଚିତ । ପ୍ରକୃତରେ ସେମାନଙ୍କ ପାଖରେ ହିଁ ଅର୍ଥ ଅଛି । କିନ୍ତୁ ପରବର୍ତ୍ତୀ ସଙ୍କଟ ଆସିବା ପୂର୍ବରୁ ଆମକୁ ରାଜନୈତିକ ସ୍ତରରେ ବିଚାରକରି ତାହାକୁ ବ୍ୟବହାର କରିବାକୁ ପଡ଼ିବ ।

**ପୂର୍ବତନ ପ୍ରଧାନମନ୍ତ୍ରୀ, ବ୍ରିଟେନ୍**

# ଟିକସ କମାଅ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଗଲା ମାସରେ କେନ୍ଦ୍ର ସରକାର ଯେତେବେଳେ ଘରୋଇ ରନ୍ଧନ ଗ୍ୟାସ ଏଲ୍‌ପିଜିର ସିଲିଣ୍ଡର ପିଛା ମୂଲ୍ୟ ୨୦୦ଟଙ୍କା ହ୍ରାସ କଲେ, ସେତେବେଳେ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ହ୍ରାସ ପାଇବା ଆଶା କରାଯାଉଥିଲା । ମାତ୍ର ଏବେ ଏହି ଆଶା କେବଳ ଆଶାରେ ରହିଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କହିବା ବାହୁଲ୍ୟ ଯେ ଗତ ୩ମାସ ଧରି ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବଢ଼ି ବଢ଼ି ଚାଲିଛି । ଆନ୍ତର୍ଜାତିକ ବଜାରରେ ତୈଳ ଦର ବଢ଼ିଲେ, ଆମ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବଢ଼ିଥାଏ । ପେଟ୍ରୋଲ ଓ ଡିଜେଲ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ହେବା ପରେ ଦୈନନ୍ଦିନ ଏହାର ମୂଲ୍ୟ ତୈଳ କମ୍ପାନୀଗୁଡିକ ବୃଦ୍ଧି କରିଥାନ୍ତି କିମ୍ବା ହ୍ରାସ କରିଥାନ୍ତି । କିନ୍ତୁ ଦେଶରେ ଏବେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଗତବର୍ଷ ମେ' ମାସଠାରୁ ଅର୍ଥାତ୍ ଗତ ୧୬ମାସ ଧରି ସ୍ଥିର ରହିଛି । ଏବେ ଗତ ୩ମାସ ଧରି କ୍ରମାଗତ ଭାବେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ୧୦୦ଡଲାର ଅତିକ୍ରମ କରିଥିଲେ ମଧ୍ୟ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଏବେ ବୃଦ୍ଧି ପାଇବାର ସମ୍ଭାବନା ଆଦୌନାହିଁ । ଆଗକୁ ତଥା ଚଳିତ ବର୍ଷ ଶେଷ ଆଡକୁ ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ୨୦୨୪ ଏପ୍ରିଲ କିମ୍ବା ମେ' ମାସରେ ଦେଶରେ ଲୋକସଭା ନିର୍ବାଚନ ହେବ । ତେଣୁ ନିର୍ବାଚନ ଶେଷ ନ ହେବା ପର୍ଯ୍ୟନ୍ତ ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବଢ଼ିବ ନାହିଁ କିମ୍ବା ହ୍ରାସ ପାଇବନାହିଁ । ମୂଲ୍ୟ ସ୍ଥିର ରହିବ ।

ସ୍ମରଣ କରାଯାଇପାରେ ଯେ ହିମାଚଳ ପ୍ରଦେଶରେ ସରକାର ଥାଇ ମଧ୍ୟ ଭାଜପା ଗୋଟିଏ ଲୋକ ସଭା ଓ ଦୁଇଟି ବିଧାନସଭା ଉପନିର୍ବାଚନରେ ଶୋଚନୀୟ ଭାବେ ପରାସ୍ତ ହେବା ପରେ ଦେଶରେ ସେହିଦିନଠାରୁ ତୈଳ ଦରରେ ବୃଦ୍ଧି ଘଟି ନାହିଁ । ବରଂ କେନ୍ଦ୍ର ସରକାର ସେତେବେଳେ ଲିଟର ପିଛା ୫ଟଙ୍କା କେନ୍ଦ୍ରୀୟ ଟିକସ ହ୍ରାସ କରିବା ସହ ରାଜ୍ୟମାନଙ୍କୁ ମଧ୍ୟ ଟିକସ ହ୍ରାସ କରିବାକୁ ଅନୁରୋଧ କରିଥିଲେ । କେବଳ ଭାଜପା ଶାସିତ ରାଜ୍ୟଗୁଡିକ କେନ୍ଦ୍ର ସରକାରଙ୍କ ଅନୁରୋଧକୁ ରକ୍ଷା କରି ଲିଟର ପିଛା ୫ରୁ ୭ଟଙ୍କା ରାଜ୍ୟ ଟିକସ କମାଇଥିଲେ । ତଥାପି ଦେଶରେ ଏବେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଲିଟର ପିଛା ୧୦୦ଟଙ୍କା ଉପରେ ରହିଛି । ଅନ୍ୟପକ୍ଷରେ ଦେଶରେ ଘରୋଇ ରନ୍ଧନ ଗ୍ୟାସର ମୂଲ୍ୟ ସିଲିଣ୍ଡର ପିଛା ମୂଲ୍ୟ ୧୧୨୫ରୁ ୧୧୩୫ ଟଙ୍କା ରହିଥିବାବେଳେ ନିର୍ବାଚନ ଓ ଖାଉଟିଙ୍କ ଅସନ୍ତୋଷକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ସିଲିଣ୍ଡର ପିଛା ୨୦୦ଟଙ୍କା ହ୍ରାସ କରିଥିଲେ । ଦେଶରେ ନିକଟ ଅତୀତରେ ତୈଳ ଦର ବୃଦ୍ଧି ଆଶଙ୍କା ନ ଥିବା ସତ୍ତ୍ୱେ ଦେଶରେ ଅର୍ଥନୀତି ଉପରେ ବିରାଟ ବୋଝ ଅର୍ଥାତ୍ ଚାପ ସୃଷ୍ଟି କରିଛି । ଗୋଟିଏ ପଟେ ତୈଳ କମ୍ପାନୀଗୁଡିକ ଉଚ୍ଚା ଦରରେ ଚାହିଦା ମୁତାବକ ଆମଦାନୀ କରିବାକୁ ବାଧ୍ୟ ହେଉଥିବାବେଳେ ଅନ୍ୟପଟେ କ୍ଷତିର ପରିମାଣ ମଧ୍ୟ ବଢ଼ି ଚାଲିଛି । ଏହା ସତ୍ୟ ଯେ, ଦେଶରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଦ୍ୱାରା ପରିବହନଜନିତ ବ୍ୟୟ ଭାର ବୃଦ୍ଧି ଯୋଗୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଛି । ଖାଉଟିଙ୍କ ଉପରେ ମହଙ୍ଗା ମାଡ଼ ଯୋଗୁ ଗୋଟିଏ ପଟେ ଖାଉଟିଙ୍କ ବ୍ୟୟ ବଢ଼ି ଚାଲିଥିବାବେଳେ ଅନ୍ୟପଟେ 'ସଞ୍ଚୟ' ହାର ହ୍ରାସ ପାଇଥିବା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ ଚିନ୍ତା ପ୍ରକଟ କରିଛି । ଅନ୍ୟପକ୍ଷରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ରାଜସ୍ୱ ସଂଗ୍ରହର ମୁଖ୍ୟ ଉତ୍ସ ପାଲଟିଛି । କହିବା ବାହୁଲ୍ୟ ଯେ ଏକ ଲିଟର ପେଟ୍ରୋଲ ଉପରେ କେନ୍ଦ୍ର ସରକାରଙ୍କ ଟିକସ ହାର ପ୍ରାୟ ୩୩ ପ୍ରତିଶତ ରହିଥିବାବେଳେ ରାଜ୍ୟମାନଙ୍କ ଭାଟ୍ ଓ ଅନ୍ୟାନ୍ୟ ଟିକସ ହାର ୨୦ ପ୍ରତିଶତରୁ ଅଧିକ ରହିଛି । ଅର୍ଥାତ୍ ଗୋଟିଏ ଲିଟର ପେଟ୍ରୋଲର ପ୍ରକୃତ ମୂଲ୍ୟ ଉପରେ ୫୦ରୁ ୬୦ ପ୍ରତିଶତ ଟିକସ ରହିଛି, ଯାହାର ପରିଣତି ସ୍ୱରୂପ ଖାଉଟି ବ୍ୟୟଭାର ଓ ମହଙ୍ଗାମାଡ଼ର ସମ୍ମୁଖୀନ ହେଉଛନ୍ତି । ଖାଉଟିଙ୍କୁ ମହଙ୍ଗାମାଡ଼ରୁ ସୁରକ୍ଷା ଦେବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବର୍ତ୍ତମାନଠାରୁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ ରଖିବା ଦରକାର । ତେବେ ଏହାର ଗୋଟିଏ ଉପାୟ ହେଉଛି, ତୈଳ ଉପରେ ଲାଗୁ ହୋଇଥିବା ଟିକସ ହ୍ରାସ କରିବା ।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

ବୁଲାପ୍ରାଣୀଙ୍କ ପେଟ ଭରିବା ସହ ସେମାନଙ୍କ ସେବାରେ ସଦା ବ୍ୟସ୍ତ ରହୁଛନ୍ତି ଗାଜିଆବାଦର ନୀହାରିକା ରାଣା । ସେ ପ୍ରତିଦିନ ୧୦୦ଟି ବୁଲାକୁକୁରଙ୍କୁ ଖାଇବାକୁ ଦେଉଛନ୍ତି । ଏବେ ସୁଦ୍ଧା ସେ ମୋଟରେ ୫୦୦ ବୁଲା କୁକୁରଙ୍କୁ ଉଦ୍ଧାର କରିସାରିଲେଣି । ନୀହାରିକାଙ୍କ ବୟସ ଏବେ ୨୫ । ସେ ୩ ବର୍ଷ ହେଲା ଆହତ ପ୍ରାଣୀଙ୍କୁ ଉଦ୍ଧାର କରୁଛନ୍ତି । ଏହି ଅଭିଯାନ ନିଜେ ଓ ନିଜ ଚାକିରି ଆୟରୁ ଖର୍ଚ୍ଚ କରୁଛନ୍ତି । ପିଲାବେଳୁ ନୀହାରିକା ରାସ୍ତାରେ ବୁଲୁଥିବା କୁକୁରମାନଙ୍କୁ ଖାଇବାକୁ ଦେଉଥିଲେ । ସେ ତାଙ୍କ କଲେଜ ପ୍ରୋଜେକ୍ଟ ପାଇଁ ପ୍ରାଣୀ ଉଦ୍ଧାର କରିବା କାର୍ଯ୍ୟକୁ ଚୟନ କରିଥିଲେ, ଯେଉଁଥିରେ ସେ ରାସ୍ତାରେ ବୁଲି ଆହତ କିମ୍ବା ରୋଗଗ୍ରସ୍ତ କୁକୁରମାନଙ୍କୁ ସାହାଯ୍ୟ କରୁଥିଲେ । କିଛିଦିନ ପରେ ଏହି ପ୍ରୋଜେକ୍ଟ ଶେଷ ହୋଇଯିବା ପରେ ସେ ଆଉ ତାହା ବନ୍ଦ କରି ନ ଥିଲେ । କୋଭିଡ୍ ମହାମାରୀ ସମୟରେ ସେ ଏହି କାର୍ଯ୍ୟକୁ ବଢ଼ାଇଥିଲେ । ସେତେବେଳେ ସେ ପ୍ରଥମେ ୨୫ଟି କୁକୁରଙ୍କୁ ଖାଇବାକୁ ଦେଉଥିଲେ ଓ ତାହା ବଢ଼ି ୧୨୦ରେ ପହଞ୍ଚିଥିଲା । କୋଭିଡ୍ ସମୟରେ ନୀହାରିକା ଘରପାଖରୁ ୧୦ କି.ମି. ଦୂର ଯାଇ କୁକୁରଙ୍କୁ ଖାଇବାକୁ ଦେଉଥିଲେ । ପ୍ରତିଦିନ ସକାଳୁ ଉଠି ସେ ଖାଦ୍ୟ ପ୍ରସ୍ତୁତ କରି ତାହାକୁ ନେଇ ରାସ୍ତାକୁ ବାହାରିଯାଉଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଅକ୍ଟୋବର ୧୯୯୮

- କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ସୁଷମା ସ୍ୱରାଜ ଦିଲ୍ଲୀ ଭାଜପା ବିଧାୟକ ଦଳର ନେତ୍ରୀ ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ ।
- ବିଜୟୱାଡାର ଭବାନୀପୁରମ୍ ଅନ୍ତର୍ଗତ ଶିବାଳୟ ଶିଭାରୁଲୁ ଅଞ୍ଚଳରେ ଥିବା ଏକ ବାସଗୃହରେ ବାଣ ତିଆରି ଚାଲିଥିବାବେଳେ ବିସ୍ଫୋରଣ ଘଟି ୧୧ ମୃତ ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | 2 | | 4 | 6 | | |
| | | | | | | 5 | | |
| | 6 | | | | | 3 | 9 | |
| | | 4 | 6 | 5 | 2 | 9 | | |
| | 7 | | | | | | | |
| | | 8 | | | | | | 5 |
| | | | | | 9 | | | |
| | 2 | 5 | 7 | | | | | |
| | | | | 8 | 3 | 7 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 5 | 6 | 2 | 4 | 3 | 7 | 1 |
| 3 | 7 | 6 | 5 | 1 | 8 | 9 | 4 | 2 |
| 2 | 4 | 1 | 9 | 3 | 7 | 6 | 8 | 5 |
| 4 | 2 | 7 | 1 | 5 | 3 | 8 | 6 | 9 |
| 6 | 3 | 9 | 7 | 8 | 2 | 1 | 5 | 4 |
| 5 | 1 | 8 | 4 | 6 | 9 | 2 | 3 | 7 |
| 7 | 6 | 4 | 8 | 9 | 1 | 5 | 2 | 3 |
| 1 | 5 | 2 | 3 | 7 | 6 | 4 | 9 | 8 |
| 9 | 8 | 3 | 2 | 4 | 5 | 7 | 1 | 6 |

ଗତକାଲିର ଉତ୍ତର

# ଶ୍ରୀମନ୍ଦିର ଓ ଶାଳୀନ ପୋଷାକ

ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ଓଡ଼ିଆ ଜାତିର ଆଧ୍ୟାତ୍ମିକ ପ୍ରାଣକେନ୍ଦ୍ର । ଏହାର ସୁରକ୍ଷା ପାଇଁ ଅତୀତରେ ଓଡ଼ିଆ ରାଜା ଓ ପ୍ରଜାଗଣ ଆଗକୁ ଆସି ବାହ୍ୟ ଶତ୍ରୁମାନଙ୍କ ଆକ୍ରମଣକୁ ପ୍ରତିହତ କରିଛନ୍ତି । ପରେ ଓଡ଼ିଶାର ନିର୍ବାଚିତ ଗଣତାନ୍ତ୍ରିକ ସରକାରଗୁଡ଼ିକ ବିଶେଷକରି ଏବକାର ଶାସନ ଶ୍ରୀମନ୍ଦିର ସୁରକ୍ଷା ତଥା ଏହାର ସୌନ୍ଦର୍ଯ୍ୟକରଣ ଲାଗି ଅହରହ ଚେଷ୍ଟିତ । ସେଥିପାଇଁ ଶ୍ରୀମନ୍ଦିର ଏବେ ସୁରକ୍ଷିତ ଓ ଏହାର କଳା ଭାସ୍କର୍ଯ୍ୟ ଅକ୍ଷତ । ନୀଳାଚଳ ଧାମ ସାରା ଜଗତରେ ଦିବ୍ୟ ଚେତନାର ବାହକ । ଶ୍ରୀମନ୍ଦିରରେ ବିରାଜିତ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ,ସୁଭଦ୍ରା ଓ ସୁଦର୍ଶନଙ୍କ ମହିମା ମଧ୍ୟ ବିଶ୍ୱବିଦିତ । ମନ୍ଦିରରେ ସବୁ ନୀତିକାନ୍ତି ବି ସ୍ୱତନ୍ତ୍ର । ଏତେସବୁ ଦିବ୍ୟ ଗରିମା ବହନ କରୁଥିବା ମନ୍ଦିରରେ ଏବେ ଧାଡ଼ି ଦର୍ଶନ ଖୁବ୍ ବ୍ୟବସ୍ଥିତ, ଶୃଙ୍ଖଳିତ । ତେବେ ପରିବର୍ତ୍ତିତ ସମୟକୁ ଲକ୍ଷ୍ୟ କରି ଶ୍ରୀମନ୍ଦିର ପ୍ରଶାସନ ଆଉ ପାଦେ ଆଗକୁ ଯାଇ ଦର୍ଶନ ବ୍ୟବସ୍ଥାରେ ଯୋଡ଼ିଛନ୍ତି ଡ୍ରେସ୍ କୋଡ୍ । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ନିୟମ ଅନୁଯାୟୀ ଶାଳୀନ ପୋଷାକ ନ ପିନ୍ଧିଲେ ଶ୍ରୀମନ୍ଦିର ପ୍ରବେଶ ଅନୁମତି ମିଳିବ ନାହିଁ । ଅକ୍ଟୋବର ୯ରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ନୀତି ସବ୍‌କମିଟି ବୈଠକରେ ଶ୍ରୀମନ୍ଦିର ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ଭକ୍ତମାନଙ୍କୁ ସମୟକ୍ରମେ ସଚେତନ କରାଯାଇ ଏହି ନିୟମ ୧ ଜାନୁୟାରୀ ୨୦୨୪ରେ କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଛି । ନିୟମ ମୁତାବକ ୧୨ ବର୍ଷରୁ କମ୍ ପିଲାଙ୍କ ପାଇଁ ଏହା ଲାଗୁ ହେବ ନାହିଁ । ୧୨ ବର୍ଷରୁ ଊର୍ଦ୍ଧ୍ୱ ଭକ୍ତମାନେ ଶାଳୀନ ପୋଷାକ ପିନ୍ଧିଲେ ମନ୍ଦିରରେ ପ୍ରବେଶ କରିବେ ।

ଶ୍ରୀମନ୍ଦିରରେ ଦିଅଁଙ୍କ ପାଇଁ ଖଞ୍ଜାଯାଇଛି ୧୨ ମାସରେ ତେର ପର୍ବ । ଶାନ୍ତିଶୃଙ୍ଖଳା ଓ ପବିତ୍ରତା ହେଉଛି ଏସବୁର ମୂଳମନ୍ତ୍ର । ଦର୍ଶନଠାରୁ ପୂଜା ବ୍ୟବସ୍ଥାରେ ମନ୍ଦିର ପ୍ରଶାସନର ରହିଛି ନିଷ୍ପାପର ଉଦ୍ୟମ । ତେବେ ଏବକାର ଡ୍ରେସ୍ କୋଡ୍ ମନ୍ଦିର ଇତିହାସରେଏକ ନୂତନ ଓ ସଂସ୍କାରଧର୍ମୀ ଅଭିଯାନ । ଅତୀତରୁ ଏଯାବତ୍ ମନ୍ଦିରର ସବୁ କାର୍ଯ୍ୟକଳାପକୁ ଏ ଜାତି ସର୍ବଦା ଗ୍ରହଣ କରିଛି ଓ ସମ୍ମାନ ଦେଇ ପାଳନ ମଧ୍ୟ କରିଆସୁଛି । ତେବେ ଡ୍ରେସ୍ କୋଡ୍‌କୁ ମାନିବାକୁ ଆଗଭର ବା ନ ହେବ କାହିଁକି ? ବେଶପୋଷାକ ଓ ଖାଦ୍ୟର ମନ ଉପରେ ଗଭୀର ପ୍ରଭାବ ଅଛି । ଏସବୁ ବ୍ୟକ୍ତିର ଅନ୍ତର୍ନିହିତ ଚେତନାକୁ ପ୍ରଭାବିତ କରେ । ଏଗୁଡ଼ିକ ସାତ୍ତ୍ୱିକ ହେଲେ ତାହାର ପ୍ରଭାବ ସକାରାତ୍ମକ ହୋଇଥାଏ । ଏଣୁ ଶ୍ରୀମନ୍ଦିରକୁ ଶାଳୀନ ପୋଷାକ ପିନ୍ଧି ଗଲେ ତାହାର ପ୍ରଭାବ ସକାରାତ୍ମକ ହେବା ସ୍ୱାଭାବିକ ।

ଦିଅଁଙ୍କର ସ୍ୱତନ୍ତ୍ର ନୀତିକାନ୍ତିରେ ସେମାନଙ୍କ ବେଶ ଓ ପୋଷାକର ଦିବ୍ୟ ପ୍ରଭାବ ଅଛି । ସେମାନଙ୍କ ଛପନଭୋଗ, ମହାପ୍ରସାଦ ସାତ୍ତ୍ୱିକ ଗୁଣ ଭରିଦିଏ । ତାଙ୍କ ଖାଦ୍ୟ ଓ ପୋଷାକ ପ୍ରତ୍ୟେକ ଭକ୍ତଙ୍କ ଚେତନାକୁ ସ୍ପନ୍ଦିତ କରୁଥିବାବେଳେ ଆମେ ଶାଳୀନ ପୋଷାକ ପିନ୍ଧି ଦର୍ଶନ କଲେ ମନରେ ଆହୁରି ଅଧିକ ଆଧ୍ୟାତ୍ମିକତା ଭରିଯିବ ନିଶ୍ଚୟ ।

ଧର୍ମନିରପେକ୍ଷ ଭାରତ ବର୍ଷରେ ବିଭିନ୍ନ ଧର୍ମର ବିଶେଷ ଧର୍ମୀୟ ଭାବନା ରହିଛି । ସଭିଙ୍କ ଧର୍ମୀୟ ନୀତି ନିୟମ ସ୍ୱତନ୍ତ୍ର । ମୁସଲମାନ



ସମ୍ପ୍ରଦାୟରେ ମସ୍‌ଜିଦରେ କିମ୍ବା ଖ୍ରୀଷ୍ଟଧର୍ମର ଚର୍ଚ୍ଚରେ ପୋଷାକର ସଂଯମତା ଦେଖିବାକୁ ମିଳେ । ଶିଖ୍ ଧର୍ମର ଗୁରୁଦ୍ୱାରରେ ନୀତି ଆଧାରିତ ପୋଷାକର ସ୍ୱଚ୍ଛତା ଓ ପବିତ୍ରତା ନିଆରା । ସେହିଭଳି କଶ୍ମୀରରୁ କନ୍ୟାକୁମାରୀ ଯାଏ ବିଭିନ୍ନ ରାଜ୍ୟରେ ଥିବା ହିନ୍ଦୁ ମନ୍ଦିରଗୁଡ଼ିକରେ ଡ୍ରେସ୍ କୋଡ୍ ଲାଗୁ ହୋଇସାରିଛି । ଜମ୍ମୁ-କଶ୍ମୀରର ବାଓ୍ୱେ ୱାଲି ମାତା ମନ୍ଦିର, ମହାରାଷ୍ଟ୍ର ନାଗପୁରସ୍ଥିତ ଦୁର୍ଗାମାତା ମନ୍ଦିର, ଅମ୍ବିକା ଦେବୀ ମନ୍ଦିର, ବିଠଲ ରୁକ୍ମିଣୀ ମନ୍ଦିର ସମେତ ୧୬ଟି ମନ୍ଦିରରେ ଡ୍ରେସ୍ କୋଡ୍ ଲାଗୁ କରାଯାଇଛି । ଏହା ବ୍ୟତୀତ ଉତ୍ତରାଖଣ୍ଡର ଦକ୍ଷିଣେଶ୍ୱର ମହାଦେବ ମନ୍ଦିର (ହରିଦ୍ୱାର) ଓ ନୀଳକଣ୍ଠ ମହାଦେବ ମନ୍ଦିର (ଋଷିକେଶ) ; ରାଜସ୍ଥାନର ଝାରଖଣ୍ଡ ମହାଦେବ ମନ୍ଦିର (ଜୟପୁର) ଏବଂ ଗୁଜରାଟର ଦ୍ୱାରିକାଧୀଶ ମନ୍ଦିର, ତାମିଲନାଡୁର କପିଳେଶ୍ୱର ଓ ପାର୍ଥସାରଥି ମନ୍ଦିର ସମେତ ଆହୁରି ଅନେକ ପୂଜାପୀଠରେ ଶାଳୀନ ପୋଷାକ ପିନ୍ଧିବାକୁ ନେଇ ନିୟମ କାର୍ଯ୍ୟକାରୀ ହୋଇଛି । ତେବେ ଏ କ୍ଷେତ୍ରରେ ଶ୍ରୀମନ୍ଦିର ପ୍ରଶାସନର ଏବକାର ନିଷ୍ପତ୍ତି ଏକ ନୂଆ ଫର୍ଦ୍ଦ ଯୋଡ଼ିହେବାକୁ ଯାଉଛି ।

ଡ୍ରେସ୍ କୋଡ୍‌ର ପ୍ରଭାବ ଅଛି ବୋଲି ଏହାକୁ ବିଭିନ୍ନ କ୍ଷେତ୍ରରେ ସ୍ୱୀକାର କରାଯାଇଛି । ଏହା ଶୃଙ୍ଖଳା ଓ ସମାନତାର ପ୍ରତୀକ । ଏହା ଏକୀକତ୍ୱ ଭାବର ସଙ୍କେତ । କେବଳ ଧର୍ମୀୟ ବିଚାରଧାରା କିମ୍ବା ବ୍ୟବସ୍ଥାରେ ନୁହେଁ, ବରଂ ଗଣତାନ୍ତ୍ରିକ ବିଚାରରେ ଏହା ଦେଖାଯାଇଛି । ଗତମାସ ଅର୍ଥାତ୍ ୨୭ ସେପ୍ଟେମ୍ବରରେ ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ମନ୍ଦିର ଭାବେ ପରିଚିତ ଆମେରିକାର କଂଗ୍ରେସ ସିନେଟ୍ ମଧ୍ୟ ଡ୍ରେସ୍ କୋଡ୍‌କୁ ପାସ୍ କରିଛି । ଶିକ୍ଷାର ମନ୍ଦିର ସ୍କୁଲ ଓ କଲେଜଗୁଡ଼ିକରେ ଡ୍ରେସ୍ କୋଡ୍‌ର ସକାରାତ୍ମକ ପ୍ରଭାବ ପରିଦୃଷ୍ଟ । ସଭିଙ୍କ ସହଯୋଗ, ସମ୍ମିଳିତ ପ୍ରୟାସ ଏବଂ ଏକମତ ରହିଲେ ଡ୍ରେସ୍ କୋଡ୍ ସୁରୁଖୁରୁରେ ପାଳନ କରାଯାଇପାରିବ ଓ ତାହା ଫଳପ୍ରସୂ ହୋଇପାରିବ । ସାମାଜିକ ସ୍ତରରେ ଏହାର ପ୍ରଭାବ ଯେମିତି ସୁଦୂରପ୍ରସାରୀ ଧର୍ମୀୟସ୍ତରରେ ଏହା ଅନନ୍ୟ । ଏଣୁ ଶ୍ରୀମନ୍ଦିରର ଏବକାର ଡ୍ରେସ୍ କୋଡ୍ ନିଷ୍ପତ୍ତି ଏକ ଦିବ୍ୟ ତଥା ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ନୀତିକୁ ଶ୍ରୀମନ୍ଦିରରୁ ଆରମ୍ଭ କରାଯାଇଛି ସତ, କିନ୍ତୁ ଏହାକୁ ଓଡ଼ିଶାର କୋଣ ଅନୁକୋଣରେ ଥିବା ଦେବଦେବୀଙ୍କ ମନ୍ଦିରକୁ ସମ୍ପ୍ରସାରିତ କରାଯିବା ଦରକାର । ଭୁବନେଶ୍ୱରର ପ୍ରଭୁ ଲିଙ୍ଗରାଜ, ପୁରୀର ପ୍ରଭୁ ଲୋକନାଥ, କାକଟପୁର ମା' ମଙ୍ଗଳା, ଝଙ୍କଡ଼ବାସିନୀ ମା' ଶାରଳା, କେନ୍ଦ୍ରାପଡ଼ାର ବଳଦେବଜୀଉ, ଯାଜପୁରର ମା' ବିରଜା, ଘଟଗାଁର ମା' ତାରିଣୀ, ସମ୍ବଲପୁରର ମା' ସମଲେଇ ଓ ରାୟଗଡ଼ାର ମଝିଘରିଆଣୀ ଆଦି ମନ୍ଦିରଗୁଡ଼ିକରେ ଶାଳୀନ ପୋଷାକ ପିନ୍ଧି ଦର୍ଶନ ବ୍ୟବସ୍ଥା କରାଯିବା ଆବଶ୍ୟକ । ପୁରୀ ନୀଳାଚଳ ଧାମରୁ ଆରମ୍ଭ ହୋଇଥିବା ଡ୍ରେସ୍ କୋଡ୍ ପ୍ରତ୍ୟେକ ଭକ୍ତଙ୍କୁ ଦିଅଁ ଦର୍ଶନ ପାଇଁ ପ୍ରେରିତ କରୁ, ଏତିକି ଆଶା ରଖିବା ।

**–ଶିବ ପ୍ରସାଦ ପୁହାଣ**

## ପାଠକ ଶ୍ରେଷ୍ଠ ବିଚାରକ

### କ'ଣ ପାଇଁ ଆମେରିକା ଯୁଦ୍ଧକୁ ଉସ୍‌କାଉଛି

ମହାଶୟ,

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବର୍ଷେରୁ ଊର୍ଦ୍ଧ୍ୱ ହୋଇଗଲାଣି । ବନ୍ଦ ହେବାର ନାଁ ଗନ୍ଧ ନାହିଁ । ଜାତିସଂଘ ମଧ୍ୟ ଅକର୍ମା । ପ୍ରାୟ ୫୦ବର୍ଷ ପୂର୍ବେ ଆମେରିକା ପ୍ରଥମେ ଚନ୍ଦ୍ରପୃଷ୍ଠକୁ ମନୁଷ୍ୟ ପଠାଇ ଗର୍ବ ଅନୁଭବ କରୁଥିଲା । କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଲିଟିଲ ବୟ ଓ ଫ୍ୟାଟମ୍ୟାନ୍ ନାମକ ୨ଟି ପରମାଣୁ ବୋମା ଜାପାନର ହିରୋସିମା ଓ ନାଗାସାକୀ ଉପରେ ପକାଇଦେଲା । ଲକ୍ଷ ଲକ୍ଷ ଲୋକ ମରିଗଲେ ଓ ଅନେକ ପଙ୍ଗୁ ହୋଇ ଗଲେ । ଆଜି ବି ସେଠାରେ ବିକଳାଙ୍ଗ ଶିଶୁ ଜନ୍ମ ହେଉଛନ୍ତି । ବର୍ତ୍ତମାନ ଯୁଦ୍ଧକୁ ବନ୍ଦ ନ କରି ୟୁକ୍ରେନକୁ ଇନ୍ଧନ ଯୋଗାଇଲା ଭଳି ଯୁଦ୍ଧାସ୍ତ୍ର ଯୋଗାଉଛି । ଏଥିପାଇଁ ଆମେରିକା ଲଜ୍ଜିତ ମନେକରିବା ଉଚିତ ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''ଜାଗ ଜାଗ ଜୀବନର
ସହଜ ସରଳ ପଥ ଲୋଡ଼ି
''ଜଟିଳ ଦୁଶ୍ଚିନ୍ତା ରାଜି ରହୁ ତବ
ପଛେ ଆଜି ପଡ଼ି ।

–(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଦ୍ୟୁତ୍ ଘରୋଇକରଣକୁ ବିରୋଧ

**ରସୁଲପୁର,୧୧।୧୦(ରଞ୍ଜିତ ରାଉତ):**

## ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ କର୍ମକର୍ତ୍ତା ।

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଗଣେଶ ବଜାର ହନୁମାନମନ୍ଦିର ପରିସରରେ ଗ୍ରାମାଞ୍ଚଳ ବିଦ୍ୟୁତ୍ ଉପଭୋକ୍ତା ଏକତା ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ପରିଚାଳନା ନୀତିକୁ ବିରୋଧ କରାଯାଇଛି। ବିଦ୍ୟୁତ୍ ବିତରଣ ଦାୟିତ୍ୱ ଟାଟା କମ୍ପାନୀ ହାତକୁ ଟେକି ଦେଇ ସରକାର ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ସ୍ୱାର୍ଥକୁ ବିରୋଧ କରୁଛନ୍ତି। ତେଣୁ ବିଦ୍ୟୁତ୍ ଘରୋଇ କରଣକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। କମ୍ପାନୀର ଚୁକ୍ତିକୁ ବାତିଲ କରି ସରକାର ବିଦ୍ୟୁତ୍ ବିଭାଗକୁ ନିଜ ଅଧୀନକୁ ନିଅନ୍ତୁ। ବିଜୁଳି ଉତ୍ପାଦନରେ ଓଡିଶା ରାଜ୍ୟ ବଳକା ହୋଇଥିବାରୁ ସରକାର ଗ୍ରାମାଞ୍ଚଳ ଉପଭୋକ୍ତାଙ୍କୁ ୧୫୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ବିଲ ଛାଡ଼ କରିବାକୁ ଦାବି ହୋଇଛି। ଏନେଇ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ବିଦ୍ୟୁତ୍ ନିୟମାକ ଆୟୋଗକୁ ପ୍ରଦାନ କରାଯାଇଛି। ମଞ୍ଚ ସଭାପତି ନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ବାଲିପାଟଣା ବିଦ୍ୟୁତ୍ ଉପଭୋକ୍ତା କମିଟି ସମ୍ପାଦକ ବାବୁଲି ସାହୁ, ଗ୍ରାମାଞ୍ଚଳ ଉପଭୋକ୍ତା ମଞ୍ଚର କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାମଲ, ପରାମର୍ଶଦାତା ମନମୋହନ ନନ୍ଦୀ, ଭାଗିରଥି ଦାସ ପ୍ରମୁଖ ଯୋଗଦେଇ ସରକାର ବିଦ୍ୟୁତକୁ ଘରୋଇକରଣ ଚୁକ୍ତିକୁ ବାତିଲ କରି ନିଜ ନିୟନ୍ତ୍ରଣକୁ ନିଅନ୍ତୁ ବୋଲି କହିଛନ୍ତି।

ମିଟର ସ୍ଥାପନଠାରୁ ଆରମ୍ଭ କରି ବିଲରେ ସର୍ଣ୍ଣି ଚାର୍ଜ ଆଦାୟ, ଅଧିକ ଲୋଡ ଦର୍ଶାଇ ଅର୍ଥ ଆଦାୟ, ମିଟର ସ୍ଥାପନ ଅବଧି ପରେ ଅର୍ଥ ଆଦାୟ, ବିନା କାରଣରେ ଚଢ଼ାଉ କରି ଫାଇନ ଆଦାୟ, ବିନା ବିଜୁଳି ବ୍ୟବହାରରେ ବିଲ ପ୍ରଦାନ କରି ଓଟିଏସ(ୱାନ ଟାଇମ୍ ସେଟଲମେଣ୍ଟ) ଆଳରେ ଅର୍ଥ ଆଦାୟ ଓ ପାଣି ପଞ୍ଚାୟତ ଜରିଆରେ ଚାଷୀଙ୍କୁ ଶୋଷଣ ଭଳି ବହୁ ଅନିୟମିତତା କରାଯାଉଛି। ତେଣୁ ମିଟର ସ୍ଥାପନ ବେଳେ ଉପଭୋକ୍ତାଙ୍କୁ ମିଟର ଟେଷ୍ଟିଂ ରିପୋର୍ଟ ପ୍ରଦାନ କରିବାକୁ ଦାବି ହୋଇଛି। ଦିନକୁ ୮ରୁ ୧୦ ଘଣ୍ଟା ବିଜୁଳି କାଟକୁ ବିରୋଧ କରାଯାଇଛି। ବିଲରେ ଇଲେକ୍ଟ୍ରିସିଟି ଡିୟୁଟି ଚାର୍ଜ ବାବଦକୁ ଅର୍ଥ ପୈଠ କରାଯାଉଛି। ତେବେ ଘରର ସର୍ଭିସ୍ ଲାଇନ ପରିବର୍ତ୍ତନ, ମିଟର ଆଦି ସ୍ଥାନାନ୍ତରଣ ବାବଦକୁ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଯିବା ଭଳି ବେଆଇନ କାର୍ଯ୍ୟକୁ ବନ୍ଦ କରିବା, ବିଜୁଳି କାଟ ପଛରେ ମିଟର ରିଡିଂ ବୃଦ୍ଧି ଘଟାଇବା, କମ୍ପାନୀ ପକ୍ଷରୁ ବ୍ୟବହାର ହେଉଥିବା ମିଟର ଗୁଡିକରେ ଅଧିକ ୟୁନିଟ୍ ବିଲ ଆସିବା ପାଇଁ କମ୍ପାନୀ ପକ୍ଷରୁ ଅଭିସନ୍ଧି ରଖାଯାଇଛି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ମଞ୍ଚର ବିଭିନ୍ନ ଦାବିକୁ ସରକାର ବିଚାରକୁ ନେଇ ଜନସ୍ୱାର୍ଥ ସମ୍ବଳିତ ନିଷ୍ପତ୍ତି ନେବାକୁ କମିଟିର କାର୍ଯ୍ୟକର୍ତ୍ତା ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିରେ ବ୍ୟତିକ୍ରମ ଘଟିଲେ ମଞ୍ଚ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବ ବୋଲି ଚେତାବନୀ ଦେଇଛି।

# ସାଇବର ସୁରକ୍ଷା ଅଭିଯାନ



ସାଇବର ସୁରକ୍ଷା ଅଭିଯାନରେ ଯୋଗଦେଇଥିବା ପୋଲିସ ଅଧିକାରୀ ଓ ଅନ୍ୟମାନେ ।

**କଳିଙ୍ଗନଗର,୧୧।୧୦ (ଶୁଭାଶିଷ ରାଉତ):**

ଟାଟା ଷ୍ଟିଲ କଳିଙ୍ଗନଗର(ଟିଏସ୍କେ) ପକ୍ଷରୁ ଯାଜପୁର ପୋଲିସ ସହଯୋଗରେ ଏହାର ହାଉସିଂ କମ୍ପ୍ଲେକ୍ସରେ ସାଇବର ନିରାପତା ଉପରେ ଏକ ସଚେତନତା ଅଭିଯାନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଶିଳ୍ପ, ସ୍ଥାନୀୟ ସମୁଦାୟ ଏବଂ ଟାଟା ଷ୍ଟିଲର ପରିବାର ସଦସ୍ୟଙ୍କ ସମେତ ପ୍ରାୟ ୨୦୦ ଲୋକ ଅଂଶଗ୍ରହଣ କରିଥିଲେ। କଳିଙ୍ଗନଗର ଏଏସ୍ପି ଏସ୍ ଟପ୍ପୋ, ଟିଏସ୍କେର ଏଚ୍ଆର୍ବିପି ମୁଖ୍ୟ ଯଶବନ୍ତ ପାଣ୍ଡେ, ଯଖପୁରା ଆଇଆଇସି ରଞ୍ଜନ କୁମାର ପ୍ରଧାନ ଓ ଯାଜପୁର ସାଇବର୍ ସେଲ ଟିମ୍ ସଦ୍ୟସ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଏସ୍କେର ସୁରକ୍ଷା ବିଭାଗ ମୁଖ୍ୟ ମୁକୁଲ କୁମାର, ଟାଟା ଷ୍ଟିଲ୍ର ଅନ୍ୟ ଅଧିକାରୀ, ଜେଏସଡବ୍ଲ୍ୟୁ, ଜେଏସ୍ଏଲ, ଭିସା ଷ୍ଟିଲ, ଏନ୍ଆଇଏନ୍ଏଲ୍, ଏଫଏପି, ଯାଜପୁର ଏବଂ ଅନ୍ୟାନ୍ୟ ଶିଳ୍ପ ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ସାଇବର ଅପରାଧ ଘଟାଇବା ପାଇଁ ଠକମାନେ ବ୍ୟବହାର କରୁଥିବା କୌଶଳ, ସୋସିଆଲ ମିଡିଆ ଠକେଇ, ୟୁପିଆଇ ଠକେଇ, ଏଟିଏମ ଠକେଇ ଓ ଅନଲାଇନ ବ୍ୟାଙ୍କିଙ୍ଗ୍ କାରବାର ଆଦି ବିଷୟ ଉପରେ ଆଲୋଚନା କରାଯାଇଥିଲା।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः– दिनांक–

आवश्यक सूचना

एतद् द्वारा सूचित किया जाता है कि इस कार्यालय द्वारा ई–निविदा संख्या–06/2023-24/RWD/ RANCHI, P.R.No.-308674 REO (23-24)_D द्वारा दैनिक समाचार पत्र में प्रकाशित हुई थी। इस निविदा को अपरिहार्य कारणवश रद्द किया जाता है। पुनः निविदा आमंत्रित की जायेगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR.NO.308889 REO(23-24):D

# ୩୧ ନଂ. ଜୋନ୍‌ରେ ଜନସମ୍ପର୍କ ପଦଯାତ୍ରା



ବିଧାୟିକାଙ୍କ ସମେତ କର୍ମୀମାନେ ପଦଯାତ୍ରାରେ ଯାଉଛନ୍ତି ।

**ଯାଜପୁର ଟାଉନ,୧୧।୧୦ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ବରୀ ବିଧାୟିକା ସୁନନ୍ଦା ଦାସଙ୍କ ନେତୃତ୍ୱରେ ବୁଧବାର ଯାଜପୁର ବ୍ଲକର ୩୧ ନମ୍ବର ଜୋନର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଜୋନ୍ ଏରବାଙ୍କ ପଞ୍ଚାୟତର ରଘୁନାଥପୁରଠାରୁ ଶତାଧିକ କର୍ମୀ ପଦଯାତ୍ରାରେ ବାହାରି ସୁଜନପୁର ବଜାର ପରିକ୍ରମାକରି ରୁଦ୍ରଚରଣ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ୩୧ ନମ୍ବର ଜୋନରେ ଥିବା ୮ ପଞ୍ଚାୟତ ଯଥା ; ସୁଜନପୁର, ଛତିଶଦେବିଲ, ଏରବାଙ୍କ, ସାହସପୁର, ରୁଦ୍ରପୁର, ଝାଲପଡ଼ା, ସାନସୁଆର ଓ ବଡ଼ ସୁଆର ପଞ୍ଚାୟତର ବରିଷ୍ଠ ନେତା କୁଳମଣି ବିଶ୍ୱାଳ, ଗଣେଶ ଚନ୍ଦ୍ର ମହାକୁଡ଼, ଅନିଲ କୁମାର ସାହାଣୀ, ଜିଲା ବିଜୁ ଜନତା ଦଳର ଉପସଭାପତି ପ୍ରକାଶ ତ୍ରିପାଠୀ, ଯାଜପୁର ବ୍ଲକ ସଭାପତି ପରେଶ୍ କୁମାର ବିଶ୍ୱାଳ, ତୁଷାରକାନ୍ତି ପରିଡ଼ା, ସରପଞ୍ଚ ଭାରତୀ ମଲିକ, କରୁଣାକର ଆଚାର୍ଯ୍ୟ, ନାରାୟଣ ଜେନା, ଦିବ୍ୟରଞ୍ଜନ ସାହ, ପ୍ରଶାନ୍ତ ରାଉତ, ବିଶ୍ୱଜିତ୍ ସାହାଣୀ, ଉମାକାନ୍ତ ସ୍ୱାଇଁ, ନିର୍ମଳ ସାମଲ, ପ୍ରମୋଦ ନାୟକ, ଉପେନ୍ଦ୍ର ବିଶ୍ୱାଳ, ପ୍ରଣବ ପ୍ରକାଶ ବିଶ୍ୱାଳ, ବାବନ ବିଶ୍ୱାଳ, ମନୋରଞ୍ଜନ ବିଶ୍ୱାଳ, ବିକ୍ରମ ପଡ଼ିହାରୀ ଓ କୃପାସିନ୍ଧୁ ମଲିକଙ୍କ ସମେତ ଦଳର ବହୁ କର୍ମୀ ଯୋଗ ଦେଇଥିଲେ।

# ବ୍ଲକ ପ୍ରଶାସନ ପକ୍ଷରୁ ବାଚସ୍ପତିଙ୍କୁ ସମ୍ବର୍ଦ୍ଧନା

**ସିଂହପୁର,୧୧।୧୦(ଅନଙ୍ଗ ଉଦୟ ବେଉରିଆ)**

ବିଞ୍ଝାରପୁର ବ୍ଲକ ପ୍ରଶାସନ ପକ୍ଷରୁ ବିଧାନସଭାର ନୂତନ ବାଚସ୍ପତି ପ୍ରମିଳା ମଲ୍ଲିକଙ୍କୁ ବୁଧବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ବିଡିଓ ବିଭୂଦେନ୍ଦ୍ର ଦାସ, ଏବିଡିଓ ବୀରେନ୍ଦ୍ର ଦାସ ଓ ଅନ୍ୟ କର୍ମଚାରୀମାନେ ବାଚସ୍ପତି ମଲ୍ଲିକଙ୍କ ବାସଭବନରେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ସେ ବିଞ୍ଝାରପୁର ମାଟି ପାଇଁ ଗୌରବ ଆଣିଛନ୍ତି। ତାଙ୍କର ସେବା ଓ ମାଟି ପ୍ରୀତି ତାଙ୍କୁ ସବୁ ମଣିଷଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଦେଇଛି ବୋଲି ବ୍ଲକ ଅଧ୍ୟକ୍ଷା ଦାସ କହିଛନ୍ତି ।

# ବ୍ୟାସନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ନିଲମ୍ବିତ

**ଯାଜପୁରରୋଡ, ୧୧।୧୦ (ପବିତ୍ର ରଞ୍ଜନ ମହାନ୍ତି):**



ବ୍ୟାସନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସ୍ୱାଇଁଙ୍କୁ ବୁଧବାର ନିଲମ୍ବନ କରାଯାଇଛି। କଲେଜର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଶିକ୍ଷାଦାନ କ୍ଷେତ୍ରରେ ଉପୁଜିଥିବା ଦ୍ୱନ୍ଦ୍ୱ ଦୂର କରିବାରେ ସ୍ୱାଇଁ ବିଫଳ ହେବା ନେଇ ପରିଚାଳନା କମିଟି ସଭାପତିଙ୍କ ଅଧ୍ୟକ୍ଷତାରେ ଦୁଇ ମାସ ତଳେ ଏକ ବୈଠକ କରାଯାଇଥିଲା। ଏଥିରେ ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରାଯାଇଥିଲା। ଏନେଇ ସ୍ୱାଇଁ ଇସ୍ତଫାପତ୍ର ମଧ୍ୟ ପ୍ରଦାନ କରିଥିଲେ। ହେଲେ କଲେଜ ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ଚାପ ସୃଷ୍ଟି ହୋଇଥିଲା। ଫଳରେ ଅଧ୍ୟକ୍ଷ ଇସ୍ତଫାପତ୍ର ଫେରାଇ ନେଇଥିଲେ। ଅଧ୍ୟକ୍ଷଙ୍କ ଉପରୁ ବିପଦ ଟଳିଯାଇଥିବା ଆଶଙ୍କା ପ୍ରକାଶ ପାଇବା ସହିତ କଲେଜରେ ସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅଧ୍ୟକ୍ଷ ପୂର୍ବପରି ନିଜ କାର୍ଯ୍ୟଭାର ତୁଲାଇଥିଲେ। ଗତ ସେପ୍ଟେମ୍ବର ୯ ତାରିଖରେ ଅନୁଷ୍ଠିତ କଲେଜ ଗଭର୍ଣ୍ଣିଂ ବଡି ମିଟିଂରେ ହୋଇଥିବା ନିଷ୍ପତ୍ତିର ସୁପାରିସ କ୍ରମେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅକ୍ଟୋବର ୧୧ ତାରିଖରେ ଚିଠି ନଂ.୪୪୩୫୩ ଅନୁଯାୟୀ କଲେଜ ଅଧ୍ୟକ୍ଷଙ୍କୁ ଅନୁଯାୟୀ ନିଲମ୍ବନ କରାଯାଇଥିବା ଦର୍ଶାଯାଇଛି। ନିଲମ୍ବନ ସମୟରେ ସ୍ୱାଇଁ ଭୁବନେଶ୍ୱରସ୍ଥିତ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି।

## ଗାଡ଼ି ଧକ୍କାରେ ମାନସିକ ବିକୃତ ଯୁବକଙ୍କ ମୃତ୍ୟୁ

**ପାଣିକୋଇଲି, ୧୧।୧୦(ବିକାଶ ମଲ୍ଲିକ):**

୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି–ଯାଜପୁରରୋଡ ରାସ୍ତାର ପଥରପଦା ପଞ୍ଚାୟତ ଓଡ଼ପଦା ଛକ ନିକଟରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମାନସିକ ବିକୃତ ଯୁବକଙ୍କ ମୃତ୍ୟୁ ହୋଇଛି। କୋରେଇ ପୋଲିସ, ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ମୃତକ ଦାନଗଦି ବ୍ଲକ ଗୋପାଳପୁର ଗ୍ରାମର ଟିକିନ ପାତ୍ର(୫୦) ବୋଲି ଜଣାପଡ଼ିଛି। ସେ ଗତ ସୋମବାରଠାରୁ ଘରୁ ପଳାଇ ଆସିଥିଲେ। ପରିବାର ଲୋକେ ତାଙ୍କୁ ଖୋଜି ପାଉ ନ ଥିଲେ।

आज़ादी का अमृत महोत्सव | G20

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)
OLATPUR, PO: BAIROI, DIST-CUTTACK, ODISHA

Ref. No.: AD 6B 19/06/2023 Date: 10th October, 2023

**WALK-IN-INTERVIEW**

Applications are invited from the eligible candidates for the post of "Senior Level Consultant (MSW)" on contractual basis for SVNIRTAR, Olatpur. Bairoi, Cuttack (Odisha).

| | | |
|---|---|---|
| 1. | Senior Level Consultant (MSW) | No. of post - 01, Age: Below 65 years |
| | Consolidated Pay | Rs.50,000/- per month (Consolidated) |
| | Essential Qualification and Experience | Master Degree in Social Science Or related field. Minimum 15 years' experience as Consultant in Social Developmental activities and consultancy of National and International repute. |
| | Duration | Initial period for 1 (one) year and extendable up to 3 years. |
| | Date, Time and Venue of the Interview | 19.10.2023 at 02:00 PM. Reporting time 09:30 hours Conference Hall of SVNIRTAR, Cuttack, (Odisha) |

For other terms and conditions, applicants are advised to visit our website https://www.svnirtar.nic.in or https://www. recruitment svnirtar.nic.in or www.crcguwahati.com for updated information in this regard.

Sd./-DIRECTOR

Office of District Manager
**ODISHA STATE CIVIL SUPPLIES CORPORATION LTD. (OSCSC)**
RAYAGADA, Phone: 9438200057
District Web site : www.rayagada.nic.in

Tender No. 1956 Dt-11.10.2023

District Manager, Odisha State Civil Supplies Corporation Ltd., **Rayagada** invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) **Handling** Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha for the Biennial Year 2023-25. |
| 2 | Availability of bid document in the portal | From **12.10.2023** |
| 3 | Last Date / Time for receipt of bids in the portal | **Dt.30.10.2023** up to **5.30 P.M.** |
| 4 | Date/Time of Opening of Technical Bid | **Dt.31.10.2023** at **11.00 A.M.** |
| 5 | Name and address of the Officer Inviting Tender | District Manager, OSCSC Ltd., **Rayagada** |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd., Rayagada

# ଲୋକଙ୍କ ସହ ଭାବ ବିନିମୟ କଲେ ବିଧାୟକ

**କୋରେଇ,୧୧।୧୦(ଚନ୍ଦ୍ରକାନ୍ତ ପତି):**


ପଦଯାତ୍ରା ପରେ ବିଧାୟକ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଆସିଛନ୍ତି ।

କୋରେଇ ବ୍ଲକ ଅଧୀନ ଗୌରପୁର ପଞ୍ଚାୟତରେ କୋରେଇ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯାଜପୁର ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଯେନା, ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ, ୨ ନମ୍ବର ଜିଲା ପରିଷଦ ସଦସ୍ୟ ଉମାକାନ୍ତ ମାଝି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଖଜୁରୀ ନାଲୁଆଛକରୁ ଶୋଭାଯାତ୍ରା ଆରମ୍ଭ ହୋଇ ଇଚ୍ଛାପୁର ଗ୍ରାମ ନିକଟରେ ଶେଷ ହୋଇଥିଲା। ଏଥିରେ ବିଧାୟକ ବଳଙ୍କ ସହିତ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ପଦଯାତ୍ରାରେ ବିଧାୟକ ଇଚ୍ଛାପୁର ଗ୍ରାମ ପରିକ୍ରମା କରିବା ସହିତ ଲୋକଙ୍କ ସହିତ ଭାବ ବିନିମୟ କରିଥିଲେ। ନୂତନ କରି ନିର୍ମାଣ କରାଯାଇଥିବା ଇଚ୍ଛାପୁର ଗ୍ରାମର ହିରନୀଶ୍ୱର ମନ୍ଦିର ମଣ୍ଡପ ଉଦ୍‌ଘାଟନ କରିବା ସହ କୁନ୍ତଳା କୁମାରୀ ଉଚ୍ଚ ବିଦ୍ୟାପୀଠକୁ ୫–ଟିରେ ରୂପାନ୍ତର, ଆବର୍ଜନା ଗୃହ, କଲ୍ୟାଣ ମଣ୍ଡପ ଓ ଏକ ଅଙ୍ଗନୱାଡି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ, ୧ ନମ୍ବର ଜିଲା ପରିଷଦ ସଭ୍ୟା ସସ୍ମିତା ତରାଇ, ଜିଲା ବିଜୁ ଯୁବ ଜନତା ଦଳର ପୂର୍ବତନ ସଭାପତି ପ୍ରତାପ ମହାନ୍ତି, ବିଧାୟକଙ୍କ ପ୍ରତିନିଧି ତାରକେଶ୍ୱର ମହାନ୍ତି, ଯୁବନେତା ରାକେଶ ମହାନ୍ତି, ପ୍ରଶାନ୍ତ ମହାପାତ୍ର, ସୌଭାଗ୍ୟ ମହାନ୍ତି ଓ ଅଥୟ ମହାନ୍ତିଙ୍କ ସମେତ ବ୍ଲକର ଅନେକ ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ।

# ଯାଜପୁର ପୌରାଞ୍ଚଳରେ ପଦଯାତ୍ରା



ଯାଜପୁର ପୌରାଞ୍ଚଳରେ ଅନୁଷ୍ଠିତ ପଦଯାତ୍ରା ।

**ଯାଜପୁର ଟାଉନ,୧୧।୧୦(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ପୌରାଞ୍ଚଳରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସହରର ଗାନ୍ଧିଛକ ନିକଟରୁ ହଜାର ହଜାର କର୍ମୀ ପଦଯାତ୍ରାରେ ବାହାରି ବିରଜା ମନ୍ଦିର ନିକଟରେ ପହଞ୍ଚିଥିଲେ। ପଦଯାତ୍ରାରେ ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ବିଜୁ ଯୁବ ଜନତା ଦଳର ପୌରାଞ୍ଚଳ ସଭାପତି ମନୋଜ ସାହୁ, ସମ୍ବିତ ନାୟକ, ପାର୍ଥସାରଥି ରାୟ, ହିରଣ୍ୟମୟ ମହାପାତ୍ର, ତାରିଣୀ ସନ୍ଧିବିଗ୍ରହ, ସେକ୍ ସାହାବୁଦ୍ଦିନ୍, ତୁଷାର ରଞ୍ଜନ ବେହେରା, ସେକ୍ ରମ୍‌ଜାନୀ, ସେକ୍ ଅବଦୁଲ ସାଜିଦ, ସିକନ୍ଦର ଆଲାମ ଓ ସେକ୍ ମାଲିଆଙ୍କ ସମେତ ସମସ୍ତ କାଉନସିଲର ଯୋଗ ଦେଇଥିଲେ।

यूनियन बैंक ऑफ इंडिया | Union Bank of India
भारत सरकार का उपक्रम A Government of India undertaking

**ଆସେଟ୍ ରିକଭରି ଶାଖା, ଡି-୨୬/୨୮, କନ୍ନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନ୍ନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - ubin0554723@unionbankofindia.bank**

**ବିକ୍ରୟ ନୋଟିସ**
**ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ**

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଏବଂ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ
ଏତଦ୍ଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ରଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ରଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ରଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ରଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ରଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ରଣଭାର/ ବିଚାରାଧୀନ ଏସ୍ଏ, ଯଦି ଥାଏ |
|---|---|---|---|---|---|---|
| **ରଣଗ୍ରହୀତା:** ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ, ଠିକଣା– ବି–୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ–୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାୟର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ – ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ–ଘରବାରି–୨, ଖାତା ନଂ. ୮୩୮ । **ଗ୍ୟାରେଣ୍ଟିଦାତା:** ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱା- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ଶିବାୟନ ତୁଳସୀପୁର ମଠସାହି, ପୋଷ୍ଟ– ବିଜୁ ପଟ୍ଟନାୟକ ଛକ, ଥାନା– ବିଡାନାସୀ, କଟକ, ଖଟ୍‌ବିନ ସାହି, ଓଡ଼ିଶା–୭୫୩୦୦୮ ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱା- ଶ୍ରୀ ଦୀପକ ଭରଦ୍ୱାଜ, ବି–୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ–୯୨ । ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର, ଶିବାୟନ ତୁଳସୀପୁର ମଠସାହି, ପୋଷ୍ଟ– ବିଜୁ ପଟ୍ଟନାୟକ ଛକ, ଥାନା– ବିଡାନାସୀ, କଟକ, ଖଟ୍‌ବିନ ସାହି, ଓଡ଼ିଶା–୭୫୩୦୦୮ । ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ, ବାସିନ୍ଦା– ସି–୬, ସେକ୍ଟର–୨୭, ନଏଡା–୨୦୧୩୦୧। | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରି ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ₹୩,୮୫,୩୫,୦୦୦/- / ₹୩୮,୫୩,୫୦୦/- / ₹୩,୮୬,୦୦୦/- | ୨୭।୧୦।୨୦୨୩ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ଣ ୫.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କକୁ ଜଣାନାହିଁ |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|
| ଗୋଡ଼ିପୁଟ | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| ମାଟିଆପଡ଼ା | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | ମୋଟ | ଏ.୨.୮୪୭ଡେସି. |
| | ୧୨୮୦/୮୯୧ | ୨୮୮/୫୧୧୭ | ଏ.୦.୫୬୭ଡେସି. | | | ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗଫୁଟ |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
– ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspxରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
– ସମ୍ପତ୍ତି ପାଇଁ, ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୁଖ୍ୟ ପ୍ରବନ୍ଧକ, ମୋବାଇଲ ନଂ.- ୮୯୫୦୮୬୦୯୨୨

ତାରିଖ: ୧୧।୧୦।୨୦୨୩, ସ୍ଥାନ: ନୂଆଦିଲ୍ଲୀ

ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ

ନୟାଗଡ଼,୧୧।୧୦(ଲୋକନାଥ ମିଶ୍ର): ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବାଜି ରାଉତଙ୍କର ୮୫ ତମ ଶ୍ରଦ୍ଧ ଦିବସ ବୁଧବାର ପାଳିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମ୍ବିକା ପ୍ରସାଦ ପଟ୍ଟନାୟକ ବାଜି ରାଉତଙ୍କ ବାଲ୍ୟ ଜୀବନୀ, ପ୍ରଜା ଆନ୍ଦୋଳନରେ ବାଜିଙ୍କ ଭୂମିକା, କ୍ରାନ୍ତିକାରୀ ମନୋବୃତ୍ତି, ନିର୍ଭୀକତ୍ତା ଉପରେ ଆଲୋକପାତ କରିଥିଲେ । ଇଂରେଜମାନଙ୍କ ଅକଥନୀୟ ଅତ୍ୟାଚାର ଉପରେ ଟିପ୍ପଣୀ ଦେଇଥିଲେ । ବିଦ୍ୟାଳୟର ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

### ମିଶନ ଶକ୍ତି ସ୍କୁଟର ଯୋଜନା, ୭୨ ଜଣ ପାଇଲେ

ନୟାଗଡ଼,୧୧।୧୦(ଲୋକନାଥ ମିଶ୍ର): ମିଶନ ଶକ୍ତି ସ୍କୁଟର ଯୋଜନାକୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଶୁଭାରମ୍ଭ କରିଛନ୍ତି। ପରେ ପରେ ନୟାଗଡ ଜିଲାରେ ଏହି ଯୋଜନାକୁ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମିଳିତ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନୟାଗଡ଼ ଜିଲାର ୭୨ଜଣଙ୍କୁ ସ୍କୁଟି ପ୍ରଦାନ କରାଯାଇଥିଲା । ତେବେ ୨୮୦ ଜଣ ମହିଳାଙ୍କୁ ସ୍କୁଟି ଦେବା ପାଇଁ ବ୍ୟାଙ୍କ ଅନୁମୋଦନ ମିଳିଥିଲା । ଏଥିରୁ ୧୪୬ ଜର ମହିଳା ସ୍କୁଟି ଡେଲିଭରି ହୋଇଛି । ୧୪୬ରୁ ୭୨ ଜଣ ସ୍କୁଟି ଜିଲାପାଳ ଅଫିସରୁ ନେଇଛନ୍ତି ।

### ଗଛରେ ପିଟି ହେଲା ବାଇକ୍, ଯୁବକ ମୃତ

ଖଣ୍ଡପଡ଼ା,୧୧।୧୦(ଅଜୟ କୁମାର ମହାରଣା) ଖଣ୍ଡପଡ଼ାରୁ ଗୁଣ୍ଡୁଣି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଶାଳଝରିଆ ଗ୍ରାମ ନିକଟସ୍ଥ ଆନିକଟଠାରେ ଏକ ବାଇକ୍ ଦୁର୍ଘଟଣାରେ ବୁଧବାର ରାଜେଶ କୁମାର ରାଉତ(୨୪)ଙ୍କ ମୃତ୍ୟୁ ଘଟିଛି। ଖଣ୍ଡପଡା ବ୍ଲକ ଗୁଣ୍ଡୁଣି ଗ୍ରାମ ରଘୁନାଥପୁର ସାହିର ରାଜେଶ କୌଣସି କାମ ପାଇଁ ବାଇକ୍‌ରେ ଖଣ୍ଡପଡ଼ା ଯାଇଥିଲେ। ଅପରାହ୍ନ ପ୍ରାୟ ୪ଟା ସମୟରେ ସେ ଖଣ୍ଡପଡ଼ାରୁ ଦ୍ରୁତଗତିରେ ଗାଁକୁ ଫେରୁଥିଲେ । ହେଲେ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱସ୍ଥ ଏକ ଗଛରେ ପିଟି ହୋଇଯାଇଥିଲା । ଫଳରେ ସେ ରାସ୍ତା କଡକୁ ଛିଟିକି ପଡି ଗୁରୁତର ହୋଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ମାତ୍ର ରାଜେଶଙ୍କ ମୃତ୍ୟୁ ହୋଇ ସାରିଥିବା ଡ଼ାକ୍ତର ଘୋଷଣା କରିଥିଲେ ।

### ଚୋରି ମାମଲାରେ ୨ ଗିରଫ

ଗୋପାଳପୁର,୧୧।୧୦(ନବୀନ ରାଜ ଆଚାରୀ) ଲୁହା ସାମଗ୍ରୀ ଚୋରି କରିବା ଅଭିଯୋଗରେ ବୁଧବାର ଗୋପାଳପୁର ଥାନା ପୋଲିସ ଦୁଇ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଆଡ଼ତଲାପୁଲୀ ଗ୍ରାମ ପି ନାରସୁମୁଲୁ (୫୬) ଓ କରାପୁଲୀ ଗ୍ରାମ ପପୁ ସାହୁ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ କରାପୁଲୀ ଗ୍ରାମରେ ସୁଧୀର କୁମାର ପଣ୍ଡା ଫାର୍ମ ହାଉସ କରିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଉକ୍ତ ଫାର୍ମ ହାଉସରେ ଦୁର୍ବୃତ୍ତ ମାନେ ଲୁହା ସାମଗ୍ରୀ ଚୋରି କରି ଚମ୍ପଟ ମାରିଥିଲେ। ବୁଧବାର ସକାଳେ ସୁଧୀର ଚୋରୀ ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଏ ନେଇ ଗୋପାଳପୁର ଥାନାରେ ସୁଧୀର ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନଂ ୩୯୭/୨୩ ପ୍ରକାରେ ପୋଲିସ ଚୋରୀ ମାମଲା ରୁଜୁ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ମାନଙ୍କୁ ପୋଲିସ ଚିହ୍ନଟ କରି ପପୁ ଓ ନାରସୁମୁଲୁ କାବୁ କରିଥିଲେ।

# ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ

ଛତ୍ରପୁର,୧୧।୧୦(ଦିଲୀପ ସାମଲ):



ସମୀକ୍ଷା ବୈଠକରେ ବରିଷ୍ଠ ଅଧିକାରୀମାନେ।

ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗର ଲକ୍ଷ୍ୟ ଧାର୍ଯ୍ୟ ପୂରଣ କରିବା ପାଇଁ କୁହାଯାଇଛି। ଗଞ୍ଜାମ ପରିବହନ ବିଭାଗ ପକ୍ଷରୁ ୯୬.୬୫ କୋଟି ଟାର୍ଗେଟରୁ ୪୩.୪୫ କୋଟି ଟଙ୍କା ରାଜସ୍ୱ ଆଦାୟ ହୋଇଛି ଏବଂ ଭଞ୍ଜନଗର ପରିବହନ ବିଭାଗ ୧୬.୪ କୋଟିରୁ ୬.୯୩ କୋଟି ଆଦାୟ କରିଥିବା ବୈଠକରେ କୁହାଯାଇଛି । ବଳକା ରାଜସ୍ୱ ନିର୍ଦ୍ଧାରିତ ସମୟରେ ଶେଷ କରିବା ସହ ଜିଲାରେ ସଡ଼କ ଦୁର୍ଘଟଣାରେ ଅଧିକ ଲୋକ ମୃତ୍ୟୁ ହେଉଥିବାରୁ ବ୍ୟାପକ ସଚେତନତା ସମେତ ଗାଡି ଚେକିଂକୁ ଜୋରଦାର କରିବାକୁ କୁହାଯାଇଛି । ସେହିପରି ଗଞ୍ଜାମ ଅବକାରୀ ବିଭାଗ ୯୮.୪ କୋଟି ଟିକସ ଆଦାୟ ଲକ୍ଷ୍ୟ ରହିଥିବା ବେଳେ ୪୫.୧୯ କୋଟି ଟଙ୍କା ଆଦାୟ କରିଛି। ୧୦୩୪ଟି ମାମଲା ରୁଜୁ ହୋଇଥିବା ବେଳେ ୩୫ଟି ଏନଡିପିଏସ ମାମଲା ରୁଜୁ ହୋଇଛି। ଏହାସହ ୯୨୯ଜଣ ଗିରଫ ହୋଇଥିବା ବେଳେ ୫୬୬ଟି ମାମଲାର ଚାର୍ଜସିଟ ଦାଖଲ ହୋଇଛି। ସେହିପରି ବ୍ରହ୍ମପୁର ଅବକାରୀ ବିଭାଗ ୮୪ କୋଟି ଟାର୍ଗେଟ ରଖିଥିବା ବେଳେ ୩୮.୧୨ କୋଟି ଟଙ୍କା ଆଦାୟ କରିପାରିଛି । ୮୧୧ଟି ଅବକାରୀ ମାମଲା ରୁଜୁ ହେବାସହ ୫୫୫ ଜଣ ଗିରଫ ହୋଇଛନ୍ତି ଓ ୩୦୦ଟି ମାମଲାର ଚାର୍ଜସିଟ ଦାଖଲ ହୋଇଛି। ଜିଲାରେ ବେଆଇନ ମଦ କାରବାର, ଚୋରାଚାଲାଣ ରୋକିବାକୁ କୁହାଯାଇଛି। ଏକ ଏନଫୋର୍ସମେଣ୍ଟ ଟିମ ଗଠନ କରି ଚଢ଼ାଉକୁ ଜୋରଦାର କରିବାକୁ କୁହାଯାଇଛି। ମାପ ଓଜନ ବିଭାଗ ୧ କୋଟି ୨୬ଲକ୍ଷ ୫୦ ହଜାର ଟଙ୍କାର ଟାର୍ଗେଟ ରଖିଥିବା ବେଳେ ୧୬ ପ୍ରତିଶତ ହାରରେ ୨୦ ଲକ୍ଷ୨୭ ହଜାର ୪୨୬ ଟଙ୍କା ଆଦାୟ କରିଛି। ସେହିପରି ଗ୍ରାମକଣ୍ଟକ ପଟ୍ଟା ଫଇସଲା କରି ହିତାଧିକାରୀଙ୍କୁ ବଣ୍ଟନ, ବେବନ୍ଦୋବସ୍ତ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଅଙ୍ଗନାବାଡି କେନ୍ଦ୍ର, ସ୍କୁଲ, ଆମ ବସଷ୍ଟାଣ୍ଡ ନିର୍ମାଣରେ ଯେଉଁଠି ଜାଗା ସମସ୍ୟା ରହିଛି ତୁରନ୍ତ ସମାଧାନ କରିବାକୁ ତହସିଲଦାରମାନଙ୍କୁ କୁହାଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବବ୍ରତ ସାହୁ, ବ୍ରହ୍ମପୁର ଉପଜିଲାପାଳ ଆଶିତୋଷ କୁଲକର୍ଣ୍ଣି, ଛତ୍ରପୁର ଉପଜିଲାପାଳ ପ୍ରସନ୍ନ ପାତ୍ର, ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ଭୂ.ଅର୍ଜନ ଅଧିକାରୀ ଡ.ଦୟାସିନ୍ଧୁ ପରିଡା, ଗଞ୍ଜାମ ଆରଟିଓ ମାନସ ରଞ୍ଜନ ସାହୁ, ଗଞ୍ଜାମ ଓ ବ୍ରହ୍ମପୁର ଅବକାରୀ ଅଧୀକ୍ଷକ, ସମସ୍ତ ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲା ପକାଇଲେ

## ୪ ଘଣ୍ଟା ପରେ ଉଦ୍ଧାର କଲା ପୋଲିସ

ନୟାଗଡ଼,୧୧।୧୦(ଲୋକନାଥ ମିଶ୍ର): ନୟାଗଡ଼ ଜିଲା ଇଟାମାଟି ଥାନା ମେଳାମ୍ବ ଅଙ୍ଗନୱାଡି କେନ୍ଦ୍ରରେ ବୁଧବାର ଶରଧାପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ ଆନନ୍ଦିନୀ ରନ୍ନଙ୍କୁ ସ୍ଥାନୀୟ ଗ୍ରାମବାସୀ ତାଲା ପକାଇ ଦେଇଥିଲେ । ଖବର ପାଇ ଇଟାମାଟି ଥାନା ପୋଲିସ ମେଳାମ୍ବ ଗାଁରେ ପହଞ୍ଚି ସ୍ଥାନୀୟ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟାରୁ ଅଟକ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଅପରାହ୍ନ ସାଢ଼େ ୩ଟାରେ ଛାଡିଥିଲେ । ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ହୋଇ ନାହିଁ । କେତେଜଣ ଲୋକଙ୍କ ସୂଚନା ଅନୁସାରେ ମହିଳା ସ୍ୱାସ୍ଥ୍ୟକର୍ମୀ ମେଳାମ୍ବ ଅଙ୍ଗନୱାଡି କେନ୍ଦ୍ରକୁ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ବୁଧବାର ପହଞ୍ଚିଥିଲେ । ମେଳାମ୍ବର ଜଣେ ୬ମାସର ଗର୍ଭବତୀ ମହିଳା ଟୀକା ନେବାକୁ ଆସିଥିଲେ । ଟୀକା ନେବା ପାଇଁ ନାମ ପଞ୍ଜୀକରଣ ହୋଇ ନ ଥିବାରୁ ବଡପଣ୍ଡୁସର ସ୍ୱାସ୍ଥ୍ୟକେନ୍ଦ୍ରରୁ ଅନୁମତି ନେଇ ପଞ୍ଜୀକରଣ କରିବାକୁ ପରାମର୍ଶ ଦେଇଥିଲେ । ଏଥିରେ ମହିଳାଙ୍କ ପରିବାର ଲୋକ ଉତ୍ତେଜିତ ହୋଇ ଗାଁ ଲୋକଙ୍କ ସହଯୋଗରେ ମହିଳା ସ୍ୱାସ୍ଥ୍ୟକମୀଙ୍କୁ ତାଲା ପକାଇ ଦେଇଥିଲେ । ଟୀକା ନେବାକୁ ଆସିଥିବା ମହିଳା ଗର୍ଭ ନଷ୍ଟ କରିବାକୁ ଯୋଜନା ରଖି ପଞ୍ଜୀକରଣ କରି ନ ଥିବା ଚର୍ଚ୍ଚା ହେଉଛି ।

ଗାଁ ଅଭିଯୋଗ ଅନୁସାରେ ମହିଳା ସ୍ୱାସ୍ଥ୍ୟକର୍ମୀ ଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଉ ନାହାନ୍ତି । ପ୍ରତିବାଦ କଲେ ବ୍ୟବହାର ଖରାପ କରୁଛନ୍ତି । ମୃତ୍ୟୁ ସାର୍ଟିଫିକେଟ ପାଇଁ ୧ ହଜାର ଲାଞ୍ଚ ମାଗୁଛନ୍ତି । ନିକଟରେ ମୃତ୍ୟୁ ବରଣ କରିଥିବା ଜଣେ ବୃଦ୍ଧାଙ୍କ ମୃତ୍ୟୁ ସାର୍ଟିଫିକେଟ ଟଙ୍କା ନ ଦେବାରୁ କରାଇ ଦେଉ ନାହାନ୍ତି । ପୁଅ ଝିଅ ଜନ୍ମ ହେଲେ ମିଠା ଖାଇବା ପାଇଁ ୫୦୦ ରୁ ୧ ହଜାର ମାଗୁଛନ୍ତି । ନ ଦେଲେ ବିଭିନ୍ନ ସମୟରେ ହଇରାଣ ହେଉଛନ୍ତି । ଏଣୁ ଗାଁ ଲୋକ ଆଲୋଚନା କରି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲା ପକାଇଛନ୍ତି । ସଂପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ବଦଳି କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବବୋଲି କହିଛନ୍ତି । ଇଟାମାଟି ଥାନା ଆଇଆଇସି ଦିଲୀପ ସ୍ୱାଇଁ କୁହନ୍ତି, ଅଭିଯୋଗ ପାଇ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଉଦ୍ଧାର କରିଛୁ । ତେବେ ଗାଁ ଲୋକ କି ମହିଳା ସ୍ୱାସ୍ଥ୍ୟକର୍ମୀ କେହି ହେଲେ ଲିଖିତ ଅଭିଯୋଗ କରି ନାହାନ୍ତି । ଅଭିଯୋଗ ମିଳିଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ତେବେ ଗାଁ ଲୋକ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସେବାରେ ସନ୍ତୁଷ୍ଟ ନୁହନ୍ତି ବୋଲି ମୌଖିକ ଅଭିଯୋଗ ହୋଇଛି। ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ବଦଳି କରିବାକୁ ଗାଁ ଲୋକ ଅଡି ବସିଛନ୍ତି ।ତେବେ ବୁଝାଶୁଝା ପରେ ଅଟକ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଛାଡିଦିଆଯାଇଛି। ।

## ପ୍ରଥମ ଥର ହାଇକୋର୍ଟରେ ହାତୀ ସୁରକ୍ଷା ବୈଠକ

# କରିଡର ନଷ୍ଟ ଦ୍ୱାରା ପ୍ରଭାବିତ ହେଉଛନ୍ତି ହାତୀ

କଟକ,୧୧।୧୦ (କାର୍ତ୍ତିକ ସାହୁ) ରାଜ୍ୟରେ ହାତୀ ସୁରକ୍ଷା ଦିଗରେ ହାଇକୋର୍ଟ ପ୍ରଥମ ଥର ପାଇଁ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ହାତୀ ମୃତ୍ୟୁ ଓ ସେମାନଙ୍କ ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ହାଇକୋର୍ଟ ସମ୍ମିଳନୀ କକ୍ଷରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହାତୀ ସୁରକ୍ଷା ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଛି।

ହାତୀ ସୁରକ୍ଷା ପାଇଁ ଗଠିତ ଜଏଣ୍ଟ ଟାସ୍କ ଫୋର୍ସ (ଜେଟିଏଫ) ନିଆଯାଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ। ଜଙ୍ଗଲ ମଧ୍ୟରେ କରିଡର ନଷ୍ଟ ହେବା ଦ୍ୱାରା ହାତୀ ସମେତ ଅନ୍ୟ ବନ୍ୟପ୍ରାଣୀଙ୍କ କ୍ଷତି ହେଉଛି। ଖଣି ଖନନ, ବ୍ଲାଷ୍ଟିଂ, ରେଲୱେ, ହାଇୱେ କେନାଲ ଦ୍ୱାରା ହାତୀମାନେ ବହୁ ଭାବରେ ପ୍ରଭାବିତ ହେଉଛନ୍ତି। ସେମାନଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଛି। ତେଣୁ ହାତୀ କରିଡରର ସୁରକ୍ଷା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଜେଟିଏଫ ପକ୍ଷରୁ କୁହାଯାଇଛି ଯେ, କେନ୍ଦୁଝର ଜିଲାର ହଦଗଡ଼ ଓ ନୟାଗଡ଼ ଜିଲାର ବୃନ୍ତଙ୍ଗଠାରେ ନୂତନ ହାତୀ କରିଡର ପ୍ରସ୍ତୁତ କରାଯାଇଛି। ହାତୀଙ୍କ ଦ୍ୱାରା ଫସଲ ନଷ୍ଟଜନିତ କ୍ଷତିପୂରଣ ରାଶି ଏକର ପିଛା ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ହାତୀମାନଙ୍କୁ ଜଙ୍ଗଲ ମୁହାଁ କରିବା ନିମନ୍ତେ ନିଯୁକ୍ତ ଗଜସାଥୀ ସଂଖ୍ୟା ପ୍ରାୟ ୫୦୦୦ ରହିଛି। ଏହି ସଂଖ୍ୟାକୁ ବୃଦ୍ଧି କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିବା ଜେଟିଏଫ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଛି।

ଉଲ୍ଲେଖଯୋଗ୍ୟ, ବିଭିନ୍ନ ସମୟରେ ରାଜ୍ୟରେ ହାତୀ ମୃତ୍ୟୁକୁ ନେଇ ୧୭ଟି ମାମଲା ହାଇକୋର୍ଟରେ ରୁଜୁ ହୋଇଛି। ହାତୀଙ୍କ ସୁରକ୍ଷା ନିମନ୍ତେ କି ପଦକ୍ଷେପ ନିଆଯାଉଛି ସେନେଇ ଆବେଦନକାରୀ ଗୀତା ରାଉତ ଓ ଅନ୍ୟମାନେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ମାମଲାଗୁଡ଼ିକୁ ହାଇକୋର୍ଟ ଏକତ୍ର ଶୁଣାଣି କରି ହାତୀ ସୁରକ୍ଷା ପାଇଁ ପ୍ରସ୍ତୁତ ହୋଇଥିବା ଆକ୍ସନ ପ୍ଲାନ୍ ଆଧାରରେ କି ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ଜଣାଇବା ନିମନ୍ତେ ଜଏଣ୍ଟ ଟାସ୍କ ଫୋର୍ସ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ହାତୀଙ୍କ ସୁରକ୍ଷା ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ଜେଟିଏଫ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା। ହାତୀ ସୁରକ୍ଷା ମାମଲାରେ ବୈଠକ ମାଧ୍ୟମରେ ଆଲୋଚନା କରିବାକୁ ହାଇକୋର୍ଟ ପୂର୍ବ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ ଏସ୍.ପି ମିଶ୍ର, ଆଶିଷ ମିଶ୍ର, ଶଙ୍କର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

# କମ୍ପାଉଣ୍ଡରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି

ନୟାଗଡ଼,୧୧।୧୦(ଲୋକନାଥ ମିଶ୍ର): ନୟାଗଡ଼ ପୁରୁଣା ସହରରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ମଦ ପିଉଥିଲେ କମ୍ପାଉଣ୍ଡର । ମଦ ପିଇବାର ପ୍ରମାଣ ପାଇବା ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସିଡିଏମ୍ ରମାକାନ୍ତ ପଣ୍ଡା କହିଛନ୍ତି। ରୋଗୀ ଦେଖା ପରେ କମ୍ପାଉଣ୍ଡର ବାବୁ ପ୍ରତିଦିନ ମଦର ଆସର ଖୋଲି ଦିଅନ୍ତି । ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଟେବୁଲ ଉପରେ ମେଡ଼ିସିନ ରହିଛି । ତା ପାଖରେ ମଦ ପିଆଯାଉଥିବା ଜଣା ପଡିବା ପରେ କେତେଜଣ ଲୋକ ଫଟୋ ଓ ଭିଡିଓ କରି ସିଡିଏମଓଙ୍କୁ ଦେଇଥିଲେ ।

**କାର୍यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

पत्रांकः– दिनांक–

आवश्यक सूचना

एतद् द्वारा सूचित किया जाता है कि इस कार्यालय द्वारा ई–निविदा संख्या–06/2023-24/RWD/RANCHI, P.R.No.-308674 REO (23-24)_D द्वारा दैनिक समाचार पत्र में प्रकाशित हुई थी। इस निविदा को अपरिहार्य कारणवश रद्द किया जाता है। पुनः निविदा आमंत्रित की जायेगी।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, राँची

PR.NO.308889 REO(23-24):D

# ମୋ ଦେଶ, ମୋ ମାଟି କାର୍ଯ୍ୟକ୍ରମ



ଭଞ୍ଜନଗର, ୧୧।୧୦ (ବାବୁଲା ପ୍ରଧାନ): ଝାଡ଼ଭୂମି ପଞ୍ଚାୟତରେ ବୁଧବାର 'ମୋ ଦେଶ ମୋ ମାଟି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ପ୍ରଦ୍ୟୁମ୍ନ ନାୟକ, ବିନାୟକ ତ୍ରିପାଠୀ, ଅଯୋଧ୍ୟା ନାଥ ମହାପାତ୍ର, କବିରାଜ ବେହେରା, ରଞ୍ଜନ ମାଝି, ଦିଲୀପ ନନ୍ଦ, ସନ୍ୟାସୀ ମାଝୀ, ଅଶୋକ ନାୟକ, ସୁରେଶ ପ୍ରଧାନ, ପ୍ରଦୀପ ସ୍ୱାଇଁ, ସନ୍ତୋଷ ବିଶୋଇ ପ୍ରମୁଖ ଯୋଗଦେଇଥିଲେ।

# ରଣପୁରରେ 'ଘରେ ଘରେ କଂଗ୍ରେସ' ପଦଯାତ୍ରା

ରଣପୁର,୧୧।୧୦(ସୁକାନ୍ତ କିଶୋର ଡାକୁଆ)




ରଣପୁର ବ୍ଲକ କଂଗ୍ରେସ ପକ୍ଷରୁ ଘରେ ଘରେ କଂଗ୍ରେସ ପଦଯାତ୍ରା ଆରମ୍ଭ ହୋଇଛି । ବୁଧବାର ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ନାୟକଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସତ୍ୟବ୍ରତ ନାୟକ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରିଥିଲେ । କଂଗ୍ରେସ କର୍ମୀମାନେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଘରକୁ ଘର ବୁଲି ପ୍ରଚାରପତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଳକୃଷ୍ଣ ଷଡ଼ଙ୍ଗୀ ,ମୀର ଅବୁବକର ସିଦ୍ଧିକ,ପ୍ରତିମା ଜେନା,ପ୍ରକାଶ ଚନ୍ଦ୍ର ନାୟକ,ସୁଦର୍ଶନ ପ୍ରଧାନ, ଶରତ ମହାପାତ୍ର ,ନବ ସାଠୁଆ ସୁଧାକର ପାଇକରା,ଦିଲ୍ଲୀପ ସେନାପତି,ସୁରେଶ ମହାରଣା,ଶିଶିର ଭଞ୍ଜ, ମିଟୁ ପ୍ରଧାନ,ହୃଦାନନ୍ଦ କାଣ୍ଡି,ବୁଲୁ ନାୟକ ଦିଲୀପ ମାଲିକ, ଜିତେନ୍ଦ୍ର ରଣସିଂହ, ଅଖିଳ ପ୍ରଧାନପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ବିଭିନ୍ନ ସ୍ଲୋଗାନ ଦେଇ ବିଭିନ୍ନ ସାହି ବୁଲିଥିଲେ ।

आज़ादी का अमृत महोत्सव
G20 भारत 2023 INDIA
वसुधैव कुटुम्बकम्
ONE EARTH · ONE FAMILY · ONE FUTURE

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
**(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)**
**OLATPUR, PO: BAIROI, DIST-CUTTACK, ODISHA**

**Ref. No.: AD 6B 19/06/2023** **Date: 10th October, 2023**

**WALK-IN-INTERVIEW**

Applications are invited from the eligible candidates for the post of "Senior Level Consultant (MSW)" on contractual basis for SVNIRTAR, Olatpur. Bairoi, Cuttack (Odisha).

| | | |
|---|---|---|
| 1. | Senior Level Consultant (MSW) | No. of post - 01, Age: Below 65 years |
| | Consolidated Pay | Rs.50,000/- per month (Consolidated) |
| | Essential Qualification and Experience | Master Degree in Social Science Or related field. Minimum 15 years' experience as Consultant in Social Developmental activities and consultancy of National and International repute. |
| | Duration | Initial period for 1 (one) year and extendable up to 3 years. |
| | Date, Time and Venue of the Interview | 19.10.2023 at 02:00 PM. Reporting time 09:30 hours Conference Hall of SVNIRTAR, Cuttack, (Odisha) |

For other terms and conditions, applicants are advised to visit our website https://www. svnirtar.nic.in or https://www. recruitment svnirtar.nic.in or www.crcguwahati.com for updated information in this regard.

**Sd./-DIRECTOR**

# ଦଶପଲ୍ଲାରେ ବିଜେଡି ଜନସମ୍ପର୍କ ପଦଯାତ୍ରା

ଦଶପଲ୍ଲା ୧୧।୧୦ (ପ୍ରକାଶ କୁମାର ପାଣି)




ମଞ୍ଚାସୀନ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଅନ୍ୟମାନେ।

ଦଶପଲ୍ଲାରେ ବିଜେଡି ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ସ୍ଥାନୀୟ ମହାବୀର ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ମେଳିଆ ତୋଟାଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ରୂପେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ଯୋଗ ଦେଇ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ସମୟରେ ଓଡ଼ିଶାର ଯେତିକି ଉନ୍ନତି ହୋଇଛି, ତାହା ଅନ୍ୟ କୌଣସି ସମୟରେ ହୋଇ ନ ଥିଲା। ମୁଖ୍ୟମନ୍ତ୍ରୀ ଯାହା କୁହନ୍ତି ତାହା କରନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଗାଁଠାରୁ ସହର ପର୍ଯ୍ୟନ୍ତ ଉନ୍ନତି ତାର ଲକ୍ଷ୍ୟ, ନବୀନ ଓଡ଼ିଶା ,ଆମ ଓଡ଼ିଶା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହ ନବୀନବାବୁଙ୍କ ସଫଳତାର ଏବଂ ଓଡ଼ିଶାର ଉନ୍ନତି ବିଷୟରେ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଅନୁରୋଧ କରିଥିଲେ। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଥିଲେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ସମୟରେ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଉନ୍ନତି ହୋଇପାରିଛି। ୫-ଟି ମାଧ୍ୟମରେ ଓଡ଼ିଶାର ସମସ୍ତ ସ୍କୁଲ ଓ କଲେଜ ସାମିଲ କରାଯାଇ ଉନ୍ନତି କରାଯାଇଛି । ସେହିପରି ଗମନାଗମନ ପାଇଁ ରାସ୍ତା, ସ୍ୱାସ୍ଥ୍ୟ ପାଇଁ ମେଡିକାଲର ଉନ୍ନତି ହୋଇପାରିଛି। ଦଶପଲ୍ଲାରେ ବୃତଙ୍ଗ ଜଳ ସେଚନ ଯୋଜନା କାର୍ଯ୍ୟକାରୀ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଥିଲେ। ଉକ୍ତ ସଭାରେ ଦଶପଲ୍ଲା, ଗଣିଆ, ନୂଆଗାଁ ବ୍ଲକର ଚେୟାରମ୍ୟାନ, ଜିଲାପରିଷଦ ସଭ୍ୟ ସମେତ ବହୁ ବିଜେଡି କର୍ମୀ ଉଦ୍‌ବୋଧନ ଦେଇଥିଲେ।

**Office of District Manager**
**ODISHA STATE CIVIL SUPPLIES CORPORATION LTD. (OSCSC)**
**RAYAGADA, Phone: 9438200057**
**District Web site : www.rayagada.nic.in**

Tender No. **1956** **Dt-11.10.2023**

District Manager, Odisha State Civil Supplies Corporation Ltd., **Rayagada** invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of (i) **Level-I** Transport Contractor for transportation of foodgrains from FSD, FCI to RRCs (ii) **Handling** Contractor (Labour Works) for Handling of Foodgrains (Rice, Wheat) at the RRCs in the district of the State of Odisha for the Biennial Year 2023-25. |
| 2 | Availability of bid document in the portal | From **12.10.2023** |
| 3 | Last Date / Time for receipt of bids in the portal | **Dt.30.10.2023** up to **5.30 P.M.** |
| 4 | Date/Time of Opening of Technical Bid | **Dt.31.10.2023** at **11.00 A.M.** |
| 5 | Name and address of the Officer Inviting Tender | District Manager, OSCSC Ltd., **Rayagada** |

Tender Documents and other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd., Rayagada

# ଢିପ ଜମି ଫାଟିଲାଣି, ଚାଷୀଙ୍କୁ ମିଳୁନି ପାଣିପମ୍ପ୍

- ପାୱାରଟିଲର କେନ୍ଦ୍ରାପଡ଼ାରୁ ଯାଉଛି କଲିକତା
- କ୍ଷେତ ବଦଳରେ ରାସ୍ତାରେ ଗଡୁଛି ଟ୍ରାକ୍ଟର
- ମିଛ ଚାଷୀ ହାତଉଛନ୍ତି କୃଷି ଉପକରଣ ସବ୍‌ସିଡି

କେନ୍ଦ୍ରାପଡ଼ା, ୧୧।୧୦ (ଜଗନ୍ନାଥ ଧଳ)


ମୋଟର ଲଗାଇ ଚାଷଜମିକୁ ପାଣି ମଡ଼ାଯାଉଛି।

ଚଳିତବର୍ଷ କେନ୍ଦ୍ରାପଡ଼ାରେ ବର୍ଷା ପରିମାଣ କମ୍ ରହିଛି। ଜିଲାର ପ୍ରାୟ ୩୧ ହଜାର ହେକ୍ଟର ଜମି ଢିପ ହୋଇଥିବାରୁ ମରୁଡ଼ି ଅବସ୍ଥାକୁ ଆସିଛି। ଏହି ସମୟରେ ପାଣିର ଆବଶ୍ୟକତା ଅଛି। ଚାଷୀଙ୍କୁ ସବ୍‌ସିଡିରେ ପାଣିପମ୍ପ୍ ଯୋଗାଇ ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାର ଯୋଜନା ପ୍ରଣୟନ କରିଥିଲେ ମଧ୍ୟ କୃଷି ବିଭାଗରେ ଆବଶ୍ୟକ ସଂଖ୍ୟାରେ ଉପଲବ୍ଧ ନାହିଁ। ଯେତିକି ପରିମାଣରେ ଆସୁଛି, ଅଧିକାଂଶ ମିଛଚାଷୀ ଏହାକୁ ହାତଉଛନ୍ତି। ଏପରି ଅଭିଯୋଗ ଜିଲାପାଳଙ୍କ ଜନଶୁଣାଣି ସମୟରେ ମଙ୍ଗଳବାର ପହଞ୍ଚିଛି। ଅଭିଯୋଗକାରୀମାନେ ୫ ବର୍ଷ ମଧ୍ୟରେ ରିହାତି ଦରରେ ବିକ୍ରୟ ହୋଇଥିବା କୃଷି ସରଞ୍ଜାମ ସମ୍ପର୍କରେ ତଦନ୍ତ ଦାବି କରିଛନ୍ତି।

ଏ ସମ୍ପର୍କରେ କୃଷକ ନେତା ପ୍ରତ୍ୟୁଷ କୁମାର ରାଉତ କହିଛନ୍ତି, ଫାର୍ମ ମେକାନାଇଜ୍ ସ୍କିମରେ କୃଷି ସରଞ୍ଜାମ ୨୦ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ ଚାଷୀଙ୍କୁ ରିହାତି ମିଳୁଛି। ତେବେ ଏହି ରିହାତି ଅର୍ଥ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। କୃଷି ବିଭାଗର କେତେକ ଅଧିକାରୀ, ସପ୍ଲାୟର ସବ୍‌ସିଡି ଅର୍ଥକୁ ହେରଫେର କରୁଥିବା ଦେଖାଯାଉଛି। ସେ କହିଛନ୍ତି ଯେ, ୨୦୨୨ରେ କମ୍ବାଇନ ହାର୍ଭେଷ୍ଟର କିଣିବା ପାଇଁ କୃଷି ବିଭାଗରେ ଆବେଦନ ପତ୍ର ଦେଇଥିଲେ। କେନ୍ଦ୍ରାପଡ଼ା ଜିଲା ପାଇଁ ହାର୍ଭେଷ୍ଟର ଆଲଟ୍‌ମେଣ୍ଟ ହେବା ପରଦିନ ବିକ୍ରି ସରି ଯାଇଥିବା ବିଭାଗୀୟ ଅଧିକାରୀଙ୍କ ସମେତ ସପ୍ଲାୟର କହିଥିଲେ। ଅଭିଯୋଗକାରୀ ଚାଷୀ ମଦନମୋହନ ସାହୁ କହିଛନ୍ତି, ସରକାର ଚାଷୀଙ୍କୁ ସବ୍‌ସିଡିରେ ଟ୍ରାକ୍ଟର, ପାୱାରଟିଲର, ପାଣିପମ୍ପ, ଧାନ ଓ ବାଦାମ ଝଡ଼ା ମେଶିନ ଆଦି ବିଭିନ୍ନ କୃଷିଯନ୍ତ୍ରପାତି ତଥା ଉପକରଣ ଯୋଗାଉଛନ୍ତି। ଏଥିପାଇଁ ସହରର ଦୁହୁରିଆ, ଖଡ଼ିଅଙ୍ଗ, ଗରାପୁର, ଗୋପ ଆଦି ଅଞ୍ଚଳରେ ପ୍ରାଧିକୃତ ସପ୍ଲାୟାର ଅଛନ୍ତି। ତେବେ କ୍ଷେତରେ ଜଳସେଚନ ପାଇଁ ପାଣି ପମ୍ପଟିଏ ସମ୍ପୃକ୍ତ ସପ୍ଲାୟରଙ୍କଠାରୁ କୃଷି ବିଭାଗର ମଞ୍ଜୁରୀ ସତ୍ତ୍ୱେ ରିହାତି ଦରରେ ମିଳୁନାହିଁ। ମିଳୁଥିବା ୫୦% ରିହାତି କାହା ଖାତାକୁ ଯାଉଛି ତାହା ତଦନ୍ତସାପେକ୍ଷ। ଅନ୍ୟତମ ଅଭିଯୋଗକାରୀ ଆଶିଷ କୁମାର ମହାପାତ୍ର କହିଛନ୍ତି, କେନ୍ଦ୍ରାପଡ଼ା ଜିଲାକୁ ଆସୁଥିବା ପାୱାରଟିଲର କଲିକତାକୁ ଚାଲାଣ ହେଉଥିବା ବହୁ ସମୟରେ ଦେଖାଯାଉଛି। ସେହିପରି କୃଷି କ୍ଷେତ୍ର ପାଇଁ ଆସିଥିବା ଟ୍ରାକ୍ଟର ଏବେ ରାସ୍ତାରେ ପରିବହନ କାର୍ଯ୍ୟରେ ଲାଗୁଛି। ମିଛଚାଷୀଙ୍କ ପରମିଟରେ ବ୍ୟବସାୟୀମାନେ ଟ୍ରାକ୍ଟର, ପାୱାରଟିଲର ହାତଉଥିବାରୁ ପ୍ରଶାସନିକ ତଦନ୍ତ ହେଲେ ବହୁ ଅନିୟମିତତା ପଦାକୁ ଆସିବ। ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ଆସନ୍ତା ଡିସେମ୍ବରରେ ଖରିଫ ଧାନ ଅମଳ ହେବ। ଚାଷ ପାଇଁ ଅଧିକ ହାର୍ଭେଷ୍ଟର ଓ ପାୱାରଟିଲର, ପାଣିପମ୍ପ ଆବଶ୍ୟକ। ରିହାତି ଦରରେ ବିକ୍ରୟ ହେଉଥିବା କୃଷି ସାମଗ୍ରୀ ବ୍ୟବସାୟୀମାନେ କାଗଜପତ୍ରରେ ବିକ୍ରି ହେଉଥିବା ଦର୍ଶାଉଛନ୍ତି। ଏହାର ସବ୍‌ସିଡି ଅର୍ଥ ସପ୍ଲାୟର ହାତେଇ ନେଉଛନ୍ତି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ କରିବା ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ରିହାତି ଅର୍ଥରେ ବିକ୍ରୟ ହେଉଥିବା କୃଷି ସରଞ୍ଜାମରେ ଅନିୟମିତତା ହୋଇଥିବା ନେଇ ଚାଷୀଙ୍କ ଅଭିଯୋଗକୁ ତଦନ୍ତ କରାଯିବ। ଏ ନେଇ ଜିଲା କୃଷି ଅଧିକାରୀଙ୍କୁ ସୂଚନା ଦିଆଯାଇଛି। ବିଭାଗୀୟ ତଦନ୍ତ ପରେ ଅଭିଯୋଗର ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


କୋଷ୍ଟଗାର୍ଡ ଡିଜି ରାକେଶ ପାଲ୍‌ଙ୍କୁ ଗାର୍ଡ ଅଫ ଅନର ଦିଆଯାଉଛି।

## କୋଷ୍ଟଗାର୍ଡ ଡିଜି ରାକେଶ ପାଲ୍‌ଙ୍କ ୩ ଦିନିଆ ପୂର୍ବାଞ୍ଚଳ ଗସ୍ତ

ପାରାଦୀପ,୧୧।୧୦(ଶରତ ରାଉତ)

କୋଷ୍ଟଗାର୍ଡ ଡାଇରେକ୍ଟର ଜେନେରାଲ (ଡିଜି) ରାକେଶ ପାଲ୍ ୩ ଦିନିଆ ପୂର୍ବାଞ୍ଚଳ ରାଜ୍ୟ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଗସ୍ତ ବୁଧବାର କରିଛନ୍ତି। ପ୍ରଥମେ କୋଲ୍‌କାତା କୋଷ୍ଟଗାର୍ଡ ମୁଖ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ୫୦ ଜଣିଆ ଯବାନ ଟିମ୍ ଗାର୍ଡ ଅଫ ଅନର ଦେଇଥିଲେ। ଏହି ଅବସରରେ ସେ ପୂର୍ବ ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ସେ ପଶ୍ଚିମବଙ୍ଗ ଓ ଓଡ଼ିଶା ସରକାରଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ପାରାଦୀପ ପକ୍ଷରୁ ସୂଚନା ମିଳିଛି।

## ସ୍ୱାମୀ ଆଗରେ ଚାଲିଗଲା ସ୍ତ୍ରୀଙ୍କ ଜୀବନ

ପାରାଦୀପ,୧୧।୧୦(ଶରତ ରାଉତ)

**ଜାତୀୟ ରାଜପଥରେ ପୁଣି ଦୁର୍ଘଟଣା**

ପାରାଦୀପ-ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥର ଲକ୍ ଥାନା ହାତୀକଣ୍ଟା ପାଖରେ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସ୍ୱାମୀ ଆହତ ହୋଇଛନ୍ତି। ମୃତକ ହେଲେ ଲୋପାମୁଦ୍ରା ଦାସ (୩୦)। ପରେ ଲକ୍ ଥାନା ପୋଲିସ ମୃତଦେହକୁ ଜବତ କରି ବିଜୁ ମେମୋରିଆଲ ହସ୍ପିଟାଲରେ ସଂରକ୍ଷିତ ରଖିଛି। ଆହତ ସ୍ୱାମୀ ସୌଭାଗ୍ୟ ଦାସ ଉକ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ମୁତାବକ, ସୌଭାଗ୍ୟଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ଭଣ୍ଡୁଆ ଗ୍ରାମରେ। ମୃତ ମହିଳାଙ୍କ ବାପଘର ଲକ୍‌ଥାନା ଅନ୍ତର୍ଗତ ବୃନ ଗ୍ରାମରେ। ବୁଧବାର ଅପରାହ୍ନରେ ଦମ୍ପତି ଏକ ବାଇକ୍ ଯୋଗେ ବାପଘର ବୃନ ଅଭିମୁଖେ ଯାଉଥିଲେ। ହାତୀକଣ୍ଟା ପାଖରେ ସେମାନଙ୍କୁ ଏକ ଟ୍ରକ ଧକ୍କା ଦେଇ ପଳାଇ ଥିଲା। ଏଥିରେ ଦମ୍ପତି ତଳେ ପଡି ଯାଇଥିଲେ। ପୋଲିସ ପାଟ୍ରୋଲିଂ ଗାଡି ସେମାନଙ୍କୁ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ମହିଳା ଲୋପାମୁଦ୍ରାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏବେ ଦୁର୍ଘଟଣା ଘଟାଇଥିବା ଟ୍ରକ ସମ୍ପର୍କରେ ଖୋଳତାଡ କରୁଛି। ସୂଚନାଯୋଗ୍ୟ ଏହି ରାଜପଥରେ ଗତ ୧୫ ଦିନ ମଧ୍ୟରେ ଦୁର୍ଘଟଣା ଯୋଗୁଁ ୧୦ ଜଣଙ୍କ ଜୀବନ ଗଲାଣି। ଏପରିକି ଏହି ସପ୍ତାହ ମଧ୍ୟରେ ଅଠରବାଙ୍କିଠାରୁ ଦୋଛକି ମଧ୍ୟରେ ୬ ଜଣଙ୍କ ମୃତ୍ୟୁ ଘଟିଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଯାଜପୁରରୋଡ୍,୧୧।୧୦ (ପବିତ୍ର ରଞ୍ଜନ ମହାନ୍ତି):


ଆଲୋକ ରଞ୍ଜନ ମଲ୍ଲିକ

ଯାଜପୁରରୋଡ୍ ଥାନା ଅନ୍ତର୍ଗତ ବ୍ୟାସନଗର ଡାକବଙ୍ଗଳା ଛକ ନିକଟ ନୂର ହୋଟେଲ ଅହମ୍ମଦନଗର ରାସ୍ତାରେ ମଙ୍ଗଳବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ କୋରେଇ ଥାନା ଅନ୍ତର୍ଗତ କାଚରାସାହି ପଞ୍ଚାୟତ ତାଳଗଡ଼ିଆ ଗ୍ରାମର ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକଙ୍କ ଏକମାତ୍ର ପୁତ୍ର ଆଲୋକ ରଞ୍ଜନ ମଲ୍ଲିକ(୩୦) ବୋଲି ଜଣାପଡ଼ିଛି। ସେ ନିକଟରେ ଥିବା ତାଙ୍କ ଦାଦାଘରକୁ ଚାଲି ଚାଲି ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଯାଜପୁରରୋଡ୍ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଭୋର ୫ଟା ୪୫ରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାର ହେବାପରେ କୋରେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ସାନ ଭାଇ ଅମିତ କୁମାର ମଲ୍ଲିକ ମୁଖାଗ୍ନି ଦେଇଛନ୍ତି।

ଶିକ୍ଷାବିତ ଡ. ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, କୋରେଇ ପ୍ରେସ କ୍ଲବ ସଭାପତି ସୁବାସ ଚନ୍ଦ୍ର ଧଳ, କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ରାଉତ, ସ୍ଥାନୀୟ ସରପଞ୍ଚ ଗୌରୀଶଙ୍କର ମହାପାତ୍ର, ଅନ୍ଧାରୀ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ, ପୂର୍ବତନ ସରପଞ୍ଚ ଦୀପ୍ତିମୟୀ କୁଅଁର, ସୁଧାଂଶୁ ଶେଖର ବରାଳ, ରୁନୁ ଭୂୟାଁ, ୧ନଂ. ଜୋନ ଜିଲା ପରିଷଦ ସଭ୍ୟା ସସ୍ମିତା ତରାଇ, ୨ନଂ. ଜୋନ ଜିଲା ପରିଷଦ ସଭ୍ୟ ଉମାକାନ୍ତ ମାଝି, ନିତ୍ୟାନନ୍ଦ ମହାଳିକ, ସାମାଜିକ କର୍ମୀ ରାଜେନ୍ଦ୍ର କୁମାର ବିଶ୍ୱାଳ, ତପନ ମିଶ୍ର ଓ ନୀଳମାଧବ ବାରିକଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଥିଲେ। କୋରେଇ ବିଧାୟକ ଅଶୋକ ବଳ, ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାସ ନାୟକ, ଅଶୋକ ଦାସ ଫାଉଣ୍ଡେଶନ ଅଧ୍ୟକ୍ଷ ଭବପ୍ରସାଦ ଦାସ ପ୍ରମୁଖ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସୌମ୍ୟ


@ ଦିବ୍ୟା


@ ମାନସ


@ ପ୍ରସନ୍ନ


@ ସୁନୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗୋଚର ଦଣ୍ଡାରୁ ଗଛ କଟାକୁ ବିରୋଧ


କେତେଜଣ ବ୍ୟକ୍ତି ବରଗଛକୁ କାଟୁଛନ୍ତି।

ଆଳି,୧୧।୧୦(ବନମାଳୀ ସେନାପତି)

ଆଳି ତହସିଲ ଅନ୍ତର୍ଗତ ଦୈତାରୀପୁର ମୌଜାରେ ଥିବା ଏକ ଗୋଚର ଦଣ୍ଡାରେ ଥିବା ବହୁ ପୁରାତନ ବର ଗଛ କଟାକୁ ବିରୋଧ କରିଛନ୍ତି ସରପଞ୍ଚଙ୍କ ସମେତ ଅନ୍ୟମାନେ । ଏ ନେଇ ପଦନୀପାଳ ସରପଞ୍ଚ ବିକ୍ରମ ମଳିକ ଆଳି ଥାନା, ତହସିଲର ଦ୍ୱାରସ୍ଥ ହୋଇଛନ୍ତି । ମଳିକଙ୍କ ଅଭିଯୋଗ ଅନୁଯାୟୀ, ଦୈତାରୀପୁର ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀଠାରୁ ୫୦ ଫୁଟ ଦୂରରେ ଥିବା ଗୋଚର ଦଣ୍ଡାରେ ଦୀର୍ଘ ଦିନ ହେବ ଥିବା ଏକ ବିଶାଳ କାୟ ବଟ ଗଛକୁ କିଛି ଲୋକ ବୁଧବାର ସକାଳ ପ୍ରାୟ ୧୦ ଟା ସମୟରେ କାଟୁଥିବା ନେଇ ଖବର ପାଇଥିଲେ। ସେଠାରେ ପହଞ୍ଚି କାଠ କାଟୁଥିବା ଲୋକଙ୍କୁ କାଠ କଟା ବିଷୟରେ ପଚାରିବାରୁ ସେମାନେ ଠିକ ଉତ୍ତର ଦେଇ ନ ଥିଲେ । କାହା ନିର୍ଦ୍ଦେଶରେ ଏହି ଗଛକୁ କାଟିଛ ବୋଲି ସରପଞ୍ଚ ମଳିକ ପଚାରିବାରୁ ସେମାନେ ଗଛ ଛାଡି ଚାଲି ଯାଇଥିଲେ । ଏ ନେଇ ବିକ୍ରମ ଆଳି ତହସିଲ, ଆଳି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସରକାର ବୃକ୍ଷ ରୋପଣ ନିମନ୍ତେ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କାଠ ବ୍ୟବସାୟୀମାନେ ଏହିଭଳି ଭାବେ ସରକାରୀ ସ୍ଥାନରେ ଥିବା ଗଛ କାଟି ନେଉଛନ୍ତି। ତେଣୁ ଗଛ କାଟିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି । ଏ ନେଇ ଆଳି ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟଙ୍କୁ ପଚାରିବାରୁ ସେ କହିଛନ୍ତି ଏ ନେଇ ଅଭିଯୋଗ ଆସିବା ପରେ ରାଜସ୍ୱ ନୀରିକ୍ଷକ ଘଟଣା ସ୍ଥଳକୁ ଯାଇଥିଲେ । ରାଜସ୍ୱ ନୀରିକ୍ଷକ ରିପୋର୍ଟ ଦେବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ଜେନାପୁର,୧୧।୧୦(ଅଶୋକ ଦାସ):

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ। ଗୁରୁତର ଜଣକ ହେଲେ କୋରେଇ ଥାନା ଅନ୍ତର୍ଗତ ତେନ୍ତୁଳଖୁଣ୍ଟିଆ ତରାପୁର ଗ୍ରାମର ଘନଶ୍ୟାମ ଦାସଙ୍କ ପୁଅ ଗାଙ୍ଗୁଲି ଦାସ। ୨ ବାଇକ୍ ଆରୋହୀ ଚଣ୍ଡିଖୋଲ ପଟୁ ବଙ୍ଗଳା ଅଭିମୁଖେ ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସଦଳବଳ ପହଞ୍ଚି ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇଥିଲେ। ଏଥିସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ମୌସୁମୀ ଉଭାନ, ଉପକୂଳ ଅଞ୍ଚଳରେ କାକର ଆଚ୍ଛନ୍ନ

ମହାକାଳପଡ଼ା,୧୧।୧୦ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଚଳିତ ମୌସୁମୀ ବର୍ଷା ଉପକୂଳ ଅଞ୍ଚଳରେ ଆଶାନୁରୂପ ନ ହେବା ଯୋଗୁ ଖରିଫ ଫସଲ ପ୍ରଭାବିତ ଆଶଙ୍କା ରହିଛି। ଉତ୍ତର ଭାରତରେ ମୌସୁମୀ ଫେରିବା ଆରମ୍ଭ କରିଛି। ଚଳିତ ମାସ ୧୫ ତାରିଖ ସୁଦ୍ଧା ମୌସୁମୀ ଲେଉଟାଣି କରିଛି। ଏଥିପାଇଁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଭୋର ସମୟରେ କାକର ପଡିବା ଆରମ୍ଭ ହୋଇଛି । ଉତ୍ତର ଦିଗରୁ ସକାଳେ ଓ ସନ୍ଧ୍ୟାରେ ଶୀତୁଆ ପବନ ବୋହିବା ଅନୁଭୂତ ହେଉଛି। ତେବେ ଦିନରେ ପ୍ରବଳ ଖରା ଓ ଗୁଳିଗୁଳି ଅନୁଭୂତ ହେଉଛି। ଅନ୍ୟପକ୍ଷେ ଆଗାମୀ ଦିନରେ ଖରିଫ ଫସଲ ପ୍ରଭାବିତ ଆଶଙ୍କା ରହିଛି । ବିଶେଷ କରି ଉଚ୍ଚ ଓ ଢ଼ିପ ଜମିରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି। ଚଳିତ ବର୍ଷ କେନ୍ଦ୍ରୀୟ ଆଣ୍ଡମାନ ସାଗରରୁ କୌଣସି ଲଘୁଚାପ ସୃଷ୍ଟି ହୋଇନାହିଁ। ଫଳରେ ବର୍ଷାର ପରିମାଣ କମ ରହୁଛି। ବିଶ୍ୱରେ ଦ୍ରୁତ ଜଳବାୟୁ ପରିବର୍ତ୍ତନ ଓ ପ୍ରଶାନ୍ତ ମହାସାଗର ଅଞ୍ଚଳରୁ ଲୁ ପ୍ରବାହ ଯୋଗୁ ଚଳିତ ମୌସୁମୀ ବର୍ଷା ପ୍ରଭାବିତ ହୋଇଛି । ଫଳରେ ଖରିଫ ଫସଲ ପ୍ରଭାବିତ ଆଶଙ୍କା ରହିଛି ବୋଲି ପରିବେଶବିତ ସୁବାସ ସ୍ୱାଇଁ କହିଛନ୍ତି।


ଭୋର ସମୟରେ ମହାକାଳପଡ଼ା ଅଞ୍ଚଳରେ କୁହୁଡ଼ି।

# ନିର୍ଦ୍ଦିଷ୍ଟ ଭେଣ୍ଡରଙ୍କ ପ୍ରତି ଅନୁକମ୍ପା

**ନୟାଗଡ଼ ଅଫିସ,୧୧।୧୦(ଲୋକନାଥ ମିଶ୍ର)**

- ଭେଣ୍ଡରଙ୍କୁ ଆୟୁଧ କରି ଚାଲିଛି ଦୁର୍ନୀତି
- ଲବି ନ ଥିଲେ ଏମଜିଏନ୍ଆରଇଜିଏସ୍ କାମ ମିଳୁନି
- ଧରପଗଡ଼ ନ ଥିବାରୁ ବଢ଼ୁଛି ଅନିୟମିତତା

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମଜିଏନ୍ଆରଇଜିଏସ୍)ରେ କେତେଜଣ ନିର୍ଦ୍ଦିଷ୍ଟ ଭେଣ୍ଡରଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇ କଞ୍ଚାମାଲ ଯୋଗାଣ କରିବାକୁ ଅନୁମତି ଦିଆଯାଉ ଥିବା ଅଭିଯୋଗ ହୋଇଆସୁଛି। ଭେଣ୍ଡରଙ୍କୁ ଆୟୁଧ କରି ଏମଜିଏନ୍ଆରଇଜିଏସରେ ଦୁର୍ନୀତି କରାଯାଉଥିବାରୁ ଲବି ନ ଥିଲେ କାମ ମିଳୁନି। କେତେଜଣ ଭେଣ୍ଡର କଞ୍ଚାମାଲ ଯୋଗାଣ ନ କରି ମଧ୍ୟ ସରକାରୀ ଅର୍ଥକୁ ସରକାରୀ ବାବୁମାନଙ୍କ ସହଯୋଗରେ ଚଳୁ କରି ଚାଲିଛନ୍ତି। ଯାହାର ନଜିର ଭାପୁର ବ୍ଲକକୁ ନିଆଯାଇପାରେ। ଭାପୁର ବ୍ଲକରେ ଭେଣ୍ଡର ଆକାଉଣ୍ଟ ଖୋଲି ସରକାରୀ ବାବୁଙ୍କ ସହାୟତାରେ ୫୧ କୋଟି ୨୭ ଲକ୍ଷ ଠକେଇ ହୋଇଛି। ଏହି ମହାଦୁର୍ନୀତିର ଖୋଳତାଡ କରି୨୦ ଭେଣ୍ଡରଙ୍କୁ କଳା ତାଲିକା ଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଫାଇଲ ଶୀତଳଭଣ୍ଡାରକୁ ଚାଲି ଯାଇଛି। ଭାପୁର ମହାଦୁର୍ନୀତିରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଜିଲାର ୮ଟି ବ୍ଲକ ଓ ୫ ସହରାଞ୍ଚଳରେ ଏମଜିଏନ୍ଆରଇଜିଏସ୍ କାମରେ ଭେଣ୍ଡରଙ୍କ ଦ୍ୱାରା ଠକାମୀ ସୀମା ଅତିକ୍ରାନ୍ତ କରିଛି ବୋଲି ଅଭିଯୋଗ ହୋଇଛି। ଏନେଇ ଭାପୁରର ରମେଶ ଜେନା କୁହନ୍ତି ନେତାଙ୍କ ସମର୍ଥନ ନ ଥିଲେ ଏମଜିଏନ୍ଆରଇଜିଏସ୍‌ରେ ଭେଣ୍ଡର କାମ ପାଇବେନି। ଏଣୁ କିଛି ହାତଗଣତି ଭେଣ୍ଡର ସବୁବେଳେ କାମ କରୁଛନ୍ତି। ଯେଉଁମାନେ କଳାକୁଧଳା କରିବାରେ ସହଯୋଗ କରୁଛନ୍ତି। କଳା ଟଙ୍କାକୁ ଭାଗବାଣ୍ଟି ମିଳିମିଶି ଖାଉଛନ୍ତି।

**ଦୁର୍ନୀତି ପାଇଁ ଭାପୁର ଓ ଓଡଗାଁ ବ୍ଲକରେ ପ୍ରତିଯୋଗିତା:** ଏମଜିଏନ୍ଆରଇଜିଏସ କାମରେ ଦୁର୍ନୀତି ପାଇଁ ଓଡ଼ଗାଁ ଓ ଭାପୁର ବ୍ଲକ ମଧ୍ୟରେ ପ୍ରତିଯୋଗିତା ଚାଲିଛି ବୋଲି ଚର୍ଚ୍ଚା ହେଉଛି। ଏମଜିଏନ୍ଆରଇଜିଏସର କାର୍ଯ୍ୟକୁ ତଦନ୍ତ କଲେ ଏହି ଦୁର୍ନୀତି ପଦାକୁ ଆସିବ। ଅନ୍ୟ ବ୍ଲକ ଓ ସହରାଞ୍ଚଳରେ ବି ଠକାମୀ ଚାଲିଛି। ତେବେ ଏମଜିଏନ୍ଆରଇଜିଏସରେ ସରକାରୀ ନିୟମକୁ ପୁରାପୁରି ଅଣଦେଖା କରାଯାଉଛି। ୧୦୦ ଟଙ୍କା କାମରେ ୬୦ ଭାଗ ଶ୍ରମିକ ଓ ୪୦ ଭାଗ ମ୍ୟାଟେରିଆଲ ଅର୍ଥାତ କଞ୍ଚାମାଲ ବିନିଯୋଗ ହେବାର ନିୟମ ରହିଛି। ତେବେ ଓଡ଼ଗାଁ ଓ ଭାପୁର ବ୍ଲକରେ ଏହା ଓଲଟା ହୋଇ ଯାଉଛି। ହେଲେ ଧରପଗଡ କରାଯାଉ ନାହିଁ। ଏନେଇ ନୟାଗଡ଼ର ସୁଦାମ ସାହୁ କୁହନ୍ତି, ଏମଜିଏନ୍ଆରଇଜିଏସ କାମରେ ଶ୍ରମିକ ବଦଳରେ ଯନ୍ତ୍ର କାମ କରୁଛି। ଯନ୍ତ୍ର କାମ କରିବା ନେଇ ସରକାରୀ ଦଳ ଠାରୁ ଆରମ୍ଭ କରି ବିରୋଧି ଦଳ ସମସ୍ତେ ଜାଣନ୍ତି। ବିଭିନ୍ନ ସମୟରେ ଅଭିଯୋଗ ହୁଏ। ହେଲେ ଅଭିଯୋଗ ପ୍ରମାଣ କରିବାକୁ ସୁଯୋଗ ଦିଆଯାଏନି। ବିଭିନ୍ନ ଆଳ ଦେଖାଇ କ୍ଲିନ ଚିଟ୍ ମିଳେ। ସେହିଭଳି ଶ୍ରମିକ ଓ କଞ୍ଚାମାଲର ପ୍ରତିଶତରେ ଯେଉଁ ଅନିୟମିତତା କରାଯାଉଛି ତାକୁ ମଧ୍ୟ ବାବୁଙ୍କ ସହଯୋଗରେ ଚାପି ଦିଆଯାଉଛି। ଲୋକ ପ୍ରତିନିଧିଙ୍କ ସମର୍ଥନ ରହୁଥିବାରୁ କାର୍ଯ୍ୟାନୁଷ୍ଠାନ ହୋଇ ପାରୁ ନାହିଁ ବୋଲି କହିଛନ୍ତି।

**ଜିଲା ପରିଷଦ ସଦସ୍ୟଙ୍କୁ ତଥ୍ୟ ମିଳୁନି :** ଜିଲାରେ କେତେଜଣ ଭେଣ୍ଡର ଅଛନ୍ତି। ଏମଜିଏନ୍ଆରଇଜିଏସରେ ଭେଣ୍ଡର କାମ କରିବାଠାରୁ କେଉଁ ଭେଣ୍ଡର କେତେ କାମ ପାଇଛନ୍ତି। କିଛି ନିର୍ଦ୍ଦିଷ୍ଟ ବର୍ଗର ଭେଣ୍ଡରଙ୍କୁ କାହିଁକି ଅନୁକମ୍ପା ପ୍ରଦର୍ଶନ ଦେଖା ଯାଇ କାମ ଦିଆଯାଉଛି ଏପରି ପ୍ରଶ୍ନ ବିଭିନ୍ନ ସମୟରେ ଜିଲା ପରିଷଦ ବୈଠକରେ ଉଠୁଛି। ବିଭାଗୀୟ ଅଧିକାରୀ ଏହାର ତଥ୍ୟ ଦେବାକୁ ଗୃହରେ କହୁଛନ୍ତି। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଦେଉ ନ ଥିବାରୁ ଗୃହରେ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏନେଇ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ କୁହନ୍ତି ବିଭିନ୍ନ ସମୟରେ ଜିଲା ପରିଷଦ ବୈଠକରେ ଭେଣ୍ଡର ସମ୍ପର୍କରେ ତଥ୍ୟ ମଗା ଯାଉଛି। ତେବେ ତଥ୍ୟ ଦିଆଯାଉଛି କହି ଦେଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦଶପଲ୍ଲାର ଗଙ୍ଗାଧର ନାୟକ କୁହନ୍ତି, ଜଣେ ଜିଲା ପରିଷଦ ସଭ୍ୟ ତଥ୍ୟ ମାଗିଲେ ପ୍ରଶାସନ ଦେଉନି। ସାଧାରଣ ଲୋକ ତଥ୍ୟ ମାଗିଲେ କ'ଣ ମିଳିବ। ବିକାଶ ନାଁରେ ଏମଜିଏନ୍ଆରଇଜିଏସରେ ଦୁର୍ନୀତି ଚାଲିଥିବା ସ୍ୱଷ୍ଟ ହୋଇ ଯାଉଛି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ ହେବା ଦରକାର ବୋଲି ସେ କହିଥିଲେ। ଏନେଇ ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୂଚାରୁ ବଳ କୁହନ୍ତି, ଏମଜିଏନ୍ଆରଇଜିଏସ କାମରେ ଭେଣ୍ଡରଙ୍କ ନେଇ କିଛି ଅଭିଯୋଗ ଥିଲେ ଅଭିଯୋଗ ଶୁଣାଣୀ, ଗ୍ରାମସଭାରେ ଅଭିଯୋଗ କରାଯାଇ ପାରିବ। କେଉଁ ଭେଣ୍ଡର କ'ଣ ଅନିୟମିତତା କରିଛନ୍ତି, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଦରକାର ଏନେଇ ଅଭିଯୋଗ ଶୁଣାଣୀ, ଗ୍ରାମସଭାରେ ଅଭିଯୋଗ କରିବା ହେଉଛି ପ୍ରକୃତ ଫୋରମ। ନଚେତ୍ ସେମାନେ ଏହି ଦୁର୍ନୀତିରୁ ଖସି ଯିବାକୁ ସକ୍ଷମ ହେବେ। ପୁଣି ବିଭିନ୍ନ ସମୟରେ ଅଭିଯୋଗ ଶୁଣାଣୀରୁ କିଛି ଅନିୟମିତା ଧରାପଡିବା ପରେ କାର୍ଯ୍ୟାନୁଷ୍ଠାନ ହେଉଥିବା କହିଛନ୍ତି।

## ହାଇୱା ଧକ୍କାରେ ବାଇକ୍ ଚାଳକ ମୃତ

**ନୂଆଗାଁ,୧୧।୧୦(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ଥାନା ଗାତେରୀ ନିକଟ ନିଙ୍ଗିରିବାରୀ ଛକଠାରେ ବୁଧବାର ଏକ ସଡକ ଦୁର୍ଘଟଣା ଘଟିଛି । ହାଇୱା ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ହେଲେ ରବି ନାହକ(୨୮) ।ଗାତେରୀ ପଞ୍ଚାୟତ ଭାଲିଆପଦର ଗ୍ରାମର ପ୍ରଫୁଲ ନାହକଙ୍କ ପୁଅ ରବି ରାଜମିସ୍ତ୍ରୀ ଭାବେ କାମ କରନ୍ତି । ବୁଧବାର ସକାଳୁ ଅନ୍ୟ ମିସ୍ତ୍ରୀମାନଙ୍କୁଡାକିବା ପାଇଁବାହାଡ଼ାଖୋଲା–ମହିପୁର ରାସ୍ତାରେ ଯାଉଥିଲେ । ତାଙ୍କ ବାଇକ୍(ନଂ.ଓଡି୨୫ ଡି ୬୬୭୧)କୁ ଏକ ବାଲି ବୋଝେଇ ହାଇୱା(ନଂ. ଓଡି୨୫ କେ ୮୩୮୪) ପଛପଟୁ ଧକ୍କା ଦେଇ କିଛି ବାଟ ଘୋଷାଡି ନେଇଥିଲା । ଫଳରେ ରବିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ରାସ୍ତାରେ ମୃତଦେହ ପଡି ରହିବା ଯୋଗୁ ଯାନବାହାନ ଯାତାୟତ ବନ୍ଦ ହୋଇଯାଇଥିଲା । ଖବର ପାଇ ନୂଆଗାଁ ଥାନା ପୋଲିସ ପହଞ୍ଚି ରବିଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ମହିପୁର ରାଜସ୍ୱ ନୀରିକ୍ଷକ ଅଶୋକ କୁମାର ପଡ଼ିହାରୀ ପହଞ୍ଚି ରେଡକ୍ରସ୍ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ଦୁର୍ଘଟଣା ପରେ ବାଲି ବୋଝେଇ ହାଇୱା ଖସି ଯାଇଥିଲା । ପୋଲିସ ସେହି ଗାଡ଼ିକୁ ବାହାଡାଖୋଲା ନିକଟରୁ ଜବତ କରି ନୂଆଗାଁ ଥାନାକୁ ଆଣିଛି।

## ଗଣିଆରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା



ଆୟୋଜିତ ସଭାରେ କନ୍ଧମାଳ ଏମ୍‌ପି, ଦଶପଲ୍ଲା ବିଧାୟକ ଓ ଅନ୍ୟମାନେ ।

**ଗଣିଆ,୧୧।୧୦(ସନ୍ତୋଷ କୁମାର ପ୍ରଧାନ)**

ବିଜୁ ଜନତା ଦଳ ତରଫରୁ ଅକ୍ଟୋବର ୨ଗାନ୍ଧୀ ଜୟନ୍ତୀରୁ ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ବୁଧବାର ନୟାଗଡ଼ ଜିଲା ଗଣିଆ ବ୍ଲକରେ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତାନନ୍ଦ ସାମନ୍ତ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଏହି ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିଲେ । ଗଣିଆ ବ୍ଲକର ଆଡକଟା ପଞ୍ଚାୟତର କୃଷ୍ଣପଲ୍ଲୀ ଛକଠାରୁ ଏହି ପଦଯାତ୍ରା ବାହାରି ଗଣିଆ ବଜାର ଦେଇ କିଶୋରପ୍ରସାଦ ପଞ୍ଚାୟତ ପତୁରିଆ ଛକ ପର୍ଯ୍ୟନ୍ତ ଏହି ପଦଯାତ୍ରା ଯାଇଥିଲା । ଗଣିଆ ଗାନ୍ଧୀ ମଣ୍ଡପଠାରେ ଆୟୋଜିତ ସଭାରେ ଏମ୍‌ପି ସାମନ୍ତ ଓ ବିଧାୟକ ବେହେରା ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କହିବା ସହ ଆଗାମୀ ଦିନରେ ବିଜୁ ଜନତା ଦଳକୁ ନେତୃତ୍ୱ ଦେବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ନୟାଗଡ଼ ଜିଲା ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଜାନକୀ ଦେହୁରୀ, ଉପାଧକ୍ଷ ରାଜ କିଶୋର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

## ମା'ବିମଳାଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ

**ଖଣ୍ଡପଡ଼ା,୧୧।୧୦**
**(ଅଜୟ କୁମାର ମହାରଣା)**



ଶୁକ୍ରବାର ଭାଦ୍ରବ ମାସ ମୂଳାଷ୍ଟମୀ ତିଥିରେ ଦ୍ୱିତୀୟା ଓଷାଠାରୁ ବିଭିନ୍ନ ଶକ୍ତି ପୀଠଗୁଡିକ ଚଳଚଞ୍ଚଳ ହୋଇ ଉଠିଛି । ବିଭିନ୍ନ ଶକ୍ତି ପୀଠରେ ଷୋଡଶ ଉପଚାର ବା ଷୋଳ ଦିନାତ୍ମକ ପୂଜା ବିଧି ମୁତାବକ ଚାଲିଛି । କଣ୍ଟିଲୋ ନୀଳମାଧବ ଜୀଉଙ୍କ ମନ୍ଦିରରେ ଷୋଡଶ ଦିନାତ୍ମକ ଦୂର୍ଗା ମାଧବ ପୂଜା ଆରମ୍ଭ ହୋଇଛି । ପୂଜାର୍ଚ୍ଚନା ପରେ ଦେବୀଙ୍କୁ ନୀଳମାଧବ ଜୀଉଙ୍କ ନିକଟରେ ସ୍ଥାପନ କରାଯାଇଥିଲା । ଆସନ୍ତା ନବମୀ ତିଥି ପର୍ଯ୍ୟନ୍ତ ଏଠାରେ ଦୂର୍ଗା ମାଧବ ପୂଜା ଅନୁଷ୍ଠିତ ହେବ । କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କ ମହାସ୍ନାନ ପରେ ମା'ଙ୍କ ପାଖରେ ଖଣ୍ଡା ପୂଜା ଅନୁଷ୍ଠିତ ହୋଇଛି । ମା'ବିମଳାଙ୍କ ଦର୍ଶନ କରିବାକୁ ଭକ୍ତମାନଙ୍କ ପ୍ରତ୍ୟେହ ସମାଗମ ହେଉଥିବା ପରିଲକ୍ଷିତ ହୋଇଛି । ଏହାଛଡା ଖଣ୍ଡପଡାର ଆରାଧ ଶକ୍ତୀପୀଠ ମା'ବାଉତୀ, ମା'ବାହାଡାଶୁଣୀ, ମା'ପାଟଚଣ୍ଡୀ, ମା' ଡୁମ୍ବାଲୁଣୀଙ୍କ ପୀଠରେ ଏହି ପର୍ବ ଆରମ୍ଭ ହୋଇଛି ।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

**ଖଣ୍ଡପଡ଼ା,୧୧।୧୦ (ଅଜୟ କୁମାର ମହାରଣା)**

ପ୍ରତିବର୍ଷ ଅକ୍ଟୋବର ୧୧କୁ ଆନ୍ତର୍ଜାତିକ ବାଳିକା ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଝିଅମାନଙ୍କୁ ସେମାନଙ୍କ ଅଧିକାର ଦେବା ଏବଂ ପ୍ରତ୍ୟେକ କ୍ଷେତ୍ରରେ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ବିଷୟରେ ଅବଗତ କରାଇବା । ଏହି ପରିପ୍ରେକ୍ଷୀରେ ବୁଧବାର ଖଣ୍ଡପଡ଼ା ମହିଳା କନିଷ୍ଠ ମହାବିଦ୍ୟାଳୟ ପରିସରରେ ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧାପକ ବିରଞ୍ଚି କୁମାର ମହାରଣାଙ୍କ ଅଧକ୍ଷତାରେ ଯୁକ୍ତ ୨ ଛାତ୍ରୀମାନଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମହାବଦ୍ୟାଳୟର ଛାତ୍ରୀ ମାନେ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଖଣ୍ଡପଡ଼ା ସହର ପରିକ୍ରମା କରିଥିଲେ। କନ୍ୟା ସନ୍ତାନମାନଙ୍କୁ ସୁରକ୍ଷା ଯୋଗାଇ ଦେବାର ମହତ ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଅଧାପିକା ତୃପ୍ତିପ୍ରିୟା ସେଠୀ, ନିବେଦିତା ପଟ୍ଟନାୟକ, ଜାହ୍ନବୀ ପଟ୍ଟନାୟକ, ଝରଣା ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୌମ୍ୟ


@ ଦିବ୍ୟା


@ ମାନସ


@ ପ୍ରସନ୍ନ


@ ସୁନୀଲ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲା ପ୍ରଶାସନ ଓ ଜମାକାରୀ ମିଳିତ ମଞ୍ଚ ବୈଠକ


ବୈଠକରେ ଯୋଗଦେଇଥିବା ଜମାକାରୀ ଓ ପ୍ରଶାସନିକ ଅଧିକାରୀ।

**ନୟାଗଡ଼,୧୧।୧୦ (ଲୋକନାଥ ମିଶ୍ର)**

ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଦିଲୀପ ବଳଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରଶାସନ ଓ ଜମାକାରୀ ମିଳିତ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତଦନ୍ତ କମିଶନଙ୍କ ସୁପାରିଶ ଏବଂ ସ୍ୱତନ୍ତ୍ର କୋର୍ଟଙ୍କ ରାୟକୁ ତର୍ଜମା କରାଯାଇଥିଲା। ଜମାଟଙ୍କା ଫେରସ୍ତ ପାଇବାରେ ଜମାକାରୀଙ୍କୁ ବାଦ ନ ଦେବାକୁ ନିଷ୍ପତ୍ତି ହୋଇଛି। ନିୟମ ଅନୁଯାୟୀ, ଜମାକାରୀମାନେ ଜିଲାପାଳ ଓ ତହସିଲଦାରଙ୍କଠାରେ କ୍ଲେମ ଆବେଦନ ଦାଖଲ କରିପାରିବେ। ଏହି କ୍ଲେମ ଆବେଦନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଜମାରାଶି ଫେରସ୍ତ ବାବଦରେ ଜିଲା ପ୍ରଶାସନ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଆଲୋଚନା କରାଯାଇଛି। କ୍ଷତିଗ୍ରସ୍ତ ଜମାକାରୀ ଯାଞ୍ଚ, ଆବଶ୍ୟକ କାଗଜପତ୍ର ଦାଖଲ ଓ ଟଙ୍କା ଫେରସ୍ତରୁ ବାଦ ନ ପଡିବା ପାଇଁ ନିଷ୍ପତ୍ତି ହୋଇଛି। ମିଳିତ ମଞ୍ଚର ରାଜ୍ୟ ସମ୍ପାଦକ ମଧୁସୁଦନ ବିଶ୍ୱାଳ, ଯୁଗ୍ମ ଆବାହକ ଅନୁରାଧା ସୁବୁଦ୍ଧି, ଜିଲା ଉପଦେଷ୍ଟା ତଥା ନୟାଗଡ଼ ଆସୋସିଏଶନର ସଭାପତି ରଣଜିତ ଦାସ, ଜମାକାରୀ ମିଳିତ ମଞ୍ଚର ସଞ୍ଜୟ ମହାପାତ୍ର, ତ୍ରୀନାଥ ପଣ୍ଡା, ମାନସ ମିଶ୍ର, ନିଳମଣୀ ପାତ୍ର, କୁଳମଣି ପୃଷ୍ଟି,ସତ୍ୟାନନ୍ଦ ସାହୁ,ଅଖିଳ ପ୍ରଧାନ,ଦିଲୀପ ରାଉତ,ବିଜୟ ଡୋରା, ଭାଗିରଥି ସାହୁ, ମହେନ୍ଦ୍ର ରାଉତ, ଶୁକଦେବ ପଣ୍ଡା,ପ୍ରମୋଦ ମହାନ୍ତି, ବଳରାମ ନାୟକ, ପ୍ରମୋଦା ସ୍ୱାଇଁ ,ନବ କିଶୋର ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ସ୍ମୃତି ପାଇଁ ଆଶାର କିରଣ ସାଜିଲେ ମା'ଙ୍କ ସହପାଠୀ

**ଖଣ୍ଡପଡ଼ା,୧୧।୧୦(ଅଜୟ କୁମାର ମହାରଣା)**

### ମା'ବାପା ଛେଉଣ୍ଡ କୁନି ଝିଅକୁ ସହାୟତା ମିଳିଲା



ସମାଜରେ ବିଶ୍ୱନୀୟତା, ବନ୍ଧୁତା ଏବଂ ଆତ୍ମିୟତା କ୍ରମଶଃ ଦୂରେଇ ଯାଉଛି । ପ୍ରତି ମଣିଷ ନିଜର ବ୍ୟସ୍ତବହୁଳ ଜୀବନରେ ଅନ୍ୟର ଦୁଃଖ, ସୁଖ ପ୍ରତି ଦୃଷ୍ଟି ଦେବାକୁ ସମୟ ପାଉ ନାହାନ୍ତି। ହେଲେ ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ଅଞ୍ଚଳର କେତେକ ସହପାଠୀ ବନ୍ଧୁତାର ଉଦାହରଣ ସାଜିଛନ୍ତି।

ସମ୍ପୂର୍ଣ୍ଣ ଘଟଣାଟି ଏମିତି.. । ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ମଝିସାହି ପାଟଣା ଗ୍ରାମର ରବିନ୍ଦ୍ର ନାଥ ସାହୁଙ୍କ ଝିଅ ଜୟନ୍ତୀ, କଟକ ଜିଲା ବଡମ୍ବା ଥାନା ଅଧୀନ ଗୋପୀନାଥପୁରର ବସନ୍ତ କୁମାର ନାୟକଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ଜୟନ୍ତୀଙ୍କ ବାପା ଚା'ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ସ୍ୱାମୀ ବସନ୍ତ ମଧ୍ୟ ପର ଦୁଆରେ ମୂଲ ଲାଗି ସଂସାର ଚଳାଉଥିଲେ । ଏପରି ପରିସ୍ଥିତିରେ ଶାଶୁ ଘର ଲୋକମାନଙ୍କ ସହ ଉଭୟ ଜୟନ୍ତୀ ଓ ତାଙ୍କ ସ୍ୱାମୀ ବସନ୍ତଙ୍କ ଭଲ ସମ୍ପର୍କ ନ ଥିଲା। ପରଦୁଆରେ ମୂଲ ଲାଗିଲେ ଯାହା ମିଳୁଥିଲା ସେଥିରେ ଓଳିଏ ଖାଇଲେ ଆରଓଳିକୁ ଉପାସ ରହିବାକୁ ପଡୁଥିଲା । ଜୟନ୍ତୀଙ୍କ ଏକମାତ୍ର ଝିଅ ସ୍ମୃତି ସେଥିପାଇଁ ଅଜାଆଇଙ୍କ ପାଖରେ ରହୁଥିଲେ। ନାତୁଣୀକୁ ୩ ବର୍ଷ ହେବା ପରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ତାଙ୍କର ନାମ ଲେଖାଇଥିଲେ ଅଜା। ଅରୁଣ ଓ ପରେ ଉଦୟ ଶ୍ରେଣୀରେ ପାଠ ପଢିବା ପରେ ସ୍ମୃତି ଆସନ୍ତା ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବ । ହେଲେ ଇତିମଧ୍ୟରେ ଅଜା ରବିନ୍ଦ୍ରଙ୍କ ଗତବର୍ଷ ପରଲୋକ ଘଟିଥିଲା। ପରବର୍ତ୍ତୀ ସମୟରେ ସ୍ମୃତିଙ୍କ ବାପା ବସନ୍ତଙ୍କ କର୍କଟ ରୋଗରେ ପୀଡ଼ିତ ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଥିଲେ। ଏପରି ପରିସ୍ଥିତିରେ ଜୟନ୍ତୀ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡିଥିଲେ । ତଥାପି ତାଙ୍କ ଦୁଃଖ ସରି ନ ଥିଲା । ଗତ ସେପ୍ଟେମ୍ବରରେ ଜୟନ୍ତୀ ଶାଶୁ ଘରୁ ବାପା ଘରକୁ ଝିଅ ସ୍ମୃତିକୁ ଦେଖିବାକୁ ଆସିଥିଲେ । ହେଲେ ସେହି ମାସ ୧୩ ତାରିଖ ଦିନ ବାପା ଘରେ ବିଦ୍ୟୁତ ଆଘାତରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଦୁନିଆକୁ ଜାଣିବା, ବୁଝିବା ଓ ଚିହ୍ନିବା ପୂର୍ବରୁ ୫ବର୍ଷର ଝିଅ ସ୍ମୃତି ବେସାହାର ହୋଇପଡିଥିଲେ । ଏବେ ସ୍ମୃତି ମାଉସୀ ରଶ୍ମିତା(୨୨)ଙ୍କ ହେପାଜତରେ ଅଛନ୍ତି। ରଶ୍ମିତା ଘର ଚଳାଇବା ପାଇଁ ଟିଉଶନ କରୁଛନ୍ତି । ମାମୁ ସୌମ୍ୟ ରଞ୍ଜନ(୨୦) ବିଦ୍ୟୁତ ମିଟର ରିଡିଂ କାମ କରିବା ସହ ବିଲ କଲେକ୍ସନ କରି ଯାହା ପ୍ରାପ୍ୟ ପାଉଛନ୍ତି ସେଥିରେ ଦୁଃଖେ କଷ୍ଟେ ସାରା ପରିବାରକୁ ଚଳାଉଛନ୍ତି । ସ୍ମୃତିଙ୍କ ଏପରି ଦୁଃଖ ଦେଖି ମୃତା ଜୟନ୍ତୀଙ୍କ ମାଟ୍ରିକ ବ୍ୟାଚର କେତେଜଣ ସହପାଠିନୀ ଓ ସହପାଠୀ ଏଦିଗରେ ସହାୟତା ହାତ ବଢ଼ାଇଛନ୍ତି । ସୋମାନେ ଏକ ହ୍ୱାଟସପ ଗ୍ରୁପ କରିଛନ୍ତି । ଏହି ଗ୍ରୁପରେ ପ୍ରାୟ ୪୦ ଜଣ ସହପାଠିନୀ, ସହପାଠୀ ଅଛନ୍ତି । ସ୍ମୃତିଙ୍କୁ କିପରି ସାହାଯ୍ୟ ସହଯୋଗ କରିହେବ ସେ ନେଇ ପ୍ରୟାସ ଆରମ୍ଭ କରିଛନ୍ତି । ଏ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଶ୍ରଦ୍ଧାଞ୍ଜଳି ମହାରଣା, ସସ୍ମିତା ସାହୁ, ରବିନ୍ଦ୍ର କୁମାର ସାହୁ, ଚିନ୍ମୟ କୁମାର ଚୌଧୁରୀ । ହ୍ୱାଟସପ ଗ୍ରୁପ ମାଧ୍ୟମରେ ଏ ସମ୍ପର୍କରେ ଅନ୍ୟ ସହପାଠୀମାନଙ୍କୁ ଅବଗତ କରାଇଥିଲେ। ସହପାଠୀମାନଙ୍କ ମଧ୍ୟରୁ ଅନେକ ସ୍ୱଚ୍ଛଳ ଅବସ୍ଥାରେ ନ ଥିଲେ ବି ସେମାନଙ୍କ ଯାହାକିଛି ସହଯୋଗ କୁନି ଝିଅର ଭବିଷ୍ୟତ ପାଇଁ ଆଶାର କିରଣ ପାଲଟିଛି। ଏହି ଖବର ହ୍ୱାଟସଆପ ମାଧ୍ୟମରେ ସୂଚନା ପାଇବା ପରେ ଜଣେ ସହପାଠୀ ଫଣି ଭୂଷଣ ମହାନ୍ତି ଓ ବଳରାମ ବଳିୟାର ସିଂ ପ୍ରମୁଖ ପ୍ରତ୍ୟେକ ୧୦ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରିଛନ୍ତି । ଅନ୍ୟାନ୍ୟ ସହପାଠୀମାନଙ୍କଠାରୁ ୩୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସହାୟତା ରାଶି ସଂଗ୍ରହ କରାଯାଇଥିଲା। ଆଦାୟ ହୋଇଥିବା ସେହି ଟଙ୍କାକୁ ସ୍ମୃତି ନାମରେ କଣ୍ଟିଲୋ ଡ଼ାକଘରେ ସୁକନ୍ୟା ସମୃଦ୍ଧି ଯୋଜନାରେ ଏକ ଆକାଉଣ୍ଟରେ ଜମା କରାଯାଇଛି । ଉକ୍ତ ଆକାଉଣ୍ଟରେ ଇତିମଧ୍ୟରେ ୭୪ ହଜାର ୫ ଶହ ୧୮ଟଙ୍କା ଜମା ରଖାଯାଇଛି। ସୁକନ୍ୟା ସମୃଦ୍ଧି ଯୋଜନା ଅନୁସାରେ ସ୍ମୃତିକୁ ୧୮ବର୍ଷ ହେବା ପରେ ଉକ୍ତ ଅର୍ଥ ସ୍ମୃତିର ଆବଶ୍ୟକ କାର୍ଯ୍ୟରେ ବିନିଯୋଗ ହୋଇପାରିବ ବୋଲି ସହପାଠୀମାନେ ଆଶା ପ୍ରକଟ କରିଛନ୍ତି। ତେବେ କୌଣସି ସହୃଦୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ସ୍ମୃତିକୁ ସହାୟତାର ହାତ ବଢାଇବାକୁ ଚାହୁଁଥିଲେ କଣ୍ଟିଲୋ ଉପ ଡ଼ାକଘରେ ଥିବା ସୁକନ୍ୟା ଆକାଉଣ୍ଟ ନଂ–୪୩୩୧୦୬୭୫୫୦ରେ ଜମା କରିବାକୁ ସହପାଠୀମାନେ ନିବେଦନ କରିଛନ୍ତି। ଅନ୍ୟପକ୍ଷେ ସ୍ମୃତି ପାଠ ପଢୁଥିବା ସ୍କୁଲର କର୍ମକର୍ତ୍ତା ସମସ୍ତ ପଢାଖର୍ଚ୍ଚ ବହନ କରିବେ ବୋଲି ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର କର ଓ ପ୍ରଧାନ ଶିକ୍ଷକ କାଶୀନାଥ ମହାରଣା ପ୍ରତିଶ୍ରୁତି ଦେଇଛନ୍ତି।

## ସଂକ୍ଷେପରେ

### ଅସ୍ଥାୟୀ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ

ଚଣ୍ଡିଖୋଲ,୧୧।୧୦(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲାର ମୁଖ୍ୟ ଦ୍ୱାର ବା ମୁଖଶଳା ହେଉଛି ଚଣ୍ଡିଖୋଲ ଛକ। ଏଠାରେ ଜାତୀୟ ରାଜପଥ ଅବରୋଧ କରି ଅସ୍ଥାୟୀ ବ୍ୟବସାୟୀ ବ୍ୟବସାୟ ପ୍ରତିଷ୍ଠାନ ଖୋଲି ଥିବାରୁ ଯାତାୟାତରେ ଘୋର ବାଧା ସୃଷ୍ଟି ହେଉଛି। ଏନେଇ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ୬ ତାରିଖରେ ଚଣ୍ଡିଖୋଲ ଛକର ବିଭିନ୍ନ ବ୍ୟବସାୟୀ ସଂଗଠନ କର୍ମକର୍ତ୍ତାମାନଙ୍କୁ ଡାକି ଆଲୋଚନା କରିଥିଲେ। ରାସ୍ତା ଉପରୁ ଅବରୋଧ ହଟାଇବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସେଥିପାଇଁ ୭ ତାରିଖରେ ଡାକବାଜି ଯନ୍ତ୍ର ଯୋଗେ ରାସ୍ତା ଉପରୁ ଅସ୍ଥାୟୀ ଦୋକାନ ହଟାଇ ନେବାକୁ ପ୍ରଚାର ପ୍ରସାର କରାଯାଇଥିଲା। ବୁଧବାର ପର୍ଯ୍ୟନ୍ତ କେହି ରାସ୍ତା ଉପରୁ ଦୋକାନ ନ ହଟାଇବା ଯୋଗୁ ପୋଲିସ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଧାରା ୨୯୦ ଅନୁଯାୟୀ ପ୍ରଥମ ଦିନରେ ୧୬ ଜଣଙ୍କ ନାମରେ ମାମଲା ରୁଜୁ କରି ସେମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ପଠାଇ ଦେଇଥିବା ନେଇ ଥାନା ଅଧିକାରୀ ପାତ୍ର ସୂଚନା ଦେଇଛନ୍ତି। ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ବୁଧବାର ସନ୍ଧ୍ୟାରେ ଚଢ଼ାଉ ସମୟରେ ବଡ଼ଚଣା ଥାନା ପୋଲିସ ସହ ଚଣ୍ଡିଖୋଲ ଫାଣ୍ଡି ପୋଲିସ ମଧ୍ୟ ସାମିଲ ହୋଇଥିଲା।

### ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୨୦ ଗ୍ରାମ ସୁନା ମିଳିଲା
### ମା' ତାରିଣୀଙ୍କ ହୁଣ୍ଡି ଗଣତି

ଘଟଗାଁ,୧୧।୧୦(ରାଜେନ୍ଦ୍ରକୁମାରପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ମଙ୍ଗଳବାର ଖୋଲାଯାଇ ଗଣତି କରାଯାଇଥିଲା। ମୋଟ ୧୫ ଲକ୍ଷ ୩୫ ହାଜର ୨୧୫ଟଙ୍କା, ୨୦ ଗ୍ରାମ ୯୧୦ ମିଲିଗ୍ରାମ ସୁନା ଓ ୮୬୧ଗ୍ରାମ. ୫୦୦ମିଲିଗ୍ରାମ ରୁପା ମିଳିଥିବା ସୂଚନା ମିଳିଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କର୍ମଚାରୀ ଉପେନ୍ଦ୍ର ନାଏକ ପ୍ରମୁଖଙ୍କ ଉପସ୍ଥିତରେ ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତିକରାଯାଇଥିଲା। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ଦେହୁରୀ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ସନାତନ ନାଏକ, ତରଣୀସେନ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଚନ୍ଦନ ବେହେରା, ଚକ୍ରଧର ନାଏକ, ବିଷ୍ଣୁ ଚରଣ ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ, ସିପୁନ ସାହୁ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

# ବିଦ୍ୟାଳୟରେ ପିଇବା ପାଣି, ଶୌଚାଳୟ ସମସ୍ୟା

- ସମାଧାନ ପାଇଁ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଦାବିପତ୍ର
- ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ


ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଭିଯୋଗ ପତ୍ର ଦେବାକୁ ଆସିଥିବା ଅଭିଭାବକ।

ରସୁଲପୁର,୧୧।୧୦(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଦୁର୍ଗାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଇବାପାଣି ଓ ଶୌଚାଳୟ ସମସ୍ୟା ଲାଗିରହିଛି। ତେଣୁ ଏହାର ତୁରନ୍ତ ସମାଧାନ ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ସେମାନେ ବିଦ୍ୟାଳୟ ପରିସରରେ ପହଞ୍ଚି ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ଭଞ୍ଜଙ୍କୁ ଲିଖିତ ଦାବିପତ୍ର ଦେଇଛନ୍ତି। ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ଧାରଣରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଉକ୍ତ ବିଦ୍ୟାଳୟରେ ୧ରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୩୩ ବିଦ୍ୟାର୍ଥୀ ଅଧ୍ୟୟନରତ ଅଛନ୍ତି। ହେଲେ ବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳର ଅଭାବ ସ୍ଥାୟୀ ସମସ୍ୟାରେ ପରିଣତ ହୋଇଛି। ବ୍ରାହ୍ମଣୀ ନଦୀବନ୍ଧ ପାର୍ଶ୍ୱରେ ବିଦ୍ୟାଳୟ ଅବସ୍ଥିତ ଥିବାରୁ ଏଠାରେ ଖୋଳାଯାଇଥିବା ନଳକୂପଗୁଡ଼ିକରୁ ଲୌହଯୁକ୍ତ ପାଣି ବାହାରୁଛି। ଉକ୍ତ ପାଣି ପିଇବା ଉପଯୋଗୀ ହୋଇପାରୁନାହିଁ। ଏହି ସମସ୍ୟାରୁ ମୁକୁଳିବା ପାଇଁ ବିଦ୍ୟାଳୟ ପକ୍ଷରୁ ଏକ ଛୋଟ ଆକ୍ୱାଗାର୍ଡ ଲଗାଯାଇଛି। ହେଲେ ଉକ୍ତ ମେଶିନଟି ପିଲାଙ୍କୁ ପାନୀୟ ଜଳ ଯୋଗାଇ ପାରୁନାହିଁ। ଅଧିକାଂଶ ପିଲା ଲୌହ ମିଶା ପାଣି ପିଇ ରୋଗର ଶିକାର ହେଉଛନ୍ତି। ଏହି ସମସ୍ୟାକୁ ନେଇ ଦୀର୍ଘଦିନ ଧରି ଅଭିଭାବକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଆସୁଛନ୍ତି। ଏହାଛଡ଼ା ବିଦ୍ୟାଳୟରେ ବାଳିକାଙ୍କ ପାଇଁ ଶୌଚାଳୟ ରହିଛି। ମାତ୍ର ବାଳକଙ୍କ ପାଇଁ ଶୌଚାଳୟ ନାହିଁ। ସେମାନେ ଖୋଲା ପଡ଼ିଆରେ ମଳମୂତ୍ର ତ୍ୟାଗ କରୁଛନ୍ତି। ଏଭଳି ଚିରାଚରିତ ସମସ୍ୟାକୁ ନେଇ ଅଭିଭାବକଙ୍କ ଅଶାନ୍ତି ଚରମସୀମାରେ ପହଞ୍ଚିଛି। ଅଭିଭାବକମାନେ ମେଳି ବାନ୍ଧି ବିଦ୍ୟାଳୟ ପରିସରରେ ପହଞ୍ଚିଥିଲେ। ଏହାକୁ ନେଇ ବିଦ୍ୟାଳୟ ପରିସରରେ କିଛି ସମୟ ପାଇଁ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା। ସ୍ଥାନୀୟ ସରପଞ୍ଚ ଅବଗତ ହେବାପରେ ତାଙ୍କ ସହଯୋଗୀଙ୍କୁ ପଠାଇ ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ କରାଇଥିଲେ। ସପ୍ତାହକ ମଧ୍ୟରେ ବିଦ୍ୟାଳୟରେ ଏକ ବଡ ଆକ୍ୱାଗାର୍ଡ ସ୍ଥାପନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଘନଘନ ବିଜୁଳି କାଟ ଯୋଗୁ ପାଣିଛଣା ମେଶିନ କାମ କରୁ ନ ଥିବାରୁ ପିଲାମାନେ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି। ତା'ର ଆଶୁ ସମାଧାନ ପାଇଁ ବିଦ୍ୟାଳୟରେ ଏକ ଇନଭର୍ଟର ସ୍ଥାପନ କରିବାକୁ ଅଭିଭାବକ ଦାବି କରିଥିଲେ। ଏଥିସହ ବାଳକମାନଙ୍କ ପାଇଁ ତୁରନ୍ତ ଶୌଚାଳୟ ବ୍ୟବସ୍ଥା କରିବାକୁ ଦାବିପତ୍ର ପ୍ରଦାନ କରି ଫେରି ଯାଇଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷୟିତ୍ରୀ ଭଞ୍ଜଙ୍କୁ ପଚାରିବାରେ ସେ କହିଛନ୍ତି, ବିଦ୍ୟାଳୟ ସମସ୍ୟା ସମ୍ପର୍କରେ ୟୁ-ଡାଇସି ରିପୋର୍ଟରେ ଉଲ୍ଲେଖ କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି। ଶୌଚାଳୟ ପାଇଁ ସ୍ଥାନ ଅଭାବ ରହିଛି। ସେଥିପାଇଁ ଶୌଚାଳୟ ହୋଇ ପାରୁନାହିଁ। ସେହିପରି ସରପଞ୍ଚଙ୍କ ପକ୍ଷରୁ ଏକ ଆକ୍ୱାଗାର୍ଡ ବିଦ୍ୟାଳୟକୁ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ସେ ମତ ରଖିଛନ୍ତି।

# ଧର୍ମଶାଳାର ୫ ଜୋନ୍‌ରେ ଜନସମ୍ପର୍କ ପଦଯାତ୍ରା

ଧର୍ମଶାଳା/କାଏମା,୧୧।୧୦ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକର ୫ ଜିଲା ପରିଷଦ ଜୋନରେ ବୁଧବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ବ୍ଲକ୍‌ର ୧୧ନଂ ଜୋନ ରାଇଛନ୍ଦା ପଞ୍ଚାୟତର ଅନ୍ଧାରଗୁଡ଼ିଠାରୁ ପଦଯାତ୍ରା ଆରମ୍ଭ ହୋଇ ରେଖିଦେଇପୁର ପଞ୍ଚାୟତରେ ଶେଷ ହୋଇଥିଲା। ୧୨ନଂ ଜୋନର ଜେନାପୁର ପଞ୍ଚାୟତଠାରୁ ପଦଯାତ୍ରା ଆରମ୍ଭ ହୋଇ ବୃନ୍ଦାଦେଇପୁର ପଞ୍ଚାୟତରେ ଶେଷ ହୋଇଥିଲା। ୧୩ନଂ. ଜୋନ ଗଙ୍ଗାଧରପୁର ପଞ୍ଚାୟତର ନାକପୋଲ ବଜାରଠାରୁ ପଦଯାତ୍ରା ବାହାରି କୁମାରୀ ପଞ୍ଚାୟତରେ ଶେଷ ହୋଇଥିଲା। ୧୪ନଂ. ଜୋନ ଅଭୟପୁର ପଞ୍ଚାୟତର ଅଚ୍ୟୁତପୁରଠାରୁ ଧର୍ମଶାଳା ରାଣୀ ଅହଲ୍ୟାବାଇ ବଙ୍ଗଳା ଓ ୧୫ନଂ. ଜୋନ୍ ଉତ୍ତରତପ୍ରତାପ ପଞ୍ଚାୟତର ନୀଳକଣ୍ଠପୁରଠାରୁ ପଦଯାତ୍ରା ଆରମ୍ଭ ହୋଇ ମଙ୍ଗଳପୁର ପଞ୍ଚାୟତର ନୁଆକୂଳଠାରେ ଶେଷ ହୋଇଥିଲା। ଏହି ପଦଯାତ୍ରା ଏକକାଳୀନ ସକାଳ ୮ଘଟିକାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟାରେ ସରିଥିଲା।

ଏଥିରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇଥିଲେ। ପ୍ରତ୍ୟେକ ଜୋନରେ ବିଧାୟକ ବଳବନ୍ତରାୟ ଯୋଗଦେଇ ଗ୍ରାମର ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଏଥିରେ ୧୧ନଂ. ଜୋନ ଜିଲା ପରିଷଦ ସଭ୍ୟ ସୁଧାଂଶୁ ସାହୁ, ୧୨ନଂ. ଜୋନ୍ ଜିଲାପରିଷଦ ସଭ୍ୟ ପ୍ରଣତି ଲେଙ୍କା,୧୩ ନଂର ସ୍ମୃତିରେଖା ବେହେରା, ୧୪ ନଂ.ର ଜଳଧର ମହାନ୍ତି, ୧୫ନଂ ଜୋନ ଜିଲାପରିଷଦ ସଭ୍ୟ ଚକ୍ରଧର ବେହେରା, ଜଳଧର ସାହୁ, ଶରତ ନାୟକ, ଗୌତମ ସାହୁ, ଅକ୍ଷୟ ନାୟକ, ଶ୍ରୀନିବାସ ଜେନା ଓ ସୁଶୀଳ ମହାନ୍ତିଙ୍କ ସମେତ ବିଜେଡି ମହିଳା, ଯୁବ, ଛାତ୍ର ଏବଂ ଗାର୍ଲସ ୱିଙ୍ଗ୍‌ର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ।



ଧର୍ମଶାଳା ବିଧାୟକଙ୍କ ସମେତ କର୍ମୀମାନେ ଶୋଭାଯାତ୍ରା କରୁଛନ୍ତି।

# ଟ୍ରେନ୍ ଦୁର୍ଘଟଣାର ଶିକାର ପରିବାର ସାମାଜିକ ସୁରକ୍ଷା ଯୋଜନାରେ ସାମିଲ


ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜିତେନ୍ଦ୍ର ସାହୁଙ୍କ ପରିବାର ସଦସ୍ୟଙ୍କୁ ଭତ୍ତା ପ୍ରଦାନ କରାଯାଉଛି।

ରସୁଲପୁର,୧୧।୧୦(ରଞ୍ଜିତ ରାଉତ): ବାଲେଶ୍ୱରସ୍ଥିତ ବାହାନଗାଠାରେ ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ କୃଷ୍ଣନଗର ଗ୍ରାମର ଜିତେନ୍ଦ୍ର ସାହୁଙ୍କ ପରିବାର ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି। ତାଙ୍କ ପରିବାରର ୩ଜଣ ସଦସ୍ୟଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଇଛି। ସରପଞ୍ଚ ସର୍ବେଶ୍ୱର ସାହୁ ମଙ୍ଗଳବାର ଜିତେନ୍ଦ୍ରଙ୍କ ସ୍ତ୍ରୀ ରଞ୍ଜିତା ସାହୁ, ପିତା ନରେନ୍ଦ୍ର ସାହୁ ଓ ମାତା ପୂର୍ଣ୍ଣିମା ସାହୁଙ୍କୁ ମଧୁବାବୁ ପେନସନ ଯୋଜନା ଜରିଆରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଉକ୍ତ ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସରେ ଭତ୍ତା ଆକାରରେ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସରପଞ୍ଚ ସାହୁ ସୂଚନା ଦେଇଛନ୍ତି।

ଜିତେନ୍ଦ୍ର ପରିବାରର ଏକମାତ୍ର ରୋଜଗାରିଆ ଥିଲେ। ସେ ବାଲେଶ୍ୱର ଜିଲାରେ ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ଟ୍ରେନରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ତାଙ୍କର ମୃତ୍ୟୁ ପରେ ପରିବାର ଲୋକଙ୍କ ଆର୍ଥିକ ସ୍ଥିତି ଭୁଶୁଡ଼ି ପଡ଼ିଛି। ପରିବାରର ଏତାଦୃଶ ସମସ୍ୟା ସମାଧାନ ପାଇଁ ପଞ୍ଚାୟତ ପକ୍ଷରୁ ଗୁରୁତ୍ୱ ଦିଆଯାଇ ୩ଜଣଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ପଦକ୍ଷେପ ନିଆଯାଇଥିଲା। ପଞ୍ଚାୟତ ପକ୍ଷରୁ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନବେଳେ ପୀଡ଼ିତ ପରିବାର ସଦସ୍ୟଙ୍କୁ ମଧ୍ୟ ଭତ୍ତା ପ୍ରଦାନ କରାଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିଲ ଅଙ୍ଗରାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଳକୁଣ୍ଡ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଶୁଭାରମ୍ଭ

ସିଂହପୁର,୧୧।୧୦ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଳକୁଣ୍ଡ ପଞ୍ଚାୟତରେ ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ବାଚସ୍ପତି ପ୍ରମିଳା ମଲ୍ଲିକ ଏସବୁ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ବୁଲେଇପୁର ଓ ଝିଙ୍କିରିଠାରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ ସଭାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ମଲ୍ଲିକ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଏରସାଦ, ସରପଞ୍ଚ ସୁଶାନ୍ତ କୁମାର ଦାସ, ଜିଲା ପରିଷଦ ସଭ୍ୟ ସୁନୀତା ନାୟକ, ସମିତିସଭ୍ୟା ସରସ୍ୱତୀ ନାୟକ, ଅହଲ୍ୟା ସ୍ୱାଇଁ, ନିରଞ୍ଜନ ସାହୁ, ଅନୁପମା ଦାସ, ମୁରଲି ବେହେରା, ମୈନୁଲ ଇସଲାମ, ଅମୂଲ୍ୟ ପରିଡ଼ା, ଅନନ୍ତ ବେହେରା, ଅଶୋକ ମହାନ୍ତି ଓ ମଙ୍ଗୁଳି ଯେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଅଳକୁଣ୍ଡ ପଞ୍ଚାୟତ ସମେତ ପଡ଼ୋଶୀ ପଞ୍ଚାୟତର ବହୁ ପରିବାର ଉପକୃତ ହେବେ। ଅଳକୁଣ୍ଡ ପଞ୍ଚାୟତକୁ ବାଚସ୍ପତିଙ୍କ ପ୍ରଥମ ଗସ୍ତ ହୋଇଥିବାରୁ ସ୍ୱାଗତ ପାଇଁ ବ୍ୟବକ ବନ୍ଦୋବସ୍ତ କରାଯାଇଥିଲା।

### ବାବା ଭୈରବାନନ୍ଦ କଲେଜ ପ୍ରଥମ ଅଧ୍ୟକ୍ଷଙ୍କ ପରଲୋକ



ଚଣ୍ଡିଖୋଲ/ବଡ଼ଚଣା,୧୧।୧୦ (ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ ମହାନ୍ତି): ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ପଦ୍ମଚରଣ ରାଉତରାୟ(୮୨)ଙ୍କ ମଙ୍ଗଳବାର ରାତିରେ ପରଲୋକ ହୋଇଯାଇଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ଘୁମୁରୀ ପଞ୍ଚାୟତ ଉଦୟନଗର(ମହାରା)ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ୧୯୭୬ରେ ବାବା ଭୈରବାନନ୍ଦ କଲେଜ ପ୍ରତିଷ୍ଠା ହେବା ପରେ ସେ ପ୍ରଥମ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଜଣେ ଅମାୟିକ, ପରୋପକାରୀ ଓ ଶାନ୍ତ ସ୍ୱଭାବର ମଣିଷ ଥିଲେ। ଦୀର୍ଘଦିନ ହେବ ହୃଦ୍‌ରୋଗରେ ପୀଡ଼ିତ ରହି ଚିକିତ୍ସାଧୀନ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା।

ଭାଜପା ନେତା ଅମର ନାୟକ, ସରପଞ୍ଚ ଅକ୍ଷୟ ରାଉତରାୟ, ସମିତିସଭ୍ୟ ନୀଳମଣି ମହାରଣା ଓ ଦେବଜାନୀ ପ୍ରଧାନ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶବଧାରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ତାଙ୍କ ବିୟୋଗରେ ବିଧାୟକ ଅମର ପ୍ରସାଦ ଶତପଥୀ, ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର, ବିଜେଡି ନେତା ଜନ୍ମେଜୟ ଲେଙ୍କା, କଲେଜର ପୂର୍ବତନ ଅଧ୍ୟକ୍ଷ ଶୁରେନ୍ଦ୍ର ନାଥ ପଣ୍ଡା, ନରେନ୍ଦ୍ର ମହାନ୍ତି, କେଦାରନାଥ ଦାଶ, ବୀରେନ୍ଦ୍ର ମିଶ୍ର, ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି, ବିଜୟ ସାମଲ, ବିଜେଡି ନେତା ପ୍ରିୟନାଥ ମହାପାତ୍ର, କଂଗ୍ରେସ ନେତା ଅଜୟ ସାମଲ, ଆଇନଜୀବୀ ଦେବରାଜ ବେହେରା, ଉଦୟନାଥ ସାହୁ, ଖବରଦାତା ନିର୍ମଳ ସାମଲ, ପ୍ରମୋଦ ଜେନା, ପବିତ୍ର ସାମଲ, ଉତ୍କଳ କେଶରୀ ପ୍ରଧାନ, ତାପସ ମିଶ୍ର, ବସନ୍ତ ପଲାଇ, ଅନିଲ କୁମାର ଦାସ ଓ ପ୍ରଦୀପ କୁମାର ଧଳଙ୍କ ସହ ମହାବିଦ୍ୟାଳୟର ଅଧ୍ୟାପିକାଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

# ବରୀ ବିଜେଡିର ଜନସମ୍ପର୍କ ପଦଯାତ୍ରା

ବରୀ,୧୧।୧୦(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ ବିଜେଡିର ଏକ ଜନ ସମ୍ପର୍କ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ସ୍ଥାନୀୟ ସନ୍ଥନମଠଠାରୁ ଆରମ୍ଭ ହୋଇ ବରୀ ମାଉଣ୍ଡ ଜାଗୁଳାଇ ପୀଠଠାରେ ଶେଷ ହୋଇଥିଲା। ଏଥିରେ ହଜାରହଜାର ମହିଳା ଓ ପୁରୁଷ ସାମିଲ ହୋଇ ଜୟ ନବୀନ, ଜୟ ସୁନନ୍ଦା ନାରା ଦେଇଥିଲେ। ବିଧାୟିକା ସୁନନ୍ଦା ଦାସ ପଦଯାତ୍ରାରେ ଆସି ବରୀ ମାଉଣ୍ଡ ନିକଟରେ ପହଞ୍ଚିଥିଲେ। ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟିକା ଯୋଗଦେଇ ସେ ମାଟି ମା' ପାଇଁ ଉତ୍ସର୍ଗୀକୃତ। ପଦପଦବୀ ବଡ଼ ନୁହେଁ, ସେ ଏହି ମାଟିର ଝିଅ, ଏହି ମାଟିର ବୋହୂ। ତେଣୁ ଏ ମାଟିର ସେବା କ୍ଷେତ୍ରରେ କେବେବି ତ୍ରୁଟି କରିନାହାନ୍ତି ଓ କରିବେ ନାହିଁ ବୋଲି ମତ ରଖିଥିଲେ। ଏଥିସହିତ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା କିଭଳି ଲୋକଙ୍କ ନିକଟରେ ପହଞ୍ଚି ପାରିବ ସେ କ୍ଷେତ୍ରରେ କର୍ମୀମାନେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ବିଜେଡି ସଭାପତି କେଦାର ସାମଲ ସଭାପତିତ୍ୱ କରିଥିଲେ। ଏମ୍‌ପି ଶର୍ମିଷ୍ଠା ସେଠୀ, ବ୍ଲକ୍ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ସରପଞ୍ଚ ମାନସ ଜେନା, ଜଗଦୀଶ ଜେନା, ସୁଶାନ୍ତ ଦାସ, ରଶ୍ମିତା ପରିଡ଼ା, ହରପ୍ରିୟା ସାହୁ, ସମିତିସଭ୍ୟ ସଞ୍ଜୀବ ଜେନା, ସୁଧାଂଶୁବାଳା ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ଘଡ଼େଇ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଆର୍ତ୍ତବନ୍ଧୁ ସାମଲ, ଦଳିତ ନେତା ଦୁଷ୍ମନ୍ତ ସେଠୀ, ପ୍ରାକ୍ତନ ସରପଞ୍ଚ ରମାକାନ୍ତ ମଲିକ ଓ ସମୀର ମଲିକଙ୍କ ସମେତ ବ୍ଲକ୍ ଅଧୀନ ୨୯ ପଞ୍ଚାୟତର ଛାମୁଆ କର୍ମୀ ଉପସ୍ଥିତ ଥିଲେ।



ପଦଯାତ୍ରା ଅବସରରେ ଅନୁଷ୍ଠିତ ସଭାରେ ଉପସ୍ଥିତ ବିଧାୟିକା ଓ ଅନ୍ୟମାନେ।

### ମିଠାରୁ ବାହାରିଲା ମୂଷା, ଦୋକାନ ସିଲ୍

କେନ୍ଦୁଝର,୧୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହର ଜାମୁହତା ଛକ ନିକଟରେ ଥିବା ଗୀତାଞ୍ଜଳି ମିଠା ଦୋକାନକୁ ବୁଧବାର ପୌରପାଳିକା ପକ୍ଷରୁ ସିଲ୍ କରି ଦିଆଯାଇଛି। ଦୋକାନର ଜଣେ କର୍ମଚାରୀ ଦୋକାନରେ ମିଠାରେ ମୂଷା ପଡ଼ିଥିବା, ମଇଳା ଆବର୍ଜନା ପରିବେଶରେ ମିଠା ପ୍ରସ୍ତୁତ ହେଉଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୌରପାଳିକା ଏଭଳି ପଦକ୍ଷେପ ନେଇଥିବା କୁହାଯାଇଛି।

### ଯୁବକଙ୍କ ମୃତଦେହ ଜବତ

ରାଇରଙ୍ଗପୁର,୧୧।୧୦(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଧୀନ ଦେଓଗାଁ ଗ୍ରାମର ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ରାଜ୍ୟ ସୀମାନ୍ତରୁ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ସେକ୍ ତୁକମାନଙ୍କ ପୁଅ ସେକ ଆଫରଜ୍ (୩୫)। ପଶ୍ଚିମବଙ୍ଗ ରାଜ୍ୟ ପୁରୁଲିଆ ନିକଟସ୍ଥ ବାଗମୁଡ଼ି ଥାନା ପୋଲିସ ଏକ ଡ୍ୟାମ୍ ନିକଟସ୍ଥ ଘଞ୍ଚ ଗଛଲତା ମଧ୍ୟରୁ ମୃତଦେହ ଜବତ କରି ଛାନଭିନ୍ ଚଳାଇଛି। ଘଟଣାସ୍ଥଳରୁ ଏକ ବୋଲେରୋ ଜବତ ହୋଇଛି। ମୃତ ଯୁବକଙ୍କ ପରିବାର ଲୋକେ ବୁଧବାର ବାଗମୁଡ଼ି ଥାନାରେ ପହଞ୍ଚିବାପରେ ପୋଲିସ ମୃତଦେହ ହସ୍ତାନ୍ତର କରିଥିଲା।

# ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି



ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ବିଦ୍ୟାର୍ଥୀ।

ବଡ଼ଚଣା,୧୧।୧୦(ଦିଲୀପ ମହାନ୍ତି): ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ କୁନ୍ଦଳ ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ଶିଶୁ ମହୋତ୍ସବ ସୁରଭି-୨୦୨୩ ଓ ଓଡ଼ିଶା ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁନ୍ଦଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସିଆର୍‌ସିସି ସଞ୍ଜୟ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀନାଥ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ୧୭ ଶିକ୍ଷାନୁଷ୍ଠାନର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ୧୭ ବିଭାଗର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଡ. ସୁଧୀର କୁମାର ସାମଲ ବିଚାରକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମୂଲ୍ୟାଙ୍କନ କରିଥିଲେ। କୁନ୍ଦଳ ସରପଞ୍ଚଙ୍କ ପ୍ରତିନିଧି ରବୀନ୍ଦ୍ର କୁମାର ରାଉତ, ସମିତିସଭ୍ୟଙ୍କ ପ୍ରତିନିଧି ଓ ଅରଖପୁର ସରପଞ୍ଚଙ୍କ ପ୍ରତିନିଧି ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବାସନ୍ତୀ ସିଂ, ରବୀନ୍ଦ୍ର କୁମାର ନାୟକ, ସନ୍ତୋଷ କୁମାର ଜେନା, ପ୍ରଦୀପ୍ତ କୁମାର ସେଠୀ, ପାଣ୍ଡବ ଚରଣ ସେଠୀ, ସୁଶାନ୍ତ କୁମାର ଧଳ, ପ୍ରଶାନ୍ତ କୁମାର ସ୍ୱାଇଁ, ସାବିତ୍ରୀ ପ୍ରଧାନ, ରବୀନ୍ଦ୍ର କୁମାର ପଣ୍ଡା, ରାଜେନ୍ଦ୍ର କୁମାର ସାହୁ ଓ ସତ୍ୟଜିତ ସାହୁ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ନିଶା ନିବାରଣ ବୈଠକ

**ରାଜକନିକା,୧୧ା୧୦(ସଞ୍ଜୟ କୁମାର ଦାଶ)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତ ହଟିଆପଡ଼ା ଗ୍ରାମରେ ପଞ୍ଚାୟତସ୍ତରୀୟ ନିଶା ନିବାରଣ ବୈଠକ ପତିତପାବନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାମାଜିକ କର୍ମୀ ରଞ୍ଜନ କୁମାର ସେଠୀ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ରାଜକନିକା ଶାଖାର ସଭାପତି ସୁରେଶ ମିଶ୍ର ଓ ସମ୍ପାଦକ କୈଳାସ ଚନ୍ଦ୍ର ମଲିକ ପ୍ରମୁଖ ଯୋଗଦେଇ ମଦର ମାତ୍ରାଧିକ ପ୍ରସାର ଓ ତାକୁ ସେବନ ଦ୍ୱାରା ଲୋକମାନଙ୍କ ଶରୀର ଉପରେ କୁପ୍ରଭାବ ପଡୁଥିବା ସଂକ୍ରାନ୍ତରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇଥିଲେ। ଏହି ପରିପ୍ରେକ୍ଷୀରେ କୋରନ୍ଦ ପଞ୍ଚାୟତରେ ୧୫ ଜଣିଆ ନିଶା ନିବାରଣ କମିଟି ଗଠନ କରାଯାଇଥିଲା।

### ଯାନ୍ତ୍ରିକ ସଂଘରେ ସାମିଲ ହେଲେ ଅଳଭା ଜଳ ବିଶୋଧନାଗାର କର୍ମଚାରୀ

**ପଟ୍ଟାମୁଣ୍ଡାଇ,୧୧ା୧୦(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧୀନରେ ଥିବା ଅଳଭା ଜଳ ବିଶୋଧନାଗାରର କାର୍ଯ୍ୟରତ କର୍ମଚାରୀମାନେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘରେ ସାମିଲ ହୋଇଛନ୍ତି। ବିଶୋଧନଗାରର କର୍ମଚାରୀମାନେ ଠିକା କର୍ମଚାରୀ ହୋଇଥିବାରୁ ନିଜର ସୁରକ୍ଷା, ବୀମା ଏବଂ ସରକାରଙ୍କ ନିକଟରେ ନିଜର ସମସ୍ୟା ସମ୍ପର୍କିତ ଦାବି ଉପସ୍ଥାପନା କରିବା ପାଇଁ ଯାନ୍ତ୍ରିକ ସଂଘରେ ସାମିଲ ହୋଇଥିବା ନୂତନ ଭାବେ ମନୋନୀତ ସଭାପତି ରଶ୍ମୀରଞ୍ଜନ ପାଢ଼ୀ, ସମ୍ପାଦକ ସୁବ୍ରତ କୁମାର ଜେନା କହିଛନ୍ତି। ଏ ନେଇ ଏକ ବୈଠକରେ ଯାନ୍ତ୍ରିକ ସଂଘର ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, କେନ୍ଦ୍ରାପଡ଼ା ଖଣ୍ଡ ସଭାପତି ସୁଶାନ୍ତ କୁମାର ନାୟକ, ସହକାରୀ ଯନ୍ତ୍ରୀ ଇଂ. ସୁଦାମ ଚରଣ ସାହୁ, ରାଜ୍ୟ ବାର୍ତ୍ତା ସମ୍ପାଦକ ସ୍ମୃତି ରଞ୍ଜନ ଗିରି, ପଟ୍ଟାମୁଣ୍ଡାଇ ଅନୁଖଣ୍ଡ ସମ୍ପାଦକ ପଞ୍ଚାନନ ସ୍ୱାଇଁଙ୍କ ସମେତ ମାନସ ରାଉତ, ବିରଞ୍ଚି ସାହୁ, ଜ୍ଞାନ ବେହେରାଙ୍କ ସାମେତ ୨୬ ଜଣ କର୍ମଚାରୀ ଉପସ୍ଥିତି ଥିଲେ।

### ଖୋ ଖୋ ପ୍ରତିଯୋଗୀଙ୍କୁ ଅଭିନନ୍ଦନ

**ରାଜକନିକା, ୧୧ା୧୦(ରବୀନ୍ଦ୍ର କୁମାର ଦାସ)**

ଅନଗୋଳଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ୧୪ ବର୍ଷରୁ କମ ଖୋ ଖୋ ପ୍ରତିଯୋଗିତା ପାଇଁ ରାଜକନିକା ବ୍ଲକରୁ ଚୟନ ହୋଇଥିବା ୬ ଜଣ ଛାତ୍ର ଓ ୧୭ ବର୍ଷରୁ କମ୍ ୭ ଜଣ ଛାତ୍ରଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ରାଜକନିକା ବ୍ଲକ କ୍ରୀଡ଼ା ସମ୍ପାଦକ ଅରୁଣ କୁମାର ଧଳଙ୍କ ସଂଯୋଜନାରେ ବିଇଓଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଓ ବାବାଜୀ ଚରଣ ବାରିକ, ଏବିଇଓ କୈଳାସ ଚନ୍ଦ୍ର ସାହୁ ଓ ସୁରୁଚି ପ୍ରଭା ଦାଶ ପ୍ରମୁଖ ଉପସ୍ଥିତ ରହି ଉକ୍ତ ଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି।

### ୧୦ଦଫା ଦାବି ନେଇ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ବୈଠକ

**ରାଜନଗର, ୧୧ା୧୦(ଭାସ୍କର ରାଉତରାୟ)**

ଆସନ୍ତା ସାଧାରଣ ନିର୍ବାଚନ ଆଚରଣ ବିଧି ଲାଗୁ ପୂର୍ବରୁ ରାଜନଗର ବ୍ଲକର ୨୯ ପଞ୍ଚାୟତରେ କାର୍ଯ୍ୟରତ ପିଅନ, ରାତ୍ର ଜଗୁଆଳି, ଝାଡୁଦାରମାନଙ୍କ ୧୦ଦଫା ଦାବି ପୂରଣ ନେଇ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଏକ ବୈଠକ କୋଇଲିପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଷ୍ଣୁ ଚରଣ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାନ କାମକୁ ସମାନ ଦରମା, ଦୈନିକ ମଜୁରୀ ୩୫୨ ଟଙ୍କା, ପଞ୍ଚାୟତରାଜ ବିଧି ବ୍ୟବସ୍ଥାରେ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରିବା, ଓଡିଶା ଗ୍ରାମ ପଞ୍ଚାୟତ ନିୟମ ୧୨୫/୨୦୧୪ ଓ ୧୯୬୪ ମସିହା ୧୨୩ ଆଇନକୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସଂଶୋଧିତ କରିବା ସହିତ କର୍ମଚାରୀଙ୍କ ସୁରକ୍ଷା, ଶିକ୍ଷାଗତ ଯୋଗ୍ୟତା ଭିତିରେ ପଦୋନ୍ନତି ପ୍ରଭୃତି ୧୦ ଦଫା ଦାବି ନେଇ ଆଲୋଚନା ହୋଇଥିଲା। ଏହି ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ପଞ୍ଚାୟତସ୍ତରରୁ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ସମ୍ପାଦକ ବଳରାମ ରାଉତ,ବାସୁଦେବ ସାହୁ, ଦେବ ଦୁଲାଲ ଜାନା, ଅର୍ଜୁନ କୁମାର ବେହେରା, କମଳାକାନ୍ତ ରାଉଳ, ରମେଶ ମଲିକ, ପରେଶ୍ୱର ଜେନା, ପିଣ୍ଟୁ ପୃଷ୍ଟି, ଶରତ ରାଉତ, ପ୍ରମୋଦ ବାରିକ, ପ୍ରତାପ ଖଣ୍ଡୁଆଳ, ବିଚିତ୍ର ସାହୁ, ସୁଶାନ୍ତ କୁମାର ଦାସ, କମଳାକାନ୍ତ ସାହୁ, ଚନ୍ଦ୍ରଶେଖର ମହାନ୍ତି ପ୍ରମୁଖ ୨୯ଟି ପଂଚାୟତର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଚଳିତ ବର୍ଷ ୨ଦିନ ଭସାଣିକୁ ନେଇ ବିବାଦ

- ରାଜନଗରରେ ଶାରଦୀୟ ପୂଜା ପାଇଁ ପ୍ରସ୍ତୁତି
- ପୋଲିସ-ପୂଜାକମିଟି ସମନ୍ୱୟ ବୈଠକ

**ରାଜନଗର,୧୧ା୧୦ (ଭାସ୍କର ରାଉତରାୟ)**

ଶାରଦୀୟ ଦୁର୍ଗାପୂଜା ପାଇଁ ବୁଧବାର ସନ୍ଧ୍ୟାରେ ରାଜନଗର ଥାନା ପରିସରରେ ଆଇଆଇସି ଅଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଶାରଦୀୟ ଦୁର୍ଗାପୂଜା ଏବଂ ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ପୂଜା କମିଟିର ସମସ୍ତ ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଏବଂ ରାଜନଗରର ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଆଇଆଇସି ଜେନା ପୂର୍ବରୁ ମେଢଗୁଡିକ ୩ ଦିନ ଧରି ଭସାଣି କରାଯାଉଥିବା ବେଳେ ଚଳିତବର୍ଷ ୨୫ ଏବଂ ୨୭ ତାରିଖ ଦୁଇଦିନ ଧରି ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କହିଥିଲେ। ବିଭିନ୍ନ ପୂଜା କମିଟିର ସଦସ୍ୟମାନେ ଭସାଣି ଉତ୍ସବକୁ ପୂର୍ବବର୍ଷ ପରି ୩ ଦିନ କରିବା ପାଇଁ ପ୍ରସ୍ତାବ ରଖିଥିଲେ।

୨୫ ତାରିଖରେ ଥାନପତି ମା' ଜୟଦୁର୍ଗାଙ୍କ ବର୍ଣ୍ଣାଢ୍ୟ ଭସାଣି ଉତ୍ସବ ହଂସୁଆ ନଦୀରେ ଚାପଖେଳରେ ବସର୍ଜନ କରାଯିବ। ମା'ଙ୍କ ସହିତ ଅନ୍ୟ ପୂଜା କମିଟିର ମେଢ ଗୁଡିକର ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ କେବଳ ଏହି ଭସାଣିରେ ସାମିଲ ହୋଇପାରିବେ। ଚାପଖେଳ ସମୟରେ ବାହାର ଲୋକଙ୍କୁ ଏଥିରେ ସୁଯୋଗ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ମା'ଙ୍କ ଚାପ ଖେଳ ସମୟରେ କମିଟିର ସଦସ୍ୟ, ଗଣମାଧ୍ୟମର ପ୍ରତିନିଧି, ପୁଲିସ ଏବଂ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ଅଗ୍ନିଶମ ବିଭାଗ ପକ୍ଷରୁ ଲାଇଫ୍ ଜ୍ୟାକେଟ ଯୋଗାଇ ଦିଆଯିବ। ହଂସୁଆ ଏକ କୁମ୍ଭୀରିଆ ନଦୀ ହୋଇଥିବାରୁ ଜୀବନ ପ୍ରତି ବିପଦ ଆଶଙ୍କା ଥିବାରୁ ସାଧାରଣ ଲୋକଙ୍କୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ। ଚଳିତବର୍ଷ ରାଜନଗର ବଜାର ସାନବଡଗୋପାଳପୁର ବଜାର, ତ୍ରିନାଥ ବଜାର ଓ ଜରିମୂଳ ବଜାରରେ ୨୯ଟି ମେଢ ପୂଜା ପାଇବେ।

ପୋଲିସ ସୂଚନା ଅନୁସାରେ ମହାଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ ୩ଦିନ ଧରି ଶ୍ରଦ୍ଧାଳୁମାନଙ୍କ ସମାଗମକୁ ଆଖି ଆଗରେ ରଖି ସକାଳ ୮ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ କୌଣସି ଯାନ ବାହାନକୁ ହଂସୁଆ ପୋଲ ନିକଟରୁ ବଜାର ଭିତରକୁ ପ୍ରବେଶ ନିଷେଧ କରାଯାଇଛି। ଜରିମୂଳଠାରେ ଦଶହରା ଦିନ ଆୟୋଜିତ ରାବଣପୋଡି ଉତ୍ସବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ସେଠାରେ ପୋଲିସ ଫୋର୍ସ ମୁତୟନ କରାଯିବାର ବ୍ୟବସ୍ଥା କରାଯାଇଛି। ଜୟଦୁର୍ଗା ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର ପାର୍ବଣର ସବିଶେଷ ବିବରଣୀ ପ୍ରଦାନ କରିଥିବା ବେଳେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ଧନ୍ୟବାଦ ଦେଇଥିଲେ।


ସମନ୍ୱୟ ବୈଠକରେ ଉପସ୍ଥିତ ପୋଲିସ ଓ ବିଭିନ୍ନ ପୂଜାକମିଟି ସଦସ୍ୟ।

# ମିଶନ ଶକ୍ତି ସ୍କୁଟର ଯୋଜନାରେ ୩୩୮ ସାମିଲ


ମିଶନ ଶକ୍ତି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**କେନ୍ଦ୍ରାପଡ଼ା,୧୧ା୧୦ (ଜଗନ୍ନାଥ ଧଳ)**

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ସ୍କୁଟର ଯୋଜନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଆରମ୍ଭ କରିଛନ୍ତି। ଏହି ଯୋଜନାରେ କେନ୍ଦ୍ରାପଡ଼ା ଜିଲାର ୩୩୮ ଜଣ ସାମିଲ ହୋଇଛନ୍ତି। ଏଥିପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ କାର୍ଯ୍ୟକ୍ରମ ମାଧ୍ୟମରେ ମିଶନ ଶକ୍ତିର ଗୋଷ୍ଠି ସହାୟକ କର୍ମୀ ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, ଜିପିଏଲ୍ଏଫ୍ ଇସି ମେମ୍ବର, ବିଏଲଏଫ୍ ଇସି ମେମ୍ବର, ଡିସିଏଲ୍ଏଫ୍ ଇସି ମେମ୍ବରଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଅମୃତ ଋତୁରାଜ, ଜିଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ପୌରାଧ୍ୟକ୍ଷା ସରିତା ସାହୁ, ଉପଜିଲାପାଳ ରବିନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାପାଳ ଅମ୍ରିତ ଋତୁରାଜ କହିଥିଲେ, ଜିଲାରେ ମୋଟ ୨୩୧୬ ଜଣ ଏହି ଯୋଜନାରେ ସାମିଲ ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୪୫୮ ଜଣଙ୍କ ଋଣ ମଞ୍ଜୁର ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୩୮ ଜଣଙ୍କୁ ଦିଆଯାଇଛି। ପ୍ରାୟ ୬ ହଜାର କର୍ମୀ ଏହି ଯୋଜନାରେ ସାମିଲ ହେବାକୁ ଲକ୍ଷ୍ୟ ରଖାଯାଇଛି। ଫଳରେ ଜିଲାର ମହିଳା ସଶକ୍ତିକରଣକୁ ଅଧିକ ବଳ ଯୋଗାଇବ। ଏହି କାର୍ଯ୍ୟକ୍ରମକୁ ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ କୈଳାସ ଚନ୍ଦ୍ର ସେନାପତି, ଜିଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀ, ଏଲଡିଏମ୍ ମନୋଜ କୁମାର ପ୍ରଧାନୀ, ଆରଟିଓ ଧିରେନ୍ଦ୍ର କୁମାର ନାୟକ, ଆଇସିଡିଏସ୍ ପୋଗ୍ରାମ ଅଫିସର ସଂଯୁକ୍ତା ଶତପଥୀ ପ୍ରମୁଖ ପରିଚାଳନା କରଥିଲେ।

# ନବୀନଙ୍କ ବିକାଶଧାରା ବିଜେଡିକୁ ବିଜୟ ମଣ୍ଡିତ କରିବ


ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

**ପଟ୍ଟାମୁଣ୍ଡାଇ, ୧୧ା୧୦(କଳ୍ପତରୁ ନାୟକ)**

- ପଟ୍ଟାମୁଣ୍ଡାଇ ବିଜେଡି ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପନ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରା ବିଜେଡିକୁ ପୁନଃବାର ବିଜୟ ମଣ୍ଡିତ କରିବ ବୋଲି ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ବୁଧବାର ଜନସମ୍ପର୍କ ପଦଯାତ୍ରାର ଉଦ୍‌ଯାପନୀ ଦିବସରେ ବସ୍‌ଷ୍ଟାଣ୍ଡଠାରେ ଆୟୋଜିତ ଜନସମାବେଶରେ ବିଧାୟକ ଧ୍ରୁବ ସାହୁ କହିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତିକିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଜନସମାବେଶରେ ବିଧାୟକ ସାହୁ କହିଥିଲେ, ପଟ୍ଟାମୁଣ୍ଡାଇ ଇନ୍‌ଡୋର ଷ୍ଟାଡିୟମ, ସ୍ମାର୍ଟ ପାର୍କ, ସ୍ମାର୍ଟ ଶ୍ମଶାନ, ପଟ୍ଟାମୁଣ୍ଡାଇ-ରାଜନଗର ନଦୀବନ୍ଧ ରାସ୍ତା, ପଟ୍ଟାମୁଣ୍ଡାଇ ନୂଆ ବାଇପାସ୍ ରାସ୍ତା, କଚେରୀ ପୋଖରୀ ପୁନଃ ଉଦ୍ଧାର, ପୌର ପରିଷଦ କଲ୍ୟାଣ ମଣ୍ଡପ, ପୌର ପରିଷଦ ଅଡିଟୋରିୟମ, କଷଣଅଣ୍ଡା କ୍ରିଟିକାଲ କେୟାର ହସ୍ପିଟାଲ, ମେଗା ପାନୀୟ ଜଳ ପ୍ରକଳ୍ପ ଆଦି କାର୍ଯ୍ୟକାରୀ ହୋଇଛି। ବିଭିନ୍ନ ମଠ ମନ୍ଦିର ଉନ୍ନତି ପାଇଁ ମୋ ଓଡ଼ିଆ ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଅନୁଦାନ ଘୋଷଣା ହୋଇଛି। ସେହିପରି ମୁକ୍ତା ଓ ଅନ୍ୟ ଯୋଜନା ପଟ୍ଟାମୁଣ୍ଡାଇ ପୌର ପରିଷଦକୁ ମଧ୍ୟ ଅନୁଦାନ ମଞ୍ଜୁର କରାଯାଇଛି। ମିଶନଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଇଛି। ସମସ୍ତ ସରକାରୀ ଯୋଜନା କାର୍ଯ୍ୟକାରିତାରେ ମହିଳାଙ୍କୁ ସାମିଲ କରାଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଗରିବ କୃଷକ ଶ୍ରମିକ ଓ ମହିଳାଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସଞ୍ଜିବନୀ ପାଲଟିଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ସାନିଆ ପରମିନ ସାହେବା, ଖୋର୍ଦ୍ଧା ଜିଲା ବିଜେଡି ପର୍ଯ୍ୟବେକ୍ଷକ ମିଟୁ ଦାଶ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ତଥା ବ୍ଲକ ଉପାଧ୍ୟକ୍ଷା ଜୟ'ୀ ସ୍ୱାଇଁ, ନଗର ମହିଳା ବିଜେଡି ସଭାନେତ୍ରୀ ଲାସ୍ୟମୟୀ ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ ଓ ଗୋପୀବଲ୍ଲଭ ନାୟକ, ଜିଲା ଯୁବ ବିଜେଡି ସମ୍ପାଦକ ଅଶୋକ ଧଳ, ନଗର ଯୁବବିଜେଡି ସଭାପତି ମନୋଜ ନାୟକ, ବିଜୁ ଯୁବବାହିନୀ ସଭାପତି ସଂଗ୍ରାମ ସ୍ୱାଇଁ, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ସାଧାରଣ ସମ୍ପାଦକ କଳାକାର ପ୍ରଧାନ ପ୍ରମୁଖ ଯୋଗ ବକ୍ତବ୍ୟ ରଖିଥିଲେ। ସଭା ପୂର୍ବରୁ ବିଜେଡି ନେତା ଓ କର୍ମୀମାନଙ୍କ ପକ୍ଷରୁ ଶୋଭାଯାତ୍ରା ଏମ୍‌ଏନ୍ ହାଇସ୍କୁଲ ପଡିଆ ନିକଟରୁ ବାହାରି ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ସମାବେଶ ସ୍ଥଳରେ ପହଞ୍ଚି ଥିଲା।

# ସାଇବର ସଚେତନତା ରଥ ପରିକ୍ରମା

**ଡେରାବିଶ,୧୧ା୧୦ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ସାଇବର ସଚେତନତା ରଥ ପରିକ୍ରମା କରିବା ସହ ମହାବିଦ୍ୟାଳୟ ସଭାକକ୍ଷରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ.ଲକ୍ଷ୍ମଣ କୁମାର ଦାଶଙ୍କ ସଭାପତିତ୍ୱ କରିଥିଲେ। ସଭାରେ ଜିଲା ସାଇବର ସଚେତନତାର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା କେନ୍ଦ୍ରାପଡ଼ା ଡିଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ ମୁଖ୍ୟଅତିଥି ଏବଂ ଚାନ୍ଦୋଳ ଫାଣ୍ଡି ଅଧିକାରୀ ଏସ୍‌ଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ, ଟାଉନ୍ ଥାନା ଏସ୍‌ଆଇ କାନନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାଇବର ଠକେଇ କିପରି ହେଉଛି ଏବଂ ଆମ୍ଭେମାନେ କିପରି ଏହି ଠକେଇର ଶିକାର ନ ହେବା ସେ ସମ୍ପର୍କରେ ବୁଝାଇଥିଲେ। ଫୋନ୍ ବ୍ୟବହାର କରୁଥିବା ବ୍ୟକ୍ତି କେଉଁ କେଉଁ ତଥ୍ୟ ସର୍ବସାଧାରଣରେ ପ୍ରକାଶ ନ କରିବା, ଅଚିହ୍ନା ଅଜଣା ବ୍ୟକ୍ତିଙ୍କ ସହିତ ଫୋନ୍‌ରେ ଆସୁଥିବା ଓଟିପି ନମ୍ବର, ନିଜେ ବ୍ୟବହାର କରୁଥିବା ବିଭିନ୍ନ କାର୍ଡ଼ର ସିକ୍ରେଟ ନମ୍ବର ଗୋପନ ରଖିବା ସମ୍ପର୍କରେ ବୁଝାଇଥିଲେ। ପ୍ରାରମ୍ଭରେ ସମାଜ ବିଜ୍ଞାନର ମୁଖ୍ୟ ଦିଲୀପ କୁମାର ଭୂୟାଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନର ମୁଖ୍ୟ ଅଧାପକ ପ୍ରଦୀପ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପିକା ଶ୍ରୀମତୀ ଦାସ, ମୀନାକ୍ଷୀ ପ୍ରଧାନ, ଝରାଶ୍ରୀ ପରିଡ଼ା, ମନିଷା ମହାରଣା, ଲୋପାମୁଦ୍ର ଦାସ, ମନିଷା ଦାସ, ପୁଷ୍ପଲତା ସାହୁ, ବରଦା ପ୍ରସାଦ ଜେନା, ସୁକନ୍ୟା ମହାନ୍ତି ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ରାସ୍ତାରୋକୋ ପାଇଁ ଭାଜପାର ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀ।

**ରାଜନଗର, ରାଜନଗର, ୧୧ା୧୦(ଭାସ୍କର ରାଉତରାୟ)**

ରାଜନଗର ଭାଜପା ପକ୍ଷରୁ ଡାଙ୍ଗମାଳ ପ୍ରସିଦ୍ଧ ମା' ଜୟଦୁର୍ଗା ପୀଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୨ନଂ. ଜୋନର ସଭାପତି ତପନ କୁମାର ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଯୋଗଦେଇ ବିଶ୍ୱ ପ୍ରସିଦ୍ଧ ଭିତରକନିକାକୁ ସଂଯୋଗ କରୁଥିବା ନଳିତାପାଟିଆ ଠାରୁ ତାଳଚୁଆ ଗ୍ରାମ୍ୟ ଉନ୍ନୟନ ରାସ୍ତା ଏବଂ ଡାଙ୍ଗମାଳଠାରୁ ଡାଲଖାଇ ଡାକବଙ୍ଗଳା ପୂର୍ତ୍ତ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଉପାନ୍ତ ରାଜନଗର ଅଞ୍ଚଳର ଖମାରସାହି, ଡାଙ୍ଗମାଳ, କୃଷ୍ଣନଗର, ତାଳଚୁଆ, ବାଘମାରି, କେରୁଆଁପାଳ, ରଙ୍ଗଣୀ ପ୍ରଭୃତି ୭ ପଞ୍ଚାୟତର ଅଧିବାସୀ ଏହି ରାସ୍ତା ଉପରେ ସଦା ସର୍ବଦା ନିର୍ଭର କରିଥାନ୍ତି। ଏହି ୨ଟି ରାସ୍ତା ଏବେ ମରଣଯନ୍ତା ପାଲଟିଥିବାରୁ ଲୋକମାନେ ନାହିଁ ନ ଥିବା ହଇରାଣ ହରକତ ହେବାକୁ ପଡୁଛି। ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ରାସ୍ତାଘାଟକୁ ରୂପାନ୍ତୀକରଣ କରାଯାଉଥିବା ବେଳେ ଏ ଅଞ୍ଚଳବାସୀଙ୍କ ଏହି ଯୋଜନା ଅପହଞ୍ଚ ହୋଇପଡିଛି ବୋଲି କହିଥିଲେ। ଏହାଛଡା, ଭିତରକନିକା ଜାତୀୟ ଉଦ୍ୟାନ ନିକଟରେ ପ୍ରବାହିତ ନଦୀ, ନାଳରେ ବସବାସ କରୁଥିବା କୁମ୍ଭୀରମାନଙ୍କ ଆକ୍ରମଣରେ କୁମ୍ଭୀର ଏବଂ ଜଙ୍ଗଲୀ ବାର୍ହାଙ୍କ ଆକ୍ରମଣରେ ବହୁଲୋକ ମୃତାହତ ହେଉଛନ୍ତି। ଅଞ୍ଚଳବାସୀଙ୍କ ତରଫରୁ ଏହି ୨ଟି ମୌଳିକ ସମସ୍ୟା ବିଷୟରେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଶାଜନକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହାର ପ୍ରତିବାଦରେ ଆସନ୍ତା ୧୯ ତାରିଖ ଦିନ ନଳିତାପାଟିଆଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ୧୨ ଘଣ୍ଟିଆ ରାସ୍ତାରୋକୋ କରାଯିବ ବୋଲି ପୂର୍ବତନ ବିଧାୟକ ଜେନା ସୂଚନା ଦେଇଛନ୍ତି। ଏହି ପ୍ରସ୍ତୁତି ବୈଠକରେ ବ୍ରଜ ସୁନ୍ଦର ବେହେରା, ଶମ୍ଭୁନାଥ ମଣ୍ଡଳ, ମହେଶ୍ୱର ମଣ୍ଡଳ, ପ୍ରଦୀପ ଖମାରୀ, ପ୍ରକାଶ ମଣ୍ଡଳ, ସରପଞ୍ଚ କୈଳାସ ଚନ୍ଦ୍ର ପରିଡା, ଦିଲୀପ କୁମାର ପାତ୍ର, ମୁରଲୀ ମୋହନ ଭୂୟାଁ, କେଶବ ଜେନା, ମାଧବ ଦଳାଇ, ଅକ୍ଷୟ ପ୍ରଧାନ, ଦାମୋଦର ଦାସ, ଅର୍ଜୁନ ବାରିକ, ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଶତାଧିକ ଭାଜପା କର୍ମୀ ଯୋଗଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ରାଜନଗର,୧୧ା୧୦ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ଲକ୍ଷ୍ମୀ ବରାହ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟର ପକ୍ଷରୁ ଟିଂରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ ବିଜୟ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ମୁଖ୍ୟବକ୍ତା ଏବଂ ପ୍ରଧାନ ଶିକ୍ଷକ କୁଞ୍ଜ ବିହାରୀ ସାହାଣୀ, ନିମାଇଁ ଚରଣ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲଷ୍ଟର ଅଧୀନ ୧୪ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଲିଖନ, କୁଇଜ୍, ଚିତ୍ରାଙ୍କନ, ସଙ୍ଗୀତ ଆଦି ୧୮ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ସିଆର୍‌ସିସି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନ ଉତ୍ସବରେ ଡେରା ସରପଞ୍ଚ ନିରଞ୍ଜନ ରାଉତ ମୁଖ୍ୟ ଅତିଥି, ସମିତିସଭ୍ୟା ପ୍ରତିମା ସାହାଣୀ, ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରହରି ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ପଦଯାତ୍ରାରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

**ଡେରାବିଶ, ୧୧ା୧୦ (ବେବର୍ତ୍ତା ଅଜୟ ଦାସ)**

ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ପାଟକୁରା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପକ୍ଷରୁ ଘରେ ଘରେ ହାତ ଓ ଘରେ ଘରେ କଂଗ୍ରେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ଡେରାବିଶ ବ୍ଲକ ଅଧୀନ ୧୨ ନଂ.ଜୋନ୍‌ରେ ବୁଧବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଂଗ୍ରେସ ତାର ଶକ୍ତି ପ୍ରଦର୍ଶନ କରିଥିଲା।

ପାଟକୁରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବଳଭଦ୍ରପୁର ଗ୍ରାମଠାରୁ ଆରମ୍ଭ ହୋଇଥିବା ପଦଯାତ୍ରା ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ, ଗୋଲରାହାଟ, ବାଲିଆ ଓ ଏଣ୍ଡର ପଞ୍ଚାୟତର ପ୍ରାୟ ୧୦ କିମି. ବ୍ୟାପୀ ବିଭିନ୍ନ ଗ୍ରାମ ପରିକ୍ରମା କରିବା ପରେ ଏଣ୍ଡରଠାରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା। ବିଭିନ୍ନ ସ୍ଥାନରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ କଂଗ୍ରେସ ନେତା ରତିକାନ୍ତ ଭାଜପା ଓ ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲେ। ପଥପ୍ରାନ୍ତ ସଭାରେ ବରିଷ୍ଠ କଂଗ୍ରେସ ନେତା ରାଜୀବ ଲୋଚନ ମିଶ୍ର, ଜିଲା ସେବାଦଳର ପୂର୍ବତନ ସଭାପତି ଜୟଦେବ ପରିଡ଼ା, ଅନନ୍ତ ଚରଣ ପାତ୍ର, ଅଶୋକ କୁମାର ଜେନା, ରଜନୀକାନ୍ତ ଦାସ, ରତ୍ନାକର ରାଉତ, ରଶ୍ମିତା ମହାନ୍ତି, ମାନସ ଜେନା ପ୍ରମୁଖ ସାମିଲ ହୋଇଥିଲେ।



ପଦଯାତ୍ରାରେ ପାଟକୁରା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଓ ଅନ୍ୟମାନେ।

# ପାଟକୁରା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ବିଜେଡି ସଂକଳ୍ପବଦ୍ଧ

- ଡେରାବିଶରେ ଜନସମ୍ପର୍କ ପଦଯାତ୍ରା

**ଡେରାବିଶ, ୧୧ା୧୦(ବେବର୍ତ୍ତା ଅଜୟ ଦାସ)**

ବୁଧବାର ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତସ୍ଥିତ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆୟୋଜିତ ସଭାରେ ପାଟକୁରା ନିର୍ବାଚନ ମଣ୍ଡଳୀରେ ୨୦୦୯ରୁ ଆରମ୍ଭ ହୋଇଥିବା ବିକାଶ ଯାତ୍ରା ଅବ୍ୟାହତ ରହିବ ବୋଲି କହିଥିଲେ। ମହିଳାଙ୍କୁ ସଶକ୍ତିକରଣ କରିବା ପାଇଁ ମିଶନଶକ୍ତିକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଐତିହାସିକ ପଦକ୍ଷେପ ବୋଲି ବିଧାୟିକା ଅଗ୍ରୱାଲ କହିଥିଲେ। ବିଭିନ୍ନ ସରକାରୀ ଯୋଜନାକୁ ପ୍ରତ୍ୟେକ ପରିବାରରେ ପହଞ୍ଚାଇବା ଓ ପାଟକୁରାର ବିକାଶରେ ସବୁ ବର୍ଗର ଲୋକ ସାମିଲ ହେବା ଏହି ଜନସମ୍ପର୍କ ଯାତ୍ରାର ମୂଳଲକ୍ଷ୍ୟ ବୋଲି ବିଜେଡି ନେତା ସଞ୍ଜୟ କହିଥିଲେ। ଏହି ପଦଯାତ୍ରା ୫ କିମି ଯାଇ ଚାଟରାଚକଡ଼ା ପଞ୍ଚାୟତ ଚାଟରାଠାସ୍ଥିତ ମା ବାସୁଳେଇଙ୍କ ପୀଠରେ ଶେଷ ହୋଇଥିଲା।

ପଦଯାତ୍ରାରେ ବ୍ଲକ ଆତ୍ମା ଅଧ୍ୟକ୍ଷ ଗଣେଶ୍ୱର ବେହେରା, ରାଜ୍ୟ ବିଜେଡି ସମ୍ପାଦକ ସୁଦିପ୍ତ କେଶରୀ ସାମଲ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ତୃପ୍ତିମୟୀ କର, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ଜିଲା ମହିଳା ବିଜେଡି ସଭାନେତ୍ରୀ ରୋଶନା ସାହୁ ଓ ବ୍ଲକ ସଭାନେତ୍ରୀ ତୃପ୍ତିମୟୀ କର, ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଅରବିନ୍ଦ ମଲିକ, ଏଲିଜା ସ୍ୱାଇଁ, ସତ୍ୟାନନ୍ଦ ରାଉତ, ପୂର୍ବତନ ସରପଂଚ ତ୍ରିଲୋଚନ ରାଉତ, ଯୋଗାନନ୍ଦ ମହାନ୍ତି, ଶୈଳେନ୍ଦ୍ର ଜେନା, ସରପଞ୍ଚ ମମତା ରାଉତ, ଭକ୍ତିଲତା ନାୟକ, ଅକ୍ଷୟ ସାହୁ, ସୁଧିର କୁମାର ଖଟୁଆ, ଶ୍ରୀମନ୍ତ ରାଉତରାୟ, ମନିନ୍ଦ୍ର ରଥ, ଦେବରାଜ ମହାପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ମିଶ୍ର, ହେମନ୍ତ କୁମାର ନାୟକ, ଉମେଶ ଚନ୍ଦ୍ର ସାହୁ, ଶେଖ୍‌ଜାବିର ପ୍ରମୁଖ ପରିଚାଳନା କରିଥିଲେ।


ଜନସମ୍ପର୍କ ପଦଯାତ୍ରାରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଓ ଅନ୍ୟମାନେ।

## ଦୁର୍ଗାପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

ହିଞ୍ଜିଳିକାଟୁ( ଦ୍ୱିତୀକୃଷ୍ଣ ପଣ୍ଡା): ଶାରଦୀୟ ଦୁର୍ଗାପୂଜା ଓ ମୂର୍ତ୍ତି ମେଢ ସ୍ଥାପନ ନିମନ୍ତେ ହିଞ୍ଜିଳିକାଟୁ ଲକ୍ଷ୍ମୀ ନୃସିଂହ ବଣିକ ସଂଘ ପକ୍ଷରୁ ବୁଧବାର ବଜାର ପୂଜା ମଣ୍ଡପଠାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୂଜା କମିଟି ସଭାପତି କୁନା ମହାପାତ୍ର, ବଣିକ ସଂଘ ସାଧାରଣ ସମ୍ପାଦକ ବିଶ୍ୱମ୍ଭର ସାହୁ, ପ୍ରତାପ ସାହୁ, ଟି ରାମେଶ୍ୱର ପାତ୍ରଙ୍କ ସମେତ ପୂଜା କମିଟି ଓ ବଣିକ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଚଳିତ ବର୍ଷ ସହରରେ ବଇଁଚବଣିଆ ପୂଜା କମିଟି ଓ ବିଦ୍ୟୁତ ବିଭାଗ ପକ୍ଷରୁ ମଧ୍ୟ ଦୁର୍ଗାପୂଜା ଉପଲକ୍ଷେ ମେଢ଼ ସ୍ଥାପନ ପାଇଁ ସ୍ଥିର ହୋଇଛି।



# ମା'ମାନଙ୍କ ଗତିଶୀଳତା ଓଡ଼ିଶାର ପ୍ରଗତିକୁ ନୂଆ ବେଗ ଦେବ

## ଗଞ୍ଜାମରେ ୧୦୧୩ ସ୍କୁଟି ବଣ୍ଟନ



ଏମପି, ବିଧାୟକ ଓ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି

ଛତ୍ରପୁର,୧୧।୧୦(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ମିଶନ ଶକ୍ତି ସ୍କୁଟର ଯୋଜନାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍କୁଟର ଯୋଜନା ମା'ମାନଙ୍କ ଯାତାୟତକୁ ସୁବିଧା କରିବ। ବୃତ୍ତିଗତ କ୍ଷେତ୍ରରେ ମଧ୍ୟ ନୂଆ ସୁଯୋଗ ଆଣିବ। ମା'ମାନଙ୍କ ଗତିଶୀଳତା ଓଡିଶାର ପ୍ରଗତିକୁ ନୂଆ ବେଗ ଦେବ। ମିଶନ ଶକ୍ତି ମା'ମାନଙ୍କୁ ସରକାରୀ କାମ ଦେବାରେ ଦେଶରେ ଓଡିଶା ଏକମାତ୍ର ରାଜ୍ୟ। ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲାର ୧୦୧୩ ମହିଳା ମହାସଂଘ ଲିଡରଙ୍କୁ ସ୍କୁଟି ବଣ୍ଟନ କରାଯାଇଛି। ଏହି ଯୋଜନାରେ ୫୨୧୨ ମହିଳା ମହାସଂଘ ପକ୍ଷରୁ ବ୍ୟାଙ୍କକୁ ଆବେଦନ ହୋଇଛି। ଏଥିରୁ ୧୫୧୦ ମହିଳା ମହାସଂଘର ଆବେଦନ ମଞ୍ଜୁର ହୋଇଛି। ରାଜ୍ୟରେ ସର୍ବାଧିକ ଗଞ୍ଜାମ ଜିଲାରେ ମହିଳା ମହାସଂଘକୁ ସ୍କୁଟି ପ୍ରଦାନ କରାଯିବ। ୧ ଲକ୍ଷ ପର୍ଯ୍ୟନ୍ତ ଏହି ଋଣ ଦିଆଯାଉଛି ଏବଂ ୪୮ ମାସ ମଧ୍ୟରେ ଋଣ ବାବଦରେ ଅର୍ଥ ପୈଠ କରିବେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓ ବିଭିନ୍ନ ବ୍ଲକ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଆସିକା ଏମପି ପ୍ରମିଳା ବିଶୋଇ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଖଲିକୋଟ ବିଧାୟକ ସୂର୍ଯ୍ୟମଣି ବୈଦ୍ୟ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା, ଆରଡିଓ ମାନସ ରଞ୍ଜନ ବିଶ୍ୱାଳ, ମିଶନ ଶକ୍ତି ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନାର କିଭଳି ସଫଳ ରୂପାୟନ ହେବ ସେ ନେଇ ପ୍ରତି ୩ ମାସରେ ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ ଓ ବ୍ଲକସ୍ତରୀୟ ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକରେ ସମୀକ୍ଷା କରାଯିବ। ଆହୁରି ଜଣାଯାଇଛି ଯେ ମିଶନ ଶକ୍ତି ସ୍କୁଟର ଯୋଜନାର ସଫଳ ରୂପାୟନ ନେଇ ରାଜ୍ୟସ୍ତରରେ ଜିଲାମାନଙ୍କୁ ପୁରସ୍କୃତ କରାଯିବ। ଏନେଇ ଯୋଜନାର ଲକ୍ଷ୍ୟ ପୂରଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## କୁକୁଡ଼ାଖଣ୍ଡିରେ ୩୦ ମହିଳାଙ୍କୁ ମିଳିଲା ସ୍କୁଟର

କୁକୁଡାଖଣ୍ଡି, ୧୧।୧୦(ପ୍ରତାପ ସାହୁ): କୁକୁଡାଖଣ୍ଡି ବ୍ଲକ ପରିସରରେ ମିଶନ ଶକ୍ତି ସ୍କୁଟର ଯୋଜନା କାର୍ଯ୍ୟକ୍ରମ ବିଡିଓ ପଲ୍ଲବୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ବ୍ଲକରେ ୩୦ଜଣ ମିଶନ ଶକ୍ତି ମହିଳାଙ୍କୁ ସ୍କୁଟର ପ୍ରଦାନ କରାଯାଇଥିଲା। ସିଡିପିଓ କୁସୁମ କୁମାରୀ ସାହୁ, ଏମପି ପ୍ରତିନିଧି ନିରଞ୍ଜନ ମହାନ୍ତି, ବ୍ଲକ ବିଜେଡି ସଭାପତି ସୀତାରାମ ସାହୁ, ବ୍ରହ୍ମପୁର ଏଚଡ଼ିଏଫସି ବ୍ୟାଙ୍କ ଶାଖା ମ୍ୟାନେଜର ସୁରେନ୍ଦ୍ର ମହାରଣା, ନୃସିଂହ ମିଶ୍ର, ସେଲସମେନ ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଯୁଗାନ୍ତକାରୀ ପଦକ୍ଷେପ: ବିଡିଓ



ଗଞ୍ଜାମ, ୧୧।୧୦ (ବିଦ୍ୟାଧର ସାହୁ): ମିଶନଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାକୁ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଛନ୍ତି ଗଞ୍ଜାମ ବିଡ଼ିଓ ଜସ୍ମିନ ପ୍ରଧାନ। ବ୍ଲକ କନଫରେନ୍ସ ହଲଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସିଡିପିଓ ସଲୀଳା ପ୍ରଧାନ, ବିପିଏମ ଜଳନ୍ଧର ମହାରଣା, ମିଶନଶକ୍ତି ପ୍ରୋଗ୍ରାମ ଅଫିସର ଚନ୍ଦନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ୨୪୦ଜଣ ମହିଳାଙ୍କୁ ସ୍କୁଟର ଯୋଗାଇବା ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୭୮ଜଣ ସାମିଲ ହୋଇଛନ୍ତି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୨୧୦୦ ସ୍କୁଟି ବଣ୍ଟନ ଲକ୍ଷ୍ୟ



ପାରଳାଖେମୁଣ୍ଡି, ୧୧।୧୦ (ଗିରିଧାରୀ ପରିଛା) ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମିଶନ ଶକ୍ତି ସ୍କୁଟର ଯୋଜନା କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲାପରିଷଦ ଓ କାଉନସିଲର ସୁଜିତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା କିଭଳି ଗଜପତି ଜିଲାରେ ସଫଳ ହେବ ସେଥିନିମନ୍ତେ ଜିଲା ପରିଷଦ ଅଧ୍ୟକ୍ଷ ରାଓ ଆଶାବ୍ୟକ୍ତ କରିଥିଲେ। ଗଜପତି ଜିଲାର ୨୧୦୦ ଲିଡରଙ୍କୁ ସ୍କୁଟର ଯୋଗାଇ ଦେବା ପାଇଁ ଧାର୍ଯ୍ୟ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସାତଟି ବ୍ଲକର ୭୫ଜଣଙ୍କୁ ସ୍କୁଟର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ଡିପିଏମ, ଟିମନ ବରା, ସମସ୍ତ ବ୍ୟାଙ୍କ ମ୍ୟାନେଜର, ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦିଗପହଣ୍ଡିରେ ୧୧୦ ଆବେଦନ

ଦିଗପହଣ୍ଡି୧୧।୧୦ (ଅଶେଷନାଥ ମିଶ୍ର): ଦିଗପହଣ୍ଡି ବ୍ଲକ ପରିସରରେ ମିଶନ ଶକ୍ତି ସ୍କୁଟର ଯୋଜନା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସ, ଏବିଡିଓ ପ୍ରଶାନ୍ତ ରଥ ପ୍ରମୁଖ ଉପସ୍ଥିତ ରହି ପ୍ରଥମ ପର୍ଯ୍ୟାୟରେ ଆବେଦନ କରିଥିବା ୧୧୦ଜଣ ସ୍ୱୟଂ ସହାୟିକା ମହିଳାଙ୍କ ମଧ୍ୟରୁ ୧୨ ଜଣଙ୍କୁ ସ୍କୁଟର ପ୍ରଦାନ କରିଥିଲେ। ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜକ ଅଜୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ହୃଦ୍‌ଘାତରେ କନଷ୍ଟେବଲଙ୍କ ମୃତ୍ୟୁ

ଛତ୍ରପୁର,୧୧।୧୦(ଦିଲ୍ଲୀପ ସାମଲ ଓ ସନ୍ତୋଷ ପାଢୀ): ଏପିଆର ପୋଲିସ କନଷ୍ଟେବଲ ଦୀପକ କୁମାର ବେହେରାଙ୍କ ହୃଦଘାତରେ ମୃତ୍ୟୁ ଘଟିଛି। ଅଫିସକୁ ଡ୍ୟୁଟି ଯିବାକୁ ବାହାରୁଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତୁରନ୍ତ ତାଙ୍କୁ ଛତ୍ରପୁର ଚିକିତ୍ସାଳୟକୁ ଅଣାଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଦୀପକଙ୍କ ଘର ପୁରୁଣା ଛତ୍ରପୁରରେ। ଖବର ପାଇ ଆସିଷ୍ଟାଣ୍ଟ କମାଡେଣ୍ଟ ମାନସ ମହାନ୍ତିଙ୍କ ସମେତ ବହୁ ପୋଲିସ କର୍ମଚାରୀ ମେଡିକାଲରେ ପହଞ୍ଚିଥିଲେ। ଛତ୍ରପୁର ପୋଲିସ ମେଡିକାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଭଗବତ କଥା ବିତରଣ ପରିଷଦ ପକ୍ଷରୁ ପ୍ରତିଯୋଗିତା

ହିଞ୍ଜିଳିକାଟୁ,୧୦।୧୦(ଦ୍ୱିତୀକୃଷ୍ଣ ପଣ୍ଡା): ଭଗବତ କଥା ବିତରଣ ପରିଷଦ ପକ୍ଷରୁ ବୃନ୍ଦାବନ ବିଦ୍ୟାପୀଠ ପରିସରରେ ହାଇସ୍କୁଲସ୍ତରୀୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଦେବାନନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରାୟ ୮୦ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ଅରବିନ୍ଦ ପଣ୍ଡା ସଂଯୋଜନା କରିଥିଲେ। ପୌର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ପ୍ରଫେସର ଡ଼ଃ ରମେଶ ଚନ୍ଦ୍ର ଚୌଧୁରୀ, ଡଃ ଗଦାଧର ବେହେରା, ଶିକ୍ଷାବିତ ହରିହର ଚୌଧୁରୀ,ଏ ଶଙ୍କର ପ୍ରସାଦ ଆଚାରୀ, ଗଙ୍ଗାଧର ପାଣିଗ୍ରାହୀ ପ୍ରମୁଖ ବିଚାରକ ଭାବେ ପରିଚାଳନା କରିଥିଲେ। ପରିଷଦର କୋଷାଧ୍ୟକ୍ଷ ଗୌରହରି ପୃଷ୍ଟି, କାଉନସିଲର ବିଭୁ ପ୍ରସାଦ ପଣ୍ଡା, ସନ୍ତୋଷ ଦ୍ୟାନ ସୁମନ୍ତ ପ୍ରମୁଖ ସହଯୋଗ କରିଥିଲେ।

### ଶିଶୁ ସୁରକ୍ଷା କର୍ମଶାଳା

ପାରଳାଖେମୁଣ୍ଡି,୧୧।୧୦ (ଗିରିଧାରୀ ପରିଛା): ରାଜତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସିଧାମଡ଼ଙ୍ଗର ଶିଶୁକନ୍ୟାମାନଙ୍କୁ ନେଇ ଶିଶୁ ସୁରକ୍ଷା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଶିଶୁ କନ୍ୟାମାନଙ୍କର ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବା। ଜିଲା ଶିଶୁ ସୁରକ୍ଷା ୟୁନିଟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମକର୍ତ୍ତାଙ୍କ ସହଯୋଗରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଶିଶୁମାନେ କିପରି ନିଜର ସୁରକ୍ଷା ନିଜେ କରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ ଯୋଗଦେଇଥିଲେ।

### ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ

ଆର.ଉଦୟଗିରି,୧୧।୧୦(ମନୋଜ କୁମାର ପାଢୀ): ଆର.ଉଦୟଗିରି ଗ୍ରାମସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ତରଫରୁ ୬୯ତମ ବନ୍ୟପ୍ରାଣୀ ସପାହ ପାଳିତ ହୋଇଛି। ଆର.ଉଦୟଗିରି ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ସାହୁ ଯୋଗଦେଇ ବନ୍ୟଜନ୍ତୁର ସୁରକ୍ଷା ଉପରେ କହିଥିଲେ। ମୁଖ୍ୟଅତିଥି ଭାବେ ଉମାଶଙ୍କର ବିଶୋଇ, ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଉକ୍ତ ସଭା ଆୟୋଜିତ ହୋଇଥିଲା ବନପାଳ ସନ୍ତୋଷ କୁମାର ସାହୁ, ବିଜୟ ମହାରଣା, ମୋଜେସ ଶବର, ପ୍ରଦିପ ଚୌଧୁରୀ, ବନରକ୍ଷୀ ଶେଳେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ।

## ବିଜେଡିର ଉନ୍ନୟନ କାର୍ଯ୍ୟ ସମୀକ୍ଷା, ବନ୍ଧୁ ମିଳନ

ଗୋପାଳପୁର,୧୧।୧୦(ନବୀନ ରାଜ ଆଚାରୀ) ଗୋପାଳପୁର ନିର୍ବାଚନ ମଣ୍ଡଳୀ ଆମ୍ବପୁଆ ଏସଥ୍ରୀ କଲ୍ୟାଣୀ ମଣ୍ଡପଠାରେ ବୁଧବାର ବିଜେଡିର ଉନ୍ନୟନ କାର୍ଯ୍ୟ ସମୀକ୍ଷା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସଭା ଏମ୍‌ପି ମାନସ ରଞ୍ଜନ ମଙ୍ଗରାଜ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ମେୟର ସଙ୍ଗମିତ୍ରା ଦଳେଇ ଉପସ୍ଥିତ ଥିଲେ। ବ୍ଲକ ସଭାପତି ଅଜିତ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏହି ନିର୍ବାଚନୀ ମଣ୍ଡଳୀରେ ଅଧୁରା ରହିଥିବା ଉନୟନ ପ୍ରକଳ୍ପ କାର୍ଯ୍ୟକୁ ଏମପି ଓ ଡିପିସି ପାଣ୍ଠିରୁ କାମ କରିବା ପାଇଁ





କାର୍ଯ୍ୟକ୍ରମରେ ଉପସ୍ଥିତ ଏମପି ଓ ବିଜେଡି ନେତା ।

ନିଷ୍ପତ୍ତି ନିଆଯାଇଥିଲା। ପାରଳାଖେମୁଣ୍ଡି ପର୍ଯ୍ୟବେକ୍ଷକ ଶଶୀଭୂଷଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଥିଲା। ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସିଏଚ୍ ଉଷାରାଣୀ, ଡେପୁଟି ମେୟର ଇ.ବିବେକ ରେଡ଼ି, ଜିଲା ପରିଷଦ ଉପସଭାପତି ଏସ୍ ରାଜେଶ୍ୱରୀ ଦୋରା, ରଣ୍ଡା ସରପଞ୍ଚ ଅଜିତ କୁମାର ରାଉଳ, ଯୁବ ନେତା ସନ୍ତୋଷ ପାତ୍ର, ବ୍ଲକ ଉପାଧ୍ୟକ୍ଷ ଅନିତା ମାହାଙ୍ଗୁଡ଼, ଜିଲା ପରିଷଦ ସଭ୍ୟ ଦୀପକ କୁମାର ସାମନ୍ତ, ତଅପୋଇ ଦାସ, ଭାରତୀ ନାୟକ, ବ୍ଲକ ମହିଳା ସଭାପତି ମେନେକ ରେଡ଼ି, ବ୍ଲକ ଯୁବ ସଭାପତି ବିନୋଦ କୁମାର ମାହାଙ୍ଗୁଡ଼, ସାମାଜିକ କର୍ମୀ ରାମ ହାରି ପାତ୍ର, ପ୍ରତାପ ଚନ୍ଦ୍ର କୋଠିଆ, ପ୍ରକାଶ ସାମନ୍ତ, ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

ଆସିକା,୧୧।୧୦ (ସୁରେନ୍ଦ୍ର ନାଥ ସାହୁ)– ଆସିକା ବ୍ଲକର ବଡଖୋଲି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ କରାଯାଇଛି । ବୁଧବାର ମଧ୍ୟାହ୍ନରେ ବଡଖୋଲି ଗ୍ରାମ ମଣ୍ଡପରେ ଅନୁଷ୍ଠିତ ପଞ୍ଚାୟତର ବହୁ ଶ୍ରମିକ ଓ ସଚେତନତ ନାଗରିକଙ୍କ ଏକ ବୈଠକରେ ଆସନ୍ତା ୧୫ଦିନ ମଧ୍ୟରେ ଅଭିଯୋଗର ସମାଧାନ ନ ହେଲେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ବ୍ଲକ କାର୍ଯ୍ୟାଳୟ ଘେରାଉ ଲାଗି ଚେତାବନୀ ଦିଆଯାଇଛି । ରାମସ୍ୱାମୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ନିର୍ମାଣ ଶ୍ରମିକ ୟୁନିୟନର ଜିଲା ସଭାପତି କମ୍ରେଡ ଶଙ୍କର, ଓଡ଼ିଶା ମନେରାଗଶ୍ରମିକ ୟୁନିୟନର ସାଧାରଣ ସମ୍ପାଦିକା ପେଦିନୀ ପାର୍ବତୀ, ନାଗାର୍ଜୁନ ବିଷୋୟୀ, ପାଣ୍ଡବ ନାୟକ, ଅଶ୍ୱିନୀ ପ୍ରଧାନ ଆଦି ଯୋଗଦେଇ ପ୍ରକୃତ ଶ୍ରମିକଙ୍କ ଜବ କାର୍ଡ ରିଜେକ୍ଟ କରିବା, ନିର୍ମାଣ ହୋଇଥିବା କାର୍ଯ୍ୟ ମାସେ ମଧ୍ୟରେ ନଷ୍ଟ ହୋଇଯାଇଥିବା, ବାର୍ଦ୍ଧକ୍ୟ ଭତ୍ତା, ଇନ୍ଦିରା ଆବାସ, ରାସନକାର୍ଡ ତାଲିକାରୁ ପ୍ରକୃତ ହିତାଧିକାରୀଙ୍କୁ ଅକ୍ରୋଶମୂଳକ ଭାବେ ବଞ୍ଚିତ କରିବା ସମ୍ପର୍କରେ ବୈଠକରେ ଅଭିଯୋଗ ହୋଇଥିଲା।

## ଚିକିତ୍ସା ପାଇଁ ସହାୟତା ଅପେକ୍ଷାରେ ରାଜେଶ୍ୱର



ପାରଳାଖେମୁଣ୍ଡି,୧୧।୧୦ (ଗିରିଧାରୀ ପରିଛା): ପାରଳାଖେମୁଣ୍ଡି କେଉଟ ସାହିର ଇପିଲି ରାଜେଶ୍ୱର ରାଓ। ବୟସ ୬୫ ପରେ ହେଲାଣି। ଜୀବନ ସାରା ପୁରୁଣା ଖବର କାଗଜ କିଣି ତାହାକୁ ଠୁଙ୍ଗା କରି ବିକ୍ରି କରି ପରିବାର ପୋଷଣ କରନ୍ତି। ପରିଣତ ବୟସରେ ଚଲାବୁଲା କରିପାରୁନାହାନ୍ତି। ଦୁଇ ଉଉଣୀଙ୍କ ସହାୟତାରେ ଶ୍ରୀକାକୁଲମସ୍ଥିତ ଏକ ହସ୍ପିଟାଲକୁ ଯାଇଥିଲେ। ଡାକ୍ତର ସମସ୍ତ ପରୀକ୍ଷା କରିବା ପରେ ହୃଦ ଓ ଆଣ୍ଠୁ ଅସ୍ତ୍ରୋପଚାର କରିବାକୁ କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଏହି ଅସ୍ତ୍ରୋପଚାର କରାଇଥିଲେ। ୫ଲକ୍ଷ ଟଙ୍କା ସରିଯିବା ପରେ ଆଉ ଅଧିକ ଚିକିତ୍ସା ପାଇଁ ପାଖରେ ଟଙ୍କା ନାହିଁ। ଦୁଇ ଭଉଣୀ ବିଭିନ୍ନ ସ୍ଥାନରେ ମୂଲ ଲାଗି ଯାହା ରୋଜଗାର କରୁଛନ୍ତି ସେଥିରେ ତାଙ୍କ ପରିବାର ଚଳିବା କଷ୍ଟକର। ଔଷଧ ମଧ୍ୟ କିଣିବା ତାଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡିଛି। ତେଣୁ ଅନ୍ୟ ସହାୟତା ପାଇଁ ସେ ଅପେକ୍ଷା କରିଛନ୍ତି। ପରିବାର ଲୋକେ ଜିଲା ପ୍ରଶାସନକୁ ସହାୟତା ପାଇଁ ନିବେଦନ କରିଛନ୍ତି। ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ କହିଛନ୍ତି, ଏନେଇ ଏକ ଆବେଦନପତ୍ର ଆସିଛି। ତୁରନ୍ତ ତାଙ୍କୁ କିଭଳି ସହାୟତା ମିଳିବ ସେନେଇ ପଦକ୍ଷେପ ଗ୍ରହଣ କରାଯିବ।

## ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟଭାର ଗ୍ରହଣ

ଦିଗପହଣ୍ଡି,୧୧।୧୦(ଅଶେଷନାଥ ମିଶ୍ର): ଦିଗପହଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୁଧବାର ନବ ନିର୍ବାଚିତ ଅଧ୍ୟକ୍ଷା ଯମୁନା ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଜୁନ ୧୧ରେ ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀଙ୍କ ମୃତ୍ୟୁ ପରେ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ ଏହି ଦାୟିତ୍ୱ ତୁଲାଇଥିଲେ। ଅଗଷ୍ଟ ୩୧ରେ ଏହି ଉପ ନିର୍ବାଚନ ଆଇନଶୃଙ୍ଖଳା ଏବଂ ସମିତି ସଭ୍ୟ ନିଖୋଜ ଦର୍ଶାଇ ବାତିଲ କରାଯାଇଥିଲା। ପରେ ଅନୁଷ୍ଠିତ ଉପନିର୍ବାଚନରେ ଯମୁନା ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଥିଲେ। ବୁଧବାର ସେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ କାର୍ଯ୍ୟାଳୟରେ ଅନୁଷ୍ଠିତ ପୂଜା ହୋମ ହୋଇଥିଲା। ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ



ନବ ନିର୍ବାଚିତ ବ୍ଲକ ଅଧ୍ୟକ୍ଷାଙ୍କୁ ବିଡିଓ ସ୍ୱାଗତ କରୁଛନ୍ତି।

ପହଞ୍ଚି ନବ ନିର୍ବାଚିତ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଦିଗପହଣ୍ଡି ବ୍ଲକ ବିଜେଡି ସଭାପତି ବିଭୂତି ଭୂଷଣ ମହାପାତ୍ର, ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାଙ୍କୁଡ, ସରପଞ୍ଚ ବିଜୟ ପ୍ରଧାନ, ଲିଙ୍ଗରାଜ ଦୋରା, ସୀତାରାମ ସେଠୀ, ତପନ ପ୍ରଧାନ, ଗୀତାଞ୍ଜଳି ବେହେରା, ସିମାଞ୍ଚଳ ଗୌଡ, ପ୍ରଦୀପ ସେଠୀ, ଦେବହରି ଗୌଡ଼, ସରପଞ୍ଚ ଏବଂ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

## ବିଡିଓଙ୍କ ଦାୟିତ୍ୱ ଗ୍ରହଣ

ରାଇକିଆ,୧୧।୧୦(ପ୍ରଦୀପ ବେହେରା) କନ୍ଧମାଳ ଜିଲା ରାଇକିଆ ବ୍ଲକର ନୂତନ ବିଡିଓ ଭାବେ ସୀମାଞ୍ଚଳ ମଣ୍ଡଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ସୋରଡ଼ା ବିଡିଓ ଭାବେ କାର୍ଯ୍ୟରତ ଥିଲେ । ବୁଧବାର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ବିଡିଓଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ପୂର୍ବରୁ ଏଠାରେ କାର୍ଯ୍ୟରତ ବିଡ଼ିଓ ଶରତ ପାତ୍ରଙ୍କର ଗୁମ୍ମା ବ୍ଲକକୁ ବଦଳି ହୋଇଛି।

## ଘୁମୁସର ଜିଲା ଦାବିରେ ବେଲଗୁଣ୍ଠା ବନ୍ଦ

ବେଲଗୁଣ୍ଠା,୧୧।୧୦(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ଘୁମୁସର ଜିଲା ଦାବି ନେଇ ବେଲଗୁଣ୍ଠା ଓ ଭଞ୍ଜନଗର ଅଞ୍ଚଳର ବିଭିନ୍ନ ସଙ୍ଗଠନ ତରଫରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ପୂର୍ବରୁ ଭଞ୍ଜନଗର,ସୋରଡା ଓ ଜଗନ୍ନାଥପ୍ରସାଦ ବନ୍ଦ ହୋଇଥିବା ବେଳେ ବୁଧବାର ଶାନ୍ତିପୂର୍ଣ୍ଣ ଭାବେ ବେଲଗୁଣ୍ଠା ବନ୍ଦ ପାଳନ କରାଯାଇଛି। ବେଲଗୁଣ୍ଠା ବଣିକ ସଂଘ ସଭାପତି ସନ୍ନତ କୁମାର ସୁବୁଦ୍ଧି, ଘୁମୁସର ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସୋମନାଥ ନାୟକ ଓ ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ନେତୃତ୍ୱ ନେଇଥିଲେ। ସକାଳ ୬ରୁ ବେଲଗୁଣ୍ଠାର ଜଗନ୍ନାଥପ୍ରସାଦ ଛକ, ବ୍ଲକ ଛକ, ବାଲିଡି ଉପ୍ରା ବିଦ୍ୟାଳୟ, ଗୋବରା ଠାରେ ରାସ୍ତାରୋକ କରିଥିଲେ। ସମିତି ସଭ୍ୟ ବିଭୁପାଦ ଜେନା, ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦ ସଭାପତି ଗୋପାଳ ଲେଙ୍କା, ମା' ବୁଢାକେନ୍ଦୁ ଆଞ୍ଚଳିକ ଯୁବକ ସଂଘ ସଭାପତି ପଞ୍ଚାନନ ନାୟକ, ବଣିକ ସଂଘ ସଭାପତି ଭି.ଦିଲିପ କୁମାର ରାଜୁ, କୁଞ୍ଜବିହାରୀ ନାୟକଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ଘୁମୁସର ମିଳିତ କ୍ରିୟାନୁଷ୍ଠାନ କମିଟି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବିଷୋୟୀ, ସମ୍ପାଦକ ପ୍ରକାଶ ସାହୁ, ରବି ସାମନ୍ତରା, ଘୁମୁସର ବାହିନୀର ନଚିକେତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଉଦ୍ୟୋଗୀ ବିକାଶ ତାଲିମ ଶିବିର





କୋଦଳା,୧୧।୧୦(ଅମିତ କୁମାର ପଟ୍ଟନାୟକ) ବେଗୁନିଆପଡା ବ୍ଲକ ସଭା କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ଜିଲା ଶିଳ୍ପ ବିକାଶ ଓ ଓଡିଶା ପ୍ରୋଜେକ୍ଟ ଏବଂ ବଜାର ବିକାଶ ମିଳିତ ଆନୁକୂଲ୍ୟରେ ୧୨ଦିନିଆ ଉଦ୍ୟୋଗୀ ବିକାଶ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ମହେଶ୍ୱର ବରାଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକ ଶିଳ୍ପ ବିକାଶ ଅଧିକାରୀ ଆଶିଷ କୁମାର ନନ୍ଦୀ, ଓପିଏମଡିସି ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, କର୍ମକର୍ତ୍ତା ସୁଶୀଲ କୁମାର ସାହୁ ଉପସ୍ଥିତ ରହି ଶିଳ୍ପ ଗଢିବା ପାଇଁ ଉଦ୍ୟାଗୀ ମାନଙ୍କୁ ଆଲୋକପାତ କରିଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଉପାଧ୍ୟକ୍ଷ ସୁଧାକର ପ୍ରଧାନ, ଜିଲା ପରିଷଦ ପ୍ରତିନିଧି ଜୟରାମ ସ୍ୱାଇଁ, ଗୋପବନ୍ଧୁ ସାହୁ, ହୃଷିକେଶ ପାତ୍ର, ବ୍ଲକ ବିଜେଡି ସଭାପତି ସିମାଞ୍ଚଳ ସାମଲ, ତ୍ରିନାଥ ଭୂୟାଁ ପ୍ରମୁଖ ଉପସ୍ଥିତ ଥିବା ବେଳେ ମହିଳା ସମିତି ସଂଘ ଏବଂ ଯୁବ ଉଦ୍ୟାଗୀମାନେ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ

**ଛତ୍ରପୁର,୧୧।୧୦ (ସନ୍ତୋଷ ପାଢ଼ୀ):** ସ୍ଥାନୀୟ ଛତ୍ରପୁରସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲା ପ୍ରଶାସନ, ୟୁନିସେଫ, ଆକ୍ସନ ଏଡର ମିଳିତ ଆନୁକୂଲ୍ୟରେ ଗଞ୍ଜାମ ଜିଲାରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ବୁଧବାର ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବାଲ୍ୟ ବିବାହ, କିଶୋରୀ ସଶକ୍ତିକରଣ ଏବଂ ଶିଶୁ ଅଧିକାର କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପମାନ ନେଇଥିବା ଜିଲାର ୪୮ ଜଣ କିଶୋରୀ ବାଳିକାମାନଙ୍କୁ ଜିଲା ପ୍ରଶାସନ ତରଫରୁ ସମ୍ମାନିତ କରାଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଆବେଦା ପରବୀନ କନ୍ୟାମାନଙ୍କ ସୁରକ୍ଷା ଓ ଯତ୍ନ ସମ୍ପର୍କରେ ଆଲୋଚନା କରିବା ସହିତ କନ୍ୟାମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟକାରୀ ହେଉଥିବା ନିର୍ଭୟାକଢ଼ି, ମୋ ଗେହ୍ଲାଝିଅ ଆଦି କାର୍ଯ୍ୟକ୍ରମ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ ଶିଶୁ ଓ କିଶୋରୀମାନଙ୍କ ପାଇଁ ଥିବା ସରକାରଙ୍କର ବିଭିନ୍ନ ଯୋଜନା ଓ ଶିଶୁ ଅଧିକାର ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ମିଶନ ଶକ୍ତିର ପ୍ରକଳ୍ପ ସଂଯୋଜକ ସାଶ୍ୱତ କୁମାର ସାହୁ ବୈଠକରେ ଯୋଗଦେଇ କିଶୋରୀମାନେ କିଭଳି ଭବିଷ୍ୟତରେ ଜଣେ ସୁନାଗରିକ ହୋଇପାରିବେ ସେଥିପ୍ରତି ଆମେ ସମସ୍ତେ ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଉକ୍ତ ବୈଠକକୁ ଆକ୍ସନ ଏଡର ଜିଲା ସଂଯୋଜକ ଦେବବ୍ରତ ମାହୁନ୍ତ ସଂଚାଳନା କରିଥିଲେ। ମହିଳା ସୁରକ୍ଷା ଅଧିକାରୀ ସଙ୍ଗୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ରାଇକିଆ (ପ୍ରଦୀପ ବେହେରା):** ରାଇକିଆ ବ୍ଲକ ସେଣ୍ଟ କାଥାରିନା ବାଳିକା ବିଦ୍ୟାଳୟଠାରେ ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଶିଶୁ କନ୍ୟା ଦିବସ ପାଳନ ହୋଇଯାଇଛି। ରାଇକିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଇକିଆ ବ୍ଲକ ଉପାଧ୍ୟକ୍ଷା ରିନା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଓ ସାରଥି କହଁର, ସୀମାଦ୍ରି କହଁର, ଧନେଶର ଖୁଣ୍ଟିଆ ଏବଂ ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସରୋଜିନୀ ପ୍ରଧାନ, ମୋ ସ୍କୁଲ ଜିଲା ସଂଯୋଜକ ଏନ୍. ସୁସ୍ମିତା, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିର୍ମାସିନୀ ପ୍ରଧାନ ଯୋଗ ଥିଲେ। ଜିଲାର ୧୨ ବ୍ଲକ ମଧ୍ୟରୁ ୭୬ ଜଣ ଛାତ୍ରୀମାନେ ଭାଗନେଇ ରଚନା, ସ୍ଲୋଗାନ, ଗୀତ, ଚିତ୍ର, ନୃତ୍ୟ ଏବଂ ଫ୍ୟାନ୍ସି ଡ୍ରେସ ପରତିଯୋଗୀତାରେ ଭାଗନେଇଥିଲେ।

**ଜି.ଉଦୟଗିରି (ଶିଶିର ପଟ୍ଟନାୟକ):** ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶିକ୍ଷାନୁଷ୍ଠାନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଳୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଇଓ ମିହିର କାନ୍ତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସରପ୍ରାପ୍ତ ଏବିଇଓ ବୈକୁଣ୍ଠନାଥ ସାହୁ, ସିଆରସିସି ରଶ୍ମିତା ମହାରଣା, ପିରାମଲ ଫାଉଣ୍ଡେସନ ସହାୟିକା ହେନାରାଣି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତାରେ ଭାଗ ହେଇଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ସମ୍ମାନୀତ କରାଯାଇଥିଲା। ସିଆର୍‌ସିସି ରଶ୍ମୀତା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

**ବୁଗୁଡ଼ା (କାଳି ଚରଣ ଦାଶ):** ବୁଗୁଡା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିମାଞ୍ଚଳ ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ ଯୋଗ ଦେଇଥିଲେ। ଏ ଅବସରରେ ବିଇଓ କାର୍ଯ୍ୟାଳୟ ଅନ୍ତର୍ଗତ ୧୧ କ୍ଲଷ୍ଟର ସ୍ତରରୁ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀମାନଙ୍କ ମଧ୍ୟରେ ପୁଣି ବ୍ଲକ ସ୍ତରୀୟ ପ୍ରତିଯୋଗିତା ହୋଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ପ୍ରସଙ୍ଗରେ କେନ୍ଦ୍ର ପରିବହନ ମନ୍ତ୍ରୀଙ୍କୁ ଭେଟିଲେ ଧର୍ମେନ୍ଦ୍ର

■ କଟକ-ଅନୁଗୋଳ-ସମ୍ବଲପୁର ରାଜପଥ, ରିଙ୍ଗ୍‌ରୋଡ୍, କୋଷ୍ଟାଲ ହାଇୱେ, ରାଜଧାନୀ ରିଙ୍ଗ୍‌ରୋଡ୍ ପ୍ରକଳ୍ପ ନେଇ ହୋଇଛି ଆଲୋଚନା

■ ପ୍ରକଳ୍ପ ଶୀଘ୍ର ଶେଷ କରିବା ପାଇଁ ଗଡ୍‌କରୀଙ୍କ ପ୍ରତିଶ୍ରୁତି

ଭୁବନେଶ୍ୱର,୧୧।୧୦(ଅନିଲ ଦାସ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀଙ୍କୁ ଭେଟି ଓଡ଼ିଶାରେ ଚାଲୁରହିଥିବା ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି।

ଏହି ବୈଠକ ପରେ ଧର୍ମେନ୍ଦ୍ର ଟ୍ୱିଟ୍ କରି କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଗଡ୍‌କରୀଙ୍କ ସହ ଏନ୍‌ଏଚ୍-୫୫ ଅନ୍ତର୍ଗତ ଦୁଇଟି ପ୍ୟାକେଜରେ ନିର୍ମାଣାଧୀନ କଟକ-ଅନୁଗୋଳ ରାଜପଥର ଅଗ୍ରଗତି, ଅନୁଗୋଳ-ସମ୍ବଲପୁର ସେକ୍ସନ, ଏନ୍‌ଏଚ୍-୫୩ ଅନ୍ତର୍ଗତ ତାଳଚେରରୁ କାମାକ୍ଷାନଗର ବାଇପାସ୍, ସମ୍ବଲପୁର ରିଙ୍ଗ୍‌ରୋଡ୍, କୋଷ୍ଟାଲ ହାଇୱେ ଏବଂ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ୍‌କରୀଙ୍କ ସହ ଆଲୋଚନା କରୁଛନ୍ତି।

କ୍ୟାପିଟାଲ ରିଜିଅନ ରିଙ୍ଗ୍‌ରୋଡ୍ କାର୍ଯ୍ୟର ଅଗ୍ରଗତି ଓ ନିର୍ମାଣ କାର୍ଯ୍ୟ ନେଇ ଆଲୋଚନା ହୋଇଛି। ଏନ୍‌ଏଚ୍‌ଏଆଇ ପ୍ରକଳ୍ପଗୁଡ଼ିକର ଆଲାଇନମେଣ୍ଟ, ଟେଣ୍ଡର ପ୍ରକ୍ରିୟା, ପରିବେଶ ମଞ୍ଜୁରୀ ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଓଡ଼ିଶାରେ ଏନ୍‌ଏଚ୍‌ଏଆଇ ଦ୍ୱାରା ଅନେକ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଉ କିଛି କାର୍ଯ୍ୟ ବାକି ଅଛି। ଏହିସବୁ ଜାତୀୟ ରାଜପଥ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ୍‌କରୀଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। 'ପୂର୍ବୋଦୟ' ମିଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ସଡ଼କପଥ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ଏହିସବୁ ରାଜପଥର ସମ୍ପ୍ରସାରଣ ଏବଂ ଉନ୍ନତୀକରଣ ଦ୍ୱାରା ଲୋକଙ୍କ ଯାତାୟାତ ସୁରକ୍ଷିତ ହେବ। ସ୍ଥାନୀୟ ଅଞ୍ଚଳରେ ଶିଳ୍ପ କ୍ଷେତ୍ରର ବିକାଶ ହେବା ସହ ସାମାଜିକ ଓ ଆର୍ଥିକ ବିକାଶରେ ଅଭିବୃଦ୍ଧି ଘଟିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱରଙ୍କୁ ସୁଦାମ ମାର୍ଣ୍ଡିଙ୍କ ଟାର୍ଗେଟ

### ଅମର୍ଦ୍ଦା ଏୟାରଷ୍ଟ୍ରିପ୍ କେନ୍ଦ୍ର ନିକଟରେ ଝୁଲୁଛି

ଭୁବନେଶ୍ୱର,୧୧।୧୦(ଅନିଲ ଦାସ): ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ଓ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀର ବିକାଶକୁ ନେଇ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ବାଙ୍ଗିରିପୋଷି ବିଧାୟକ ତଥା ମନ୍ତ୍ରୀ ସୁଦାମ ମାରାଣ୍ଡି ଟାର୍ଗେଟ କରିଛନ୍ତି। ଟୁଇଟ୍ କରି ସେ କହିଛନ୍ତି ଯେ ଅମର୍ଦ୍ଦା ଏୟାରଷ୍ଟ୍ରିପ୍ ବିକାଶ ପାଇଁ ୨୦୧୬ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏ ବାବଦରେ ଏନ୍‌ଓସି ପ୍ରଦାନ କରିବା ପାଇଁ ଡିଆରଡିଓକୁ ନିର୍ଦ୍ଦେଶ ଦେବାକୁ ୨୦୨୨ରେ ପ୍ରତିରକ୍ଷା ସଚିବଙ୍କୁ ଚିଠି ଲେଖାଯାଇଥିଲା। ବିଭାଗର ୧୬୦.୩୫ ଏକର ଜମିରେ କାର୍ଯ୍ୟ କରିବାକୁ ରାଜ୍ୟ ସରକାରଙ୍କୁ ଏହାପରେ ଅନୁମତି ମିଳିଥିଲା। ରାଜ୍ୟ ସରକାର ଜମି ବାବଦକୁ ୨୬ କୋଟିରୁ ଅଧିକ ଟଙ୍କା ଗତ ଅଗଷ୍ଟ ମାସରେ ପ୍ରଦାନ କରିଥିଲେ। ଯେହେତୁ ଜମି ହସ୍ତାନ୍ତର ସଂକ୍ରାନ୍ତୀୟ କାର୍ଯ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗରୁ ଶେଷ ହୋଇ ସାରିଥିଲା, ତେଣୁ ୧୦ ଅକ୍ଟୋବରରେ ଜମି ହସ୍ତାନ୍ତର ପାଇଁ ଏକ ସ୍ୱତନ୍ତ୍ର ସଭା କାର୍ଯ୍ୟକ୍ରମର ଆବଶ୍ୟକତା ନ ଥିବା ରାଜ୍ୟ ସରକାର ଜଣାଇଥିଲେ। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଟୁଡୁ ଦିନେ ମଧ୍ୟ ନିର୍ବାଚନମଣ୍ଡଳୀ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇନାହାନ୍ତି ବୋଲି ମାରାଣ୍ଡି କହିଛନ୍ତି।

# ପ୍ରାଣୀ ପାଳନ, ଅଣ୍ଡା ଉତ୍ପାଦନରେ ଓଡ଼ିଶା ହେବ ଆତ୍ମନିର୍ଭରଶୀଳ: ଅସିତ

### ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ସମୀକ୍ଷା ବୈଠକ

ଭୁବନେଶ୍ୱର,୧୧।୧୦(ଅନିଲ ଦାସ)

ପ୍ରାଣୀପାଳନ, ଦୁଗ୍ଧ ଉତ୍ପାଦନ, ମାଂସ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ଓଡ଼ିଶାର ଚାଷୀମାନଙ୍କୁ ସଫଳ ଉଦ୍ୟୋଗୀ ଭାବେ ଗଢ଼ିତୋଳିବା ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ବୁଧବାର ଖାରବେଳ ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅସିତ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ କୃତ୍ରିମ ପ୍ରଜନନ ମାଧ୍ୟମରେ ଗୋପାଳନକୁ ବୃଦ୍ଧି କରିବା ସହ ଗ୍ରାମୀଣ ଅଞ୍ଚଳରେ ଥିବା ଚାଷୀମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବ। ଓଡ଼ିଶାରେ ପ୍ରାୟ ୬୦ ଲକ୍ଷ ପରିବାର ଚାଷ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ସେମାନେ ପାରମ୍ପରିକ ଚାଷ କରିବା ସହ ଗୋପାଳନ, ମତ୍ସ୍ୟପାଳନ, କୁକୁଡ଼ା ଚାଷକୁ ମଧ୍ୟ ଆପଣାଉଛନ୍ତି। ଏହା ସେମାନଙ୍କୁ ଉଦ୍ୟୋଗୀ ହେବାକୁ ସୁଯୋଗ ପ୍ରଦାନ କରିଛି ବୋଲି ସେ ମତ ଦେଇଛନ୍ତି। ନିକଟରେ ଆପିକଲ୍, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ଏବଂ କୃଷି ବିଭାଗ ଦ୍ୱାରା ଏକ ସର୍ଭେ କରାଯାଇଛି। ସର୍ଭେରେ ଚିହ୍ନଟ ହୋଇଥିବା ଦକ୍ଷ ଚାଷୀମାନଙ୍କୁ ସଫଳ ଉଦ୍ୟୋଗୀ ରୂପେ ଗଢ଼ିତୋଳିବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ। ପ୍ରାୟ ୬୦୦୦ ଚାଷୀ ପରିବାରଙ୍କୁ ନେଇ ହୋଇଥିବା ଏହି ସର୍ଭେରେ ଚିହ୍ନଟ ହୋଇଥିବା ଦକ୍ଷ ଚାଷୀମାନଙ୍କୁ ବିବିଧ ଚାଷ କରିବାକୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଆଗକୁ ମଧ୍ୟ ଏହିଭଳି ସର୍ଭେ କରିବା ଓ ଚାଷୀମାନଙ୍କଠାରୁ ପ୍ରତିକ୍ରିୟା ନେଇ ସେମାନଙ୍କ ଅଗ୍ରଗତି ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟରେ ଗୋପାଳନକୁ ବଢାଇବା ପାଇଁ କ୍ରସ୍ ବ୍ରିଡିଂ ଗାଈ, ପ୍ରାଣୀ ଖାଦ୍ୟ ବିତରଣ, ପ୍ରାଣୀପାଳନ କ୍ଷେତ୍ରରେ ସବ୍‌ସିଡି ପ୍ରଦାନକୁ ସମର୍ଥନ କରାଯାଉଛି। ଉତ୍ପାଦକଙ୍କୁ ବଜାର ସହ ଯୋଡିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଅନ୍ୟପକ୍ଷରେ ପ୍ରାଣୀପାଳନ ସହ ମାଂସ ଓ ଅଣ୍ଡା ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ କମର୍ସିଆଲ ବ୍ୟବସାୟିକ କୁକୁଡ଼ା ଫାର୍ମ, ସେମିକମର୍ସିଆଲ କୁକୁଡ଼ା ଫାର୍ମ ଓ ବ୍ୟାକ୍‌ୟାର୍ଡ ଫାର୍ମିଂ ଆଦି ମାଧ୍ୟମରେ ରାଜ୍ୟରେ ଅଣ୍ଡା ଓ ମାଂସ ଉତ୍ପାଦନ ବୃଦ୍ଧିପାଇଛି। ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ବିଭାଗର ଅନ୍ୟ ଅଧିକାରୀ, ଓମ୍‌ଫେଡ ଓ ଆପିକଲର ସଦସ୍ୟ ଯୋଗ ଦେଇଥିଲେ।

# ମୃତ୍ୟୁଯନ୍ତା ପାଲଟିଛି କଟକ-ସମ୍ବଲପୁର ଜାତୀୟ ରାଜପଥ

■ ଅଧାପନ୍ତରିଆ ପ୍ରକଳ୍ପ ବିଷୟରେ ମୁହଁ ଖୋଲୁନି ଭାଜପା: ବିଜେଡି

■ ଆନ୍ଦୋଳନ ପାଇଁ ବିଜେଡିର ଚେତାବନୀ

ଭୁବନେଶ୍ୱର,୧୧।୧୦(ଅନିଲ ଦାସ)



କଟକ-ସମ୍ବଲପୁର ଜାତୀୟ ରାଜପଥ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଶହ ଶହ ଦୁର୍ଘଟଣା ଘଟି ଏପର୍ଯ୍ୟନ୍ତ ବହୁ ସଂଖ୍ୟାରେ ଲୋକ ପ୍ରାଣ ହରାଇଲେଣି। ସେହିଭଳି ଉପକୂଳ ରାଜପଥ ଓ କ୍ୟାପିଟାଲ ରିଜିଅନ ରିଙ୍ଗ୍‌ରୋଡ୍ ଫାଇଲରେ ରହିଯାଇଥିବା ବେଳେ ଭାଜପା ଏମ୍‌ପି, ମନ୍ତ୍ରୀ ଓ ନେତାମାନେ ନୀରବ ରହିଛନ୍ତି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ଓ ଲେନିନ ମହାନ୍ତି କହିଛନ୍ତି।

ବୁଧବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦୁଇ ବିଜେଡି ମୁଖପାତ୍ର କହିଛନ୍ତି ଯେ ବିଜୁ ଜନତା ଦଳ କଟକ-ସମ୍ବଲପୁର ଜାତୀୟ ରାଜପଥ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ପାର୍ଲାମେଣ୍ଟରେ ଦାବି କରିଆସୁଛି। କିନ୍ତୁ ଓଡ଼ିଶାର ଭାଜପା ଏମ୍‌ପି ତଥା ଓଡ଼ିଶାର କେନ୍ଦ୍ର ମନ୍ତ୍ରୀମାନେ ଏ ପର୍ଯ୍ୟନ୍ତ କୌଣସି ସ୍ୱର ଉତ୍ତୋଳନ କରିନାହାନ୍ତି। ଉପକୂଳ ରାଜପଥ ସଂକ୍ରାନ୍ତରେ ୨୦୧୫ରେ ଘୋଷଣା ହୋଇଥିଲା। ରାଜପଥ କାର୍ଯ୍ୟ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇପାରିଲା ନାହିଁ। ଓଡ଼ିଶାର ୭ଟି ଉପକୂଳବର୍ତ୍ତୀ ଜିଲାକୁ ସଂଯୋଗ କରୁଥିବା ରାମେଶ୍ୱରରୁ ଦୀଘା ପର୍ଯ୍ୟନ୍ତ ଏହି ୮୦୦୦ କୋଟି ଟଙ୍କା ମୂଲ୍ୟର ଉପକୂଳ ରାଜପଥ କେବଳ ଫାଇଲରେ ରହିଯାଇଛି। ୨୦୨୨ ଏପ୍ରିଲରେ କ୍ୟାପିଟାଲ ରିଜିଅନ ରିଙ୍ଗ୍‌ରୋଡ୍ ଏନ୍‌ଏଚ୍‌ଏଆଇ ଦ୍ୱାରା ଘୋଷଣା କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ସମସ୍ତ ଘୋଷଣା କେବଳ ଫାଇଲରେ ରହିଯାଇଛି। ଭାଜପା ଭୁବନେଶ୍ୱର ଲୋକ ସଭା ସଦସ୍ୟ ନୀରବ ରହି ଏହି ପ୍ରସଙ୍ଗରୁ ମୁହଁ ଫେରାଇ ଦେଇଛନ୍ତି। ପ୍ରକଳ୍ପ ଘୋଷଣା ହେବା ମାତ୍ରେ, ଓଡ଼ିଶା ସରକାର ଏହି ରିଙ୍ଗ୍‌ରୋଡ୍‌ର ଢାଞ୍ଚାକୁ ଅନୁମୋଦନ କରିଛନ୍ତି, ଯାହା ଟ୍ରାଫିକ୍ ଭିଡ଼ ହ୍ରାସଜନିତ ଯାତାୟାତକୁ ସୁନିଶ୍ଚିତ କରିବ ଏବଂ ଭୁବନେଶ୍ୱର ଓ କଟକ ମଧ୍ୟରେ ବାଇପାସ୍ ଭଳି କାର୍ଯ୍ୟ କରିବ।

ଏହି ପ୍ରକଳ୍ପ ଭାରତର ଜାତୀୟ ରାଜପଥ ପ୍ରାଧିକରଣ ଦ୍ୱାରା କାର୍ଯ୍ୟକାରୀ ହେବ, ଯେଉଁଥିପାଇଁ ଓଡ଼ିଶା ସରକାର ମଧ୍ୟ ୬୦୦ କୋଟି ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହା ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଖର୍ଚ୍ଚ ବାବଦରେ ବ୍ୟୟ ହେବ। ତଥାପି ଉପକୂଳ ରାଜପଥ ପରି ଏହି ରାଜଧାନୀ ରିଙ୍ଗ୍‌ରୋଡ୍ ମଧ୍ୟ ଯୋଜନାରେ ରହିଯାଇଛି। ଭୁବନେଶ୍ୱର ଏମ୍‌ପି ନୀରବ ରହିଛନ୍ତି। ଯେଉଁ ମତଦାତା ୨୦୧୯ରେ ତାଙ୍କୁ ଭୋଟ ଦେଇଥିଲେ ସେହି ଲୋକଙ୍କ ସ୍ୱାର୍ଥ ପାଇଁ କାମ ନ କରିବାକୁ ଚେଷ୍ଟା କରୁଛନ୍ତି। ବାରମ୍ବାର ସ୍ମାରକପତ୍ର ପ୍ରଦାନ ସତ୍ତ୍ୱେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏହାର ନିରାକରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଗତ ଏକ ଦଶନ୍ଧି ମଧ୍ୟରେ ଓଡ଼ିଶାରେ ଜାତୀୟ ରାଜପଥର ରକ୍ଷଣାବେକ୍ଷଣ ଏବଂ ମରାମତିର ଅଭାବ ଏକ ସ୍ୱାଭାବିକ ଘଟଣାରେ ପରିଣତ ହୋଇଛି। ଯଦି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନ ନେବେ ତେବେ ଓଡ଼ିଶାର ଲୋକମାନେ ଆନ୍ଦୋଳନ ଆରମ୍ଭ କରି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଦୁଇ ମୁଖପାତ୍ର କହିଛନ୍ତି।

# ଭାଜପାରେ ଅଲ୍ ଓଡ଼ିଶା ମିଳିତ ଅଟୋ ମହାସଂଘର କର୍ମକର୍ତ୍ତା

ଭୁବନେଶ୍ୱର,୧୧।୧୦(ଅନିଲ ଦାସ)

ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ବୁଧବାର ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଅଲ୍ ଓଡ଼ିଶା ମିଳିତ ଅଟୋ ମହାସଂଘ ଓ ସଡ଼କ ପରିବହନ ସଂଘର ଶତାଧିକ କର୍ମକର୍ତ୍ତା ଅଟୋ ମହାସଂଘର ସାଧାରଣ ସମ୍ପାଦକ ଅଜିତ ଦାସଙ୍କ ନେତୃତ୍ୱରେ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ, ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଓ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସାମିଲ ହୋଇଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସମୀର ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ।


ଭାଜପାରେ ଯୋଗଦେଇଥିବା ଓଡ଼ିଶା ମିଳିତ ଅଟୋ ମହାସଂଘର କର୍ମକର୍ତ୍ତା।

ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଅଟୋଚାଳକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପାଇଁ ବାସଗୃହ, ସ୍ୱଳ୍ପ ସୁଧରେ ଋଣ ଓ ପ୍ରତ୍ୟେକ ଛକରେ ଷ୍ଟାଣ୍ଡର ସୁବିଧା କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ସମୀର କହିଛନ୍ତି। କେନ୍ଦ୍ରୀୟ ଯୋଜନାକୁ ସଫଳ ରୂପାୟନ ଏବଂ ଭାଜପାର ନୀତି ଆଦର୍ଶରେ ସମ୍ପୂର୍ଣ୍ଣଭାବେ ନିଜକୁ ନିୟୋଜିତ କରି ଦେଶ ପାଇଁ କାର୍ଯ୍ୟ କରିବାକୁ ଅଲ୍

ଓଡ଼ିଶା ମିଳିତ ଅଟୋ ମହାସଂଘ ଓ ସଡ଼କ ପରିବହନ ସଂଘର ଶତାଧିକ କର୍ମକର୍ତ୍ତା ସଙ୍କଳ୍ପ ନେଇଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ,ବରିଷ୍ଠ ନେତା ସଜ୍ଜନ ଶର୍ମା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ଜିଲା ସଭାପତି ବାବୁ ସିଂ, ସାମାଜିକ ସଂଗଠନର ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ କାନୁନ୍‌ଗୋ, ମହିଳା ମୋର୍ଚ୍ଚାର ସାଧାରଣ ସମ୍ପାଦିକା ରଶ୍ମିରେଖା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନିଃସର୍ତ୍ତ କ୍ଷମା ମାଗିଲେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ

### ହାଇକୋର୍ଟ ଆଦେଶ ଉଲ୍ଲଂଘନ ମାମଲା

କଟକ,୧୧।୧୦ (କାର୍ତ୍ତିକ ସାହୁ): ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ନିଯୁକ୍ତିରେ ହାଇକୋର୍ଟଙ୍କ ଆଦେଶର ଉଲ୍ଲଂଘନ ହୋଇଥିବା ମାମଲାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଭି. ଭି. ଯାଦବ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ମଙ୍ଗଳବାର ନିର୍ଦ୍ଦେଶ ମୁତାବକ ସଚିବ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ସଚିବ ହାଇକୋର୍ଟଙ୍କୁ ଦର୍ଶାଇଥିଲେ, ଗତ ୭ ତାରିଖରେ ଉପଭୋକ୍ତା କମିଶନ ସଦସ୍ୟ ଡ. ପି. କେ. ପୃଷ୍ଟିଙ୍କୁ ସଭାପତି ଭାବେ ଦାୟିତ୍ୱ ପ୍ରଦାନ ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରାଯାଇଛି। ଏଥିସହ ଅକ୍ଟୋବର ୧୦ରେ ଏକ ସାନି ନିର୍ଦ୍ଦେଶନାମାରେ ବରିଷ୍ଠ ସଦସ୍ୟ ଦିଲୀପ କୁମାର ମହାପାତ୍ରଙ୍କୁ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆୟୋଗର ବରିଷ୍ଠ ସଦସ୍ୟଙ୍କୁ ସଭାପତି ଦାୟିତ୍ୱ ପ୍ରଦାନ କରାଯିବା ନେଇ ହାଇକୋର୍ଟଙ୍କ ଆଦେଶର ଅବମାନନା ପ୍ରସଙ୍ଗରେ ସଚିବ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାରୁ ହାଇକୋର୍ଟ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।


## Classified Everyday
0674-2580101, 2549949


AUTOMOBILE

SALE

TATA HYVA (Model-3118) 2018, 5 Nos., TATA HYVA (Model- 2518) 2016, 4 Nos. - 9348369473, 7504690838. D-75235


REAL ESTATE

SALE

Available resale plot at Hanspal, Rudrapur Surrounded quality building purchase gated Society at Nakhara/ Pahala, 9439363944. D-75230

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker- 6370469894. D-75229

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513

Kantabada Chhak Sparsh Hospital ପାଖରେ sthitiban plot Electricity ସହିତ ମିଳୁଅଛି। Contact: 8917697736, 9439101373. D-1428

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231


CONSTRUCTION

**Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring-SNV Construction- 9439295469.** D-75226


Healthcare

**Relax, Refresh your body, Mind at Saikrupa Spa with best therapies. 8984068077.** D-1502

Newly open Spa positively Health benefit with expert. Contact: 7749976301. D-1469

**Full body massage by expert therapist positively health benefits. 9938843929.** D-75153

Newly open spa positively Health benefits with expert therapist. 9040286886. D-75152

Spa Kerala body Massage only best Therapist @699/- Bhubaneswar. 9337672475. D-1535


BUSINESS

**Padhy pest Controllers Bumper Offer for anti-termite treatment with 5years warranty @ 3.50per sqft. from 16.10.23 to 21.10.23. Contact: 9515883819.** D-75154

AFFIDAVIT

I, Sri Rajkishore Arakha, aged about 20 years, S/o Maheswar Arakha of vill. Sodha, P.O. Dobal, P.S.- Dhamnagar, Dist.- Bhadrak have changed my name Rajkishore Arakh to Rajkishore Arakha vide affidavit No.3694 on dtd. 30.09.2023 in the Court of Executive Magistrate, Dhamnagar for all future purpose. D-1543

CLASSIFIED DISPLAY
MORE SPACE • SAME PRICE
TARIFF · GST 5%

BIJAYA FINANCE
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

**୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ବସନ୍ତ କୁମାର ବେଉରା
ଆବିର୍ଭାବ- 23.01.1957
ତିରୋଧାନ- 15.10.2020
ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସରଳତା, ନିଷ୍କପଟତା, ତ୍ୟାଗ ଓ ଆଶୀର୍ବାଦ ସର୍ବଦା ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ- ବିନି, ଝିଅ- ଶିଳା, ଲିଜା, ଜ୍ୱାଇଁ- ଅମିୟ, ପ୍ରଦୀପ୍ତ
ଧ-୧୫୪୧

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



୰ଡାକ୍ତର ବାବୁଲୁ ସିଂହ
Lt. Col. Indian Army
ଆବିର୍ଭାବ : ୧୮.୦୯.୧୯୭୦
ତିରୋଧାନ : ୧୨.୧୦.୨୦୧୬
" ଫୁଲପରି ଫୁଟିଥିଲୁ
ତୁହି ଭବ ଉଦ୍ୟାନେ
ଜୀବନ ସମର୍ପି ଦେଲୁ
ଜଗତର କଲ୍ୟାଣେ।
ଝୁରୁଅଛୁ ଝୁରୁଥିବୁ
ସବୁଦିନ ତୋତେରେ,
କେବେ ତୁ ଆସିବୁ ଫେରି
ଥରେ ହେଲେ କହରେ ?"
ଶୋକସନ୍ତପ୍ତ : ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୭୫୦୫୦

**ଏକାଦଶାହ ଉପଲକ୍ଷେ**



୰ କୁମାର ଚନ୍ଦ୍ର ବଳ
ଛୋଟି ଡେରାବିଶ (କେନ୍ଦ୍ରାପଡ଼ା)
ଆବିର୍ଭାବ- ତା୨୪।୦୮।୧୯୫୮
ତିରୋଧାନ- ତା୦୨।୧୦।୨୦୨୩
ସ୍ନେହବୋଳା କଥା କହି ପରକୁ ଆପଣାର କରିବା ଆମ୍ଭମାନଙ୍କୁ ପ୍ରେରଣା ଯୋଗାଇଛି। ଆପଣଙ୍କ ଆଶୀର୍ବାଦ ଓ ଶୁଭ ଦୃଷ୍ଟି ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ
ଧ-୧୫୩୬


'ଦେବଦାସ' ଫିଲ୍ମରେ ଐଶ୍ୱର୍ଯ୍ୟା-ମାଧୁରୀ

# ଡୋଲାରେ...ଡୋଲାରେ...

ବଲିଉଡ୍‌ରେ ନିର୍ମିତ ସ୍ମରଣୀୟ ସିନେମାଗୁଡ଼ିକ ମଧ୍ୟରୁ 'ଦେବଦାସ' ଅନ୍ୟତମ। ସଞ୍ଜୟ ଲୀଲା ଭଁସାଲିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନାୟକ ସାଜିଥିଲେ ଶାହରୁଖ ଖାଁ। ତାଙ୍କ ବ୍ୟତୀତ ଜ୍ୟାକି ଶ୍ରଫ, ମାଧୁରୀ ଦୀକ୍ଷିତ, ଐଶ୍ୱର୍ଯ୍ୟା ରାୟ ମଧ୍ୟ କାଷ୍ଟିଂରେ ଥିଲେ। କେବଳ ସିନେମା ନୁହେଁ, ଏଥିରେ ସଂଯୋଜିତ ଗୀତଗୁଡ଼ିକ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏହାର ଅନ୍ୟତମ ହିଟ୍ ଗୀତ 'ଡୋଲାରେ... ଡୋଲାରେ... ପାଇଁ କଣ୍ଠଦାନ କରିଥିଲେ କବିତା କ୍ରିଷ୍ଣମୂର୍ତ୍ତି, ଶ୍ରେୟା ଘୋଷାଲ ଏବଂ କେକେ। ଖାସ୍ କଥା ହେଲା ଗୀତଟିକୁ ଶତ ପ୍ରତିଶତ ଜଷ୍ଟିସ୍ ଦେବାକୁ ନିର୍ଦ୍ଦେଶକ କେତେଦିନ ଶୁଟିଂ କରିଥିଲେ ଜାଣନ୍ତି? ସାତ ଦିନ ଅର୍ଥାତ୍ ଗୋଟିଏ ସପ୍ତାହ। ଯାହାହେଉ, ଶେଷରେ ତାଙ୍କର ଶ୍ରମ ସାର୍ଥକ ହୋଇଥିଲା। ମାଧୁରୀ ଦୀକ୍ଷିତ ଏବଂ ଐଶ୍ୱର୍ଯ୍ୟା ରାୟଙ୍କ ଉପରେ ଗୀତଟି ଦୃଶ୍ୟାୟିତ ହୋଇଥିଲା।

## ଅତୀତରୁ

- ଆଇଡିଆଲ ପ୍ରଡକ୍ସନ, ସମ୍ବଲପୁର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମନ ଆକାଶ'। ଚିତ୍ରଟିର ପ୍ରଯୋଜନା ରାସବିହାରୀ ମିଶ୍ର କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ୍। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଉପେନ୍ଦ୍ର କୁମାର। ଶାନ୍ତିସ୍ୱରୂପ, ପ୍ରଶାନ୍ତ ନନ୍ଦ, ଲାବଣ୍ୟବତୀ ପ୍ରମୁଖ କଳାକାର ଅଭିନୟ କରିଥିଲେ।
- ଜୟନ୍ତ କୁମାରଙ୍କ ପ୍ରଯୋଜନାରେ ନିର୍ମିତ ଓଡ଼ିଆ ସିନେମା 'ବତୀଘର'ର ବିଭିନ୍ନ ଭୂମିକାରେ ସାଧୁ ମେହେର, ପ୍ରଶାନ୍ତ ନନ୍ଦ, ଲିଲି ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା।
- 'ରକ୍ତ ଗୋଲାପ' ସିନେମାର ନିର୍ଦ୍ଦେଶନା ଦେଇଥିଲେ କେ. ଭୀମେଶ୍ୱର ରାଓ। ମୁଖ୍ୟ ଭୂମିକାରେ ଶ୍ରୀରାମ ପଣ୍ଡା ଏବଂ ବନଜା ମହାନ୍ତି ଅଭିନୟ କରିଥିଲେ। ଏହାର ଗୀତଗୁଡିକୁ ସ୍ୱର ଦେଇଥିଲେ ଧନଞ୍ଜୟ ଶତପଥୀ।
- ଫ୍ରେଣ୍ଡ୍‌ସ ମୁଭିଟୋନ୍, ଭୁବନେଶ୍ୱର ବ୍ୟାନରରେ ପ୍ରସ୍ତୁତ ହୋଇଥିଲା 'ପ୍ରିୟତମା'। ଏହାର ନିର୍ଦ୍ଦେଶନା ଦେଇଥିଲେ ବିଶ୍ୱନାଥ ଦାସ। ଶ୍ରୀରାମ ପଣ୍ଡା, ମହାଶ୍ୱେତା ରାୟ, ନଗେନ, ପ୍ରମୋଦ, ନଳିନୀ, ନରି, ରାଧା ବିଭିନ୍ନ ଭୂମକାରେ ଅଭିନୟ କରିଥିଲେ।
- ଦେବୀ ପ୍ରସାଦ ଦାସଙ୍କ ପ୍ରଯୋଜନାରେ ପ୍ରସ୍ତୁତ 'ପିପାସ'ର ନାୟକ ସାଜିଥିଲେ ସଚ୍ଚି ପଣ୍ଡା। ଅନ୍ୟାନ୍ୟ ଭୂମିକାରେ ତନ୍ଦ୍ରା, ଅଜିତ ଦାସ, ନୀହାରିକା ଏବଂ ଜର୍ଜ ତିଆଡି ପ୍ରମୁଖ କଳାକାର ଅଭିନୟ କରିଥିଲେ।

## ପ୍ରଶଂସିକା ହେବ ଏମିତି

କ୍ୟାଟ୍ରିନାଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ଯୁଆଡ଼େ ଗଲେ ତାଙ୍କ ବିଷୟରେ କିଛି ବଖାଣିବାକୁ ଭୁଲୁନାହାନ୍ତି ଏହି ଅଭିନେତ୍ରୀ। ହେଲେ ସେ ଏମିତି କାହାର ପ୍ରଶଂସା କରୁଛନ୍ତି ତାକୁ ନେଇ ଏତେ ଚର୍ଚ୍ଚା। କଥା କ'ଣ କି, କ୍ୟାଟ୍ରିନା କୈଫ ବର୍ତ୍ତମାନ ସଲ୍‌ମାନ ଖାଁଙ୍କ ପ୍ରଶଂସାରେ ଶତମୁଖ। ଏପଟେ ଦୁହିଁଙ୍କ ଅଭିନୀତ 'ଟାଇଗର-୩' ଚଳିତବର୍ଷ ନଭେମ୍ବର ୧୦ରେ ରିଲିଜ୍ ହେବାକୁ ଯାଉଛି। ପୁଣି ଶୁଣିବାକୁ ମିଳୁଛି ଯେ, ସଲ୍‌ମାନଙ୍କ ହୋମ ବ୍ୟାନରରେ ଏହି ଯୋଡ଼ି ଅଭିନୟ କରିବେ। ତେଣୁ ଯେତେବେଳେ ଏକଥା ତାଙ୍କ କାନରେ ପଡ଼ିଲା, ସେ ବା କେମିତି ସଲ୍‌ମାନଙ୍କୁ ପ୍ରଶଂସା କରିବେ ନାହିଁ କହୁନାହାନ୍ତି ? ଏ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ନିକଟରେ ସଲ୍‌ମାନ ଏ



ନେଇ ମୋତେ ପରୋକ୍ଷରେ ସୂଚନା ଦେଇସାରିଛନ୍ତି। କିନ୍ତୁ ଯେ ପର୍ଯ୍ୟନ୍ତ ଅଫିସିଆଲି ଘୋଷଣା ନ ହୋଇଛି, ତାହା ଉପରେ ଶତ ପ୍ରତିଶତ ଭରସା ରଖିବା ଠିକ୍ ହେବନି। ହେଲେ ମୁଁ ଜାଣିଛି ସଲ୍‌ମାନ ମୋତେ କେବେ ନିରାଶ କରିବେ ନାହିଁ। 'ଟାଇଗର-୩' ପାଇଁ ଦୁହେଁ ବେଶ୍ ପରିଶ୍ରମ କରିଛୁ। ଫିଲ୍ମଟି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ କରିବ ବୋଲି ମୋର ଦୃଢ଼ ବିଶ୍ୱାସ।' ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଆଦିତ୍ୟ ଚୋପ୍ରା। ୟଶ୍‌ରାଜ ଫିଲ୍ମସ୍ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ମନୀଷ ଶର୍ମା। ଆଦିତ୍ୟ ଚୋପ୍ରାଙ୍କ କାହାଣୀକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ଅଙ୍କୁର ଚୌଧୁରୀ। ସଲ୍‌ମାନ-କ୍ୟାଟ୍ରିନାଙ୍କ ବ୍ୟତୀତ ଏଥିରେ ଇମ୍ରାନ ହାସ୍‌ମୀ, ରେବତୀ, ରିଦ୍ଧି ଡୋଗ୍ରା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଖାସ୍ କଥା ହେଲା କିଙ୍ଗ ଖାଁ ଶାହରୁଖ ଏହି ଫିଲ୍ମରେ କେମିଓ ଭୂମିକାରେ ଆକ୍ଟିଂ କରିଛନ୍ତି।

# ଭାଗ୍ୟବତୀ ମୌନି


ମୌନି

ମୌନି ରୟଙ୍କ ଖୁସି ଏବେ ବନ୍ଧବାଡ଼ ମାନୁନି। କାରଣ ସେ କେବେ କଳ୍ପନା କରି ନ ଥିଲେ ତାଙ୍କୁ ଏମିତି ସିରିଜ୍ ଅଫର ମିଳିବ। ଏପରି କି ଏ ବିଷୟରେ ସୂଚନା ଦେଉଦେଉ ତାଙ୍କ ଆଖି ଛଳଛଳ ହୋଇଯାଇଥିଲା। ନୂଆ ପ୍ରଯୋଜକ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଲେ ଆରମ୍ଭରୁ ସେ ବେଶ୍ ଗମ୍ଭୀରତାର ସହ ଶୁଣିଥିଲେ। ହେଲେ କାହାଣୀର କ୍ଲାଇମାକ୍ସ ସମୟରେ ସେ ଇମୋଶନାଲ ହୋଇଯାଇଥିଲେ। ହଠାତ୍ କ'ଣ ହେଲା ତାହା ମଧ୍ୟ ପ୍ରଯୋଜକ ଜାଣିପାରିଲେ ନାହିଁ। ଏ ସମ୍ପର୍କରେ ମୌନି କହନ୍ତି, 'ଏହାର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ହେଲେ ମୁଁ କାହାଣୀ ସହ ଏପରି ମଜ୍ଜି ଯାଇଥିଲି ଯେ, ମୁଁ ହଠାତ୍ ଇମୋଶନାଲ ହୋଇପଡ଼ିଥିଲି। ଜଣେ ଗାଉଁଲି ନାରୀର ସଂଘର୍ଷମୟ ଜୀବନୀକୁ ନେଇ କାହାଣୀ ଗତିଶୀଳ। ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଗେଟ୍‌ଅପ୍‌ରେ ଦେଖିବାକୁ ପାଇବେ। ତା'ସହ ଏପରି ଭୂମିକାକୁ ତୁଲାଇବାକୁ ମୋତେ ଅଧିକ ପରିଶ୍ରମ କରିବାକୁ ପଡ଼ିବ।' ମୌନିଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୪ରେ। 'ରନ୍' ଫିଲ୍ମରେ ତାଙ୍କୁ ଜଣେ ଡ୍ୟାନ୍ସର ଭାବରେ ଦେଖିବାକୁ ମିଳିଥିଲା। ତାଙ୍କ ଅଭିନୀତ ଶେଷ ଫିଲ୍ମ 'ବ୍ରହ୍ମାସ୍ତ୍ର' ଗତବର୍ଷ ରିଲିଜ୍ ହୋଇଥିଲା। ତେବେ ଏହି ସିରିଜ୍ ଫିଲ୍ମଗୁଡ଼ିକ ମୌନିଙ୍କ କ୍ୟାରିୟରକୁ କେତେ ମାଇଲେଜ୍ ଦେଉଛି ତାହା ଦେଖିବାକୁ ବାକି ରହିଲା।

# ବଡେ ମିଆଁ ଛୋଟେ ମିଆଁ

ବାସୁ ଭଗନାନିଙ୍କ ପ୍ରଯୋଜିତ 'ବଡେ ମିଆଁ ଛୋଟେ ମିଆଁ' ବକ୍ସ ଅଫିସ୍‌ରେ ଭଲ ବିଜ୍‌ନେସ୍ କରିଥିଲା। ଏବେ ସେହି ଏକା ଟାଇଟଲକୁ ନେଇ ନିର୍ମିତ ହୋଇଛି ଆଉ ଏକ ହିନ୍ଦୀ ସିନେମା। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଲ୍ଲୀ ଆବାସ ଜାଫର। ଖାସ୍ କଥା ହେଲା, ଏଥର ଉକ୍ତ ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ୍। ଏ ନେଇ ଟାଇଗର କୁହନ୍ତି, 'ଅକ୍ଷୟ କୁମାରଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏଥିରେ ମୋତେ ଯେଉଁ ଦାୟିତ୍ୱ ଦିଆଯାଇଛି, ତାହାକୁ ତୁଲାଇବାକୁ ଶତ ପ୍ରତିଶତ ଚେଷ୍ଟା କରିବି। ଏହି ଫିଲ୍ମରେ ଅକ୍ଷୟ ଏବଂ ଟାଇଗରଙ୍କ ବ୍ୟତୀତ ଜାହ୍ନବୀ କପୁର, ସୋନାକ୍ଷୀ ସିହ୍ନା, ମାନୁଷୀ ଚିଲ୍ଲାରଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଆକ୍ସନ-କମେଡ଼ିରେ ଭରପୂର ଏହି ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ନିର୍ଦ୍ଦେଶକ। ଏହି ଫିଲ୍ମଟି ଆସନ୍ତା ବର୍ଷ ଏପ୍ରିଲ ୧୦ରେ ରିଲିଜ୍ ହେବାର ଯୋଜନା ରହିଛି। ସୂଚନାଯୋଗ୍ୟ, ବାସୁ ଭଗନାନିଙ୍କ ପ୍ରଯୋଜିତ ଏବଂ ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ 'ବଡେ ମିଆଁ ଛୋଟେ ମିଆଁ'ର ମୁଖ୍ୟ ଭୂମିକାରେ ଅମିତାଭ ବଚ୍ଚନ, ଗୋବିନ୍ଦା, ରବିନା ଟଣ୍ଡନ, ରମ୍ୟୋ କ୍ରିଷ୍ଣା ପ୍ରମୁଖ କଳାକାର ଅଭିନୟ କରିଥିଲେ। ୧୯୯୮ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମଟି ୯ କୋଟିରେ ପ୍ରସ୍ତୁତ ହୋଇ ୩୪ କୋଟିର ବିଜ୍‌ନେସ୍ କରିଥିଲା।


ଟାଇଗର

## ପରିଶ୍ରମର ମୂଲ୍ୟ ମିଳିଛି

**ସିନେମାଟୋଗ୍ରାଫର-କମ୍-ନିର୍ଦ୍ଦେଶକ ରାଜଗୋପାଳ ସିଂ ତାଙ୍କ କ୍ୟାରିୟର ସମ୍ପର୍କରେ ଯାହା କହନ୍ତି...**


ପରଦା ପଛରେ
ରାଜଗୋପାଳ ସିଂ

ସିନେମାଟୋଗ୍ରାଫି ତାଙ୍କର ପେସା। ହେଲେ ମନରେ ଛପି ରହିଥିଲା ଆଉ ଏକ ଆଶା, ଯାହାକୁ ସେ ପୂରଣ କରିବା ପରେ ସେହି ରାସ୍ତାରେ ଆଗେଇ ଚାଲିଛନ୍ତି। ଆଉ ସାଉଁଟି ଚାଲିଛନ୍ତି ପ୍ରଶଂସା। ନିକଟରେ ତାଙ୍କ ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର 'ବଣ୍ଡିଙ୍ଗ୍ ଗ୍ଲୁ' ଦାଦାସାହେବ ଫାଲ୍‌କେ ଫିଲ୍ମ ଫେଷ୍ଟିଭାଲ-୨୦୨୩ରେ ପ୍ରଦର୍ଶିତ ହୋଇ ପ୍ରଶଂଶିତ ହୋଇଛି। କେବଳ ସେତିକି ନୁହେଁ, ଏହା ମଧ୍ୟ ଶ୍ରେଷ୍ଠ ଡକ୍ୟୁମେଣ୍ଟାରି ଭାବରେ ସମ୍ମାନିତ ହୋଇଛି। ହଁ, ଏଭଳି ଭିନ୍ନ ଧରଣର କ୍ଷୁଦ୍ର ଚଳଚ୍ଚିତ୍ର ନିର୍ଦ୍ଦେଶନା ଦେଇ ନିଜର ନିଆରା ପରିଚୟ ସୃଷ୍ଟି କରିଛନ୍ତି ରାଜଗୋପାଳ ସିଂ ଓରଫ ମଣ୍ଟୁ। ଲିଲିମା ସିଂ ପ୍ରଡକ୍ସନ, ଇଣ୍ଡିଆ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଲିଲିମା ସିଂ। ଏ ସମ୍ପର୍କରେ ରାଜଗୋପାଳ କହନ୍ତି, 'ମୁଁ ସବୁବେଳେ ଭିନ୍ନ ଭିନ୍ନ କନସେପ୍ଟକୁ ନେଇ ଫିଲ୍ମ ନିର୍ମାଣ କରେ। ଫିଲ୍ମଟି ଛୋଟ ହୋଇପାରେ, ହେଲେ ତାହା ଦର୍ଶକଙ୍କ ମନକୁ ଯଦି ପ୍ରଭାବିତ କରିପାରିଲା ତେବେ ପରିଶ୍ରମର ଉପଯୁକ୍ତ ମୂଲ୍ୟ ମିଳିଛି ବୋଲି ଧରିନେବେ। ଏହି ପ୍ରୟାସ ଆଗକୁ ମଧ୍ୟ ଜାରି ରଖିବି। ଅନ୍ୟପକ୍ଷରେ ମୋ ଦ୍ୱାରା ନିର୍ଦ୍ଦେଶିତ ଆଉ ଏକ କ୍ଷୁଦ୍ର ଚଳଚ୍ଚିତ୍ର 'ଗିଫ୍‌ଟେଡ୍ ଇନଫାର୍ମିଟି' ମୁମ୍ବାଇ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲରେ ସମ୍ମାନିତ ହୋଇସାରିଛି। ନୂତନ ପିଢ଼ିଙ୍କ ପାଇଁ ଏବେ ଦୁଇଟି ସର୍ଟ ଫିଲ୍ମର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।' ରାଜଗୋପାଳ ଦୂରଦର୍ଶନ କେନ୍ଦ୍ରରେ ଜଣେ କ୍ୟାମେରାମ୍ୟାନ୍ ଭାବରେ ଦୀର୍ଘ ୩୩ ବର୍ଷ ଚାକିରି କରିଥିଲେ। ତା'ସହ ସେ ମଧ୍ୟ ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ କରିଛନ୍ତି।

## ପରଦାରେ..

# ଡଟ୍‌ପେନ୍-ଆଇଆଇସି ଧୀରେନ୍-ରାଉଡ଼ି ରାଜା

ଚଳିତମାସ ୧୩ ତାରିଖ ଅର୍ଥାତ୍ ଦଶହରାର ପୂର୍ବ ସପ୍ତାହରେ ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିବ। କାରଣ ଏହି ଦିନ ଏକାଥରେ ତିନୋଟି ସିନେମା ପରଦା ଉପରକୁ ଆସୁଛି। ସେଗୁଡ଼ିକ ହେଲା- 'ଡଟ୍‌ପେନ୍' 'ଆଇଆଇସି ଧୀରେନ୍' ଏବଂ 'ରାଉଡ଼ି ରାଜା'। ଚଳିତବର୍ଷ ଏ ପର୍ଯ୍ୟନ୍ତ ଏହି ତିନୋଟି ଚଳଚ୍ଚିତ୍ରକୁ ମିଶାଇ ମୁକ୍ତିଲାଭ କରିଥିବା ଚିତ୍ର ସଂଖ୍ୟା ହେବ ୩୮।

**ଡଟ୍‌ପେନ୍:** ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'ଡଟ୍‌ପେନ୍'। ଜ୍ୟୋତି ଏଥିରେ ଜଣେ ସାଇକୋ କିଲର ଭୂମିକାରେ ଅଭିନୟ କରୁଛନ୍ତି। ଏହି ଫିଲ୍ମର କାହାଣୀ ଜଣେ ଭାଇ, ଭଉଣୀ ଓ ଡଟ୍‌ପେନ୍‌ରୁ ଆରମ୍ଭ। ଭାଇ ନିଜ ଭଉଣୀ ପାଇଁ ପ୍ରତିଶୋଧ ନେଉଛି, ହେଲେ କାହିଁକି ଏବଂ ଏହା ସହ ଡଟ୍‌ପେନ୍‌ର କି ସମ୍ପର୍କ ରହିଛି ତାହା ସିନେମା ଦେଖିଲେ ହିଁ ଜାଣିପାରିବେ। ଅଶ୍ୱିନୀ ତ୍ରିପାଠୀ ଓ ଶ୍ରୀ ବୀରବଲ୍ ଏଣ୍ଟରଟେନ୍‌ମେଣ୍ଟ ପ୍ରଯୋଜିତ ଏହି ଫିଲ୍ମରେ ଜ୍ୟୋତିଙ୍କ ବ୍ୟତୀତ ଦିବ୍ୟାଦିଶା ମହାନ୍ତି, ଅଙ୍କିତ କୁମାର, ଶକ୍ତି ବରାଳ, ସୁପ୍ରିୟା ନାୟକ, ଅର୍ପିତା ସାହୁ, ପ୍ରିୟମ୍ବଦା, ଅନନ୍ୟା ଦାସ, ଓଡ଼ିଶାର ଲୋକପ୍ରିୟ ୟୁଟ୍ୟୁବର ରାଜୁ ଦାସ ଏବଂ ନବାଗତ ପ୍ରୀତି ବିଶ୍ୱାଳ ଓ ରୋହନ୍ ଗର୍ଗଙ୍କୁ ଦେଖିବାକୁ ମିଳିବ। ଉକ୍ତ ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଯୋଜନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଯୁବ ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ। ସଂଳାପ ଲେଖିଛନ୍ତି ଡ. ଦୀପକ ଜେନା। ଏହାର ଲାଇନ୍ ପ୍ରଡ୍ୟୁସର ଅଛନ୍ତି ପୁପୁଲ ମହାନ୍ତି। କାର୍ଯ୍ୟନିର୍ବାହୀ ପ୍ରଯୋଜକ ହେଉଛନ୍ତି ଗଣେଶ ରାମ ଅଗ୍ରୱାଲ। ଚଳଚ୍ଚିତ୍ରର ପ୍ରଚାର ପ୍ରସାର ଓ କ୍ରିଏଟିଭ୍ ହେଡ୍ ଦାୟିତ୍ୱରେ ଅଛନ୍ତି ମିଡିଆ ପ୍ଲାନର ପ୍ରଣୟ ଜେଠୀ।

**ଆଇଆଇସି ଧୀରେନ୍ :** ନବାଗତ ଧୀରେନ୍ ତ୍ରିପାଠୀ। ଏକାଧାରରେ ସେ ପ୍ରଯୋଜକ କମ୍ ନାୟକ। ଅର୍ଥାତ୍ ଏହି ସିନେମାଟିର ସେ ପ୍ରଯୋଜନା କରିବା ସହ ତାହାର ଟାଇଟଲ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି। ରହସ୍ୟ, ରୋମାଞ୍ଚଭରା କାହାଣୀକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ଆଗଧାଡ଼ିର ତଥା ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଚିତ୍ରଟିର ସହ-ପ୍ରଯୋଜକ ହେଉଛନ୍ତି ଉମା ପ୍ରଧାନ ଏବଂ ସ୍ମିତା ତ୍ରିପାଠୀ। ଧୀରେନ୍‌ଙ୍କ ସହ ଏଥିରେ ସ୍କ୍ରିନ୍ ଶେୟାର କରୁଛନ୍ତି ଅର୍ପିତା ଏବଂ ଈପ୍‌ସିତା। ଖାସ୍ କଥା ହେଲା, ଏହି ଫିଲ୍ମରେ ଶ୍ରୀତମ ଦାସ ଡବଲ ରୋଲ୍ (ନେଗେଟିଭ, ପଜିଟିଭ୍)ରେ ଦର୍ଶକଙ୍କ ସାମ୍ନାକୁ ଆସିବେ। ଏଥିରେ ସଂଯୋଜିତ ୫ଟି ଗୀତକୁ ସ୍ୱର ଦେଇଛନ୍ତି ନବାଗତ ସ୍ୱର ସଂଯୋଜକ ଯୋଡ଼ି କାଳୀପ୍ରସାଦ-ରବି କୁମାର। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଜୟ ରଥ।

**ରାଉଡ଼ି ରାଜା:** ଲଭ୍ ଆକ୍ସନ, ଇମୋଶନ ଏବଂ କମେଡ଼ିକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ରାଉଡ଼ି ରାଜା'। ଏହାର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସୋହମ ସିଂ। ଉକ୍ତ ରହସ୍ୟ ରୋମାଞ୍ଚଭରା କାହାଣୀଟି ସହ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମ ବିଷୟରେ ସୋହମ୍ କହନ୍ତି, 'ଫିଲ୍ମର କାହାଣୀରେ ନୂତନତ୍ୱ ରହିଛି। ବିଶେଷଭାବରେ ଏଥିରେ ଆକ୍ସନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସତ କଥା କହିବାକୁ ଗଲେ ଯେଉଁଭଳି ଚରିତ୍ରଟିଏ ମୁଁ ଖୋଜୁଥିଲି ତାହା ଏହି ଫିଲ୍ମରେ ମୋତେ ମିଳିଯାଇଛି।' ନବାଗତ ପ୍ରଯୋଜକ କମଲ କୁମାର ମହାନ୍ତିଙ୍କ ପ୍ରଯୋଜିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ଏହି ଫିଲ୍ମରେ ସୋହମ୍‌ଙ୍କ ଅପୋଜିଟ୍‌ରେ ଅଛନ୍ତି ଶ୍ରଦ୍ଧା ପାଣିଗ୍ରାହୀ।


'ଡଟ୍‌ପେନ୍' ଫିଲ୍ମର ଏକ ଦୃଶ୍ୟ


'ଆଇଆଇସି ଧୀରେନ୍' ଫିଲ୍ମରେ ଅର୍ପିତା-ଧୀରେନ୍


'ରାଉଡି ରାଜା' ଫିଲ୍ମର ଏକ ଦୃଶ୍ୟ

# ଜାତୀୟ ରେକର୍ଡ ଭାଙ୍ଗିଲେ ମଣିକାନ୍ତ

ବେଙ୍ଗାଲୁରୁ,୧୧।୧୦

୧୦୦ମିଟର ସ୍ପ୍ରିଣ୍ଟରେ ନୂତନ ଜାତୀୟ ରେକର୍ଡ କରିଛନ୍ତି ସର୍ଭିସେସ୍‌ର ମଣିକାନ୍ତ ଏଚ୍.ଏଚ୍.। ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପରେ ସେ ଏହି ରେକର୍ଡ କରିଛନ୍ତି। ବୁଧବାର ୨୧ ବର୍ଷୀୟ ମଣିକାନ୍ତ ୧୦.୨୩ ସେକେଣ୍ଡର ଟାଇମିଂ ନେଇ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ଏହା ସହିତ ଆସାମର ଅମ୍ଲାନ ବୋର୍ଗୋହେନଙ୍କ ନାମରେ ଥିବା ୧୦.୨୫ ସେକେଣ୍ଡର ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି। ଉତ୍ତର ପ୍ରଦେଶର ରାଇ ବରେଲିରେ ଅନୁଷ୍ଠିତ ୮୭ତମ ସର୍ବଭାରତୀୟ ଆନ୍ତଃ-ରେଲୱେ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଅମ୍ଲାନ ଏହି ରେକର୍ଡ କରିବା ସହ ଓଡ଼ିଆ ଧାବକ ଅମିୟ ମଲିକଙ୍କ ରେକର୍ଡ ଭାଙ୍ଗିଥିଲେ। ୨୦୧୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ଅମୀୟ ୧୦.୨୬ ସେକେଣ୍ଡର ଟାଇମିଂ ହାସଲ କରିଥିଲେ।

ମହିଳା ୧୦୦ ମିଟର ସ୍ପ୍ରିଣ୍ଟରେ ପଞ୍ଜାବର କମଲଜିତ୍ କୌର ୧୧.୪୭, ତାମିଲନାଡୁର ଗିରିଧାରାଣୀ ରବି କୁମାର(୧୧.୪୬) ଓ କର୍ନାଟକର ସ୍ନେହା ଏସ୍‌ଏସ୍(୧୧.୪୭) ସେକେଣ୍ଡର ଟାଇମିଂ ନେଇ ହିଟ୍ସରେ ପ୍ରଥମ ୩ ସ୍ଥାନରେ ରହିଛନ୍ତି। ୧୧୦ ମିଟର ବାଧାଦୌଡରେ ମହାରାଷ୍ଟ୍ରର ତେଜସ୍ ଶୀର୍ଷେ୧୩.୭୨ ସେକେଣ୍ଡର ସମୟ ନେଇ ମିଟ୍ ରେକର୍ଡ କରିଛନ୍ତି। ୨୦୧୧ ମସିହାରେ ସିଦ୍ଧାନ୍ତ ଥିଙ୍ଗାଲ୍ୟା ୧୩.୭୭ ସେକେଣ୍ଡର ଟାଇମିଂ ସହ ମିଟ୍ ରେକର୍ଡ ସ୍ଥାପନ କରିଥିଲେ।

ପୁରୁଷ ଡିସକସ୍ ଥ୍ରୋରେ ସର୍ଭିସେସ୍‌ର ଗଗନଦୀପ୍ ସିଂ୫୨.୯୬ ମିଟର ଦୂରତା ସହ ପ୍ରଥମ ସ୍ଥାନରେ ରହିଛନ୍ତି। ମଣିପୁରର ଓଇନାମ ସିଂ ୫୨.୮୨ ମିଟର ଦୂରତା ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିପରି ମହିଳା ବର୍ଗରେ ୧୦ ହଜାର ମିଟର ଚାଲିରେ ସୀମା ୩୩:୨୬.୯୦ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ କବିତା ଯାଦବଓ ଫୁଲନ ପାଲ୍ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ହାମର ଥ୍ରୋରେ ଅନମୋଲ କୌର ୬୦.୧୯ ମିଟର ଦୂରତା ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତାନ୍ୟା ଚୌଧାରୀ ଓ ସରିତା ବି ସିଂ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ୧୦୦୦୦ ମିଟରରେ ମହାରାଷ୍ଟ୍ରର ଦୀନେଶ ୨୯:୧୦.୧୧ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସର୍ଭିସେସର ମୋହନ ସାଇନି ଓ ସନ୍ଦୀପ ସିଂ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

# ଅମିତ, ଦୀପ୍ ଗ୍ରେସ୍‌ଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

## ରୋହିଦାସଙ୍କୁ ୧.୫ କୋଟି, ଏକ୍କାଙ୍କୁ ୫୦ ଲକ୍ଷ ଟଙ୍କା ପୁରସ୍କାର

ଭୁବନେଶ୍ୱର, ୧୧।୧୦
(ଅନିଲ ଦାସ)

ଚାଇନାରେ ଅନୁଷ୍ଠିତ ଏସିୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା ହକି ଖେଳାଳି ଅମୀତ ରୋହିଦାସ ଏବଂ ବ୍ରୋଞ୍ଜ ପଦକ ବିଜୟିନୀ ମହିଳା ହକି ଖେଳାଳି ଦୀପ ଗ୍ରେସ ଏକ୍କାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ରୋହିଦାସଙ୍କୁ ୧.୫ କୋଟି ଏବଂ ଏକ୍କାଙ୍କୁ ୫୦ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଉଭୟ ଖେଳାଳୀଙ୍କ କୃତିକୁ ନେଇ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରିଛନ୍ତି। ସେମାନେ ନିଜର ଉତ୍ସର୍ଗୀକୃତ ମନୋଭାବ, କଠିନ ପରିଶ୍ରମ ଓ ଅଦମ୍ୟ ଦକ୍ଷତା ଯୋଗୁ ରାଜ୍ୟ ପାଇଁ ବଡ ଗୌରବ ଆଣିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପୁରସ୍କାର ପ୍ରଦାନ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଉପସ୍ଥିତ ରହିବା ସହ ନିଜର କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ପାଇଁ ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଅମୀତ ରୋହିଦାସ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ହକି ଦଳକୁ ବିଜୟୀ କରିବାରେ ନିଜର ଲଗାତର ପ୍ରୟାସ ଜରିରଖି ଦକ୍ଷତାର ପ୍ରମାଣ ଦେଇଛନ୍ତି। ସେ ସୁନ୍ଦରଗଡ ଜିଲା ସହିତ ରାଜ୍ୟ ଓ ଦେଶ ପାଇଁ ଏକ ରୋଲ ମଡେଲ ପାଲଟିଛନ୍ତି। ସେହିପରି ମହିଳା ହକି ଦଳର ତାରକା ଖେଳାଳି ଦୀପ ଗ୍ରେସ ଏକ୍କା ରାଜ୍ୟର ଯୁବ ମହିଳା ଖେଳାଳିଙ୍କ ପାଇଁ ଗର୍ବର ଉତ୍ସ ପାଲଟିଛନ୍ତି। ତାଙ୍କର ନୀରନ୍ତର ଚମତ୍କାର ଦକ୍ଷତା ଭାରତୀୟ ମହିଳା ହକି ଦଳକୁ ବହୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସଫଳତାରେ ଦେବାରେ ଗୁରୁତ୍ୱ ଭୂମିକା ଗ୍ରହଣ କରିଛି। ଉଭୟ ଖେଳାଳି ଏହି ସମ୍ମାନ ପାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ରାଜ୍ୟର ଗୌରବ ବଢାଇବାକୁ ଉଦ୍ୟମ ଜାରି ରଖିବେ ବୋଲି କହିଛନ୍ତି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦୀପ୍ ଗ୍ରେସ୍ ଏକ୍କା ଓ ଅମିତ ରୋହିଦାସ।

# ଅହମଦାବାଦରେ ପହଞ୍ଚିଲେ ଗିଲ୍

ନୂଆଦିଲ୍ଲୀ,୧୧।୧୦(ପି.ଟି.)

ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ପରେ ଭାରତୀୟ ଇନ୍‌ଫର୍ମ ଓପନିଂ ବ୍ୟାଟର ଶୁବ୍‌ମନ ଗିଲ୍ ଅହମଦାବାଦରେ ପହଞ୍ଚିଛନ୍ତି। ଡେଙ୍ଗୁ କାରଣରୁ ଚେନ୍ନାଇର ଏକ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ପ୍ରଥମ ଦୁଇ ମ୍ୟାଚ୍‌ରୁ ଅଦ୍ୟାବଧି ବାଦ୍ ପଡି ସାରିଥିବା ଗିଲ୍ ବୁଧବାର ଅହମଦାବାଦରେ ପହଞ୍ଚିଥିଲେ ମଧ୍ୟ ଅହମଦାବାଦ ମ୍ୟାଚ୍ ପାଇଁ ଆଶଙ୍କାରେ ରହିଛନ୍ତି। ଗିଲ୍ ପହଞ୍ଚିଥିଲେ ମଧ୍ୟ ତାଙ୍କର ଅଭ୍ୟାସ ସେସନ୍ ସମ୍ପର୍କରେ କୌଣସି ଅପଡେଟ୍ ମିଳି ନାହିଁ। ଗୁରୁବାର ସେ ହାଲୁକା ଅଭ୍ୟାସ କରିବାର ଅନୁମାନ କରାଯାଉଛି। ଚେନ୍ନାଇରେ ପହଞ୍ଚିବା ପରେ ଗିଲ୍‌ଙ୍କୁ ଜ୍ୱର ହୋଇଥିବା ବେଳେ ପରୀକ୍ଷଣରୁ ପ୍ଲେଟ୍‌ଲେଟ୍ କାଉଣ୍ଟ ହ୍ରାସ ପାଇଥିବା ଜଣାପଡିଥିଲା। ସାଧାରଣତଃ ଶରୀରରେ ପ୍ଲେଟଲେଟ୍ ସଂଖ୍ୟା ୧.୫ ଲକ୍ଷରୁ ୪.୫ ଲକ୍ଷ ରହୁଥିବା ବେଳେ ଗିଲ୍‌ଙ୍କ ପ୍ଲେଟ୍‌ଲେଟ୍ ସ୍ତର ୭୦ ହଜାରକୁ ଖସି ଆସିଥିଲା।


ଅକ୍ଟୋବର ୧୫ରୁ ୧୭ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ୧୪୧ତମ ଅଧିବେଶନ ପୂର୍ବରୁ ନୀତା ଅମ୍ବାନୀ ଏବଂ ମୁକେଶ ଅମ୍ବାନୀ ମଙ୍ଗଳବାର ସନ୍ଧ୍ୟାରେ ମୁମ୍ବାଇସ୍ଥିତ ବାସଭବନରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବାକ୍‌ଙ୍କୁ ଆତିଥ୍ୟ ପ୍ରଦାନ କରିଛନ୍ତି। ଏହି ଅବସରରେ ନୀତା ଅମ୍ବାନୀ ଭାରତୀୟ ପରମ୍ପରାରେ ବାକ୍‌ଙ୍କୁ ସ୍ୱାଗତ କରିଥିଲେ। ନୀତା ହେଉଛନ୍ତି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ରେ ପ୍ରଥମ ଭାରତୀୟ ମହିଳା ସଦସ୍ୟା।

# ଗାଜାବାସୀଙ୍କୁ ବିଜୟ ଉତ୍ସର୍ଗ କଲେ ରିଜୱାନ

ହାଇଦ୍ରାବାଦ,୧୧।୧୦(ପି.ଟି.): ଶ୍ରୀଲଙ୍କା ବିପକ୍ଷ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌ରେ ରେକର୍ଡ ରନ୍ ଚେଜ୍ ପରେ ଗାଜାବାସୀଙ୍କ ପାଇଁ ବିଜୟକୁ ଉତ୍ସର୍ଗ କରିଛନ୍ତି। ଗୋଟିଏ ପଟେ ସମଗ୍ର ବିଶ୍ୱ ଇସ୍ରାଏଲ ଉପରେ ହମାଶ ଆତଙ୍କୀଙ୍କ ଆକ୍ରମଣକୁ ନିନ୍ଦା କରିଥିବା ବେଳେ ରିଜୱାନ ଏହି ବିଜୟକୁ ଗାଜାବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି। ୩୪୫ ରନ୍ ଲକ୍ଷ୍ୟର ପିଛା କରୁଥିବା ପାକିସ୍ତାନ ୪୮.୨ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପାକିସ୍ତାନ ପକ୍ଷରୁ ମହମ୍ମଦ ରିଜୱାନ(୧୩୧*) ଓ ଅବଦୁଲ୍ଲା ଶଫିକ୍(୧୧୩) ତୃତୀୟ ଉଇକେଟରେ ୧୭୬ ରନ୍ ଯୋଡିଥିଲେ। ବିଶ୍ୱକପ୍‌ରେ ଏହା ସର୍ବାଧିକ ରନ୍ ଚେଜ୍ ହୋଇଥିବା ବେଳେ ଯୁଦ୍ଧ ପ୍ରପୀଡିତ ଗାଜାର ଭାଇ ଭଉଣୀମାନଙ୍କ ପାଇଁ ମୁଁ ଏହି ବିଜୟକୁ ଉତ୍ସର୍ଗ କରୁଛି ବୋଲି ମ୍ୟାଚ ପରବର୍ତ୍ତୀ ପ୍ରେସ୍ ମିଟ୍‌ରେ କହିଛନ୍ତି ରିଜୱାନ। ଏହି ବିଜୟର ଶ୍ରେୟ ସେ ଅବଦୁଲ୍ଲା ଶଫିକ୍ ଓ ହସନ ଅଲୀଙ୍କୁ ମଧ୍ୟ ଦେଇଛନ୍ତି।

# ଜନ୍ମଦିନ ପାଳିଲେ ପାଣ୍ଡ୍ୟା



ଜନ୍ମଦିନ କେକ୍ କାଟୁଛନ୍ତି ହାର୍ଦ୍ଦିକ ପାଣ୍ଡ୍ୟା।

ନୂଆଦିଲ୍ଲୀ,୧୧।୧୦(ପି.ଟି.)

ଭାରତୀୟ କ୍ରିକେଟ ଦଳର ଉପଅଧିନାୟକ ତଥା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ପୂର୍ବତନ ଭାରତୀୟ ଓପନର ଗୌତମ ଗମ୍ଭୀରଙ୍କ ସହିତ ଜନ୍ମଦିନ ପାଳନ କରିଛନ୍ତି। ବୁଧବାର ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ପାଣ୍ଡ୍ୟା ୩୦ ବର୍ଷରେ ପଦାର୍ପଣ କରିଥିଲେ। ଦିଲ୍ଲୀ ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳା ଯାଇଥିବା ବେଳେ ଷ୍ଟାର ସ୍ପୋର୍ଟ୍ସର କମେଣ୍ଟ୍ରି ଟିମ୍‌ରେ ଥିବା ଗୌତମ ଗମ୍ଭୀରଙ୍କ ସହିତ ଜନ୍ମଦିନ ପାଳନ କରିଥିଲେ ପାଣ୍ଡ୍ୟା। ମ୍ୟାଚ୍ ପୂର୍ବରୁ କମେଣ୍ଟ୍ରି ଟିମ୍‌ରେ ରହିଥିବା ଗମ୍ଭୀର ଓ ଯତୀନ ସପ୍ରୁ ସାକ୍ଷାତକାର ପାଇଁ ପାଣ୍ଡ୍ୟାଙ୍କୁ ଡାକିଥିଲେ। ଉଭୟଙ୍କ ଉପସ୍ଥିତିରେ ପାଣ୍ଡ୍ୟା କେକ୍ ମଧ୍ୟ କାଟିଥିଲେ। ୩୦ ବର୍ଷୀୟ ପାଣ୍ଡ୍ୟା ଭାରତ ପାଇଁ ଅଦ୍ୟାବଧି ୧୧ ଟେଷ୍ଟ, ୮୧ ଦିନିକିଆ ଓ ୮୭ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଜନ୍ମଦିନରେ ୭ ଓଭର ବୋଲିଂ କରିଥିବା ପାଣ୍ଡ୍ୟା ୪୩ ରନ୍ ବ୍ୟୟ କରି ଦୁଇଟି ଉଇକେଟ ନେଇଥିଲେ।

# ଭାରତ ଆସିବେ ପିସିବି ମୁଖ୍ୟ

ଲାହୋର,୧୧।୧୦(ପି.ଟି.): ଶନିବାର ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ମଧ୍ୟରେ ବହୁ ପ୍ରତୀକ୍ଷିତ କ୍ରିକେଟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଭାରତ ଆସିବେ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ମୁଖ୍ୟ ଜାକା ଅଶ୍ରଫ୍। ଗୁରୁବାର ସେ ଭାରତ ଅଭିମୁଖେ ଯାତ୍ରା କରିବେ ବୋଲି ଅଶ୍ରଫ୍ ସ୍ପଷ୍ଟ କରିଛନ୍ତି। ପାକିସ୍ତାନ ମିଡିଆ କର୍ମୀଙ୍କ ଭିଜାକୁ ନେଇ ଦ୍ୱନ୍ଦ୍ୱ ରହିଥିବା ବେଳେ ଏହି ସମସ୍ୟା ଦୂର ହେବା ପରେ ଭାରତ ଆସିବା ନେଇ ସବୁଜ ସଙ୍କେତ ଦେଇଛନ୍ତି ଅଶ୍ରଫ। ଭାରତରେ ହେବାକୁ ଥିବା ଏହି ମ୍ୟାଚ୍ ପାଇଁ ୬୦ରୁ ଅଧିକ ପାକିସ୍ତାନୀ ସାମ୍ବାଦିକ ଆବେଦନ କରିଥିଲେ। ସାମ୍ବାଦିକଙ୍କୁ ବୁଧବାର ଭିଜା ପ୍ରଦାନ କରାଯିବା ନେଇ ସବୁଜ ସଙ୍କେତ ମିଳିବା ପରେ ଅଶ୍ରଫ ଭାରତ ଆସିବେ ବୋଲି ସ୍ପଷ୍ଟ କରିଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ସହ ଆଲୋଚନା ପରେ ସାମ୍ବାଦିକଙ୍କୁ ଭିଜା ମିଳିବା ଅତ୍ୟନ୍ତ ଖୁସିର ଖବର ବୋଲି ସେ କହିଛନ୍ତି।

# ଆଇସିୟୁରେ ଅଲିମ୍ପିକ୍ସ ଚାମ୍ପିୟନ

ନ୍ୟୁୟର୍କ,୧୧।୧୦(ପି.ଟି.)

ଜିମ୍ନାଷ୍ଟିକ୍ସରେ ଅଲିମ୍ପିକ୍ସ ଚାମ୍ପିୟନ ଆମେରିକାର ମେରୀ ଲୋଉ ରେଟନ୍ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ନିମୋନିଆରେ ଆକ୍ରାନ୍ତ ଥିବା ମେରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ତାଙ୍କ ଝିଅ ମେକେନ୍ନା କେଲୀ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି। ପ୍ରଥମ ଆମେରିକୀୟ ମହିଳା ଭାବରେ ମେରୀ ଜିମ୍ନାଷ୍ଟିକ୍ସରେ ଆମେରିକା ପାଇଁ ପଦକ ଜିତିଥିଲେ। ୫୫ ବର୍ଷୀୟା ଏହି ପୂର୍ବତନ ଜିମ୍ନାଷ୍ଟଙ୍କୁ ନିଃଶ୍ୱାସ ନେବାରେ ଅସୁବିଧା ହେଉଥିବାରୁ ଭେଣ୍ଟିଲେଟରରେ ରଖାଯାଇଥିବା ଜଣାପଡିଛି। ୧୬ ବର୍ଷ ବୟସରେ ୧୯୮୪ ଲସ୍‌ଏଞ୍ଜେଲସ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ବ୍ୟତୀତ ସେ ଦୁଇଟି ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ମଧ୍ୟ ହାସଲ କରିଛନ୍ତି। ଆମେରିକାରେ ଜିମ୍ନାଷ୍ଟିକ୍ସକୁ ଲୋକପ୍ରିୟ କରିବାରେ ରେଟନ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମେରୀଙ୍କ ଜୀବନ ବୀମା ନ ଥିବାରୁ ତାଙ୍କ ଚିକିତ୍ସା ପାଇଁ ଝିଅ କେଲୀ ଫଣ୍ଡ ରେଜ ଉଦ୍ୟମ କରୁଛନ୍ତି।


ମେରୀ ଲୋଉ ରେଟନ୍

# ଦକ୍ଷିଣ ଆଫ୍ରିକା ବିପକ୍ଷରେ ଫେରିବେ ଷ୍ଟୋଇନିସ୍

ଲକ୍ଷ୍ନୌ,୧୧।୧୦(ପି.ଟି.)

ଗୁରୁବାର ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ପରସ୍ପର ସାମ୍ନା କରିବେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବିଶାଳ ସ୍କୋର ସହିତ ଶ୍ରୀଲଙ୍କାକୁ ପରାସ୍ତ କରିଥିବା ବେଳେ ଚେନ୍ନାଇର ଭାରତ ବିପକ୍ଷ ଲୋ ସ୍କୋରିଂ ମ୍ୟାଚରେ ପରାଜିତ ହୋଇଥିଲା ଅଷ୍ଟ୍ରେଲିଆ। ଲକ୍ଷ୍ନୌରେ ଏହି ମ୍ୟାଚ୍‌ଟି ଖେଳାଯିବାକୁ ଥିବାବେଳେ ଏହି ପିଚ୍‌ଟି ଅବ୍ୟବହୃତ ରହିଛି। ଆଇପିଏଲର ଲୋ ସ୍କୋରିଂ ମ୍ୟାଚ ପରେ ପିଚ୍‌କୁ ଖୋଳି ସମ୍ପୂର୍ଣ୍ଣ ପରିବର୍ତ୍ତନ କରାଯାଇଥିଲା। ପାଞ୍ଚ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଟପ୍ ଅର୍ଡରରେ ସ୍ମିଥ୍ ଓ ୱାର୍ନର ଭଲ ସ୍କୋର କରିଥିଲେ ମଧ୍ୟ ମିଡିଲ ଅର୍ଡର ଖେଳାଳି ବିଫଳ ହୋଇଥିଲେ। ତେବେ ମାର୍କସ୍ ଷ୍ଟୋଇନିସଙ୍କ ପ୍ରତ୍ୟାବର୍ତ୍ତନ ସହିତ ମିଡିଲ ଅର୍ଡର ବ୍ୟାଟିଂ ବିଫଳତା ଦୂର କରିବାକୁ ପ୍ରୟାସ କରିବ ଅଷ୍ଟ୍ରେଲିଆ। ୧୯୯୨ ପରେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ପରାଜୟରୁ ଅଭିଯାନ ଆରମ୍ଭ କରିଥିବା ବେଳେ ଏହାକୁ ସୁଧାରିବାକୁ ଦଳ ପ୍ରୟାସ କରିବ। ଚେପକ୍‌ର ଟର୍ନିଂ ଟ୍ରାକ୍‌ରେ ୱାର୍ନର ଓ ସ୍ମିଥ୍ ୩୦ ରନ୍ ଉପରେ ସ୍କୋର କରିଥିଲେ। ତେବେ ଆଡାମ୍ ଜାମ୍ପାଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି କ୍ୱାଲିଟି ସ୍ପିନର ନ ରହିବା ଦଳର ସମୀକରଣକୁ ଖରାପ କରୁଛି। ବ୍ୟାଟିଂ ଓପନ୍ କରିଥିବା ମିଚେଲ୍ ମାର୍ଶ ବିଶେଷ କିଛି କରି ପାରି ନ ଥିବା ବେଳେ ବିରାଟ କୋହଲିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ହାତଛଡା କରିଥିଲେ। ହାର୍ମଷ୍ଟ୍ରିଙ୍ଗ ଇଞ୍ଜୁରୀରୁ ପ୍ରତ୍ୟାବର୍ତ୍ତନ କରିଥିବା ମାର୍କସ୍ ଷ୍ଟୋଇନିସ ପ୍ଲେଇଙ୍ଗ ୧୧ରେ କାମେରନ୍ ଗ୍ରୀନଙ୍କ ସ୍ଥାନ ନେବେ। ପୂର୍ବରୁ ସେ ଲକ୍ଷ୍ନୌ ସୁପର ଜାଏଣ୍ଟ ପକ୍ଷରୁ ଖେଳି ସାରିଥିବା ବେଳେ ଏହା ଦଳ ପାଇଁ ଲାଭଦାୟକ ହେବ।

ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚରେ ଚମତ୍କାର ବିଜୟ ସହିତ ଦୃଢ ଆତ୍ମବିଶ୍ୱାସରେ ନଜର ଆସିଛି। ପ୍ରଥମ ମ୍ୟାଚ୍‌ରେ ୩ ଜଣ ଖେଳାଳି ଶତକ ହାସଲ କରିଥିବା ବେଳେ ସମାନ ଫର୍ମ ବଜାୟ ରଖିବାକୁ ଚାହିଁବ ଦଳ। ଦକ୍ଷିଣ ଆଫ୍ରିକା ଦଳର ଓପନର ରହିଥିବା କ୍ୱିଣ୍ଟନ୍ ଡି କକ ଲକ୍ଷ୍ନୌ ପକ୍ଷରୁ ଖେଳୁଥିବାରୁ ସେ ମଧ୍ୟ ସ୍ଥାନୀୟ ପରିବେଶ ସହ ଅଭ୍ୟସ୍ତ। ବିଶ୍ୱକପ୍‌ର ଦ୍ରୁତତମ ଶତକ ହାସଲ କରିଥିବା ଏଡେନ୍ ମାରକ୍ରମଙ୍କ ନିକଟରୁ ମଧ୍ୟ ଦକ୍ଷିଣ ଆଫ୍ରିକା ସମାନ ଫର୍ମ ଆଶା କରିବ। ଯଦି ଏକାନା ଷ୍ଟାଡିୟମର ପିଚ୍ ସ୍ପିନ୍ ସହାୟକ ରହିବ ତେବେ ଦଳ ଟାବରେଜ୍ ସାମ୍‌ସୀଙ୍କୁ ସାମିଲ କରିପାରେ। ପେସ୍ ବୋଲିଂ ଦକ୍ଷିଣ ଆଫ୍ରିକାର ବଡ ସମସ୍ୟା ରହିଛି। ଆନରିଚ୍ ନୋର୍ଜେଙ୍କ ଅନୁପସ୍ଥିତିରେ କାଗିସୋ ରବାଡାଙ୍କ ଉପରେ ଅତିରିକ୍ତ ଚାପ ପଡୁଛି। ଲୁଙ୍ଗି ଏନ୍‌ଗିଡି ଓ ମାର୍କୋ ଜାନସେନ୍‌ଙ୍କ ବୋଲିଂ ଏତେଟା ପ୍ରଭାବଶାଳୀ ରହିନାହିଁ। ପ୍ରଥମ ମ୍ୟାଚ୍ ପରାଜୟ ପରେ ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ଦୃଢ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ କରିବ। ଉଭୟ ଦଳ ମଧ୍ୟରେ ଏହା ବିଶ୍ୱକପର ସପ୍ତମ ମୁକାବିଲା ରହିବ। ପୂର୍ବରୁ ୬ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୩ ଥର ବିଜୟ ହାସଲ କରିଥିବା ବେଳେ ଦକ୍ଷିଣ ଆଫ୍ରିକା ୨ ଥର ବିଜୟୀ ହୋଇଛି ଓ ଗୋଟିଏ ମ୍ୟାଚ୍ ଟାଇରେ ଶେଷ ହୋଇଛି। ଶେଷ ଥର ପାଇଁ ୨୦୧୯ରେ ଉଭୟ ଦଳ ମୁହାଁମୁହିଁ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ୧୦ ରନ୍‌ରେ ବିଜୟୀ ହୋଇଥିଲା।


ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ଲକ୍ଷ୍ନୌ ଷ୍ଟାଡିୟମ୍ ପିଚ୍ ନିରୀକ୍ଷଣ କରୁଛନ୍ତି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା**

ସ୍ଥାନ: ଲକ୍ଷ୍ନୌ,
ସମୟ: ଅପରାହ୍ଣ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ








# ଏକାଧିକ ରେକର୍ଡ ଭାଙ୍ଗିଲେ ରୋହିତ



ଛକା ମାରିବା ଅବସରରେ ରୋହିତ ଶର୍ମା।

ନୂଆଦିଲ୍ଲୀ,୧୧।୧୦

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ମ୍ୟାଚରେ ଭାରତୀୟ କ୍ରିକେଟର କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଓ ୟୁନିଭର୍ସ ବସ୍ କ୍ରିସ୍ ଗେଲ୍‌ଙ୍କ ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛନ୍ତି ଏହି ହିଟ୍‌ମ୍ୟାନ୍। ବୁଧବାର ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଶତକ ହାସଲ କରିବା ସହିତ ରୋହିତ ବିଶ୍ୱକପ୍‌ରେ ସର୍ବାଧିକ ଶତକ ତାଲିକାରେ ସଚିନଙ୍କ ରେକର୍ଡ ଭାଙ୍ଗିଥିଲେ। ଏହା ସହିତ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା ମାରିବାରେ ସେ କ୍ରିସ୍ ଗେଲ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି।

ବିଶ୍ୱକପ୍‌ରେ ସଚିନ ୪୪ ମ୍ୟାଚ୍ ଖେଳି ୬ ଶତକ ହାସଲ କରିଥିବା ବେଳେ ୧୯ ତମ ବିଶ୍ୱକପ୍ ମ୍ୟାଚରେ ରୋହିତ ତାଙ୍କ ରେକର୍ଡ ଭାଙ୍ଗିଛନ୍ତି। ସଚିନ ନିଜ କ୍ୟାରିୟରରେ ୬ଟି ବିଶ୍ୱକପ୍ ଖେଳିଥିବା ବେଳେ ରୋହିତଙ୍କ କ୍ୟାରିୟରର ଏହା ତୃତୀୟ ବିଶ୍ୱକପ୍। ୨୦୧୫ରେ ପ୍ରଥମ ଥର ବିଶ୍ୱକପ୍ ଖେଳି ସେ ଗୋଟିଏ ଶତକ ସହ ୩୩୦ ରନ୍ ସ୍କୋର କରିଥିଲେ। ୨୦୧୯ ସଂସ୍କରଣର ସର୍ବାଧିକ ସ୍କୋରର ରହିଥିବା ରୋହିତ ୫ ଶତକ ସହ ୬୪୮ ରନ୍ ସ୍କୋର କରିଥିଲେ। ଏହି ଶତକ ସହିତ ସେ ଅନ୍ତର୍ଜାତୀୟ କ୍ୟାରିୟରରେ ୩୧ତମ ଶତକ ହାସଲ କରି ରିକି ପଣ୍ଟିଂଙ୍କୁ ପଛରେ ପକାଇଛନ୍ତି। ବର୍ତ୍ତମାନ କେବଳ ବିରାଟ କୋହଲି(୪୭) ଓ ସଚିନ ତେନ୍ଦୁଲକର (୪୯) ତାଙ୍କଠାରୁ ଆଗରେ ରହିଛନ୍ତି। ଏହା ସହିତ ସେ ବିଶ୍ୱର ଦ୍ରୁତତମ ଖେଳାଳି ଭାବରେ ବିଶ୍ୱକପ୍‌ରେ ୧ ହଜାର ରନ୍ ପୂରଣ କରିଛନ୍ତି। ରୋହିତ ମାତ୍ର ୧୯ତମ ଇନିଂସରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଡେଭିଡ୍ ୱାର୍ନର ଚଳିତ ବିଶ୍ୱକପ୍‌ରେ ସମାନ ୧୯ ଇନିଂସରେ ଏହି ସଫଳତା ହାସଲ କରିଥିଲେ। ଏହା ପୂର୍ବରୁ ସଚିନ ତେନ୍ଦୁଲକର ଓ ଏବି ଡିଭିଲର୍ସ ୨୦ ମ୍ୟାଚ୍‌ରେ ୧୦୦୦ ରନ୍ ସମ୍ପୂର୍ଣ୍ଣ କରିଥିଲେ। ଚତୁର୍ଥ ଭାରତୀୟ ଖେଳାଳି ଭାବରେ ରୋହିତ ବିଶ୍ୱକପ୍‌ରେ ୧୦୦୦ ରନ୍ ସମ୍ପୂର୍ଣ୍ଣ କରିଛନ୍ତି। ପୂର୍ବରୁ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ବିରାଟ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଥିଲେ। ଭାରତୀୟଙ୍କ ମଧ୍ୟରେ ଏହା ବିଶ୍ୱକପ୍‌ରେ ଦ୍ରୁତତମ ଶତକ। କପିଳ ଦେବ ୧୯୮୩ ମସିହାରେ ୭୨ ବଲ୍‌ରୁ ଶତକ ହାସଲ କରିଥିବା ବେଳେ ରୋହିତ ବୁଧବାର ମାତ୍ର ୬୩ ବଲ୍‌ରୁ ଶତକ ହାସଲ କରିଥିଲେ।

ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ଛକା ମାରିବାରେ ୟୁନିଭର୍ସ ବସ୍ କ୍ରିସ୍ ଗେଲ୍‌ଙ୍କୁ ପଛରେ ପକାଇଛନ୍ତି ରୋହିତ ଶର୍ମା। ୱେଷ୍ଟଇଣ୍ଡିଜ୍‌ର ଗେଲ୍ ୫୫୧ ଇନିଂସରେ ୫୫୩ ଛକା ମାରିଥିବା ବେଳେ ରୋହିତ ତାଙ୍କୁ ପଛରେ ଛାଡିଛନ୍ତି। ନବୀନ ଉଲ୍ ହକ୍‌ଙ୍କୁ ପୁଲ୍ ଶଟ୍ ଜରିଆରେ ଛକା ମାରିବା ସହ ରୋହିତ ନିଜର ୨୬୩ ତମ ଇନିଂସରେ ଏହି ରେକର୍ଡକୁ ଅତିକ୍ରମ କରିଛନ୍ତି। ପାକିସ୍ତାନର ଶାହିଦ ଆଫ୍ରିଦି ୪୭୬ ଛକା ସହିତ ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି।

### ବିଶ୍ୱକପରେ ଶତକ

- ➩ରୋହିତ ଶର୍ମା-୭
- ➩ସଚିନ୍ ତେନ୍ଦୁଲକର-୬
- ➩ରିକି ପଣ୍ଟିଂ-୫
- ➩କୁମାର ସାଙ୍ଗାକାରା-୫

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ନ୍ୟୁଜିଲାଣ୍ଡ | ୨ | ୨ | ୦ | ୪ | +୧.୯୫୮ |
| ଭାରତ | ୨ | ୨ | ୦ | ୪ | +୧.୫୦୦ |
| ପାକିସ୍ତାନ | ୨ | ୨ | ୦ | ୪ | +୦.୯୨୭ |
| ଦକ୍ଷିଣ ଆଫ୍ରିକା | ୧ | ୧ | ୦ | ୨ | +୨.୦୪୦ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୫୫୩ |
| ବାଂଲାଦେଶ | ୨ | ୧ | ୧ | ୨ | -୦.୬୫୩ |
| ଅଷ୍ଟ୍ରେଲିଆ | ୧ | ୦ | ୧ | ୦ | -୦.୮୮୩ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | -୧.୮୦୦ |
| ଆଫଗାନିସ୍ତାନ | ୨ | ୦ | ୨ | ୦ | -୧.୯୦୭ |

## ସ୍କୋର ବୋର୍ଡ

**ଆଫଗାନିସ୍ତାନ ଇନିଂସ**

ଗୁରବାଜ-କ-ଶାର୍ଦ୍ଦୂଳ-ବୋ-ପାଣ୍ଡ୍ୟା-୨୧
ଇବ୍ରାହିମ୍-କ-ରାହୁଲ-ବୋ-ବୁମ୍‌ରା-୨୨
ରହମତ-ଏଲ୍‌ବିଡବ୍ଲ୍ୟୁ-ଶାର୍ଦ୍ଦୂଳ-୧୬
ହଶମତୁଲ୍ଲା-ଏଲବିଡବ୍ଲ୍ୟୁ-କୁଲଦୀପ-୮୦
ଆଜମତୁଲ୍ଲା-ବୋ-ପାଣ୍ଡ୍ୟା-୬୨
ନବି-ଏଲ୍‌ବିଡବ୍ଲ୍ୟୁ-ବୁମ୍‌ରା-୧୯
ନଜିବୁଲ୍ଲା-କ-କୋହଲି-ବୋ-ବୁମ୍‌ରା-୨
ରଶିଦ-କ-କୁଲଦୀପ-ବୋ-ବୁମ୍‌ରା-୧୬
ରହମନ-ନଟ୍‌ଆଉଟ-୧୦
ନଭିନ-ନଟ୍‌ଆଉଟ-୯
ଅତିରିକ୍ତ-୧୫
ମୋଟ (୫୦ ଓଭର, ୮ ଉଇକେଟ) ୨୭୨।
ଉଇକେଟ ପତନ: ୧/୩୨, ୨/୬୩, ୩/୬୩, ୪/୧୮୪, ୫/୨୨୫, ୬/୨୨୯, ୭/୨୩୫, ୮/୨୬୧।

**ବୋଲିଂ (ଭାରତ)**

ବୁମ୍‌ରା-୧୦-୦-୩୯-୪
ସିରାଜ ୯-୦-୭୬-୦
ହାର୍ଦ୍ଦିକ ୭-୦-୪୩-୨
ଶାର୍ଦ୍ଦୂଳ ୬-୦-୩୧-୧
କୁଲଦୀପ ୧୦-୦-୪୦-୧
ଜାଡେଜା ୮-୦-୩୮-୦।

**ଭାରତ ଇନିଂସ**

ରୋହିତ-ବୋ-ରଶିଦ-୧୩୧
କିଶନ-କ-ଇବ୍ରାହିମ-ବୋ-ରଶିଦ-୪୭
କୋହଲି-ନଟଆଉଟ-୫୫
ଆୟର-ନଟଆଉଟ-୨୫
ଅତିରିକ୍ତ-୧୫
ମୋଟ(୩୫ ଓଭର, ୨ ଉଇକେଟ) ୨୭୩
ଉଇକେଟ ପତନ: ୧/୧୫୬, ୨/୨୦୫।

**ବୋଲିଂ (ଆଫଗାନିସ୍ତାନ)**

ଫଜଲକ ଫାରୁକି ୬-୦-୫୦-୦
ମୁଜିବ ଉର ରହମନ ୮-୦-୬୪-୦
ନଭିନ-ଉଲ-ହକ୍ ୫-୦-୩୧-୦
ଅଜମତୁଲ୍ଲା ଓମାରଜାଇ ୪-୦-୩୪-୦
ମହମ୍ମଦ ନବି ୪-୦-୩୨-୦
ରଶିଦ ଖାଁ ୮-୦-୫୭-୨।




# ଦୀପ୍ ଗ୍ରେସ୍, ଅମିତଙ୍କୁ ଭବ୍ୟ ସ୍ୱାଗତ



ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ଦୀପ୍ ଗ୍ରେସ୍ ଏକ୍କା ଓ ଅମିତ ରୋହିଦାସଙ୍କୁ ସ୍ୱାଗତ କରାଯାଉଛି। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୧।୧୦(ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଅଂଶଗହଣ କରି ପଦକ ଜିତିଥିବା ଭାରତୀୟ ହକି ଦଳର ସଦସ୍ୟ ଓ ସଦସ୍ୟା ଅମିତ ରୋହିଦାସ ଓ ଦୀପ୍ ଗ୍ରେସ୍ ଏକ୍କା ବୁଧବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅମିତ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଦଳର ସଦସ୍ୟ ଥିଲେ। ସେହିପରି ଦୀପ୍ ଗ୍ରେସ୍ ବ୍ରୋଞ୍ଜ ପଦକ ହାସଲକାରୀ ଭାରତୀୟ ମହିଳା ଦଳର ଉପ-ଅଧିନାୟିକା ଥିଲେ। ଉଭୟ ଖେଳାଳିଙ୍କୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁ ଓ ଅନ୍ୟ ସିନିୟର ଅଫିସିଆଲମାନେ ଉପସ୍ଥିତ ଥିଲେ।

# ଭାରତୀୟ ଦଳ ଘୋଷିତ, ଚାନୁଙ୍କୁ ବିଶ୍ରାମ

**ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

## ଉପ ଅଧିନାୟିକା ରହିଲେ ଦୀପ୍ ଗ୍ରେସ୍

**ନୂଆଦିଲ୍ଲୀ, ୧୧।୧୦ (ପି.ଟି.)**

ଚଳିତ ମାସ ୨୭ରୁ ନଭେମ୍ବର ୫ ପର୍ଯ୍ୟନ୍ତ ରାଞ୍ଚିରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଗୋଲକିପର ସବିତା ପୁନିଆ ଅଧିନାୟିକା ଓ ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା ଉପ-ଅଧିନାୟିକା ଭାବେ ଅପରିବର୍ତ୍ତିତ ରହିଛନ୍ତି। ଆହତ ସୁଶୀଳା ଚାନୁଙ୍କୁ ବିଶ୍ରାମ ଦିଆ ଯାଇଛି। ଏହା ବ୍ୟତୀତ ଏସିଆନ ଗେମ୍ସ ଖେଳିଥିବା ଦଳରେ ସେପରିକିଛି ପରିବର୍ତ୍ତନ କରାଯାଇନାହିଁ। ସୁଶୀଳାଙ୍କ ସ୍ଥାନରେ ବଲଜିତ କୌର ଦଳକୁ ଆସିଛନ୍ତି। ଏସିଆନ ଗେମ୍ସ ଦଳରେ ଥିବା ବୈଷ୍ଣବୀ ବିଠଲ ଫାଲ୍‌କେ ଓ ଶର୍ମିଳା ଦେବୀ ରିପ୍ଲେସମେଣ୍ଟ ପ୍ଲେୟର ଭାବେ ଦଳରେ ରହିଛନ୍ତି। ବ୍ୟାକ୍-ଅପ୍ ଖେଳାଳିଭାବେ ଏମାନେ ଦଳସହ ଯାତ୍ରା କରିବେ। ସବିତାଙ୍କ ବ୍ୟତୀତ ବିଚ୍ଚୁ ଦେବୀ ଖାରିବାମ୍ ଅନ୍ୟତମ ଗୋଲକିପର ରହିଛନ୍ତି। ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ ଓ ଦୀପ୍ ଗ୍ରେସ୍‌ଙ୍କ ଉପରେ ରକ୍ଷଣଭାଗର ଗୁରୁ ଦାୟିତ୍ୱ ରହିବ। ଆଗାମୀ ପ୍ରତିଯୋଗିତାରେ ଭାରତ ବ୍ୟତୀତ ଜାପାନ, କୋରିଆ, ମାଲେସିଆ ଓ ଥାଇଲାଣ୍ଡ ଅଂଶଗ୍ରହଣ କରିବେ। ଚଳିତ ମାସ ୨୭ ତାରିଖରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହାପରେ ୨୮ରେ ମାଲେସିଆ, ୩୦ରେ ଚାଇନା, ୩୧ରେ ଜାପାନ ଓ ନଭେମ୍ବର ୨ରେ କୋରିଆକୁ ଭେଟିବ। ନଭେମ୍ବର ୪ରେ ସେମିଫାଇନାଲ ଓ ୫ରେ ଫାଇନାଲ ଅନୁଷ୍ଠିତ ହେବ। ‘‘ମୋମେଣ୍ଟମ ବଜାୟ ରଖିବା ପାଇଁ ଏହା ଆମପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଏସିଆନ ଗେମ୍ସରେ ଆମେ ଭଲ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଥିଲୁ। ଏସିଆନ ଚ୍ୟାଲେଞ୍ଜର୍ସଙ୍କ ବିପକ୍ଷରେ ପ୍ରଦର୍ଶନରେ ଉନ୍ନତି ଆଣି ଷ୍ଟାଣ୍ଡିଂରେ ଉପରେ ରହିବା ଆମର ମୁଖ୍ୟ ଲକ୍ଷ୍ୟ’’ ବୋଲି ମୁଖ୍ୟ କୋଚ୍ ଜାନେକ ସ୍କୁପମାନ ପ୍ରକାଶ କରିଛନ୍ତି।

**ଭାରତୀୟ ଦଳ**

ଗୋଲକିପର୍ସ: ସବିତା (ଅଧିନାୟିକା), ବିଚ୍ଚୁ ଦେବୀ ଖାରିବାମ୍।

ଡିଫେଣ୍ଡର୍ସ: ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ, ଦୀପ୍ ଗ୍ରେସ୍ ଏକ୍କା (ଉପ-ଅଧିନାୟିକା)।

ମିଡ୍‌ଫିଲ୍ଡର୍ସ: ନିଶା, ସାଲିମା ଟେଟେ, ନେହା, ନବନୀତ କୌର, ସୋନିକା, ମୋନିକା, ଜ୍ୟୋତି, ବଲଜିତ କୌର।

ଫରୱାର୍ଡ୍ସ: ଲାଲରେମସିଆମି, ସଙ୍ଗିତା କୁମାରୀ, ଦୀପିକା, ବନ୍ଦନା କାଟରିୟା।

ରିପ୍ଲେସମେଣ୍ଟ ପ୍ଲେୟର୍ସ: ଶର୍ମିଳା ଦେବୀ, ବୈଷ୍ଣବୀ ବିଠଲ ଫାଲ୍‌କେ।








72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

ସର୍ତ୍ତ ଓ ନିୟମାବଳୀ ଲାଗିବ । *ପଲ୍‌ସର୍ N150 ପ୍ରକାର ସକାଶେଏକ୍‌ସ-ଶୋରୁମ୍ ମୂଲ୍ୟ । ବାସ୍ତବିକ କଲର୍ ଆଉ ସହ-ଉପକରଣଗୁଡ଼ିକ ଅଲଗା ହୋଇପାରେ ଅଥବା ମାନକ ଉପକରଣଙ୍କ ଅଂଶ ହୋଇନପାରେ । ନିର୍ଦ୍ଦିଷ୍ଟ ମଡେଲସବୁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ AMC ଉପଲବ୍ଧ । ଅଧିକ ବିବରଣୀ ଡୀଲର୍‌ଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Balugaon** BHARAT BAJAJ 7381099441 • **Cuttack: Badambadi SURAJ BAJAJ 8093066603** • **Rahama** MAITREE BAJAJ 9668801781, **Nayagarh MSB BAJAJ 7790048130** • **Rajsunakhala MSB BAJAJ 9668820967** • **Daspalla MSB BAJAJ 7873925390** • **Phulbani MSB BAJAJ 8917341979** • **Keonjhar JR BAJAJ 9937697094 / 9439008692**• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Chandikhole** TARINI BAJAJ 9937310800. **Authorised Service Centre: Balianta 7978570067**, **Balipatna** 9861061389, **Khurda** 9937785586 **Jatni** 8339062656, **Ersama** 8018800801, **Jagamara 9777042612, Sundarpada 9777042612, Iginia** 7064422415, **Rasulgad** 9937284842, **Nimapada 9437030368, Charichak 7381082130, Kaktpur 9776125534,, Tangi** 8984562569, **Phulnakhara 9437410737, Niali 9437511829, Choudwar 7735864350, Salepur** 9040452661, **Jagatsinghpur** 9437273939, **Balikuda 9777683351, JajpurTown** 9937888777, **Bhuban 9438570111, Rasol 9938656276/9937513419, Kuakhia** 9937312014, **Chhatia** 9040084846, **Kamakhayanagar 9437079287, Barbil** 9437086335, **Jashipur 9437443161/8117041821. Dhenkikote** 9437598479 **Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9178494430, **Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576**, **Athgarh** 9937289417, **Bidharpur** 7008503281, **Banki** 7381082130, **Rambha** 7381099445. **Narsinghpur** 7978288573**, Badamba 9937643504 Adaspur** 9439735529**, Pattamundai** 7064987720, **Balikuda** 9861130954, **Kendrapara** 7008576945, **Nischintakoili** 8917622159


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ